# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 15/2023 Page 16 ₹ 7.00

୪୯ଶ ଭାଗ ୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 53 ମୂଲ୍ୟ₹୭/-




**ଭିକ୍ଟର ୱେଗ୍ନେଜ ପ୍ଲେୟର ଅଫ୍ ଦି ମ୍ୟାଚ**

ଦକ୍ଷିଣ କୋରିଆ ବିପକ୍ଷ ହକି ବିଶ୍ୱକପ୍ ମ୍ୟାଚରେ ବେଲଜିୟମର ଭିକ୍ଟର ୱେଗ୍ନେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୫

୧୨

**‘ବିଗ୍‌ବସ୍’ ହୋଷ୍ଟ କରିବେନି ସଲ୍‌ମାନ**

ଆସନ୍ତା କିଛି ସପ୍ତାହ ଯାଏ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ରିଆଲିଟି ଶୋ’ ବିଗ୍‌ବସ୍‌କୁ ହୋଷ୍ଟ କରିବେନି ବୋଲି ଜଣାପଡିଛି।



## ହକି ବିଶ୍ୱକପ



### ଶନିବାର ମ୍ୟାଚ ଫଳାଫଳ

ନ୍ୟୁଜିଲାଣ୍ଡ-୩
ଚିଲି-୧

ନେଦରଲାଣ୍ଡ୍ସ-୪
ମାଲେସିଆ-୦

ବେଲଜିୟମ-୫
ଦକ୍ଷିଣ କୋରିଆ ୦

ଜର୍ମାନୀ-୩
ଜାପାନ-୦

**ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତ୍ୟୁ ଘଟଣା**

**ଏନ୍‌ଏଚ୍‌ଆର୍‌ସିରେ ମାମଲା**

........୪........

**ଆଜିର ସମ୍ପାଦକୀୟ**

**ବାସ୍ତବ ପ୍ରତିକ୍ରିୟା**

# ଟି-ବ୍ରିଜ୍‌ରେ ଦଳାଚକଟା | ଜଣେ ମୃତ, ୧୦ଆହତ

**ମକରମେଳାରେ ଅଘଟଣ**

- **୨ଲକ୍ଷ ଲୋକଙ୍କୁ ମାତ୍ର ୩ ପ୍ଲାଟୁନ ପୋଲିସ**
- **ସିଂହନାଥ ପୀଠରେ ୧୪୪ ଧାରା ଜାରି କଲା ପ୍ରଶାସନ, ମେଳା ବନ୍ଦ**
- **ମୃତକଙ୍କ ପରିବାରକୁ ୫ଲକ୍ଷର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ବଡ଼ମ୍ବା (ଡି.ଏନ୍.ଏ.)/ ଆଠଗଡ଼(ସ୍ୱ.ପ୍ର.)/ କଟକ ଅଫିସ୍,୧୪।୧

ମକର ସଂକ୍ରାନ୍ତିରେ କଟକ ଜିଲା ବାଙ୍କୀ ବୈଦେଶ୍ୱରରୁ ବଡ଼ମ୍ବା ଗୋପୀନାଥପୁରକୁ ମହାନଦୀରେ ସଂଯୋଗ କରୁଥିବା ଟି-ବ୍ରିଜ୍‌ରେ ଅଘଟଣ ଘଟିଛି। ବଡ଼ମ୍ବା ଥାନା ଅନ୍ତର୍ଗତ ସିଂହନାଥ ମନ୍ଦିରକୁ ସଂଯୋଗ କରୁଥିବା ଏହି ବ୍ରିଜ୍ ଉପରେ ଅସମ୍ଭାଳ ଭିଡ଼ ହେବାରୁ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ ମହିଳା ହେଲେ ଜୟନ୍ତୀ ସ୍ୱାଇଁ। ତାଙ୍କ ଘର ବାଙ୍କୀ ଡମପଡ଼ା ଅଞ୍ଚଳରେ। ଆହତମାନଙ୍କୁ ପ୍ରଥମେ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ୩ଜଣଙ୍କୁ କଟକ ବଡ଼ମେଡିକାଲ ଏବଂ ୨ଜଣଙ୍କୁ ଆଠଗଡ଼ ଉପଖଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ଘର ବଡ଼ମ୍ବା, ନରସିଂହପୁର, ତିଗିରିଆ, ବାଙ୍କୀ ଓ ଆଠଗଡ଼ ଅଞ୍ଚଳରେ।



ମହାନଦୀ ଉପରେ ସିଂହନାଥ ମନ୍ଦିରକୁ ସଂଯୋଗ କରୁଥିବା ଟି-ବ୍ରିଜ୍। ସେତୁ ଉପରେ ଶନିବାର ଲୋକଙ୍କ ଭିଡ଼ (ଇନ୍‌ସେଟ୍)।

ସେମାନଙ୍କ ମଧ୍ୟରେ ମହିଳା, ପୁରୁଷ ଏବଂ ଛୋଟ ପିଲା ରହିଛନ୍ତି। ଦଳାଚକଟା ପରିସ୍ଥିତି ପାଇଁ ଶ୍ରଦ୍ଧାଳୁ ଏବଂ ଆହତଙ୍କ ସମ୍ପର୍କୀୟମାନେ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନକୁ ଦାୟୀ କରିଛନ୍ତି। ସିଂହନାଥଙ୍କୁ ଦର୍ଶନ କରିବା ପାଇଁ ଦେଢ଼ ଲକ୍ଷ ଲୋକଙ୍କ ଆଗମନ ହୋଇଥିବାବେଳେ ବ୍ରିଜ୍ ଏବଂ ପୀଠରେ ମାତ୍ର ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ସେଥିରୁ ଅଧିକାଂଶ ପୋଲିସ ମନ୍ଦିର ନିକଟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମଠାରେ ଉପସ୍ଥିତ ଥିବାରୁ ଭିଡ଼କୁ ନିୟନ୍ତ୍ରଣ କରାଯାଇପାରି ନ ଥିଲା। ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଚଳିତବର୍ଷ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଉଥିଲା। ଏଥିରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସହଯୋଗ ରହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। କିନ୍ତୁ ପୋଲିସ ଓ ପ୍ରଶାସନ ଭିଡ଼କୁ ଦୃଷ୍ଟିରେ ନ ରଖି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଦେଇଥିଲା। ଫଳରେ ଏହି ଦୁଃଖଦ ଘଟଣା ଘଟିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ ଲୋକଙ୍କ ଭିଡ଼ ଆଶାତୀତ ହେବାରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହେଲା। ଘଟଣାସ୍ଥଳରେ ସ୍ଥିତି ନିୟନ୍ତ୍ରଣ ପାଇଁ ଅଧିକ ଅଧିକାରୀ ଏବଂ ପୋଲିସ ପ୍ଲାଟୁନକୁ ପଠାଯାଇଛି। ଜିଲା ପ୍ରଶାସନ ତରଫରୁ ସେଠାରେ ୧୪୪ ଧାରା ଜାରି କରାଯିବା ସହ ସେଠାରେ ମକର ମେଳାକୁ ବନ୍ଦ କରିଦିଆଯାଇଛି। ଏହି ସମୟରେ କେବଳ ସିଂହନାଥ ଦେବଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ମହାନଦୀ ମଧ୍ୟରେ ଥିବା ☞ପୃଷ୍ଠା-୪

## କାହିଁକି ଜୀବନ ନେଲା ଦୀର୍ଘତମ ସେତୁ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

କଟକ ଜିଲା ବାଙ୍କୀ ବୈଦେଶ୍ୱରରୁ ବଡ଼ମ୍ବା ଗୋପୀନାଥପୁରକୁ ମହାନଦୀରେ ସଂଯୋଗ କରୁଥିବା ସେତୁର ମଧ୍ୟଭାଗରୁ ବାବା ସିଂହନାଥ ପୀଠକୁ ସଂଯୋଗ ରହିଛି। ୩.୪ କିଲୋମିଟର ବିଶିଷ୍ଟ ଏହି ସେତୁ ଓଡ଼ିଶାର ଦୀର୍ଘତମ ହୋଇଥିବାବେଳେ ଏହାର ଆକାର ଇଂଲିଶ ଅକ୍ଷର ‘ଟି’ ସଦୃଶ ହୋଇଛି। ତେଣୁ ଏହାକୁ ଟି-ବ୍ରିଜ୍ କୁହାଯାଉଛି। ୨୦୨୧ ଡିସେମ୍ବର ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଟି-ବ୍ରିଜ୍‌କୁ ଉଦ୍‌ଘାଟନ କରିଥିଲେ। ଏହାର ନିର୍ମାଣ ୨୦୧୪ରୁ ଆରମ୍ଭ ହୋଇଥିବାବେଳେ ଖର୍ଚ୍ଚ ହୋଇଛି ୧୧୧ କୋଟି ଟଙ୍କା। ମୁଖ୍ୟ ସେତୁର ଓସାର ୭.୩ ମିଟର ରହିଥିବାବେଳେ ଉଭୟ ପାର୍ଶ୍ୱରେ ୧.୫ ମିଟର ଓସାରର ଫୁଟ୍‌ପାଥ୍ ରହିଛି। କିନ୍ତୁ ବାବା ସିଂହନାଥ ପୀଠକୁ ସଂଯୋଗ କରୁଥିବା ସେତୁର ଅଂଶ ଅଣଓସାରିଆ ଏବଂ ସେଥିରେ ଫୁଟ୍‌ପାଥ୍ ନାହିଁ। ଶନିବାର ସେତୁର ଉଭୟ ପାର୍ଶ୍ୱରୁ ଶ୍ରଦ୍ଧାଳୁମାନେ ଆସୁଥିଲେ ମଧ୍ୟ ନୃସିଂହନାଥ ପୀଠକୁ ଯାଇଥିବା ଅଣଓସାରିଆ ☞ପୃଷ୍ଠା-୪

# ବିଦ୍ୟୁତ୍ ଆଘାତରେ ଦନ୍ତାହାତୀ ମୃତ

- **ଚାଷୀ ଗିରଫ**
- **ତାର ଓ ସରଞ୍ଜାମ ଜବତ**

ଖୁଣ୍ଟୁଣୀ,୧୪।୧(ଡି.ଏନ୍.ଏ.)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କାଦୁଆ ନୂଆଗାଁ ଗ୍ରାମର ଏକ ଫାର୍ମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ଦନ୍ତାହାତୀର ମୃତ୍ୟୁ ଘଟିଛି। ଫାର୍ମରେ ବେଆଇନ ବିଦ୍ୟୁତ୍ ତାର ଘେରାଇବା ଅଭିଯୋଗରେ ମାଲିକ କାଦୁଆ ନୂଆଗାଁର ଫଗୁ ସାହୁଙ୍କୁ ବନ ବିଭାଗ ଗିରଫ କରିଛି। ଏଥିସହ ବିଦ୍ୟୁତ୍ ତାର ଓ ସରଞ୍ଜାମ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଫାର୍ମରେ ଫଗୁ ଆଖୁଚାଷ କରିଥିଲେ। ହାତୀଙ୍କ କବଳରୁ ଆଖୁକୁ ରକ୍ଷା କରିବା ପାଇଁ ଫାର୍ମରେ ଜିଆଇ ତାର ଗୁଡାଇବା ସହ ସେଥିରେ ବିଦ୍ୟୁତ୍ ଚାର୍ଜ କରିଥିଲେ। ସକାଳେ ହାତୀଟି ଆଖୁ ଖାଇବାକୁ ଉକ୍ତ ଫାର୍ମକୁ ଆସିଥିଲା। ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଆଠଗଡ଼ ଡିଏଫଓ ଯଜ୍ଞଦତ୍ତ ପତି, ଖୁଣ୍ଟୁଣୀ ଫରେଷ୍ଟର ସରୋଜ କୁମାର ପଣ୍ଡା, ଯୁଗଳ ନାୟକ, ଏସିଏଫ୍ ଘନଶ୍ୟାମ ମୁଦୁଲି, ଆଠଗଡ଼ ପ୍ରାଣୀ ବିଶେଷଜ୍ଞ, ବନାଞ୍ଚଳର ହାତୀ ଟ୍ରାକର ଓ ବନସୁରକ୍ଷା ସମିତି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ୍ ଆଘାତରେ ହାତୀ ଶୁଣ୍ଢରେ କ୍ଷତ ସୃଷ୍ଟି ହେବା ସହ ମୃତ୍ୟୁ ଘଟିଥିବା ତଦନ୍ତବେଳେ ଜଣାପଡିଥିଲା। ଅପରାହ୍ନରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇ ଉକ୍ତ ସ୍ଥାନରେ ପୋତି ଦିଆଯାଇଛି ବୋଲି ଫରେଷ୍ଟର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଉକ୍ତ ହାତୀ ବାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବାବେଳେ ଗୋଡରେ କ୍ଷତ ସୃଷ୍ଟି ହୋଇଥିଲା। ବନବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯାଇଥିଲା। ପରେ ହାତୀକୁ ଜଙ୍ଗଲରେ ଛାଡି ଦିଆଯାଇଥିଲା।



ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କାଦୁଆ ନୂଆଗାଁ ଗ୍ରାମର ଏକ ଫାର୍ମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଦନ୍ତା।

## ହାତୀ କବର ସ୍ଥଳ ଆଠଗଡ଼ ବନଖଣ୍ଡ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ହାତୀଙ୍କ କବର ସ୍ଥଳ ପାଲଟିଛି। ଗତବର୍ଷ ଆଠଗଡ଼ରେ ହାତୀ ମୃତ୍ୟୁକୁ ନେଇ ସାରା ରାଜ୍ୟ ଚର୍ଚ୍ଚାରେ ରହିଥିବାବେଳେ ଚଳିତବର୍ଷ ଆରମ୍ଭରୁ ଏକ ଦନ୍ତାହାତୀର ମୃତ୍ୟୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇ ଦେଲାଣି। ଓଡ଼ିଶା ବନ୍ୟପ୍ରାଣୀ ସମିତିର ତଥ୍ୟାନୁସାରେ, ୨୦୨୨ରେ କେବଳ ଆଠଗଡ଼ ବନଖଣ୍ଡରେ ୧୨ଟି ହାତୀର ମୃତ୍ୟୁ ଘଟିଥିଲା। ଏଥିମଧ୍ୟରେ ମାଟିତଳୁ ୬ଟି କଙ୍କାଳ ଉଦ୍ଧାର ହୋଇଥିବାବେଳେ ୨ଟି ଗୁଳିବିଦ୍ଧ ହାତୀର ଚିକିତ୍ସା ସମୟରେ ମୃତ୍ୟୁ ଘଟିଥିଲା। ଆଉ ୩ ହାତୀର

**ଗତବର୍ଷ ମରିଥିଲେ ୧୨ ହାତୀ**

ପ୍ରାକୃତିକ ମୃତ୍ୟୁ ହୋଇଥିବାବେଳେ ଗୋଟିଏ ହାତୀ ମୃତ୍ୟୁ ଏବେ ବି ଅସ୍ପଷ୍ଟ ରହିଛି। ଶନିବାର ଆଠଗଡ଼ ବନଖଣ୍ଡରେ ଚଳିତ ବର୍ଷର ପ୍ରଥମ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ୍ ଆଘାତରେ ହାତୀ ଶିକାର କରାଯାଇଥିବା ଜଣାପଡିଛି। ଏଥିସହ ବନ ବିଭାଗ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ପୁଣି ପ୍ରଶ୍ନ ଉଠିଛି।

ଗତବର୍ଷ ଫେବୃୟାରୀ ୮ରେ ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମ ବନାଞ୍ଚଳର ବାରାସିଂଘା ବିଟ୍‌ରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ହାତୀ କଙ୍କାଳ ଜବତ କରିଥିଲା। ଏହାପରେ ସେହି ବନଖଣ୍ଡର ବିଭିନ୍ନ ସ୍ଥାନରୁ ମୋଟ ୬ଟି ହାତୀ କଙ୍କାଳ ଜବତ ହୋଇଥିଲା, ଯାହାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କରିଥିଲେ। ୨ମାସରେ ତଦନ୍ତ ସାରି ରିପୋର୍ଟ ଦେବା ପାଇଁ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏସ୍‌ଆଇଟିର ତଦନ୍ତ କ’ଣ ହେଲା ଏବଂ କାହା ବିରୋଧରେ ☞ପୃଷ୍ଠା-୪

# ତାମିଲନାଡୁ ରାଜ୍ୟପାଳ କଶ୍ମୀର ଯାଆନ୍ତୁ

- **ଧମକ ଦେଇଥିବା ଡିଏମ୍‌କେ କର୍ମୀ ନିଲମ୍ବିତ**
- **ଏତଲା ଦାଏର କଲା ରାଜ୍ୟପାଳଙ୍କ କାର୍ଯ୍ୟାଳୟ**

ଚେନ୍ନାଇ,୧୪।୧

ବିଧାନସଭାରେ ସରକାରୀ ଭାଷଣ ନ ପଢ଼ିବା ନେଇ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ଶାସକ ଦଳ ଡିଏମ୍‌କେ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଜଣେ ଦଳୀୟ କର୍ମୀ ତାଙ୍କୁ ଖୋଲାଖୋଲି ଧମକ ଦେଇଥିଲେ। ତାଙ୍କର ଏଭଳି ଧମକକୁ ବିଭିନ୍ନ ମହଲରେ ସମାଲୋଚନା କରାଯିବା ପରେ ଡିଏମ୍‌କେ କର୍ମୀ ଶିବାଜୀ କ୍ରିଷ୍ଣମୂର୍ତ୍ତିଙ୍କୁ ଦଳ ନିଲମ୍ବନ କରିଛି।

ଯଦି ରାଜ୍ୟପାଳ ବି.ଆର୍. ଆମ୍ବେଡକରଙ୍କ ନାଁ ନ ନିଅନ୍ତି, ତେବେ ସେ କଶ୍ମୀର ଚାଲିଯିବା ଉଚିତ, ଯେଉଁଠି ଆତଙ୍କବାଦୀମାନେ ତାଙ୍କୁ ହତ୍ୟା କରିବେ ବୋଲି କ୍ରିଷ୍ଣମୂର୍ତ୍ତି କହିଥିଲେ। ତାମିଲନାଡୁରେ ସେହି ଲୋକ ଯଦି ଆମ ପୂର୍ବଜ ତଥା ଭାରତୀୟ ସମ୍ବିଧାନର ପ୍ରଣେତା ଆମ୍ବେଡ୍‌କରଙ୍କ ନାଁ ନେବାକୁ ରାଜି ନୁହନ୍ତି, ତେବେ ତାଙ୍କୁ ଚପଲରେ ପିଟିବା ଅଧିକାର ମୋର ରହିଛି କି ବୋଲି କ୍ରିଷ୍ଣମୂର୍ତ୍ତି ପ୍ରଶ୍ନ କରିଥିଲେ। ☞ପୃଷ୍ଠା-୪



ଆର୍.ଏନ୍. ରବି

# ଚର୍ଚ୍ଚାରେ ଆଫ୍ରିକାର ‘ରବରମ୍ୟାନ୍’

**ଶରୀରକୁ ଅତି ସହଜରେ ମୋଡ଼ି ବୁଲାଉଛନ୍ତି**

ଲିବ୍ରେଭିଲେ, ୧୪।୧

ଦେଶ ବିଦେଶରେ ଥିବା ଅନେକ ଲୁକ୍କାୟିତ ପ୍ରତିଭା ସୋସିଆଲ ମିଡିଆ ଜରିଆରେ ଲୋକଲୋଚନକୁ ଆସୁଛି। ଏହାଦ୍ୱାରା ପ୍ରତିଭାଶାଳୀ ଲୋକେ ଜନପ୍ରିୟତା ହାସଲ କରିବା ସହ ରୋଜଗାରକ୍ଷମ ମଧ୍ୟ ହେଉଛନ୍ତି। ଆଫ୍ରିକା ଗାବୋନର ଜୈରେସ କୋମ୍ବିଲାଙ୍କ ପାଇଁ ବହୁଳ ଭାବେ ବ୍ୟବହୃତ ସୋସିଆଲ ମିଡିଆ ଏକ ବରଦାନ ସବ୍ୟସ୍ତ ହୋଇଛି।

ଶରୀରକୁ ନମନିୟତା (ଫ୍ଲେକ୍ସିବୁଲ୍) କରିବା ଲାଗି ଲୋକେ ନିୟମିତ ବ୍ୟାୟାମ ଓ ଯୋଗାଭ୍ୟାସ କରନ୍ତି। କିନ୍ତୁ ଜୈରେସଙ୍କ ଶରୀର ଜନ୍ମରୁ ହିଁ ଫ୍ଲେକ୍ସିବୁଲ। ହାତ ହେଉ ଅବା ଗୋଡ଼ ଶରୀରର ପ୍ରତିଟି ଅଙ୍ଗକୁ ସେ ରବର ପରି ମୋଡ଼ି ଦେଇପାରନ୍ତି। ଅନେକେ ତାଙ୍କୁ ରବର ମ୍ୟାନ୍ ବୋଲି କହୁଛନ୍ତି। ତାଙ୍କର ଏ ପ୍ରକାର ବିରଳ ପ୍ରତିଭା ପାଇଁ ସେ ଏବେ ଗାବୋନ ବ୍ୟତୀତ ବାହାର ଦେଶରେ ପରିଚିତ। ନିଜ ମୁଣ୍ଡକୁ ସହଜରେ ପଛପଟକୁ ☞ପୃଷ୍ଠା-୪



**ରାମ ମନ୍ଦିରର ୬୦% କାମ ଶେଷ**

ଅଯୋଧ୍ୟା ରାମମନ୍ଦିରର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ କାର୍ଯ୍ୟ ଶେଷ ହେଲାଣି। ଆସନ୍ତାବର୍ଷ ମକର ସଂକ୍ରାନ୍ତିରେ ଭଗବାନ ରାମ ଏଥିରେ ବିରାଜମାନ କରିବେ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସମ୍ପାଦକ ଚମ୍ପତି ରାୟ କହିଛନ୍ତି। ମକର ସଂକ୍ରାନ୍ତି ପୂର୍ବଦିନ ନିର୍ମାଣାଧୀନ ମନ୍ଦିର କାର୍ଯ୍ୟ ଦେଖିବା ଲାଗି ଖବରଦାତାମାନଙ୍କୁ ଟ୍ରଷ୍ଟ ଅନୁମତି ଦେଇଥିଲା। ତଳ ମହଲା କାର୍ଯ୍ୟ ୫୦ ପ୍ରତିଶତ ଶେଷ ହୋଇଛି ଏବଂ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇଯିବ।

## ସଂକ୍ଷେପରେ

### ନୀତିନ ଗଡ଼କରୀଙ୍କୁ ହତ୍ୟା ଧମକ

**ମୁମ୍ବାଇ,୧୪।୧:** କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ କାର୍ଯ୍ୟାଳୟକୁ ଜଣେ ଅଜ୍ଞାତ ବ୍ୟକ୍ତି ଫୋନ୍ କରି ତାଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏଥିସହିତ ସେ ଗଡ଼କରୀଙ୍କ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇଦେବାକୁ କହିଥିବା ନାଗପୁର ପୋଲିସ ସୂଚନା ଦେଇଛି। ଅଜ୍ଞାତ ବ୍ୟକ୍ତି ୩ ଥର ଫୋନ୍ କରି ହତ୍ୟା ଧମକ ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅଭିଯୋଗ ମିଳିବା ପରେ ପୋଲିସ ତଦନ୍ତ ଚଳାଇଛି। ଫୋନ୍ କରିଥିବା ବ୍ୟକ୍ତିଙ୍କ ଧ୍ୱନି ବିଶ୍ଳେଷଣ କରାଯାଉଥିବା ନାଗପୁର ଡିସିପି ରାହୁଲ ମଦାନେ କହିଛନ୍ତି। ପୋଲିସ କହିବା ଅନୁଯାୟୀ ଶନିବାର ପୂର୍ବାହ୍ନ ୧୧ଟା ୨୫, ୧୧ଟା ୩୨ ଏବଂ ଅପରାହ୍ନ ୧୨ଟା ୩୦ରେ ଗଡ଼କରୀଙ୍କ ନାଗପୁର କାର୍ଯ୍ୟାଳୟକୁ ଧମକପୂର୍ଣ୍ଣ ଫୋନ୍‌କଲ୍ ଆସିଥିଲା।

### ଲଳିତ ମୋଦି ଗୁରୁତର



**ନୂଆଦିଲ୍ଲୀ,୧୪।୧:** କରୋନା ଓ ନିମୋନିଆରେ ସଂକ୍ରମିତ ଆଇପିଏଲ୍‌ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଥିବା ସେ ଇନ୍‌ଷ୍ଟାଗ୍ରାମ ଯୋଗେ ସୂଚନା ଦେଇଛନ୍ତି। ସେ ଦୁଇ ସପ୍ତାହ ମଧ୍ୟରେ ଦୁଇଥର କୋଭିଡ୍ ସଂକ୍ରମିତ ହେବା ପରେ ଇନ୍‌ଫ୍ଲୁଏଞ୍ଜା ଏବଂ ନିମୋନିଆରେ ଆକ୍ରାନ୍ତ ଅଛନ୍ତି। ଏୟାର ଆମ୍ବୁଲାନ୍ସରେ ଦୁଇ ଜଣ ଡାକ୍ତରଙ୍କ ସହ ସେ ମେକ୍ସିକୋରୁ ଲଣ୍ଡନ ଆସି ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଛନ୍ତି।

### ବୟ୍‌ଫ୍ରେଣ୍ଡ ଆଗରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

**ଚେନ୍ନାଇ,୧୪।୧:** ତାମିଲନାଡୁରେ ଜଣେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଛୁରି ଦେଖାଇ ତାଙ୍କ ବୟ୍‌ଫ୍ରେଣ୍ଡଙ୍କ ସମ୍ମୁଖରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ଛାତ୍ରୀ ଜଣକ ତାଙ୍କ ସହପାଠୀ ତଥା ବୟ୍‌ଫ୍ରେଣ୍ଡଙ୍କ ସହ କାଞ୍ଚିପୁରମ୍ ଜିଲାର ଏକ ଦୁର୍ଗମ ଅଞ୍ଚଳକୁ ଯାଇ ଅଟକିଥିବାବେଳେ ତାଙ୍କୁ ବଳାତ୍କାର କରାଯାଇଥିଲା। ମାସ୍କ ପିନ୍ଧିଥିବା ୨ ଜଣ ମଦ୍ୟପ ପ୍ରଥମେ ବୟ୍‌ଫ୍ରେଣ୍ଡଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ସେମାନଙ୍କ ସହ ଅନ୍ୟ ୪ ଜଣ ମିଶି ଛାତ୍ରୀଙ୍କୁ ଛୁରିରେ ଭୟଭୀତ କରି ଏକ ଅନ୍ଧକାର ସ୍ଥାନକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ପୋଲିସ ୫ ଜଣଙ୍କୁ ଗିରଫ କରିଥିବାବେଳେ ଷଷ୍ଠ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କ ବିରୋଧରେ ବଳାତ୍କାର ଓ ଯୌନ ନିର୍ଯାତନା ମାମଲା ରୁଜୁ ହୋଇଛି।

### ୧୯ କୋଟି ହେରଫେର: ପୂର୍ବତନ ବ୍ୟାଙ୍କ ଅଧିକାରୀ ଗିରଫ

**ନୂଆଦିଲ୍ଲୀ, ୧୪।୧:** ଦିଲ୍ଲୀର ଏକ ବ୍ୟାଙ୍କରୁ ୧୯ କୋଟି ଟଙ୍କା ହେରଫେର ଅଭିଯୋଗରେ ଶନିବାର ଉକ୍ତ ବ୍ୟାଙ୍କର ପୂର୍ବତନ ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ନଗେନ୍ଦ୍ର କୁମାରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ନଗେନ୍ଦ୍ର ନିଜ ସହଯୋଗୀଙ୍କ ସହାୟତାରେ ବ୍ୟାଙ୍କର ୨ଜଣ ଗ୍ରାହକଙ୍କ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ୧୯ କୋଟି ଟଙ୍କା ଟ୍ରାନ୍ସଫର କରିଥିବା ଭିଜିଲାନ୍ସ ପ୍ରଥମେ ଅଭିଯୋଗ କରିଥିଲା। ଆକାଉଣ୍ଟରୁ ଟଙ୍କା ହେରଫେର ହେବା ନେଇ ୨୦୨୦ ଅଗଷ୍ଟ ୭ରେ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ କମ୍ପ୍ଲେନ୍ କରିବା ପରେ ଘଟଣାର ତଦନ୍ତ କରାଯାଇଥିଲା।

### ସ୍କୁଲ ଫି’ ବାକି ଥିବାରୁ ପରୀକ୍ଷା ଦେଇପାରିଲେନି ଛାତ୍ରୀ

**ମୁମ୍ବାଇ, ୧୪।୧:** ମୁମ୍ବାଇର ଦାଦର ଅଞ୍ଚଳରେ ୮ ବର୍ଷର ଛାତ୍ରୀଙ୍କ ସ୍କୁଲ ଫି’ ବାକି ଥିବାରୁ ଶିକ୍ଷକ ତାଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରିଛନ୍ତି। ଏ ନେଇ ଛାତ୍ରୀଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ସ୍କୁଲରେ ୟୁନିଟ ଟେଷ୍ଟ ଚାଲିଥିବାବେଳେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ପରୀକ୍ଷା ହଲ୍‌ରେ ପ୍ରବେଶ କରାଇ ଦେଇ ନ ଥିବା ତାଙ୍କ ବାପା କହିଛନ୍ତି। ସ୍କୁଲ୍ ପ୍ରଧାନ ଶିକ୍ଷକ ଏବଂ ଶ୍ରେଣୀ ଶିକ୍ଷକଙ୍କ ନାଁରେ ଅଭିଯୋଗ ହୋଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପୂର୍ବତନ ଆଇନ ମନ୍ତ୍ରୀ ଗିରଫ

## ବ୍ରାଜିଲ ଦଙ୍ଗା ମାମଲା

### ତଦନ୍ତରେ ସାମିଲ ହେବେ ବୋଲ୍‌ସୋନାରୋ

ବ୍ରାସିଲିଆ,୧୪।୧



ଆଣ୍ଡେରସନ ଟୋରେସ୍

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ଗତ ୮ ତାରିଖରେ ପାର୍ଲାମେଣ୍ଟ ଭବନରେ ପଶି ହଟ୍ଟଗୋଳ କରିବା ସହ ରାଜଧାନୀର ଅନ୍ୟ ସରକାରୀ ବିଲ୍ଡିଂ ଗୁଡ଼ିକରେ ଭଙ୍ଗାରୁଜା କରିଥିଲେ। ନୂଆ ସରକାରକୁ କ୍ଷମତାରୁ ହଟାଇବା ଦାବିରେ ସେମାନେ ରାଜଧାନୀରେ ଏକପ୍ରକାର ଦଙ୍ଗା ସୃଷ୍ଟି କରିଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଦଙ୍ଗାକାରୀଙ୍କୁ ଇତିମଧ୍ୟରେ ଅଟକ ରଖାଯାଇଥିବାବେଳେ ଶନିବାର ପୂର୍ବତନ ଆଇନମନ୍ତ୍ରୀ ଆଣ୍ଡେରସନ ଟୋରେସ୍‌ଙ୍କୁ ଗିରଫ କରାଯାଇଛି। ଦଙ୍ଗା ପଛରେ ବୋଲସୋନାରୋଙ୍କ ହାତ ଥିବା ଅଭିଯୋଗ ହେଉଥିବାରୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଲାଗି ସୁପ୍ରିମକୋର୍ଟ ବିଚାରପତି ଶୁକ୍ରବାର ଘୋଷଣା କରିଛନ୍ତି। ବ୍ରାସିଲିଆରେ ଦଙ୍ଗା ବେଳେ ବୋଲସୋନାରୋ ଏବଂ ଟୋରେସ୍ ଆମେରିକାରେ ଥିଲେ। ଦଙ୍ଗାକାରୀଙ୍କ ସହ ଗୁପ୍ତ ଷଡ଼ଯନ୍ତ୍ରରେ ସେ ସାମିଲ ଥିଲେ।




ଉତ୍ତରାଖଣ୍ଡର ଜୋଷୀମଠରେ ବିପଦସଙ୍କୁଳ ଅବସ୍ଥାରେ ଥିବା ହୋଟେଲ ମାଲରି ଇନ୍‌କୁ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଭାଙ୍ଗିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

# ଇଣ୍ଡୋନେସିଆରେ ବିଶାଳ ବିକ୍ଷୋଭ

### ରାଷ୍ଟ୍ରପତିଙ୍କ ନିଯୁକ୍ତି ନିର୍ଦ୍ଦେଶନାମାକୁ କର୍ମଚାରୀଙ୍କ ବିରୋଧ

ଜାକର୍ତ୍ତା,୧୪।୧

ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଗତ ମାସରେ ଦେଶର ବିବାଦୀୟ ନିଯୁକ୍ତି ଆଇନ ସ୍ଥାନରେ ଏକ ଜରୁରୀ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମା କର୍ମଚାରୀମାନଙ୍କ ଅଧିକାର ଓ ପରିବେଶ ସୁରକ୍ଷାକୁ ଶେଷ କରିଦେବ ବୋଲି ବିରୋଧୀ ସମାଲୋଚନା କରିଛନ୍ତି। ରାଜ୍ୟପାଳଙ୍କ ଜରୁରୀ ନିର୍ଦ୍ଦେଶନାମାକୁ ବିରୋଧ କରି ହଜାର ହଜାର କର୍ମଚାରୀ ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାର୍ଲାମେଣ୍ଟ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମାକୁ ରଦ୍ଦ କରୁ ବୋଲି ସେମାନେ ଦାବି କରିଛନ୍ତି। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା କୋର୍ଟ ରାୟର ଉଲ୍ଲଂଘନ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୦ ନିଯୁକ୍ତି ସୃଷ୍ଟି ଆଇନ ତ୍ରୁଟିପୂର୍ଣ୍ଣ ବୋଲି ପୂର୍ବରୁ ସାମ୍ବିଧାନିକ ଅଦାଲତ ରାୟ ଦେଇଥିଲେ। ଆଇନ ପ୍ରଣୟନ ପୂର୍ବରୁ ସର୍ବସାଧାରଣଙ୍କ ଯଥେଷ୍ଟ ପରାମର୍ଶ ନିଆଯାଇ ନ ଥିଲା। ନଭେମ୍ବର ସୁଦ୍ଧା ନବୀକରଣ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରପତି ନିର୍ଦ୍ଦେଶନାମା ବଳରେ ଉକ୍ତ ତ୍ରୁଟିପୂର୍ଣ୍ଣ ନିଯୁକ୍ତି ଆଇନକୁ ସରକାର କାର୍ଯ୍ୟକାରୀ କରିବାକୁ ଯାଉଥିବା ବିକ୍ଷୋଭକାରୀ ଡାମର ପାନ୍‌କା ମୁଳିଆ କହିଛନ୍ତି। ଏହା କର୍ମଚାରୀମାନଙ୍କ କଲ୍ୟାଣକାରୀ ଯୋଜନାକୁ ସଂକୁଚିତ କରିବା ସହ ଶ୍ରମିକ ସୁରକ୍ଷା ହ୍ରାସ କରିବ। ଏଥିଯୋଗୁ କୃଷି, ପରିବେଶ ଆଦି ବିଭିନ୍ନ ସେକ୍ଟର କ୍ଷତିଗ୍ରସ୍ତ ହେବା ସହ ମହିଳାଙ୍କ ସୁରକ୍ଷା ପ୍ରଭାବିତ ହେବ। ଶ୍ରମିକମାନଙ୍କ କଲ୍ୟାଣ ବଢ଼ାଇ ନିଯୁକ୍ତି ସୃଷ୍ଟି କରାଯିବା ଆବଶ୍ୟକ। କିନ୍ତୁ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ଏହା ବିରୋଧରେ ଯାଉଥିବାରୁ କର୍ମଚାରୀମାନେ ଏହାର ପ୍ରତିବାଦ କରିଛନ୍ତି। ସେମାନେ ଆଉଟ୍‌ସୋର୍ସିଂକୁ ବିରୋଧ କରିଛନ୍ତି। ଜରୁରୀ ସ୍ଥିତି ନ ଥିବାବେଳେ ନିଯୁକ୍ତି ସୃଷ୍ଟିରେ ଜରୁରୀ ନିର୍ଦ୍ଦେଶନାମା ଗ୍ରହଣୀୟ ନୁହେଁ ବୋଲି ବିକ୍ଷୋଭକାରୀ କହିଛନ୍ତି। ଏଭଳି ନିର୍ଦ୍ଦେଶନାମା ଶ୍ରମିକମାନଙ୍କ ପାଇଁ ଅନିଶ୍ଚିତତା ସୃଷ୍ଟି କରିବ। ସେମାନଙ୍କୁ ଯେକୌଣସି ସମୟରେ ସହଜରେ ଚାକିରିରୁ ବାହାର କରିଦିଆଯାଇ ପାରିବ ବୋଲି ଜୋକୋ ହେରିଓନୋ କହିଛନ୍ତି। ନିର୍ଦ୍ଦେଶନାମାରେ ଆଉଟସୋର୍ସିଂ ଏବଂ ସର୍ବନିମ୍ନ ମଜୁରି ନିୟମାବଳୀ ଚିନ୍ତାଜନକ ପ୍ରସଙ୍ଗ ବୋଲି ଲେବର ପାର୍ଟି ଅଧ୍ୟକ୍ଷ ସଏଦ୍ ଇକ୍‌ବାଲ କହିଛନ୍ତି।



ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ନିଯୁକ୍ତି ନିର୍ଦ୍ଦେଶନାମାକୁ ବିରୋଧ କରି ଜାକର୍ତ୍ତାରେ ବିକ୍ଷୋଭ।

### ଇରାନ୍‌ର ପୂର୍ବତନ ପ୍ରତିରକ୍ଷା ଅଧିକାରୀଙ୍କୁ ଫାଶୀ

ତେହରାନ, ୧୪।୧

ଇରାନ୍‌ର ପୂର୍ବତନ ପ୍ରତିରକ୍ଷା ଅଧିକାରୀ ଅଲିରେଜା ଆକବରୀଙ୍କୁ ଶନିବାର ଫାଶୀ ଦିଆଯାଇଛି। ଆକବରୀ ଇରାନ୍‌ର ପ୍ରତିରକ୍ଷା ଦାୟିତ୍ୱରେ ଥିବାବେଳେ ଦେଶର ଗୁପ୍ତ ସୂଚନା ସବୁ ବ୍ରିଟେନ୍ ଇଣ୍ଟେଲିଜେନ୍ସକୁ ଯୋଗାଉଥିବା ଇରାନ୍ କହିଛି। ବ୍ରିଟିଶ-ଇରାନୀୟ ଆକବରୀଙ୍କୁ ଫାଶୀ ଦିଆଯିବାକୁ ନେଇ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷୀ ସୁନକ ନିନ୍ଦା କରିଛନ୍ତି। ଆକବରୀ ଇରାନ୍‌ର ବହିର୍ବ୍ୟାପାର ପାଇଁ ଉପପ୍ରତିରକ୍ଷା ବିଭାଗ ମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ଏହା ବ୍ୟତୀତ ୧୯୮୦-୮୮ ମସିହାରେ ଇରାନ୍-ଇରାକ୍ ଯୁଦ୍ଧ ସମୟରେ ଆକବରୀ ସିପାହି ଭାବେ ଏଥିରେ ସାମିଲ ହୋଇଥିଲେ। ଗତ ଡିସେମ୍ବରରେ ଇରାନ୍ ସରକାର ଇସ୍ରାଏଲ ଇଣ୍ଟେଲିଜେନ୍ସ ସହ କାମ କରୁଥିବା ୪ଜଣଙ୍କୁ ଫାଶୀ ଦଣ୍ଡ ଦେଇଥିଲେ।



ଅଲିରେଜା ଆକବରୀ

# ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ଏମ୍‌ପିଙ୍କ ମୃତ୍ୟୁ

### ପଦଯାତ୍ରା ସ୍ଥଗିତ

ଲୁଧିଆନା,୧୪।୧

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା ଦଳୀୟ ଏମ୍‌ପି ସନ୍ତୋଖ ସିଂ ଚୌଧାରୀଙ୍କର ଶନିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ତାଙ୍କ ପରଲୋକ ଯୋଗୁ ପଦଯାତ୍ରା ବନ୍ଦ ରହିଛି। ପଞ୍ଜାବର ଫିଲଉରଠାରେ ଭାରତ ଯୋଡ଼ୋ ଯାତ୍ରା ଚାଲିଥିବାବେଳେ ଜଳନ୍ଧର ଏମ୍‌ପି ଚୌଧାରୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଚାଲୁଥିଲେ। ହଠାତ୍ ସେ ମୂର୍ଚ୍ଛା ଯିବାରୁ ତାଙ୍କୁ ଫଗୱାରା ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ପଦଯାତ୍ରା ଅଧାରୁ ହସ୍ପିଟାଲ ଯାଇଥିଲେ। ସେ ଜଳନ୍ଧରର ଧଲିୱାଲ ଯାଇ ଚୌଧାରୀଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ପଦଯାତ୍ରାକୁ ଏବେ ସ୍ଥଗିତ ରଖାଯାଇଥିବା ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ଅମରିନ୍ଦର ସିଂ ରାଜା କହିଛନ୍ତି। ଚୌଧାରୀଙ୍କ ଶେଷକୃତ୍ୟ ରବିବାର ସକାଳେ ସମ୍ପନ୍ନ ହେବ ବୋଲି ରାଜା ସୂଚନା ଦେଇଛନ୍ତି। କଂଗ୍ରେସ ଏମ୍‌ପିଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ପଞ୍ଜାବ ଜନସାଧାରଣଙ୍କ ସେବା ନିମନ୍ତେ ତାଙ୍କର ଉଦ୍ୟମ ପାଇଁ ସେ ସବୁବେଳେ ମନେ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚୌଧାରୀଙ୍କ ଅକସ୍ମାତ ବିୟୋଗ କଂଗ୍ରେସ ଦଳ ଓ ସଂଗଠନ ପାଇଁ ବଡ଼ ଧକ୍କା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।



ରାହୁଲ ଗାନ୍ଧୀଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ଯୋଗ ଦେଇଥିଲେ ସନ୍ତୋଖ ସିଂ ଚୌଧାରୀ(ବାମ)।

### ୯୦୦ କି.ମି. ଦୂରରେ ଦୁଇ ଯମଜଙ୍କ ଏକାଭଳି ମୃତ୍ୟୁ

ଜୟସାଲମେର,୧୪।୧

ଏକାଠି ଜନ୍ମ ହୋଇଥିଲେ। ଏକାଠି ଚାଲିଗଲେ। ମୃତ୍ୟୁ ମଧ୍ୟ ଏକାଭଳି ହେଲା। ରାଜସ୍ଥାନ ବାରମେର୍ ଅଞ୍ଚଳର ୨୬ ବର୍ଷୀୟ ଯମଜ ଭ୍ରାତାଙ୍କର ମାତ୍ର କିଛି ସମୟ ବ୍ୟବଧାନରେ ଏକାଭଳି ମୃତ୍ୟୁ ଘଟିଛି। ତେବେ ଦୁଇଜଣଙ୍କ ମୃତ୍ୟୁ ସ୍ଥାନ ମଧ୍ୟରେ ବ୍ୟବଧାନ ରହିଛି ୯୦୦ କିଲୋମିଟର। ଜଣେ ସୁରଟରେ ଏକ ଘର ଛାତରୁ ଖସିପଡ଼ି ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଜୟପୁରରେ ପାଣିଟାଙ୍କିରୁ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ଗୁରୁବାର ଯମଜ ଭାଇ ସୁମେର ଏବଂ ସୋହନ ସିଂଙ୍କ ଶେଷକୃତ୍ୟ ସେମାନଙ୍କ ଜନ୍ମସ୍ଥାନ ସାର୍ନୋ କା ତାଲାରେ ଗୋଟିଏ ଜୁଇରେ କରାଯାଇଛି। ସୁମେର ଗୁଜରାଟର ଟେକ୍ସଟାଇଲ ସହର ସୁରଟରେ କାମ କରୁଥିବାବେଳେ ସୋହନ ଗ୍ରେଡ୍-୨ ଶିକ୍ଷକ ନିଯୁକ୍ତି ପରୀକ୍ଷା ଲାଗି ଜୟପୁରରେ ରହି ପ୍ରସ୍ତୁତି ଚଳାଇଥିଲେ।

# ‘ମନ ପସନ୍ଦର ପୋଷାକ ପିନ୍ଧିବା ଅପରାଧ ନୁହେଁ’

### ଅଭିଯୋଗ ପରେ ଥାନାରେ ହାଜର ହେଲେ ଉର୍ଫି

ମୁମ୍ବାଇ, ୧୪।୧

ମନ ପସନ୍ଦର ପୋଷାକ ପିନ୍ଧିବା ଅପରାଧ ନୁହେଁ ବୋଲି ଶନିବାର ମୁମ୍ବାଇ ପୋଲିସକୁ ଉର୍ଫି ଜାଭେଦ କହିଛନ୍ତି। ଭାଜପା ନେତ୍ରୀ ତଥା ମହାରାଷ୍ଟ୍ର ମହିଳା ମୋର୍ଚ୍ଚା ସଭାପତି ଚିତ୍ରା ୱାଘ ଉର୍ଫିଙ୍କ ଅର୍ଦ୍ଧଲଗ୍ନ ପୋଷାକକୁ ନେଇ ଅଭିଯୋଗ କରିବା ପରେ ମୁମ୍ବାଇ ପୋଲିସ ଉର୍ଫିଙ୍କୁ ନୋଟିସ୍ କରିଥିଲା। ଏ ନେଇ ଓଟିଟି ବିଗ୍‌ବସ୍ ଫେମ୍ ଉର୍ଫି ଶନିବାର ଅମ୍ବୋଲି ଥାନାରେ ହାଜର ହେବାପରେ ପୋଲିସ କମିଶନର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ଜଣେ ସ୍ୱାଧୀନ ମଣିଷ। ଭଲ ଡ୍ରେସ୍ ପିନ୍ଧି ଫଟୋ ଉଠାଇବା ତାଙ୍କୁ ଭଲ ଲାଗେ। ସେ ଯେତେବେଳେ ବାହାରକୁ ଯାଆନ୍ତି, ସେତେବେଳେ ମିଡିଆ ତାଙ୍କ ଫଟୋ ଉଠାଇବା ସହ ସୋସିଆଲ ମିଡିଆରେ ତାଙ୍କ ଫଟୋ ଭାଇରାଲ କରିଥାଏ, ଯେଉଁଥିରେ ତାଙ୍କର କୌଣସି ପ୍ରକାର ଭୂମିକା ନ ଥିବା ଉର୍ଫି ଥାନାରେ କହିଛନ୍ତି।



ଉର୍ଫିଙ୍କ ପୋଷାକକୁ ନେଇ ଚିତ୍ରା ଗତ ୪ ତାରିଖରେ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ, ଯାହାକୁ ନେଇ ଉର୍ଫି ଶୁକ୍ରବାର ମହାରାଷ୍ଟ୍ର ମହିଳା ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ।

# ସିସୋଡିଆଙ୍କ ଅଫିସରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୧୪।୧

ଅବକାରୀ ଦୁର୍ନୀତି ଅଭିଯୋଗରେ ସିବିଆଇ ଅଧିକାରୀମାନେ ଶନିବାର ପୁଣିଥରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସଚିବାଳୟ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଛନ୍ତି। ତେବେ ଚଢ଼ାଉ ବେଳେ ଅଫିସରୁ ତାଙ୍କ ବିରୋଧରେ କୌଣସି ତଥ୍ୟ ପ୍ରମାଣ ମିଳି ନ ଥିବା ସିସୋଡିଆ କହିଛନ୍ତି। ଦିଲ୍ଲୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ ବ୍ୟତୀତ ସେ କୌଣସି ଭୁଲ୍ କାମ କରି ନ ଥିବା ବେଳେ ସିବିଆଇ ଅଧିକାରୀମାନେ ଦ୍ୱିତୀୟ ଥର ପାଇଁ ତାଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ସେମାନେ ତାଙ୍କ ଘର ଓ ଲକର ଖୋଜାଖୋଜି କରିବା ସହ ଗାଁକୁ ଯାଇ ତାଙ୍କ ସମ୍ପର୍କରେ ପଚରାଉଚରା କରିଥିଲେ ହେଁ କିଛି ପାଇ ନ ଥିଲେ ବୋଲି ଆମ୍ ଆଦ୍‌ମୀ ପାର୍ଟି ନେତା କହିଛନ୍ତି। ଦିଲ୍ଲୀ ଅବକାରୀ ନୀତିରେ ଅନିୟମିତତା ଅଭିଯୋଗ ହେବା ପରେ ସିବିଆଇ ତଦନ୍ତ ଲାଗି ଉପରାଜ୍ୟପାଳ ଭି.କେ. ସାକ୍ସେନା ସୁପାରିସ କରିଥିଲେ। ପୂର୍ବରୁ ସିବିଆଇ ସିସୋଡିଆଙ୍କୁ ତାଙ୍କ ବାସଭବନରେ ଦୀର୍ଘ ସମୟ ଜେରା କରିଥିଲା।



# ଚାଇନାରେ ୩୫ ଦିନରେ ୬୦ ହଜାର କୋଭିଡ୍ ମୃତ୍ୟୁ

### ହସ୍ପିଟାଲ ବାହାରେ ମୃତକଙ୍କୁ ସାମିଲ କରାଯାଇନାହିଁ

ବେଜିଂ,୧୪।୧

ଚାଇନାରେ ୩୫ ଦିନରେ କୋଭିଡ୍‌ରେ ୬୦ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଡିସେମ୍ବର ପ୍ରଥମ ଭାଗରେ ବେଜିଂ କୋଭିଡ୍ କଟକଣା କୋହଳ କରିବା ପରେ ପ୍ରଥମ ଥର ପାଇଁ ବଡ଼ ମୃତ୍ୟୁସଂଖ୍ୟା ଘୋଷଣା କରିଛି। ଡିସେମ୍ବର ୮ରୁ ଜାନୁୟାରୀ ୧୨ ମଧ୍ୟରେ ମହାମାରୀରେ ୫୯,୯୩୮ ଜଣଙ୍କ ମୃତ୍ୟୁ ଘଟିଥିବା ରେକର୍ଡ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ଆୟୋଗ ଅଧୀନରେ ଥିବା ବ୍ୟୁରୋ ଅଫ୍ ମେଡିକାଲ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ ଏହି ସୂଚନା ଦିଆଯାଇଛି। କେବଳ ହସ୍ପିଟାଲରେ କୋଭିଡ୍‌ରେ ପ୍ରାଣ ହରାଇଥିବା ରୋଗୀଙ୍କୁ ଏଥିରେ ସାମିଲ କରାଯାଇଛି। ତେଣୁ ହସ୍ପିଟାଲ ବାହାରେ ରୋଗୀଙ୍କ ମୃତ୍ୟୁକୁ ହିସାବକୁ ନେଲେ ଏହି ସଂଖ୍ୟା ବହୁତ ଅଧିକ ହେବ ବୋଲି କୁହାଯାଉଛି। ଭୂତାଣୁ ସଂକ୍ରମଣ ଯୋଗୁ ଶ୍ୱାସକ୍ରିୟା ବନ୍ଦ ହୋଇଯିବାରୁ ୫,୫୦୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କୋଭିଡ୍ ସହ ଅନ୍ୟାନ୍ୟ ରୋଗ ଥିବାରୁ ୫୪,୪୩୫ ଜଣ ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଇଛି। ଜିରୋ କୋଭିଡ୍ ନୀତି ହଟିବା ପରେ ଚାଇନା କର୍ତ୍ତୃପକ୍ଷ କୋଭିଡ୍ ସଂକ୍ରମଣ ଓ ମୃତ୍ୟୁ ସମ୍ପର୍କରେ ଭୁଲ୍ ତଥ୍ୟ ଦେଉଥିବା ଅଭିଯୋଗ ହୋଇଥିଲା।






# ଚିଲିକାରେ ଘନକୁହୁଡ଼ି: ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ବାଟବଣା



**ବାଲୁଗାଁ/କୃଷ୍ଣପ୍ରସାଦ,୧୪।୧(ଡି.ଏନ୍.ଏ.)**

## ମଧାହ୍ନ ୧୨ଟା ପରେ ହେଲା ସ୍ୱାଭାବିକ

ଘନ କୁହୁଡ଼ି ଯୋଗୁ ଶନିବାର ଚିଲିକାରେ ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ବାଟବଣା ହୋଇପଡ଼ିଥିଲା। ଫଳରେ ଡଙ୍ଗାରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ମଧାହ୍ନ ୧୨ଟା ପରେ ଡଙ୍ଗା ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ମୁତାବକ, ମକର ସଂକ୍ରାନ୍ତି ଅବସରରେ ମା'କାଳିଜାଇଙ୍କ ପୀଠରେ ମକରମେଳା ଆରମ୍ଭ ହୋଇଛି। ଭୋରରୁ ମା'ଙ୍କ ପୀଠକୁ ଯିବା ପାଇଁ ବାଲୁଗାଁ, ବଡ଼କୂଳ ପାନ୍ଥନିବାସ, ନଇରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା, ମହଷା, ରମ୍ଭା ଓ ବ୍ରହ୍ମଗିରି ଆଦି ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଡଙ୍ଗାରେ କାଳିଜାଇ ଯାତ୍ରା ନିମନ୍ତେ ଭିଡ଼ ଜମାଇଥିଲେ। ଯାତ୍ରୀଙ୍କୁ ଧରି କାଳିଜାଇ ମନ୍ଦିର ଅଭିମୁଖେ ଡଙ୍ଗାଗୁଡ଼ିକ ଯାତ୍ରା କରିଥିଲା। ତେବେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଘନକୁହୁଡ଼ି ଯୋଗୁ ଡଙ୍ଗା ଚାଳକମାନେ ଦିଗ ଜାଣି ନ ପାରି ବାଟବଣା ହୋଇପଡ଼ିଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ଦିଗହରା ହୋଇ ଚିଲିକା ତଟବର୍ତ୍ତୀ ବିଭିନ୍ନ ସ୍ଥାନରେ ପହଞ୍ଚିଥିଲେ। କେତେକ ଡଙ୍ଗା ଚିଲିକାରେ ଫସି ରହିଥିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ଆଇଆଇସି ରଶ୍ମିରଞ୍ଜନ ଦାଶ ସଦଳବଳ ପହଞ୍ଚି ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସାମୟିକ ଭାବେ ବାଲୁଗାଁ ଚିଲିକା କୂଳ ଜେଟି ଏବଂ ବଡ଼କୂଳ ପାନ୍ଥନିବାସଠାରୁ ଡଙ୍ଗା ଚଳାଚଳକୁ ବନ୍ଦ କରିଥିଲେ। ମଧାହ୍ନ ୧୨ଟାରେ ପରିସ୍ଥିତି ସ୍ୱାଭାବିକ ହେବାରୁ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ପ୍ରଶାସନିକସ୍ତରରେ ଆଲୋଚନା ହୋଇ ଡଙ୍ଗାଗୁଡ଼ିକ ପୁଣି କାଳିଜାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଚିଲିକାରେ ଓଡ୍ରାଫ ଟିମ୍, ଦମକଳ ବାହିନୀ ଏବଂ ନୌସେନା କର୍ମଚାରୀ ପରିସ୍ଥିତ ଉପରେ ନଜର ରଖିଥିଲେ। ଏଥିସହ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ ଜ୍ୟାକେଟ ପରିଧାନ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

# ଓଡ଼ିଶାରେ 'ୱିକ୍ ଅଫ୍ ୱେଲ୍‌ସ' ପାଳିବ ବ୍ରିଟେନ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

## ୱେଲ୍‌ସ ପୁରୁଷ ହକି ଟିମ୍‌କୁ ଉତ୍ସାହିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ

ଓଡ଼ିଶାରେ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୩ ଅବସରରେ କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇ କମିଶନ 'ୱିକ୍ ଅଫ୍ ୱେଲ୍‌ସ' ପାଳନ କରିବ। ଏହାଦ୍ୱାରା କ୍ରୀଡ଼ା, ଶିକ୍ଷା ଓ ପ୍ରଯୁକ୍ତି ଜରିଆରେ ବ୍ରିଟେନ-ଓଡ଼ିଶା ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିବ। ବ୍ରିଟେନର ୱେଲ୍‌ସ ଦେଶର ସରକାର ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ୱେଲ୍‌ସ ପୁରୁଷ ହକି ଟିମ୍ ପ୍ରଥମଥର ପାଇଁ ଚଳିତବର୍ଷ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ଭାଗ ନେଇଛି। ଏହାକୁ 'ଷ୍ଟଡି ଇନ୍ ୱେଲ୍‌ସ' ପ୍ରାୟୋଜକ ଭାବେ ସମର୍ଥନ କରିଛି। ଏହାକୁ ଦୃଷ୍ଟିରେ ରଖି ୱେଲ୍‌ସ ସରକାର ଓଡ଼ିଶାରେ 'ୱିକ୍ ଅଫ୍ ୱେଲ୍‌ସ' ପାଳନ କରିବ। ୧୭ତାରିଖରେ ଷ୍ଟଡି ଇନ୍ ୱେଲ୍‌ସରେ ୱେଲ୍‌ସ ପୁରୁଷ ହକି ଟିମ୍ ଓ କିଟ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୯ ତାରଖରେ ୱେଲ୍‌ସ ପୁରୁଷ ହକି ଟିମ୍ କଳିଙ୍ଗ ଷ୍ଟାଡିୟମରେ ଭାରତ ସହିତ ମୁକାବିଲା କରିବ। ଏ ସମ୍ପର୍କରେ ୱେଲ୍‌ସ ଫାଷ୍ଟ ମିନିଷ୍ଟର ମାର୍କ ଡ୍ରେକ୍‌ଫୋର୍ଡ କହିଛନ୍ତି, ହକି ବିଶ୍ୱକପ୍‌ରେ ୱେଲ୍‌ସ ଟିମ୍ ପହଞ୍ଚିବା ଆମ ପାଇଁ ଏକ ବଡ଼ ସଫଳତା। ୱେଲ୍‌ସ ହକି ଟିମ୍‌କୁ ସମର୍ଥନ ଜଣାଇବା ପାଇଁ ବ୍ରିଟିଶ ଡେପୁଟି ହାଇ କମିଶନ କାର୍ଯ୍ୟାଳୟର କର୍ମକର୍ତ୍ତା, ଷ୍ଟଡି ଇନ୍ ୱେଲ୍‌ସର କର୍ମକର୍ତ୍ତା ଏବଂ ୱେଲ୍‌ସ ସରକାରଙ୍କ ପ୍ରତିନିଧି ଏହି ମ୍ୟାଚ୍ ଦେଖିବେ। ପୂର୍ବ ଓ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇ କମିଶନର ନିକ୍ ଲୋ କହିଛନ୍ତି, ଷ୍ଟଡି ଇନ୍ ୱେଲ୍‌ସ, ୱେଲ୍‌ସ ସରକାର ଏବଂ ୱେଲ୍‌ସ ପୁରୁଷ ହକି ଟିମ୍ ସହିତ 'ୱିକ୍ ଅଫ୍ ୱେଲ୍‌ସ' ପାଳନ କରିବା ନେଇ ଗର୍ବିତ ଅନୁଭବ କରୁଛି। କିଟ୍‌ରେ ଆୟୋଜିତ ହେବାକୁ ଥିବା 'ବୈଷୟିକ କ୍ଷେତ୍ରରେ ମହିଳା' ଶୀର୍ଷକ ଆଲୋଚନଚକ୍ରରେ ନିକ୍ ଅଧ୍ୟକ୍ଷତା କରିବେ। ଏଥିରେ ସେ ବ୍ରିଟେନ୍‌ର ଷ୍ଟାର୍ଟଅପ୍ ପରିବ୍ୟବସ୍ଥା ସମ୍ପର୍କରେ ମତ ରଖିବେ।

# ବଢ଼ିଲା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଟେନ୍‌ସନ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲାଗି ନ ଥିବା ଯାନବାହନଗୁଡ଼ିକରୁ ରବିବାରଠାରୁ ଜରିମାନା ଆଦାୟ ହେବ। ଏଚ୍‌ଏସ୍‌ଆର୍‌ପିକୁ ନେଇ ଏବେ ଗାଡ଼ିମାଲିକମାନଙ୍କ ଟେନ୍‌ସନ ବଢ଼ିଯାଇଛି। ସରକାରୀ ନିର୍ଦ୍ଦେଶନାମା ପରେ ନମ୍ବର ପ୍ଲେଟ୍ ଲଗାଯାଉଥିବା ସ୍ଥାନରେ ଗାଡ଼ିଚାଳକଙ୍କ ଲମ୍ବାଲାଇନ ଲାଗିଛି। ଏଚ୍‌ଏସ୍‌ଆର୍‌ପି ନ ଥିଲେ ମୋଟର ଭେହିକିଲ ଆଇନ-୧୯୮୮ର ଧାରା ୧୯୨ ଅନୁସାରେ ସମ୍ପୃକ୍ତ ଯାନ ବିରୋଧରେ ୫୦୦୦ କିମ୍ବା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଇ-ଚାଲାଣ କଟାଯାଇ ଜରିମାନା ଆଦାୟ କରାଯିବ। ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନବାହନ ଯାହାର ଶେଷ ନମ୍ବର ୧, ୨, ୩, ୪, ୫ ଏବଂ ୬ ହୋଇଥିବ ଏବଂ ଏଚ୍‌ଏସ୍‌ଆରପି ଲାଗି ନ ଥିବ ସେହି ଯାନବାହନଗୁଡ଼ିକ ବିରୋଧରେ ଜାନୁୟାରୀ ୧୫ରୁ ଏନ୍‌ଫୋର୍ସମେଣ୍ଟ ବିଭାଗ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର କେନ୍ଦ୍ରୀୟ ମୋଟରଯାନ ଆଇନର ନିୟମ-୫୦ ଏବଂ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି/ ବିଧିଗତ ଆଦେଶରେ ସଂଶୋଧନ କରିଛନ୍ତି।

# ୩ କାର୍ ସହ ଗଞ୍ଜେଇ ଜବତ, ୬ ଗିରଫ


ଗିରଫ ଅଭିଯୁକ୍ତମାନେ

**ସମ୍ବଲପୁର,୧୪।୧(ବ୍ୟୁରୋ)**

ସମ୍ବଲପୁର ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଶନିବାର ଭୋର ସମୟରେ ଚଢାଉ କରି ୩ କାର୍ ସହ ୧ କୁଇଣ୍ଟାଲ ୩୦କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ୩୦ ହଜାର ଟଙ୍କା ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ହେଲେ ବିଲାସପୁରର ବିମଳ କୁମାର ସୂର୍ଯ୍ୟବଂଶୀ, ପ୍ରକାଶ ଦାସ, ଉତ୍ତରପ୍ରଦେଶର ଭୂପେନ୍ଦର ସିଂ, ଅତୁଲ ସିଂ, ଛତିଶଗଡ଼ର ଅଭୟ ଶୁକ୍ଳା ଓ ନିଖିଲ ବାତ୍ରା। ଅବକାରୀ ଅଧୀକ୍ଷକ ଅଶୋକ ସେଠ୍ ସୂଚନା ଦେଇ କହିଛନ୍ତି, ଗଞ୍ଜେଇ ଚାଲାଣ ନେଇ ଅବକାରୀ ବିଭାଗକୁ ପୂର୍ବରୁ ସୂଚନା ମିଳିଥିଲା। ଅବକାରୀ ଇନ୍ସପେକ୍ଟର ଶିଶିକାନ୍ତ ଦତ୍ତଙ୍କ ନେତୃତ୍ୱରେ ୩ଗୋଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରମ୍ପେଲା ନିକଟରେ ଯାଞ୍ଚ କରୁଥିବାବେଳେ ଗଞ୍ଜେଇ ଭର୍ତ୍ତି ଗୋଟିଏ କାର୍ ସହ ୨ଜଣଙ୍କୁ କାବୁ କରିଥିଲା। ସେହିପରି ଅନ୍ୟ ଦୁଇ ଟିମ୍ ଶାସନ ନିକଟରେ ଆଉ ୨ କାର୍ ଅଟକାଇ ଯାଞ୍ଚ କରି ଗଞ୍ଜେଇ ଜବତ ସହ ୪ଜଣଙ୍କୁ ଧରିଥିଲେ। ୨ଟି କାର୍ ବିଲାସପୁରକୁ ଯାଉଥିବା ବେଳେ ଗୋଟିଏ କାର୍ ଉତ୍ତରପ୍ରଦେଶ ଯାଉଥିବା ଜଣାପଡିଥିଲା। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ଅଧୀକ୍ଷକ ସେଠ୍ କହିଥିଲେ।









**ଆଜିର ମନ୍ତବ୍ୟ**

“୨୦୨୪ ଲୋକ ସଭା ନିର୍ବାଚନରେ ଭଜାପାକୁ ପରାଜିତ କରିବାକୁ ହେଲେ ଆଞ୍ଚଳିକ ଦଳଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ହେବ।
-ଅମର୍ତ୍ୟ ସେନ୍, ନୋବେଲ ବିଜୟୀ ଅର୍ଥନୀତିଜ୍ଞ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ଚଲା**
**ପର ଗାଇ ଦୁହାଁ, ବତୀ ପେଲା**
**ନାଥ ବୋଲେ ପୁତାରେ**
**ଜୀଇ ଥାଉଁ ଥାଉଁ ମଲା।**

ଯେଉଁମାନେ ଉପରେ ପଡ଼ି କଥା କୁହନ୍ତି, ପର କାମରେ ହାତ ଦିଅନ୍ତି ତଥା ନ ବୁଝି ନ ଶୁଝି ପର କଥାରେ ଭାସିଯାନ୍ତି, ସେମାନେ ମୂର୍ଖ ବୋଲି ପରିଗଣିତ ହୋଇଥାନ୍ତି। ସେମାନଙ୍କର ନିଜର ଅସ୍ତିତ୍ୱ ବୋଲି କିଛି ନ ଥାଏ। ଏହି ଧରଣର ବ୍ୟକ୍ତି ସବୁବେଳେ, ସବୁକ୍ଷେତ୍ରରେ ହଇରାଣ ହରକତ ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆପଣା ଗାଁରେ କୁକୁର ରଜା**
**ବଣୁଆ ଗାଁରେ ଶିଆଳ ରଜା।**

ନିଜ ଗାଁ ବା ଗଳିରେ କୁକୁର ରାଜା ଭଳି ବଣରେ ଶିଆଳର ଆଧିପତ୍ୟ ରହିଥାଏ। ପରୋକ୍ଷରେ ମଣିଷ ନିଜ ଘରେ ଯେମିତି ଆରାମ ବା ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିଥାଏ, ପର ଘରେ ସେଭଳି ରହିପାରି ନ ଥାଏ। ପର ଘରେ ତାକୁ ଅନ୍ୟର ଇଚ୍ଛା ଅନୁସାରେ ଚଳିବାକୁ ପଡ଼ିଥାଏ, ସେଠାରେ ନିଜର ଅସ୍ତିତ୍ୱ ବୋଲି କିଛି ନ ଥାଏ। ନିଜ ଘରେ ନିଜେ ମାଳିକ ବା ଶକ୍ତିଶାଳୀ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୫-ଟି ସଚିବଙ୍କ ବେଦବ୍ୟାସ ପୀଠ ପରିଦର୍ଶନ



**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଶନିବାର ରାଉରକେଲା ନିକଟସ୍ଥ ବେଦବ୍ୟାସ ପୀଠ ପରିଦର୍ଶନ କରିଥିଲେ। ୫-ଟି ଉପକ୍ରମରେ ପୀଠର ବିକାଶ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର ସଭ୍ୟ, ସେବାୟତ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ସେ ଆଲୋଚନା କରିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ଏ ସମ୍ପର୍କରେ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବାକୁ ଜିଲାପାଳଙ୍କୁ ପାଣ୍ଡିଆନ କହିଥିଲେ। ଏହି ଆଲୋଚନାରେ ମୁଖ୍ୟତଃ ସ୍ୱର୍ଗଦ୍ୱାରର ବିକାଶ, ନଦୀ ସମ୍ମୁଖ ଭାଗର ଉନ୍ନତୀକରଣ, ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ଭିତ୍ତିଭୂମି ସୁବିଧାର ବିକାଶ, ଯାତ୍ରୀ ନିବାସ ନିର୍ମାଣ ଏବଂ ଲାଇଟ ଓ ସାଉଣ୍ଡ ଶୋ’ ବ୍ୟବସ୍ଥା ଉପରେ ଆଲୋକପାତ କରାଯାଇଥିଲା । ବେଦବ୍ୟାସ ଓଡ଼ିଶାର ଏକ ପ୍ରମୁଖ ତୀର୍ଥ ସ୍ଥାନ । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଯାତ୍ରୀ ଏହି ପୀଠକୁ ଆସିଥାନ୍ତି। ଏହି ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ନିଷ୍ଠାର ସହ ଉଦ୍ୟମ ଜାରି ରଖିଛନ୍ତି ।ଏହାର ରୂପାନ୍ତର କରି ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିବ ବୋଲି ପାଣ୍ଡିଆନ କହିଛନ୍ତି। ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗଭାଲି, ରାଉରକେଲା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୧୫ ଦିନରେ ବିକାଶ ଯୋଜନା ପ୍ରସ୍ତୁତ କରିବେ ଜିଲାପାଳ**

**ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତ୍ୟୁ ଘଟଣା**

# ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ୍/ ପୁରୀ ଅଫିସ୍ ୧୪।୧**

ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଶନିବାର ମାମଲା ରୁଜୁ ହୋଇଛି। ଆୟୋଗଙ୍କ ଏକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ରାଜଶ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆୟୋଗଙ୍କୁ ନିବେଦନ କରାଯାଇଛି। ନ୍ୟାୟ ପାଇଁ ଲଢେଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏ ନେଇ ଆୟୋଗରେ ମାମଲା (ନଂ.୭୬୯/ଇନ୍/୨୦୨୩) ରୁଜୁ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ପୁରୀ ଜିଲା ରାମଚଣ୍ଡୀ ଥାନା ଅଧୀନ ଭୁଆଁ ଗ୍ରାମର ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତଦେହ ଶୁକ୍ରବାର ଗୁରୁଡିଝାଟିଆ ଥାନା ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲା। ରାଜଶ୍ରୀ କଟକର ଏକ ହଷ୍ଟେଲରେ ରହୁଥିଲେ। ସେ ଜଣେ ଭଲ କ୍ରିକେଟର ଭାବେ ସୁନାମ ଅର୍ଜନ କରିଥିବାବେଳେ ତାଙ୍କୁ ଖେଳାଳି ଚୟନରୁ ବାଦ୍ ଦିଆଯାଇଥିଲା। ସେ ଗତ ୧୧ ତାରିଖରୁ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ କୋଚ୍ ପୁଷ୍ପାଞ୍ଜଳି ବାନାର୍ଜୀ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ମିଳିଥିବା ରାଜଶ୍ରୀଙ୍କ ମୃତଦେହର ବିଭିନ୍ନ ଜାଗାରେ କ୍ଷତଚିହ୍ନ ରହିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ରାଜଶ୍ରୀଙ୍କ ମୃତ୍ୟୁ ପଛରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି ବୋଲି ମଧ୍ୟ ଅଭିଯୋଗ ଉଠିଛି। ରାଜଶ୍ରୀଙ୍କ ଭଳି ଜଣେ ଉଦୀୟମାନ ମହିଳା କ୍ରିକେଟରଙ୍କ ମୃତ୍ୟୁକୁ ନେଇ ରାଜ୍ୟରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ତେଣୁ ଏହାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ କରିବାକୁ ଆବେଦନକାରୀ ନିବେଦନ କରିଛନ୍ତି।

**୫୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି**



ରାଜଶ୍ରୀ ସ୍ୱାଇଁ

## ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଭାଜପାର ବିକ୍ଷୋଭ



ଭାଜପା ପକ୍ଷରୁ ଓସିଏ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ,୧୪।୧**

ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ରହସ୍ୟଜନକ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଭାଜପା। କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ମଧ୍ୟାହ୍ନ ୧୨ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶାରେ ବାରମ୍ବାର ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉଛି। ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଉପସ୍ଥିତ ଭାଜପା ନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଓଡ଼ିଶା ପୋଲିସର ତଦନ୍ତ ଉପରେ ଭରସା ନ କରି ରାଜଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇ କରିବା ପାଇଁ ଦାବି କରାଯାଇଥିଲା। ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ନେତୃବୃନ୍ଦମାନେ କହିଥିଲେ। ରଶ୍ମିରେଖା ଦାସ, ମହମ୍ମଦ ସବୀର, ପ୍ରବୀଣା ମହାପାତ୍ର, ସବ୍ୟସାଚୀ ମହାପାତ୍ର, ବିବେକାନନ୍ଦ ନାଏକ, ଦୀପ୍ତି ପଣ୍ଡା, ରଞ୍ଜନ ବେହେରା, କଳ୍ପନା ପଟ୍ଟନାୟକ, ନମିତା ମିଶ୍ର, ରତନ ମହାନ୍ତିଙ୍କ ସମେତ ବହୁ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଟ୍ରକ୍ ପଛରେ ପିଟିହେଲା କାର୍: ୨ ମୃତ, ୫ ଆହତ

- **ତାରିଣୀ ଦର୍ଶନ ପାଇଁ ଯିବାବେଳେ ଦୁର୍ଘଟଣା**
- **କୁହୁଡ଼ି ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ**

**ରସୁଲପୁର,୧୪।୧(ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କ୍ରିଷ୍ଣା ହୋଟେଲ ସମ୍ମୁଖରେ ଶନିବାର ଭୋର ୪ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୫ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମୃତ ଯୁବକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ଓଲର ଗ୍ରାମର ଦୀପ୍ତପ୍ରଭା ପଣ୍ଡା(୩୦) ଓ ବିଶ୍ୱଜିତ ମାଇତି(୨୮)। ଗୁରୁ ତର ଯୁବକ ଦ୍ୱୟ ଏରସମା ଥାନା ଅଞ୍ଚଳର ତପନ ଜେନା ଓ ପ୍ରକାଶ ସାମନ୍ତ ବୋଲି କୁହାଯାଉଛି। ଅନ୍ୟ ୩ ଯୁବକ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ଏକ ଏର୍ଟିଗା କାର୍ ନଂ.ଓଡି-୦୫-ବିଡି-୫୫୮୧ରେ ସମ୍ପୃକ୍ତ ୭ଜଣ ସାଙ୍ଗ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା’ତାରିଣୀଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ପୂର୍ବରୁ ହୋଟେଲ ସମ୍ମୁଖ ରାଜପଥ ପାର୍ଶ୍ୱରେ ଏକ କୁକୁଡା ଦାନା ବୋଝେଇ ଟ୍ରକ୍ ନଂ.ଓଆର୍-୦୪-କେ-୬୭୩୫ ଛିଡ଼ା ହୋଇଥିଲା। ତେବେ ଭୋର ସମୟରେ ଘନ କୁହୁଡ଼ି ଯୋଗୁ କାର୍ ଚାଳକ ପାର୍କିଂ କରିଥିବା ଟ୍ରକ୍ ସମ୍ପର୍କରେ ଜାଣି ନ ପାରି ପଛପଟୁ ଟ୍ରକ୍‌କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଏହି ଦୁର୍ଘଟଣା ଯୋଗୁ କାର୍ ଆଗ ସିଟ୍‌ରେ ବସିଥିବା ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପଛ ସିଟ୍‌ରେ ବସିଥିବା ୫ଜଣ ଆହତ ହୋଇଥିଲେ। କୁଆଖିଆ ଥାନା ଏସ୍‌ଆଇ ଦୁଷ୍ମନ୍ତ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ନଂ.୨୨/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଟ୍ରକ୍ ଓ କାର୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।



ଟ୍ରକ୍ ପଛରେ ପିଟି ହୋଇଥିବା କାର୍।

## ପ୍ରଥମ ପୃଷ୍ଠାରୁ...

### ଟି-ବ୍ରିଜ୍‌ରେ ...

ସିଂହନାଥ ଦେବଙ୍କ ପୀଠରେ ମକର ସଂକ୍ରାନ୍ତିରେ ମକର ମେଳା ଅନୁଷ୍ଠିତ ହୋଇଥାଏ। ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ବର୍ଷ ବହୁ ଶ୍ରଦ୍ଧାଳୁ ନଦୀ ଭିତରେ ଚାଲି ଚାଲି ଯାଇଥାନ୍ତି। ଏପରି କି କେତେକେ ଡଙ୍ଗା ମାଧ୍ୟମରେ ଯାଇଥାନ୍ତି। ୨୦୨୧ ଡିସେମ୍ବର ୨୦ରେ ବଡ଼ମ୍ବା, ବୈଦେଶ୍ୱର ଏବଂ ନଦୀ ମଝିରେ ଥିବା ସିଂହନାଥ ପୀଠକୁ ସଂଯୋଗ କରିବାକୁ ମହାନଦୀରେ ଏକ ଟି-ସେତୁ ନିର୍ମାଣ ହୋଇଥିଲା। ଗତବର୍ଷ କରୋନା ଯୋଗୁ ଦର୍ଶନ ଉପରେ କଟକଣା ଥିବାରୁ ଚଳିତବର୍ଷ ଜନଗହଳି ହେବ ବୋଲି ଅନୁମାନ କରାଯାଇଥିଲା। ବୈଦେଶ୍ୱର ପଟୁ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ ଉଭୟ ବ୍ରିଜ୍ ଏବଂ ଫେୟାର ୱେଦର(ବାଲିରେ ଚଲା ରାସ୍ତା)ର ବ୍ୟବସ୍ଥା କରାଯାଇଥିଲା। ମକର ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି ୩ ଦିନିଆ ମେଳାର ପ୍ରଥମ ଦିନ ଅର୍ଥାତ୍ ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗହଳି ସ୍ୱାଭାବିକ ଥିଲା। ଏହା ପରଠାରୁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଥିଲା। ଅଧିକାଂଶ ଲୋକ ବାଲି ଚଲା ରାସ୍ତାରେ ନ ଆସି ବ୍ରିଜ୍ ଉପର ଦେଇ ଆସିଥିଲେ। ଫଳରେ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ଅପରାହ୍ନ ପ୍ରାୟ ୪ଟା ବେଳକୁ ପ୍ରାୟ ଦେଢ଼ରୁ ୨ଲକ୍ଷ ଲୋକଙ୍କ ଭିଡ଼ ହେବାରୁ ବ୍ରିଜ୍ ଉପରେ ଦଳାଚକଟା ସୃଷ୍ଟି ହୋଇଥିଲା। ଲୋକମାନେ ଆଗପଛ ହୋଇ ନ ପାରିବାରୁ ଠେଲାପେଲା ହୋଇ କେତେକେ ତଳେ ପଡ଼ିଯାଇଥିଲେ। ଏତେ ସଂଖ୍ୟାର ଲୋକଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ନ ରହିବା କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଆହତମାନଙ୍କୁ ବଡ଼ମ୍ବା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଜୟନ୍ତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ପ୍ରଶାସନିକ ଏବଂ ପୋଲିସ ସହଯୋଗରେ ଲୋକଙ୍କୁ କିପରି ସହଯୋଗ କରାଯାଇପାରିବ ସେଥିପାଇଁ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି। ଅପରପକ୍ଷରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ରାତିରେ ଏସ୍‌ସିବି ମେଡିକାଲରେ ଆହତ ଶିଶୁମାନଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି, ଆକଳନଠାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ସେତୁ ଉପରକୁ ଆସିଯିବାରୁ ଏଭଳି ଅଘଟଣ ଘଟିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ। ତେବେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ରେଡ୍‌କ୍ରସ ପାଣ୍ଠିରୁ ଆହତଙ୍କୁ ୧୦ ହଜାର ଓ ମୃତକ ପରିବାରକୁ ୨୦ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ଅଧୀକ୍ଷକ ଡା. ସୁଧାଂଶୁ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଏସ୍‌ସିବିରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ହୋଇଛି। ସେହିପରି ଅନ୍ୟ ଜଣେ ଶିଶୁଙ୍କ ସିଟି ସ୍କାନ କରାଯାଇଥିବାବେଳେ ଆଉ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ଏସ୍‌ସିବିରେ ଉପଲବ୍ଧ ରହିଛି। ଆବଶ୍ୟକ ଅନୁସାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ତେବେ ସର୍ଜରି, ଅର୍ଥୋପେଡିକ ଓ ନ୍ୟୁରୋସର୍ଜରି ବିଭାଗର ଡାକ୍ତର ଚିକିତ୍ସା ପାଇଁ ପ୍ରସ୍ତୁତ ଅଛନ୍ତି। ଆହୁରି ଅନ୍ୟ ଆହତମାନେ ଏସିବି ଆସୁଥିବା ଖବର ଥିବାରୁ ସେମାନଙ୍କ ଚିକିତ୍ସାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ: ମୃତକଙ୍କ ଆତ୍ମୀୟଙ୍କ ପାଇଁ ୫ ଲକ୍ଷର ଅନୁକମ୍ପା ସହାୟତା ଘୋଷଣା

ଭୁବନେଶ୍ୱର,୧୪।୧(ବ୍ୟୁରୋ)-ମକର ମେଳାରେ କଟକ ଜିଲା ବଡ଼ମ୍ବା ସିଂହନାଥ ପୀଠରେ ଶନିବାର ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୫ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଏହି ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### କାହିଁକି ଜୀବନ ନେଲା...

ସେତୁରେ ଏକାସଙ୍ଗରେ ପ୍ରବେଶ କରୁଥିଲେ। ପୁଣି ସେହି ବାଟ ଦେଇ ଶ୍ରଦ୍ଧାଳୁମାନେ ଫେରୁଥିଲେ। ସେତୁ ଉପରେ ଲୋକଙ୍କ ସୁରକ୍ଷିତ ତଥା ଶୃଙ୍ଖଳିତ ଯାତାୟାତ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସେହି ଅନୁସାରେ ବ୍ୟବସ୍ଥା ନ ଥିଲା। ଫଳରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇ ଜୀବନ ଯିବାଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

### ଚର୍ଚ୍ଚାରେ ଆଫ୍ରିକାର ...

ବୁଲାଇବା ସହ ଗୋଡ଼, ହାତକୁ ସେ ୧୮୦ ଡିଗ୍ରୀରେ ମୋଡ଼ି ପାରନ୍ତି। ତାଙ୍କର ଏହି କାରନାମାକୁ କୋଣ୍ଟୋରଶନ୍ (ଶରୀରକୁ ଅପ୍ରାକୃତିକ ଭାବେ ମୋଡ଼ିବା) ବୋଲି କୁହାଯାଏ। ପୂର୍ବରୁ ଜୈରେସଙ୍କ ପାଖରେ ଥିବା ଏହି ବିଶେଷ ପ୍ରକାର ଗୁଣକୁ ସେଠାକାର ଲୋକେ ବୁଝିପାରୁ ନ ଥିଲେ। ପିଲାବେଳେ ତାଙ୍କୁ ଅନେକେ ଥଟ୍ଟା କରୁଥିଲେ। ଖାଲି ସେତିକି ନୁହେଁ ଜୈରେସଙ୍କ ସମ୍ପ୍ରଦାୟର ଲୋକେ ତାଙ୍କୁ ବାଛନ୍ଦ କରିଥିବା ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି। କେହି କେହି ତାଙ୍କୁ ଭୂତ ବୋଲି କହୁଥିଲେ। କିନ୍ତୁ ଜୈରେସ ଯେତେବେଳେ କୋଣ୍ଟୋରଶନ୍‌ର ଭିଡିଓ ସୋସିଆଲ ମିଡିଆରେ ଶେୟାର କଲେ ସେତେବେଳେ ତାଙ୍କ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଲା। ଲୋକେ ତାଙ୍କୁ ଖୁବ୍ ପସନ୍ଦ ମଧ୍ୟ କରିବାକୁ ଲାଗିଲେ। ବର୍ତ୍ତମାନ ଏହି ଭିଡିଓରୁ ସେ ଭଲ ରୋଜଗାର କରୁଛନ୍ତି। ନିଜ ପ୍ରତିଭାକୁ ସାରା ବିଶ୍ୱରେ ପରିଚିତ କରିବାକୁ ଜୈରେସ ଚାହୁଁଥିବାବେଳେ ଏ ପ୍ରତି ଆଗ୍ରହୀ କେତେଜଣ ପିଲାଙ୍କୁ ସେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ଘରଲୋକେ କିନ୍ତୁ ଜୈରେସଙ୍କ ଏହି କରନାମାରେ ଖୁସି ନ ଥିବାବେଳେ ତାଙ୍କ ମା’ ଏ କାମ କରିବାକୁ ବାରଣ କରନ୍ତି। ସୋସିଆଲ ମିଡିଆରୁ ହାସଲ କରିଥିବା ଲୋକପ୍ରିୟତାକୁ ଜୈରେସ କୌଣସିମତେ ହରାଇବାକୁ ଚାହୁଁ ନ ଥିବା କହିଛନ୍ତି।

### ତାମିଲନାଡୁ ରାଜ୍ୟପାଳ ...

ରାଜ୍ୟପାଳ ନିଜେ କଶ୍ମୀର ନ ଗଲେ ଆମେ ଆତଙ୍କବାଦୀ ପଠାଇବୁ ବୋଲି ସେ କହିଥିଲେ। ଡିଏମ୍‌କେ କର୍ମୀଙ୍କ ଏଭଳି ମନ୍ତବ୍ୟକୁ ଭାଜପା ନିନ୍ଦା କରିବା ସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଆତଙ୍କବାଦୀଙ୍କ ସହ ଡିଏମ୍‌କେର ସମ୍ପର୍କ ଥାଇପାରେ ବୋଲି ଭାଜପା ସନ୍ଦେହ ପ୍ରକଟ କରିଛି। ତୁରନ୍ତ କ୍ରିଷ୍ଣମୂର୍ତ୍ତିଙ୍କୁ ଗିରଫ କରାଯାଉ ବୋଲି ଭାଜପା ରାଜ୍ୟ ଉପସଭାପତି ନାରାୟଣନ ତ୍ରିପାଠୀ ଦାବି କରିଛନ୍ତି। ଇତିମଧ୍ୟରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ କ୍ରିଷ୍ଣମୂର୍ତ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଚେନ୍ନାଇ ଥାନାରେ ଏତଲା ଦାଏର କରିଛି। ଏହି ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ଭାଜପା ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛି। ଡିଏମ୍‌କେ ସବୁବେଳେ ତିରସ୍କାର ରାଜନୀତିରେ ସମ୍ପୃକ୍ତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ନେତାଙ୍କୁ ଗାଳି କରିଥାଏ। ସ୍ଥାନୀୟ ଡିଏମ୍‌କେ ନେତାମାନେ ଥାନାକୁ ସେମାନଙ୍କ କାର୍ଯ୍ୟାଳୟ ଭଳି ବ୍ୟବହାର କରୁଥିବା ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇ କହିଛନ୍ତି।

### ହାତୀ କବର ସ୍ଥଳ ...

କ’ଣ କାର୍ଯ୍ୟାନୁଷ୍ଠାନ ନିଆଗଲା କିଛି ଜଣାପଡ଼ିଲା ନାହିଁ। ତେବେ ଜୁନ୍‌ରେ ଏକ ଗୁଳିବିଦ୍ଧ ହାତୀ ଜଙ୍ଗଲରେ ବୁଲିବା ଏବଂ ଉଦ୍ଧାର ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣା ପାଇଁ ଓଡ଼ିଶାକୁ ଦେଶରେ ଲଜ୍ଜିତ ହେବାକୁ ପଡ଼ିଥିଲା। ବାରମ୍ବାର ଗୋଟିଏ ବନଖଣ୍ଡରୁ ହାତୀ କଙ୍କାଳ ଉଦ୍ଧାର ଏବଂ ଗୁଳିବିଦ୍ଧ ହାତୀର ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାର ଏହାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବନ ବିଭାଗ କେବଳ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଚୁପ୍ ହୋଇ ବସିପଡ଼ିଲା। ଗୋଟିଏ ବନଖଣ୍ଡରୁ ୬ଟି ହାତୀ କଙ୍କାଳ ଉଦ୍ଧାର ହୋଇଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ବରଂ ପୁରସ୍କାର ସ୍ୱରୂପ ତତ୍କାଳୀନ ଆଠଗଡ଼ ଡିଏଫ୍‌ଓଙ୍କୁ ସୁରକ୍ଷିତ ସ୍ଥାନକୁ ବଦଳି କରାଗଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ପ୍ରଭାବରୁ ଅନୁକୂଳ ପରିବେଶ କାମ ହାସଲ କରିବାରେ ସାହାଯ୍ୟ କରିବ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ଜରିଆରେ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ପ୍ରତୀକ୍ଷିତ କରିଥିବା ବନ୍ଧୁଟି ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ।

**ବୃଷ**
ଆଜି ଆର୍ଥିକ ଉନ୍ନତି, ସାମାଜିକ ସମ୍ମାନ ହେତୁକ ଦିନଟି ଉପଭୋଗ୍ୟ ରହିବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବନ୍ଧୁଙ୍କ ପରାମର୍ଶ ଗ୍ରହଣ କରି ଉପକୃତ ହେବେ। ତୃତୀୟ ଭାବକୁ ଶୁକ୍ରଙ୍କ ଦୃଷ୍ଟି କଳା, କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପ୍ରଦାନ କରିପାରେ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ରାଶିକୁ ରବି ଓ ବୁଧ ଅବଲୋକନ କରୁଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କେତେକ କାମରେ ଅନିଚ୍ଛା ପ୍ରକାଶ କରିପାରନ୍ତି। ସହକର୍ମୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ରଣଭାର, କଚେରି ମାମଲା, ପରିବହନ ଓ ନିର୍ମାଣ ସମ୍ପର୍କୀୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ।

**କର୍କଟ**
ଚନ୍ଦ୍ର ଉପଚୟ ସ୍ଥାନରେ ଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କଷ୍ଟକର ହୋଇପାରେ। ଅର୍ଥ ସମ୍ପର୍କକୁ ନେଇ କିମ୍ବା ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଆଶଙ୍କା ରହିଛି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହେବ।

**ସିଂହ**
ଦ୍ୱିତୀୟା ଚନ୍ଦ୍ର ପ୍ରଭାବରେ ନିଜେ ହସିବେ ଏବଂ ଅନ୍ୟକୁ ହସାଇପାରନ୍ତି। କିନ୍ତୁ ଆଜି ଯାହା ଚାହୁଁଛନ୍ତି, ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। କୌଣସି ଅନାକାଂକ୍ଷିତ ସୂଚନା କ୍ରମେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ସୂଚନା ରହିଛି। ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**କନ୍ୟା**
କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିବାରୁ ବିଚଳିତ ଅନୁଭବ କରିବେ। କେତୁ ପ୍ରଭାବରୁ ଅର୍ଥାଭାବ କାରଣରୁ ଆବଶ୍ୟକତା ପୂରଣ ସକାଶେ କରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ସମସ୍ୟାକୁ ଦ୍ୱିଗୁଣିତ କରିବ। ପ୍ରତିବନ୍ଧକଜନିତ ଯାତ୍ରା, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ତୁଳା**
କର୍ମାଧିପତି ଗୁରୁଦୃଷ୍ଟି ହେତୁ ଆପଣ କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ହେତୁ ବିବାଦର ସମ୍ମୁଖୀନ ହେବେ। ପାରିବାରିକ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଯେତେ ଭଲ କାମ କଲେ ମଧ୍ୟ ଖଳପ୍ରକୃତିର ଲୋକମାନେ ବିରୋଧାଚରଣ କରିପାରନ୍ତି। ହିତୈଷୀଙ୍କ ପ୍ରେରଣାରେ ଧର୍ମକାର୍ଯ୍ୟ ପ୍ରତି ଆଗ୍ରହୀ ହେବେ।

**ବିଛା**
ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ସଭାସମିତିରେ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପାରସ୍ପରିକ ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବାର ଆଶଙ୍କା ରହିଛି। କଳା, ସାହିତ୍ୟ, ସାମ୍ବାଦିକତା, ପବ୍ଲିକେଶନ, କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ଧନୁ**
ମୁଖଭାବସ୍ଥ ବଳବାନ୍ ଶନି ହେତୁ ଅପ୍ରିୟ ସତ୍ୟ ଭାଷଣ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର କାରଣ ହୋଇପାର। ବନ୍ଧୁମାନଙ୍କ ସାହାଯ୍ୟରେ ଧାତବଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି। ପାରିବାରିକ ସମସ୍ୟା ଥିଲେ ମଧ୍ୟ ବିଶେଷ କିଛି ଗୁରୁତର ହେବନାହିଁ। କର୍ମଜଞ୍ଜାଳ ବୃଦ୍ଧିଜନିତ ଆଜି ଜମା ଫୁରୁସତ୍ ପାଇବେ ନାହିଁ।

**ମକର**
କେତୁ ପ୍ରଭାବରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ଅସମର୍ଥ ହୋଇପାରନ୍ତି। ଅବଶ୍ୟ ସମ୍ପର୍କୀୟମାନଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ଚିନ୍ତିତ ରହିପାରନ୍ତି।

**କୁମ୍ଭ**
ଦେବଗୁରୁ ପ୍ରଭାବରୁ ଅଭାବ ନ ଥାଇ ମଧ୍ୟ ଘରୋଇ କଳହଜନିତ ମନ ଭଲ ରହିବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଠିକ୍ ସମୟରେ ନିଜ ଲୋକମାନେ ମଧ୍ୟ ଦାଉ ସାଧିବେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ପିଲାମାନଙ୍କ କୃତୀ ଓ କୃତିତ୍ୱ ହେତୁ ଗର୍ବ ଅନୁଭବ କରିବେ।

**ମୀନ**
ଯେଉଁ ଜିନିଷର ଅଭାବ ଥିଲା, ଆଜି ତାହା ପୂରଣ ହୋଇଯିବ। ମଙ୍ଗଳଙ୍କ ଶୁଭତ୍ୱ କାରଣରୁ ନିଜ ପରିସରରେ ରହୁଥିବା ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ପାରିବାରିକ ପରିସ୍ଥିତି ଭଲ ରହିବ। ଲେଖାପଢ଼ା, ଯାତ୍ରା, ବାଣିଜ୍ୟ, କ୍ରୟବିକ୍ରୟ ତଥା ବାଦବିବାଦ ଓ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ମାଘ କୃଷ୍ଣ ଅଷ୍ଟମୀ ରବିବାର, ଜାନୁୟାରୀ ୧୫ ତାରିଖ, ଭାରତୀୟ ସେନାଦିବସ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୮ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୧୭ ଗତେ ଘ.୦୧।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୧ ଗତେ ଘ. ୦୫।୨୩ ମଧ୍ୟେ ରାହୁକାଳ।

# ମିଳୁନି ବାଙ୍ଗରା ନଡ଼ିଆ ଚାରା

## ୧୯୯୯ ମହାବାତ୍ୟା ଉଜାଡ଼ି ଦେଇଛି ନଡ଼ିଆ ଚାଷ

ପ୍ରମୋଦ କୁମାର ନାୟକ
ଜଗତ୍‌ସିଂହପୁର ଅଫିସ, ୧୪।୧

ଜଗତ୍‌ସିଂହପୁର ଜିଲା



ଦେଶର ପ୍ରମୁଖ ୬ଟି ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହା ଅଧିକ ହୁଏ। ସେ ଦୃଷ୍ଟିରୁ ଏକଦା ଜଗତ୍‌ସିଂହପୁର ନଡିଆ ଉତ୍ପାଦନରେ ସୁନାମ ଅର୍ଜନ କରୁଥିଲା। ୧୯୯୯ ମହାବାତ୍ୟା ଓ ଫନୀ ବାତ୍ୟାରେ ବହୁ ନଡ଼ିଆ ଗଛ ଉପୁଡ଼ି ଯାଇଥିଲା। ଏହାପରେ ଉନ୍ନତମାନର ଅଧିକ ଅମଳକ୍ଷମ ବାଙ୍ଗରା(ବାମନ) ନଡ଼ିଆ (ଡ୍ୱାର୍ଫ୍ କୋକାନଟ୍) ଉତ୍ପାଦନ ସମ୍ଭବ ହେଉନାହିଁ। କେବଳ ଜଗତ୍‌ସିଂହପୁର ନୁହେଁ, ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ସରକାରୀ ଭାବେ ବାଙ୍ଗରା ନଡ଼ିଆ ଚାରା ଉପଲବ୍ଧ ହେଉନି। ସେହିପରି ମାର୍କେଟିଂ ପାଇଁ ମଣ୍ଡି, ପ୍ରୋସେସିଂ ପ୍ଲାଣ୍ଟର ଅଭାବ ସାଙ୍ଗକୁ ବୀମା ସୁବିଧା ନ ଥିବାରୁ ଏହି ଚାଷ ପ୍ରତି ଲୋକେ ମୁହଁ ମୋଡ଼ିବାରେ ଲାଗିଛନ୍ତି।

୧୯୯୯ ମହାବାତ୍ୟା ପୂର୍ବରୁ ଜିଲାରେ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ନଡ଼ିଆ ଗଛ ଥିଲା। ଏହା ଲୋକଙ୍କ ଆବଶ୍ୟକତା ପୂରଣ ସହ ବହୁ ପରିମାଣର ନଡ଼ିଆ ବାହାର ରାଜ୍ୟକୁ ଚାଲାଣ ହେଉଥିଲା। ମହାବାତ୍ୟାରେ ଜଗତ୍‌ସିଂହପୁର ଜିଲା ସର୍ବାଧିକ ପ୍ରଭାବିତ ହେବାରୁ ପ୍ରାୟ ୯୦% ଗଛ ନଷ୍ଟ ହୋଇଯାଇଥିଲା। ଯାହା କିଛି ରହିଯାଇଥିଲା, ସେଥିରୁ ଅଧିକାଂଶ ରୋଗପୋକ ଓ ଅନ୍ୟାନ୍ୟ କାରଣରୁ ପ୍ରଭାବିତ ହୋଇଥିଲା। ଫଳରେ ଗଛଗୁଡ଼ିକ ଆଶାଜନକ ଅମଳ ଦେଇପାରି ନ ଥିଲା। ସେତେବେଳେ ନଡ଼ିଆ ଗଛ ପାଇଁ ସରକାରୀ ଓ ବେସରକାରୀ ପ୍ରୋତ୍ସାହନ ଥିଲା। କିନ୍ତୁ ତାହା ବାଟମାରଣା ଏବଂ ବିଭାଗୀୟ ଆନ୍ତରିକତାର ଅଭାବରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ନଡ଼ିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ରାଜ୍ୟ ଅନୁଦାନରେ ଅର୍ଥ ବରାଦ କରିଥିଲେ। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ (ଏଡିଏଚ୍)ଙ୍କ କାର୍ଯ୍ୟାଳୟ ପଦକ୍ଷେପ ନେଲା। ଏ ସମ୍ପର୍କରେ ଏଡିଏଚ୍ ପ୍ରଦୀପ କୁମାର ବଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୨୦୦୯-୧୦ରେ ୨,୪୫୪ ହେକ୍ଟର ଜମିରେ ନଡିଆ ଗଛ ଥିଲା। ଏଥିରୁ ବାର୍ଷିକ ୧୫୧.୪ ଲକ୍ଷ ନଡିଆ ଉତ୍ପାଦନ ହୋଇଥିଲା। ୬ ବର୍ଷ ପରେ ଅର୍ଥାତ୍ ୨୦୧୫-୧୬ରେ ଏହି ଜମି ପରିମାଣ ୨,୬୫୬ ହେକ୍ଟରକୁ ବଢ଼ିବା ସହ ଅମଳ ୧୮୨ ଲକ୍ଷରେ ପହଞ୍ଚିଥିଲା। ୨୦୨୦-୨୧ରେ ୨,୮୭୬ ହେକ୍ଟର ଜମିରୁ ୨୪୦ ଲକ୍ଷ ନଡିଆ ଉତ୍ପାଦନ ସମ୍ଭବ ହୋଇପାରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୪୫୬ ଜଣଙ୍କୁ ୭୮.୨ ହେକ୍ଟର ଜମିରେ ନଡିଆ ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି। ରାଜ୍ୟ ଅନୁଦାନରେ ୧୩୫ ଜଣ ୩୦ ହେକ୍ଟର ଜମିରେ ଏହି ଚାଷ କରିଛନ୍ତି। ଏଥିମଧ୍ୟରେ ୮୦୦ ଜଣଙ୍କୁ ୮୦୦୦ ଚାରା ୫୦% ରିହାତିରେ ଯୋଗାଇ ଦିଆଯାଇଛି। ଅତୀତରେ କେନ୍ଦ୍ର ସରକାରଙ୍କ କୋକାନଟ୍ ଡେଭଲପମେଣ୍ଟ ବୋର୍ଡ (ସିଡିବି) ଚାରାରୋପଣ ପାଇଁ ରିହାତି ଦେବା ସହ ପୁରୁଣା ବଗିଚା ରକ୍ଷଣାବେକ୍ଷଣ ପାଇଁ ଟଙ୍କା ଦେଉଥିଲା। କିନ୍ତୁ ୨ ବର୍ଷ ହେବ ଏହି ସହାୟତା ବନ୍ଦ କରି ଦିଆଯାଇଛି। ନଡ଼ିଆ ଗଛ ଚଢ଼ିବା ପାଇଁ ପୂର୍ବରୁ ଯନ୍ତ୍ର ଯୋଗାଇ ଦିଆଯାଇଥିଲା,ତାହା ମଧ୍ୟ ଆଉ ଆସୁନି।

ଏଡିଏଚ୍ ବଳ କହିଛନ୍ତି ଯେ, ଯାଦୁରା (ଏରିଓଫାଇଟମାଇଟ୍) ହେଉଛି ନଡିଆ ଗଛର ମୁଖ୍ୟ ରୋଗ। ଏହାର ନିରାକରଣ ପାଇଁ ଆବଶ୍ୟକ ଔଷଧ ଓ ଯତ୍ନ ନେବା ଜରୁରୀ ଥିଲେ ସୁଦ୍ଧା ତାହା କରାଯାଉନାହିଁ। ଏଣୁ ନଡିଆ ଅମଳ ପ୍ରଭାବିତ ହେବା ସହ ମରିଯାଉଛି। ଜିଲାରେ ପ୍ରୋସେସିଂ ୟୁନିଟ୍ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନାରେ ରିହାତି ଅଛି। ତେଣୁ ଏଥିପ୍ରତି ଆଗ୍ରହ ପ୍ରକାଶ ପାଇଲେ ନଡିଆ ଚାଷ ପ୍ରତି ଲୋକେ ମଧ୍ୟ ଆକର୍ଷିତ ହୁଅନ୍ତେ ବୋଲି ଏଡିଏଚ୍ କହିଛନ୍ତି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରଘୁନାଥପୁର ବ୍ଲକ ବ୍ରାହ୍ମଣବାଡ଼ି ପାଣ୍ଡରାର ଗୋବିନ୍ଦ ସାହୁ, ବାଲିକୁଦା ବ୍ଲକ ଖାଁକରପୁରର ଅଶୋକ ସ୍ୱାଇଁ, ଏରସମା ବ୍ଲକ ଭାରିଶୋଳର ପ୍ରସନ୍ନ କୁମାର କୁଅଁର, କୁଜଙ୍ଗ ବ୍ଲକ ବଡ଼ବନ୍ଧର ନଟବର ସେଣ ଓ ନାଉଗାଁ ବ୍ଲକ ଏରଡ଼ା ଗ୍ରାମର ମହେନ୍ଦ୍ର କୁମାର ନାୟକ ପ୍ରମୁଖ କହିଛନ୍ତି, ମହାବାତ୍ୟା ସମୟରେ ଅଧିକାଂଶ ନଡ଼ିଆ ଗଛ ନଷ୍ଟ ହୋଇ ଯାଇଥିଲା। ଏଣୁ ନଡିଆ ଚାଷ ପ୍ରତି ଆକର୍ଷଣ ରହିଲା ନାହିଁ। ତଥାପି ଆନ୍ଧ୍ରପ୍ରଦେଶରୁ ଆସିଥିବା କିଛି ନଡ଼ିଆ ଚାରା ମାଗଣାରେ ଦିଆଯାଇଥିବାରୁ ଲୋକେ ଲଗାଇଥିଲେ। ହେଲେ ଯାଦୁରା ରୋଗ ଯୋଗୁ ବହୁ ଗଛ କ୍ଷତିଗ୍ରସ୍ତ ହୋଇଛି। ସେହିପରି ମାଙ୍କଡ ଉପଦ୍ରବ ଚିନ୍ତାର କାରଣ ହୋଇଛି। ମାଙ୍କଡମାନେ ଗୋଟମା ସହ ଗଛର କନ୍ଦ ଚିରି ଦେଉଛନ୍ତି। ଜଗତ୍‌ସିଂହପୁର ଏକ ବାତ୍ୟା ପ୍ରଭାବିତ ଜିଲା ହୋଇଥିବାରୁ ଗଛ ପ୍ରତି ବିପଦ ସବୁବେଳେ ରହୁଛି। ସରକାର ବାଙ୍ଗରା ନଡିଆ ଚାରା ଯୋଗାଇଲେ ଲୋକେ ଆଗ୍ରହ ପ୍ରକାଶ କରନ୍ତେ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ବାଙ୍ଗରା ନଡିଆ ଚାରା କିଣିବା ପାଇଁ ଲୋକଙ୍କୁ ଖୋର୍ଦ୍ଧା ଜିଲାର ପିତାପଲ୍ଲୀଠାରେ ଥିବା ସିଡିବି ଫାର୍ମକୁ ଯିବାକୁ ପଡୁଛି। ସେଠାରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଏହି ଚାରା ମିଳୁନି। ବେସରକାରୀ ଭାବେ କେତେକ ସଂସ୍ଥା କାଁ ଭାଁ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ତିର୍ତ୍ତୋଲସ୍ଥିତ ଉଦ୍ୟାନ କୃଷି ବିଭାଗ ଶାରଳା ବାମନ ନଡିଆ ଫାର୍ମରେ ଚୋରାରେ ଅରେଞ୍ଜ ଓ ମାଲେସିଆ ଭେରାଇଟିର ଚାରା ଯଥାକ୍ରମେ ୪୦୦ ଓ ୫୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଟ୍ରକ ଟ୍ରକ ଆସୁଥିବା ଏହି ଚାରା ଦର ଯଥେଷ୍ଟ ଅଧିକ ହୋଇଥିଲେ ସୁଦ୍ଧା ନେବା ପାଇଁ ଅନେକ ସମୟରେ ଲମ୍ବା ଧାଡ଼ି ହେଉଛି। ତେଣୁ ଜିଲାରେ ଏହି ବାମନ ନଡିଆ ଚାରା ବିକ୍ରି ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉପକେନ୍ଦ୍ର ହେବା ଜରୁରୀ ବୋଲି ଚାଷୀମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ପିତାପଲ୍ଲୀସ୍ଥିତ ସିଡିବି ଫାର୍ମ ଟେକ୍‌ନିସିଆନ କ୍ଷିତୀଶ ପାଣି କହିଛନ୍ତି, ଏବେ ବାମନ ନଡିଆ ଗଛ ନାହିଁ। କେବଳ ଡେଙ୍ଗା ମିଳିବ। ବିଭିନ୍ନ ଜିଲାରୁ ଲୋକ ଆସି ଚାରା ନିଅନ୍ତି। ନଡ଼ିଆ ଗଛଚଢ଼ା ସମସ୍ୟା ଦୂର ପାଇଁ ମେଶିନ୍ ଦିଆଯାଉଛି। କିନ୍ତୁ ଯିଏ ନେବେ, ସେ ୫ ଦିନ ତାଲିମ ନେଇ ଷଷ୍ଠ ଦିନ ଗଛରେ ଠିକରେ ଚଢ଼ିପାରିଲେ ମେଶିନ ଦିଆଯିବା ବ୍ୟବସ୍ଥା ଥିବା ସେ କହିଛନ୍ତି।




# ଉଭେଇଗଲା ଶୀତ

## ମାର୍ଚ୍ଚରୁ ଅସମ୍ଭାଳ ହେବ ତାତି

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ଚଳିତ ବର୍ଷ ଶୀତ ଉଭେଇଗଲା। ଅଳ୍ପ କେଇ ଦିନ ଟିକେ ଝଟକା ଦେଖାଇ ଗାଏବ ହୋଇଯାଇଛି। ଆଗାମୀ ଦିନରେ ମଧ୍ୟ ଶୀତ ବଢ଼ିବା ନେଇ କୌଣସି ସୂଚନା ନାହିଁ। ଆସନ୍ତା ୨୪ ତାରିଖ ଯାଏ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମାର୍ଚ୍ଚ, ଏପ୍ରିଲରେ ଅସମ୍ଭାଳ ତାତି ହେବା ନେଇ ପାଣିପାଗ ବିଶେଷଜ୍ଞ ଆଶଙ୍କା କଲେଣି। ଚଳିତ ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହରେ ଦୁଇ ଦିନ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଶୀତ ଲହରି ନେଇ ସତର୍କ କରାଯାଇଥିଲା। ଏହାର ପରଠାରୁ ତାତି ବଢ଼ିବା ଆରମ୍ଭ କରିଛି। ଜଳବାୟୁ ପରିବର୍ତ୍ତନ ଶୀତ ଉପରେ ପ୍ରଭାବ ପକାଇଥିବା ପାଣିପାଗ ବିଶେଷଜ୍ଞ କହିଛନ୍ତି। ଚଳିତ ବର୍ଷ ରାଜ୍ୟକୁ ପଶ୍ଚିମାବାୟୁ ପ୍ରବାହ ନ ହେବାରୁ ଶୀତ ବଢ଼ିଲା ନାହିଁ। ଏଥିସହିତ ନଭେମ୍ବରରୁ ଜାନୁୟାରୀ ୧୫ ଯାଏ ରାଜ୍ୟରେ ବର୍ଷାର ନାଁଗନ୍ଧ ନାହିଁ। ଏହି ସମୟରେ ହାଲୁକା ବର୍ଷା ସାଙ୍ଗକୁ ଉତ୍ତର ଦିଗରୁ ଥଣ୍ଡା ବାୟୁ ରାଜ୍ୟକୁ ବହିଥାଏ। ଫଳରେ ଶୀତ ବଢ଼ିଥାଏ। କେବଳ ସେତିକି ନୁହେଁ, ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ତାମିଲନାଡୁ ଉପକୂଳରେ ମଧ୍ୟ ଆଶାନୁରୂପ ଲଘଚାପ ସୃଷ୍ଟି ହୋଇ ନାହିଁ। ବିଗତ ବର୍ଷଗୁଡ଼ିକରେ ଉପକୂଳରେ ୪ରୁ ୫ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଥିବା ବେଳେ ଚଳିତ ବର୍ଷ ଡିସେମ୍ବରରେ ମାତ୍ର ଗୋଟିଏ ଲଘୁଚାପ ହୋଇଛି। ଗତ ୩ ମାସ ହେବ ବର୍ଷା ନ ଥିବାରୁ ବାୟୁମଣ୍ଡଳରେ ଧୂଳିକଣା ପୂର୍ଣ୍ଣ ହୋଇ ରହିବାରୁ ଭୂପୃଷ୍ଠର ତାତି ବିକିରଣ ହୋଇପାରୁ ନାହିଁ। ଏସବୁ କାରଣ ଶୀତ କମିବା ପାଇଁ ଦାୟୀ ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ତଥା ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି।

### ୧୦ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

ଅନ୍ୟପକ୍ଷରେ ଶନିବାର ରାଜ୍ୟର ସବୁ ସ୍ଥାନରେ ପାରଦ ଉପରମୁହାଁ ରହିଛି। କେବଳ କୋରାପୁଟରେ ୭.୫ ଓ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ପାରଦ ୧୦ରୁ ୨୧ ଡିଗ୍ରୀ ମଧ୍ୟରେ ରହିଛି। ସେହିପରି ଦିନର ସର୍ବୋଚ୍ଚ ତାପମାତ୍ରା ସୋନପୁରରେ ୩୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବରଗଡ଼ ଓ ଭବାନୀପାଟଣାରେ ୩୨ ଡିଗ୍ରୀ ସେଲ୍‌ସିୟସ ରହିଛି। ଆସନ୍ତା ୨ ଦିନ ରାଜ୍ୟରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ରବିବାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି।




# ଅଛୁଆଁ ହେଉଛନ୍ତି କୁଷ୍ଠ ଆକ୍ରାନ୍ତ



ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ

ଢେଙ୍କାନାଳ ଅଫିସ, ୧୪।୧

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
- ପ୍ରତିବାଦ କରିବାରୁ ଧମକ ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କୁଷ୍ଠ ଆକ୍ରାନ୍ତ ଛୁଆଁ ଅଛୁଆଁ ଭେଦଭାବର ଶିକାର ହେଉଛନ୍ତି। ଖାଦ୍ୟ ଟେଣ୍ଡରଧାରୀ ସଂସ୍ଥାର କର୍ମଚାରୀମାନେ ସେମାନଙ୍କୁ ହୀନମନ୍ୟତା ଦୃଷ୍ଟିରେ ଦେଖୁଛନ୍ତି। ୱାର୍ଡ ଦୁଆର ମୁହଁରେ ରହି ସେମାନେ ଶଯ୍ୟାକୁ ଖାଦ୍ୟ ଫୋପାଡୁଛନ୍ତି। ନିମ୍ନମାନର ଖାଦ୍ୟ ଦେଉଛନ୍ତି। ପ୍ରତିବାଦ କଲେ ଧମକ ଚମକ ଦେଉଛନ୍ତି। ରୋଗୀ ଆତ୍ମହତ୍ୟା, ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା ଭଳି ଘଟଣାକୁ ନେଇ ବିବାଦରେ ରହି ଆସିଥିବା ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରାତିରେ ଏହାକୁ ନେଇ ସୃଷ୍ଟି ହୋଇଛି ଅପ୍ରୀତିକର ସ୍ଥିତି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିକଟରେ ଲିଖିତ ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର ୫ ମହଲାରେ ଥିବା କୁଷ୍ଠ ୱାର୍ଡରେ ୨୪ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କୁ ଗୁରୁବାର ରାତିରେ ଯେଉଁ ରୁଟି ଏବଂ ତରକାରି ଦିଆଯାଇଥିଲା, ତାହା ଥିଲା ନିମ୍ନମାନର। ଏପରି କି ଆବଶ୍ୟକ ଅନୁଯାୟୀ ରୁଟି ମଧ୍ୟ ଦିଆଯାଇ ନ ଥିଲା। ରୋଗୀମାନେ ଏହାର ପ୍ରତିବାଦ କରିବାରୁ ଖାଦ୍ୟ ଟେଣ୍ଡରଧାରୀ ସଂସ୍ଥାର କର୍ମଚାରୀମାନେ ସେମାନଙ୍କୁ ଧମକଚମକ ଦେଇଥିଲେ। ସମ୍ପୃକ୍ତ କର୍ମଚାରୀମାନେ କୁଷ୍ଠ ରୋଗୀଙ୍କୁ ହୀନ ଦୃଷ୍ଟିରେ ଦେଖୁଛନ୍ତି। ଛୁଆଁ ଅଛୁଆଁ ଭାବ ରଖି ଦୂରରେ ରହି ରୋଗୀଙ୍କ ଶଯ୍ୟାକୁ ରୁଟି ଫିଙ୍ଗୁଥିବା ଅଭିଯୋଗ ହୋଇଛି, ଯାହା ତଦନ୍ତ ସାପେକ୍ଷ। ଏ ବିଷୟରେ ସୂଚନା ପାଇ ଚିକିତ୍ସାଳୟ ଖାଦ୍ୟ ଟେଣ୍ଡର କମିଟି ସଭ୍ୟ ସତ୍ୟସ୍ୱରୂପ ଦାସ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ଜିଲାପାଳଙ୍କୁ ଘଟଣାର ସମସ୍ତ ବିବରଣୀ ଲିଖିତ ଭାବେ ଜଣାଇଥିଲେ।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ଦାଶ କୁହନ୍ତି, ଘଟଣାର ତଦନ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଟେଣ୍ଡର ନେଇଥିବା ସଂସ୍ଥା ସହ ଆଲୋଚନା କରିବାକୁ ସୋମବାର ଡକାଯାଇଛି। ଚଳିତ ମାସରେ ଖାଦ୍ୟ ଟେଣ୍ଡର ନେଇଥିବା ସଂସ୍ଥାର ଅବଧି ଶେଷ ହେଉଛି। ଆସନ୍ତା ମାସରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଟେଣ୍ଡର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି। କୁଷ୍ଠରୋଗ ଆରୋଗ୍ୟସାଧ। ଠିକ୍ ସମୟରେ ଚିକିତ୍ସା କଲେ ରୋଗୀ ସୁସ୍ଥ ହୋଇପାରିବେ। ତେଣୁ ରୋଗୀଙ୍କୁ ଘୃଣା ନ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ କୁଷ୍ଠ ରୋଗୀଙ୍କୁ ଏଭଳି ବ୍ୟବହାର ଚର୍ଚ୍ଚାର ବିଷୟ ହୋଇଛି।






ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି– ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। – **ଶ୍ରୀମା**

# ବାସ୍ତବ ପ୍ରତିକ୍ରିୟା



ଆକାର ପଟେଲ

ରାମ ମାଧବ ମୋର ଜଣେ ଭଲ ବନ୍ଧୁ। ସେ ଏକ ଲେଖାରେ ଦର୍ଶାଇଛନ୍ତି ଯେ, ଅଧିକାଂଶ ନେତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତଙ୍କ ସାକ୍ଷାତକାରକୁ ନ ପଢ଼ି ତାହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁଁ ଏବେ ବି ମାଧବଙ୍କ ଲେଖା ପଢ଼ିନାହିଁ। କିନ୍ତୁ ବିଷୟ ହେଉଛି ଆର୍‌ଏସ୍‌ଏସ୍‌କୁ ନା ବିଶେଷକରି ଆର୍‌ଏସ୍‌ଏସ୍‌ର ବିଚାରଧାରାକୁ ଭୁଲ୍ ବୁଝାଯାଇଛି ତାହା ଦେଖିବାକୁ ହେବ। ସେଥିପାଇଁ ଆରଏସ୍‌ଏସ୍ ସମର୍ଥକଙ୍କ ବିଷୟରେ ଜାଣିବା ଅପେକ୍ଷା ସିଧା ସେମାନଙ୍କ ବହିକୁ ଯିବା ଦରକାର। ମୁଁ ସେମାନଙ୍କ ବହି ପଢ଼ିଛି ଏବଂ ଯେଉଁମାନଙ୍କ ପାଖରେ ସେମାନଙ୍କ ଅଭିବ୍ୟକ୍ତି(ସ୍ପିଚ୍) ପଢିବା ପାଇଁ ସମୟ ନାହିଁ ସେମାନଙ୍କ ସକାଶେ ବହିର ସାରାଂଶ କହୁଛି। ଗୋଲ୍‌ୱାଲକର ଓ ଦୀନଦୟାଲ ଉପାଧ୍ୟାୟ କୌଣସି ବହି ଲେଖି ନ ଥିବାରୁ ସେମାନଙ୍କ ଲେଖାକୁ ମୁଁ ସ୍ପିଚ୍ କହେ। ଆଶ୍ଚର୍ଯ୍ୟର କଥା,ଉପାଧ୍ୟାୟଙ୍କୁ ଜଣେ ବିଚାରକ ଭାବେ ବିବେଚନା କରାଯାଏ ଏବଂ ତାଙ୍କ 'ଏକାତ୍ମ ମାନବବାଦ'କୁ ତାଙ୍କର ମୌଳିକ ସିଦ୍ଧାନ୍ତ ଭାବେ ଭାଜପା ସୂଚିତ କରେ। ଉକ୍ତ ଏକାତ୍ମ ମାନବବାଦ ହେଉଛି ବାସ୍ତବରେ ଅଭିବ୍ୟକ୍ତିର ସମାହାର। ଏଣୁ ଗୋଲ୍‌ୱାଲକରଙ୍କ ବହିର ନାମ 'ବଞ୍ଚ ଅଫ୍ ଥଟ୍ସ' ଦିଆଯାଇଛି ଯାହା ଅସ୍ପଷ୍ଟ ଅଭିବ୍ୟକ୍ତିର ସମ୍ମେଳନ। ବଞ୍ଚ ଅଫ୍ ଥଟ୍ସରେ ଗୋଲ୍‌ୱାଲକର କହିଛନ୍ତି , ହିନ୍ଦୁମାନେ ହେଉଛନ୍ତି ତାଙ୍କର ଭଗବାନ୍ ଏବଂ ଭକ୍ତ ଭଗବାନ୍ ଜାତି ମାଧ୍ୟମରେ ନିଜକୁ ସୃଷ୍ଟି କରିଛନ୍ତି। ଅର୍ଥାତ୍ ହିନ୍ଦୁ ସମାଜର ବ୍ୟବସ୍ଥା ଯାହା ମନୁ ବର୍ଣ୍ଣନା କରିଛନ୍ତି (ବ୍ରାହ୍ମଣ ମୁଣ୍ଡ, କ୍ଷତ୍ରିୟ ବାହୁ, ବୈଶ୍ୟ ଜଂଘ ଏବଂ ଶୂଦ୍ର ପାଦ), ତାହାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ୧୯୬୦ରେ ଗୋଲ୍‌ୱାଲକର କହିଥିଲେ, କ୍ରସ୍ ବ୍ରିଡିଂରେ ଅତି ଉନ୍ନତ ମାନବ ପାଇଁ ଜାତିକୁ ବ୍ୟବହାର କରାଯାଇପାରେ। ପ୍ରାରମ୍ଭରୁ ଏହା ହିନ୍ଦୁମାନଙ୍କ ଦ୍ୱାରା କରାଯାଇଥିଲା। ନମ୍ବୋଦିରି ବ୍ରାହ୍ମଣ ପୁରୁଷମାନେ ଅନ୍ୟ ଜାତିରେ ବିବାହ କରୁଥିଲେ। ସେ କହିଥିଲେ ଯେ, ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି ନାମ୍ବୋଦିରି ପୁରୁଷମାନେ ପ୍ରଥମ ସନ୍ତାନର ଜନକ ହେଉଥିଲେ। ଏହି ବକ୍ତବ୍ୟଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିବାରୁ ଆର୍‌ଏସ୍‌ଏସ୍ କିମ୍ବା ଭାଜପା କ୍ୟାଡରମାନେ ଏହିସବୁ ବିଷୟ ସାମ୍ନାକୁ ଆଣୁନାହାନ୍ତି। କାରଣ ସମ୍ଭବତଃ ନିଶ୍ଚିତ ଯେ କିଛି ଲୋକ ମୂଳ ଲେଖାକୁ ପଢି ଲେଖକ ଯାହା କହିଛନ୍ତି ସେମାନେ ତାହା କରିବେ।

ଗମ୍ଭୀରତାର ସହ ପଢିଲେ (ସବିଶେଷ ଜାଣିବା ପାଇଁ ମୋ ପୁସ୍ତକ 'ଆୱାର ହିନ୍ଦୁ ରାଷ୍ଟ୍ର' ଦେଖନ୍ତୁ) ଉପାଧ୍ୟାୟଙ୍କ କଥା ମଧ୍ୟ ହାସ୍ୟାସ୍ପଦ ଲାଗିବ, କିଛି ଭାଗ ବି ଭଲ ଲାଗିବ ନାହିଁ। ସେଥିରୁ ଗୋଟିଏ ପାରା ଏହିପରି। ''ମୁଁ ଆପଣଙ୍କୁ ଏକ ଉଦାହରଣ ଦେଉଛି। ଥରେ ଶ୍ରୀ ବିନୋବାଜୀ ଏବଂ ଆରଏସ୍‌ଏସ୍‌ର ସର୍ ସଂଘଚାଳକ ଶ୍ରୀ ଗୁରୁଜୀଙ୍କ ମଧ୍ୟରେ ଆଲୋଚନାରେ ହିନ୍ଦୁ ଓ ମୁସଲମାନଙ୍କ ବିଚାରଧାରାରେ କେଉଁଠି ପ୍ରଭେଦ ରହିଛି ତାହାକୁ ନେଇ ଏକ ପ୍ରଶ୍ନ ଉଠିଲା। ବିନୋବାଜୀଙ୍କୁ ଗୁରୁଜୀ କହିଲେ, ପ୍ରତ୍ୟେକ ସମାଜରେ ଭଲ ଓ ମନ୍ଦ ଲୋକ ଅଛନ୍ତି। ହିନ୍ଦୁମାନଙ୍କ ମଧ୍ୟରେ ସଚ୍ଚୋଟ ଓ ଭଲଲୋକ ଅଛନ୍ତି ଏବଂ ମୁସଲମାନଙ୍କ ମଧ୍ୟରେ ବି ସେଭଳି ଲୋକ ରହିଛନ୍ତି। ସେହିଭଳି ଖଳ ବ୍ୟକ୍ତି ମଧ୍ୟ ଉଭୟ ସମାଜରେ ଅଛନ୍ତି। ତେବେ ଅନୁଭବ କରାଯାଉଛି ଯେ, ହିନ୍ଦୁମାନେ ଯେତେବେଳେ ଗୋଷ୍ଠୀବଦ୍ଧ ହୁଅନ୍ତି ସେତେବେଳେ ସେମାନେ ସର୍ବଦା ଭଲ ବିଷୟରେ ଚିନ୍ତା କରିଥାନ୍ତି। ଅନ୍ୟପକ୍ଷରେ ଦୁଇଜଣ ମୁସଲମାନ ଏକାଠି ହେଲେ ସେମାନେ ବିଭିନ୍ନ ବିଷୟରେ ପ୍ରସ୍ତାବ ରଖନ୍ତି ଓ ଅନୁମୋଦନ କରିଥାନ୍ତି, ଯାହା ସେମାନଙ୍କ ବ୍ୟକ୍ତିଗତ ଜୀବନର କ୍ଷମତା ଭିତରେ କେବେ ବି ଚିନ୍ତା କରି ନ ଥାନ୍ତି। ଏହା ଏକ ନିତିଦିନିଆ ଅନୁଭବ। ଏଭଳି ପର୍ଯ୍ୟବେକ୍ଷଣରେ ସତ୍ୟତା ଥିଲା ବୋଲି ବିନୋବାଜୀ ସ୍ୱୀକାର କରିଥିଲେ, କିନ୍ତୁ ଏହାକୁ ଦର୍ଶାଇବା ଲାଗି କୌଣସି ଉଚିତ ତଥ୍ୟ ନ ଥିଲା।''

ଦେବାନୁର ମହାଦେବ ତାଙ୍କ ନୂତନ ପ୍ରକାଶିତ ପୁସ୍ତକ 'ଆର୍‌ଏସ୍‌ଏସ'ରେ କହିଛନ୍ତି ଯେ, ବିଚାର ଏବଂ ବିଶ୍ଳେଷଣ ଉପରେ ଆରଏସ୍‌ଏସ୍ ଶୃଙ୍ଖଳା ଓ ସର୍ବସମ୍ମତିକୁ ପ୍ରୋତ୍ସାହିତ କରେ। ବଞ୍ଚ ଅଫ୍ ଥଟ୍ସ ଶୀର୍ଷକକୁ ନେଇ ସେ କହନ୍ତି ଯେ, ଏଥିରେ କାର୍ଯ୍ୟକଳାପ ଉପରେ ଅଧିକ ଚିନ୍ତା କରା ନ ଯାଇ କେବଳ ବହୁ ପୁରାତନ ଯୁଗର ଅନେକ ଅବ୍ୟବସ୍ଥିତ, ବିପଜ୍ଜନକ ବିଶ୍ୱାସ ରହିଛି। ବିବିଧତାର ବ୍ୟବସ୍ଥା ବିଚାରକୁ ଆର୍‌ଏସ୍‌ଏସ୍‌ରେ ନିରୁତ୍ସାହିତ କରାଯାଇଛି। 'ଯାହା ସ୍ୱେଚ୍ଛାସେବୀମାନଙ୍କୁ କୁହାଯାଏ ତାହା ସେମାନେ କରନ୍ତି... ଯଦି ସେମାନଙ୍କୁ କବାଡ଼ି ଖେଳିବାକୁ କୁହାଯାଏ ସେମାନେ ତାହା ଖେଳନ୍ତି, ବୈଠକ କରିବାକୁ କୁହାଗଲେ ତାହା ସେମାନେ କରିଥାନ୍ତି। ... ସେମାନଙ୍କର ନିର୍ଣ୍ଣୟ ନେବା ଦରକାର ପଡ଼େନାହିଁ'– ଗୋଲ୍‌ୱାଲକରଙ୍କ ଉକ୍ତ ଉକ୍ତିକୁ ଉଦ୍ଧାର କରି ମହାଦେବ ଉଲ୍ଲେଖ କରିଛନ୍ତି ଯେ, ଆର୍‌ଏସ୍‌ଏସ୍ ଏହାର ସ୍ୱେଚ୍ଛାସେବୀଙ୍କୁ କାବୁରେ ରଖିଛି।

ଏସବୁ ମଧ୍ୟରେ ଆର୍‌ଏସ୍‌ଏସ୍ କ୍ୟାଡର୍‌ମାନଙ୍କୁ ଏହା ମଧ୍ୟ ଶିକ୍ଷା ଦିଆଯାଉଛି ଯେ ସମ୍ବିଧାନ ତ୍ରୁଟିପୂର୍ଣ୍ଣ। ଉଦାହରଣ ସ୍ୱରୂପ, ଆର୍‌ଏସ୍‌ଏସ୍ ସବୁବେଳେ ସଂଘୀୟ ବ୍ୟବସ୍ଥାକୁ ଆକ୍ରମଣ କରିଆସିଛି। ଏବେ ଦକ୍ଷିଣରେ ଭାଜପା ଦ୍ୱାରା ନିଯୁକ୍ତ ଜଣେ ରାଜ୍ୟପାଳଙ୍କଠାରେ ଏହାର ପୁନରାବୃତ୍ତି ହେବା ଦେଖିବାକୁ ପାଉଛୁ। ମହାଦେବ ସଂଘୀୟବାଦ ପ୍ରତି ଥିବା ଏଭଳି ଘୃଣା ମନୋଭାବକୁ ସାମଗ୍ରୀ ଓ ସେବା ଟିକସ ସହ ବି ସଂଯୋଜିତ କରିଛନ୍ତି, ଯେଉଁଥିରେ ରାଜ୍ୟଗୁଡ଼ିକର ନିଜସ୍ୱ ଟିକସ ବୃଦ୍ଧି କରିବାର ଅଧିକାରକୁ ଅତ୍ୟଧିକ ସୀମିତ କରାଯାଇଛି। ମହାଦେବ ହିନ୍ଦୁତ୍ୱକୁ ଏକ 'ଗାଈମୁହାଁ ବାଘ' ବୋଲି କହିଛନ୍ତି, ଯାହା ଭାରତୀୟ ସମାଜ ଭିତରୁ ହିଁ ଖାଉଛି। ମହାଦେବ ଅନେକ ବାସ୍ତବବାଦୀ ଅନୁଧ୍ୟାନ କରିଛନ୍ତି। ଯଥା ଭାରତରେ ସୃଷ୍ଟି ହୋଇ ଚାତୁର୍ବର୍ଣ୍ଣ୍ୟ ବ୍ୟବସ୍ଥାକୁ ଅଗ୍ରାହ୍ୟ କରିଥିବା ଜୈନ, ବୌଦ୍ଧ, ଶିଖ, ଲିଙ୍ଗାୟତ ଏବଂ ଅନ୍ୟ ଧର୍ମଗୁଡ଼ିକୁ ହିନ୍ଦୁ ବିଶ୍ୱାସ ଆଧାରିତ କହି ସେମାନଙ୍କ ବାର୍ତ୍ତାକୁ ଦବାଇଦେବାକୁ ଚାହୁଁଛି। ମହାଦେବ ଯେଉଁ ନକାରାତ୍ମକ ପ୍ରତିକ୍ରିୟା ସୂଚିତ କରିଛନ୍ତି ସେଭଳି ପ୍ରତିକ୍ରିୟା ବାରମ୍ବାର ପ୍ରକାଶ ପାଇଲେ ବି ଆମେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। କାରଣ ଏହିସବୁ ପ୍ରତିକ୍ରିୟା କେବଳ ବାସ୍ତବତାକୁ ଦର୍ଶାଉଛି।

Email:aakar.patel@gmail.com

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| | | 5 | 9 | 4 | | | | 8 |
| 2 | | | | 6 | | | 7 | |
| | 7 | | | | | | 4 | 2 |
| | 4 | 2 | | 3 | | | | 5 |
| | | 1 | | | | | | 3 |
| | | | | 8 | | | 2 | 6 |
| | | | | | | | | |
| 9 | | | 5 | | 1 | | 3 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 5 | 7 | 6 | 4 | 1 | 2 | 3 |
| 7 | 3 | 1 | 2 | 9 | 5 | 4 | 8 | 6 |
| 4 | 6 | 2 | 3 | 8 | 1 | 5 | 7 | 9 |
| 5 | 7 | 9 | 1 | 4 | 8 | 6 | 3 | 2 |
| 2 | 1 | 4 | 6 | 3 | 7 | 8 | 9 | 5 |
| 6 | 8 | 3 | 9 | 5 | 2 | 7 | 4 | 1 |
| 1 | 5 | 7 | 8 | 2 | 3 | 9 | 6 | 4 |
| 9 | 2 | 8 | 4 | 1 | 6 | 3 | 5 | 7 |
| 3 | 4 | 6 | 5 | 7 | 9 | 2 | 1 | 8 |

ଗତ କାଲିର ଉତ୍ତର

# ପୋଷା ସାପର ଫଁ



ପ୍ରକାଶ ତ୍ରିପାଠୀ

ଦୁଇ ଆତଙ୍କବାଦୀ ପୃଷ୍ଠଭୂମି ରାଷ୍ଟ୍ର ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି, ଯାହା କି ଏସୀୟ ଦେଶ ପ୍ରତି ଏକ ସତର୍କ ଘଣ୍ଟି। ବିବାଦୀୟ ଆଫଗାନିସ୍ତାନ–ପାକିସ୍ତାନ ସୀମାରେ ଉଭୟ ଦେଶର ସେନାଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ କ୍ରମଶଃ ଗୁରୁତର ହେବା ସହ ଉଭୟ ଦେଶ ମଧ୍ୟରେ କଟୁ ବାକ୍ୟ ବିନିମୟ ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଛି। ନିକଟରେ ପାକିସ୍ତାନରେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ତେହେରିକ ଏ ତାଲିବାନ ପାକିସ୍ତାନ (ଟିଟିପି) ପାକିସ୍ତାନ ସରକାର ଓ ପାକିସ୍ତାନୀ ସେନାକୁ ଧମକ ଦେଇଛି। ପାକିସ୍ତାନ ସରକାର ଓ ସେନା ବିରୋଧରେ ଏକଜୁଟ ହେବାକୁ ଟିଟିପି ଏହାର ସାଙ୍ଗଠନିକ ନେତାଙ୍କୁ ଆହ୍ୱାନ ଦେଇଛି ଓ ପାକିସ୍ତାନକୁ ଆମେ ଆସୁଛୁ ବୋଲି ଏକ ବାର୍ତ୍ତା ଜାରି କରିବା ସହ ଏକ ଭିଡିଓ ପ୍ରସାର କରିଛି। ଟିଟିପି ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଫଗାନିସ୍ତାନରେ ଟିଟିପିର ସମସ୍ତ ଶିବିରକୁ ଧ୍ୱଂସ କରାଯିବ ବୋଲି ପାକିସ୍ତାନୀ ମୁଖପାତ୍ରଙ୍କ ଘୋଷଣାକୁ ତାଚ୍ଛଲ୍ୟ କରି ଟିଟିପିର ସମର୍ଥକ ତଥା ଆଫଗାନିସ୍ତାନର ତାଲିବାନ ଶାସକଙ୍କ ପକ୍ଷରୁ ଏକ ଫଟୋ ସୋସିଆଲ ମିଡିଆରେ ଛଡ଼ା ଯାଇଛି, ଯେଉଁଥିରେ କି ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧରେ ପାକିସ୍ତାନ ସେନା ଅଧିକାରୀଙ୍କ ଆତ୍ମସମର୍ପଣ ଦୃଶ୍ୟ ରହିଛି। ଅଗଷ୍ଟ ୨୦୨୧ରେ ତାଲିବାନ ଆଫଗାନିସ୍ତାନ ଦଖଲ କରିବା ପରେ ପ୍ରଥମରୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଭଲ ଥିଲା। ପାକିସ୍ତାନ ପକ୍ଷରୁ ତାଲିବାନମାନଙ୍କୁ ଶାସନ ପରିଚାଳନା ପାଇଁ ସମସ୍ତ ସହଯୋଗ ମିଳୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ତାଲିବାନ ଆଫଗାନିସ୍ତାନରେ ନିଜର ସ୍ଥିତି ମଜଭୁତ କରିନେବା ପରେ ସୀମାକୁ ନେଇ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବାକୁ ଲାଗିଲା। ପାକିସ୍ତାନର ବଡଭାଇ ପଣିଆକୁ ତାଲିବାନ ଆଉ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ ତାହା ଏବେ ପ୍ରମାଣ ହେବାରେ ଲାଗିଛି।

ଆଫଗାନିସ୍ତାନର କ୍ଷମତାରେ ଥିବା ତାଲିବାନ ଗୋଷ୍ଠୀ ଓ ପାକିସ୍ତାନ ସରକାରଙ୍କ ଉଚ୍ଚ ସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଇତି ମଧ୍ୟରେ କାବୁଲରେ ଦୁଇ ଦେଶ ମଧ୍ୟରେ ଥିବା ସୀମା ସମସ୍ୟାର ସମାଧାନ ନିମନ୍ତେ ଅନେକ ବୈଠକ ବସି ସାରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରୁନି। ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଅନ୍ତର୍ଜାତୀୟ ସୀମା ଭାବରେ ଡୁରାଣ୍ଡ ଲାଇନକୁ ଗ୍ରହଣ କରିବାକୁ କାବୁଲର କ୍ରମାଗତ ଅମଙ୍ଗ ପରିସ୍ଥିତିକୁ ଅଧିକ ଜଟିଳ କରୁଛି ଓ ଏହାକୁ ନେଇ ସୀମାରେ ଉଭୟ ଦେଶର ସେନା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଅଧିକନ୍ତୁ, ନୂତନ ଆଫଗାନିସ୍ତାନ ଶାସକମାନେ ଅନ୍ତର୍ଜାତୀୟ ମାନ୍ୟତା, ମାନବିକ ସହାୟତା, ମୌଳିକ ସ୍ୱାସ୍ଥ୍ୟସେବା, ମହିଳାଙ୍କ ଶିକ୍ଷା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଅନେକ ଆହ୍ୱାନ ସହ ମୁକାବିଲା କରୁଥିଲା ବେଳେ ପାକିସ୍ତାନ ସହ ଦୁର୍ବଳ ଦ୍ୱିପାକ୍ଷିକ ସମ୍ପର୍କ ତାଲିବାନ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି।



ଏବେ ତାଲିବାନ ଗୋଷ୍ଠୀ ପାକିସ୍ତାନ ଜନତାଙ୍କ ମଧ୍ୟରେ ତାଲିବାନ ନୀତିକୁ ଗ୍ରହଣ କରାଇବାକୁ ନେଇ ଉଦ୍ୟମ ଆରମ୍ଭ କରିଦେଇଛି। ସେଥିପାଇଁ ମୌଳବାଦୀ ଗୋଷ୍ଠୀଙ୍କ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଆଫଗାନିସ୍ତାନ ଉପରେ ତାଲିବାନଙ୍କ ସାମରିକ ଶାସନ ପୁନଃ ପ୍ରତିଷ୍ଠା ପରେ ସେମାନେ ଚାହୁଁଛନ୍ତି ଯେ ପାକିସ୍ତାନରେ ଆଫଗାନ ଭଳି ଶାରିୟା ଆଇନ ଲାଗୁ ହେଉ। ଏହାକୁ ପାକିସ୍ତାନର କେତେକ ଆତଙ୍କୀ ଗୋଷ୍ଠୀ ଖୋଲାଖୋଲି ଭାବେ ସମର୍ଥନ ନ କଲେ ମଧ୍ୟ ଭିତରେ ଭିତରେ ସମର୍ଥନ କରୁଛନ୍ତି। ଜିହାଦୀ ବାହିନୀକୁ ସମର୍ଥନ କରିବା ପାଇଁ ପାକିସ୍ତାନର ନିରନ୍ତର ଅଭ୍ୟାସ ବର୍ତ୍ତମାନ ନିଜ ଦେଶରେ ଏହାର କୁପ୍ରଭାବ ଭୋଗିବାକୁ ଯାଉଛି। ଆଫଗାନିସ୍ତାନରେ ଏକଦା ତାଲିବାନକୁ ସବୁ ପ୍ରକାର ସାହାଯ୍ୟ କରିଥିବା ପାକିସ୍ତାନ ଏବେ ନିଜ ଦେଶରେ ଇସଲାମବାଦୀ ଆଞ୍ଚଳିକତା ବୃଦ୍ଧି ପାଇଁ ବାଟ ଖୋଲିଛି। ଗତ ସେପ୍ଟେମ୍ବର ମାସରେ ପାକିସ୍ତାନଠାରୁ ଏକ କ୍ରିକେଟ ମ୍ୟାଚରେ ଆଫଗାନିସ୍ତାନ ହାରିଯିବା ପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢ଼ିଯାଇଥିଲା। ସେଇ ଷ୍ଟାଡିୟମ ଭିତରେ ପାକିସ୍ତାନୀ ଖେଳାଳି ଓ ସମର୍ଥକମାନଙ୍କ ଉପରକୁ ଚେୟାର ଫିଙ୍ଗିବା ସହ ସୋସିଆଲ ମିଡିଆରେ ସେମାନଙ୍କ ବିରୋଧରେ ନାନାଦି ମନ୍ତବ୍ୟ, ଏପରି କି ସେମାନଙ୍କୁ ସନ୍ତ୍ରାସବାଦୀ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। ଅନୁରୂପ ଭାବେ ଆଫଗାନୀମାନଙ୍କୁ ନମକ ହରାମ ଆଖ୍ୟା ଦେଇ ଅନେକ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ପାକିସ୍ତାନବାସୀ। ଆଫଗାନିସ୍ତାନରେ ପାକିସ୍ତାନର ଲୋକପ୍ରିୟତା କମିବା ସାଙ୍ଗକୁ ପାକିସ୍ତାନ ହାତରେ କ୍ରୀଡ଼ନକ ନ ହେବାକୁ ଏବେ ତାଲିବାନ ଚାହୁଁଥିବାରୁ ଉଭୟ ଦେଶ ମଧ୍ୟରେ ଦୂରତା କ୍ରମଶଃ ବଢ଼ିବାରେ ଲାଗିଛି। ଏପରି କି ଉଭୟ ଦେଶର ଜନସାଧାରଣ ପରସ୍ପର ବିରୋଧୀ ହେଲେଣି।

ତାଲିବାନର ଜନ୍ମସ୍ଥାନ ହେଉଛି ପାକିସ୍ତାନ। ଶାନ୍ତି ଓ ସୁରକ୍ଷା ନାମରେ ମୁଲ୍ଲା ମହମ୍ମଦ ଉମର ଯେତେବେଳେ ତାଲିବାନ ଗଢ଼ିଥିଲେ, ସେତେବେଳେ କେହି ସ୍ୱପ୍ନରେ ଭାବି ନ ଥିଲେ ଯେ ସେହି ତାଲିବାନ ଦିନେ ଆଫଗାନିସ୍ତାନର ଶାସନଭାର ସମ୍ଭାଳିବ। ଏବେ ସର୍ବଶକ୍ତିମାନ ଥିବା ତାଲିବାନର ପୂର୍ଣ୍ଣ ସମର୍ଥନରେ ତେହେରିକ ଏ ତାଲିବାନ ପାକିସ୍ତାନ ବା ଟିଟିପି ପାକିସ୍ତାନରେ ଶକ୍ତି ସଂଗ୍ରହ କରୁଛି। ଆଶଙ୍କା ପ୍ରକାଶ ପାଇଲାଣି ଯେ ଭବିଷ୍ୟତରେ ଟିଟିପି ମଧ୍ୟ ପାକିସ୍ତାନରେ କ୍ଷମତା ଦଖଲ କରିପାରେ। ଦିନକୁ ଦିନ ଏହି ଆତଙ୍କବାଦୀ ସଂଗଠନ ପାକିସ୍ତାନରେ ଯେପରି ବଳୀୟାନ ହେଉଛି ଏହି ଆଶଙ୍କା ଅମୂଳକ ଲାଗୁନାହିଁ। ଗତ ମାସରେ ପାକିସ୍ତାନର ଗୋଟିଏ ଆର୍ମୀ କ୍ୟାମ୍ପରେ ପ୍ରବେଶ କରି କିଛି ଅଧିକାରୀଙ୍କୁ ବନ୍ଦୀ କରିବା ଘଟଣା ଟିଟିପି ଶକ୍ତିର ପ୍ରମାଣ ଦିଏ। ୨୦୦୭ରେ ଜନ୍ମ ନେଇଥିବା ତେହେରିକ ଏ ତାଲିବାନ ପାକିସ୍ତାନ ୨୦୦୯ରେ ମେରିଆଟ ହୋଟେଲ ଆକ୍ରମଣ ଓ ଏହାପରେ ପାକିସ୍ତାନ ସେନା ମୁଖ୍ୟାଳୟ ଉପରେ ଅନୁପ୍ରବେଶ ପ୍ରମାଣ ଦିଏ ତାଲିବାନ ପ୍ରତିପାଳିତ ଉକ୍ତ ଆତଙ୍କବାଦୀ ସଂଗଠନର ସାହସ। ଏପରି କି ଏକ ସ୍କୁଲରେ ଆଖିବୁଜା ଗୁଳି ଚାଳନା କରି ଏହି ସଂଗଠନ ଶତାଧିକ ଛାତ୍ରୀଛାତ୍ରଙ୍କ ମୃତ୍ୟୁର କାରଣ ହୋଇଥିଲା। ଯଦି ବିଷଧର ସର୍ପ ପାଳି ଭାବୁଥାନ୍ତି ଯେ ସର୍ପ ଆପଣଙ୍କ ଶତ୍ରୁକୁ ଦଂଶନ କରିବ, ତାହା ଦିବା ସ୍ୱପ୍ନ। ସର୍ପ ଦିନେ ନା ଦିନେ ଆପଣଙ୍କୁ ଚୋଟ ମାରିବ। ଏବେ ପାକିସ୍ତାନ ପୋଷିତ ଟିଟିପି ପାକିସ୍ତାନ ପ୍ରତି ଅନୁରୂପ ଆଶଙ୍କା ସୃଷ୍ଟି କରିବାକୁ ବସିଲାଣି।

ପ୍ରକାଶଯୋଗ୍ୟ ଯେ, ଆଫଗାନିସ୍ତାନରୁ ଆମେରିକାର ପ୍ରତ୍ୟାବର୍ତ୍ତନ ଓ ତା' ସହ ତାଲିବାନ ଗୋଷ୍ଠୀଙ୍କ ଦ୍ୱାରା ଆଫଗାନିସ୍ତାନର କ୍ଷମତା ଭାର ଗ୍ରହଣ ହେଉ ହେଉ ପ୍ରଥମେ ପାକିସ୍ତାନ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିଥିଲା। ଏହା ପରଠାରୁ ତାଲିବାନ ଆଫଗାନିସ୍ତାନରେ ନିଜର ସ୍ଥିତି ମଜଭୁତ କରୁଥିବା ବେଳେ ଟିଟିପି ନିଜର ସ୍ଥିତି ପାକିସ୍ତାନରେ ମଜଭୁତ କରିବାକୁ ଲାଗୁଛି। ନିଜ ପାଖରେ ଅସ୍ତ୍ରଶସ୍ତ୍ର ମହଜୁଦ ରଖୁଛି। ପାକିସ୍ତାନ ସହ ଆଫଗାନିସ୍ତାନର ସୀମା ବିବାଦ ସମାଧାନ ବଦଳରେ ଅଧିକ ବିବାଦୀୟ ହେଉଛି। ତେଣୁ ଏ ସମୟରେ ତାଲିବାନ ପାଇଁ ଟିଟିପି ସହଯୋଗୀ ସାବ୍ୟସ୍ତ ହେଉଛି ଓ କ୍ରମଶଃ ଟିଟିପି ଆଗରେ ପାକିସ୍ତାନ ଦୁର୍ବଳ ହେବାର ସମ୍ଭାବନା ସୃଷ୍ଟି ହେଉଛି। ସମସ୍ତେ ଜାଣନ୍ତି ଯେ ପାକିସ୍ତାନ ସେନା ଦ୍ୱାରା ଅନେକ ଆତଙ୍କୀ ସଂଗଠନ ପାକିସ୍ତାନରେ ସଂଚାଳନ ହେଉଛି ଓ ଏହାର ମୁଖ୍ୟ ଲକ୍ଷ୍ୟ ଭାରତରେ ଅଶାନ୍ତି ସୃଷ୍ଟି କରିବା। ଯଦି ଏହି ସବୁ ଆତଙ୍କୀ ସଂଗଠନ ଟିଟିପି ସହିତ ଏକଜୁଟ ହୋଇଯା'ନ୍ତି, ତେବେ ସେମାନଙ୍କ ସହଯୋଗରେ ପାକିସ୍ତାନର କ୍ଷମତା ଦଖଲ କରିବାକୁ ଟିଟିପିକୁ ଅସୁବିଧା ହୋଇ ନ ପାରେ। ଯଦି ଏହା ସମ୍ଭବ ହୁଏ ତେବେ କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ତାହା ସଙ୍କଟ ପରିସ୍ଥିତି ସୃଷ୍ଟି ହେବ। କାରଣ ବର୍ତ୍ତମାନ ସୁଦ୍ଧା କୌଣସି ଆତଙ୍କୀ ସଂଗଠନ ପାଖରେ ପରମାଣୁ ବୋମା ଓ ଏହିଭଳି ସମୂହ ସଂହାରକାରୀ ମାରଣାସ୍ତ୍ର ନାହିଁ। ଯଦି ପାକିସ୍ତାନକୁ ଟିଟିପି ଦଖଲ କରିନିଏ, ତେବେ ପରମାଣୁ ଅସ୍ତ୍ର ଟିଟିପି ହାତକୁ ଚାଲିଯିବ ଓ ଏହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ବେଶି ସମୟ ଲାଗିବ ନାହିଁ। ଏଥିପ୍ରତି ପଡ଼ୋଶୀ ରାଷ୍ଟ୍ର ଭାବେ ଭାରତକୁ ବିଶେଷ ଦୃଷ୍ଟିଦେବାକୁ ପଡ଼ିବ।

ମୋ: ୯୪୩୭୨୩୨୪୬୩

# ନାସାର ମୁଖ୍ୟ ପ୍ରଯୁକ୍ତିବିତ୍

ବ୍ୟକ୍ତିତ୍ୱ



ଏ ସି ଚରନିଆ

ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା) ପୃଥିବୀର ଅନ୍ୟାନ୍ୟ ମହାଶୂନ୍ୟ ଗବେଷଣା ସଂସ୍ଥାଠାରୁ ବହୁ ଆଗରେ ରହିଛି। ଏହାର ମୁଖ୍ୟ ପ୍ରଯୁକ୍ତିବିତ୍‌ଙ୍କ ଭୂମିକା ସର୍ବଦା ଗୁରୁତ୍ୱ ରଖିଥାଏ। ନିକଟରେ ଭାରତୀୟ–ଆମେରିକୀୟ ଭବ୍ୟ ଲାଲ୍ ଏହି ପଦବୀରୁ ଅବ୍ୟାହତି ନେବା ପରେ ଆଉ ଜଣେ ଭାରତୀୟ–ଆମେରିକୀୟ ଏ ସି ଚରନିଆ ସେଥିରେ ଅବସ୍ଥାପିତ ହୋଇଛନ୍ତି। କ୍ରମାଗତ ଦୁଇ ଜଣ ଭାରତୀୟ–ଆମେରିକୀୟ ନାସା ଭଳି ସଂସ୍ଥାରେ ମୁଖ୍ୟ ପ୍ରଯୁକ୍ତିବିତ୍ ଆସନରେ ଆସୀନ ହେବା ଗୌରବର କଥା। ବିଶ୍ୱବ୍ୟାପୀ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ହୁଅନ୍ତୁ ବା ଭାରତୀୟ ବଂଶୋଦ୍ଭବଙ୍କ ଉତ୍କର୍ଷ ପ୍ରଦର୍ଶନ ନୂଆ ପିଢ଼ିକୁ ଆହୁରି ଭଲ କରିବା ଲାଗି ପ୍ରେରଣା ଯୋଗାଇବ।

ଭାରତୀୟ–ଆମେରିକୀୟ ଏରୋସ୍ପେସ୍ ବିଶେଷଜ୍ଞ ଏ ସି ଚରନିଆ ଜର୍ଜିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ସେ ମଧ୍ୟ ଏମୋରି ୟୁନିଭର୍ସିଟିରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଯୁକ୍ତି ସହ ଅର୍ଥନୀତିରେ ଚରନିଆଙ୍କ ଜ୍ଞାନ ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ନାସାରେ ଯୋଗଦେବା ପୂର୍ବରୁ ସେ 'ରିଲାଏବଲ୍ ରୋବୋଟିକ୍ସ'ରେ ଭାଇସ୍–ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାର୍ଟିଫାଏଡ୍ ଅଟୋନମସ୍ ଭେହିକିଲ୍ସକୁ କମର୍ସିଆଲ୍ ଏଭିଏଶନ୍ କରିବାରେ ରିଲାଏବଲ୍ ରୋବୋଟିକ୍ସ କାର୍ଯ୍ୟ କରିଥାଏ। ଚରନିଆ ମଧ୍ୟ 'ବ୍ଲୁ ଅରିଜିନ୍' ସହ ଜଡ଼ିତ ଥିଲେ। ସେଥିରେ ଲୁନାର ପର୍ମାନେନ୍ସ ଷ୍ଟ୍ରାଟେଜି, ବ୍ଲୁ ମୁନ୍ ଲୁନାର ଲାଣ୍ଡର ପ୍ରୋଗ୍ରାମ୍ ଏବଂ ନାସାରେ ହେଉଥିବା ବହୁବିଧ ପ୍ରଯୁକ୍ତି କାର୍ଯ୍ୟକ୍ରମରେ କାର୍ଯ୍ୟ କଲାବେଳେ ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ରିଚାର୍ଡ ବ୍ରାନ୍‌ସନଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭର୍ଜିନ୍ ଗାଲାକ୍ଟିକ୍' (ଏବେ ତାହା ଭର୍ଜିନ ଅର୍ବିଟ୍)ରେ ଚରନିଆଙ୍କ କାର୍ଯ୍ୟ ଉଲ୍ଲେଖନୀୟ ଥିଲା। ନାସାର ଅଭିନବ ବିକଶିତ କାର୍ଯ୍ୟକ୍ରମ ହାଇ ସ୍ପିଡ୍ ପଏଣ୍ଟ–ଟୁ–ପଏଣ୍ଟ ଟ୍ରାନ୍ସପୋର୍ଟେଶନକୁ ଗତିଶୀଳ କରିବାରେ ତାଙ୍କ ଭୂମିକା ମଧ୍ୟ ସର୍ବାଗ୍ରେ ଥିଲା। ଏବେ ଚରନିଆ ନାସାର ମୁଖ୍ୟ ପ୍ରଯୁକ୍ତିବିତ୍ ହେବା ପରେ ସେ ଅନ୍ୟାନ୍ୟ ସରକାରୀ ସଂସ୍ଥା, ଘରୋଇ କ୍ଷେତ୍ର ଏବଂ ବୈଦେଶିକ ବ୍ୟାପାର ସହିତ ଯୋଗାଯୋଗ ରଖୁଥିବା ବିଭାଗ ସହ ପ୍ରଯୁକ୍ତିଭିତ୍ତିକ ସମ୍ବନ୍ଧ ସ୍ଥାପନ କ୍ଷେତ୍ରରେ କାର୍ଯ୍ୟ କରିବେ। ନାସାର ମୁଖ୍ୟାଳୟରେ ଟେକ୍ନୋଲୋଜି ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କିତ କାର୍ଯ୍ୟର ମୁଖ୍ୟ ଆଡ୍‌ମିନିଷ୍ଟ୍ରେଟର ବିଲ୍ ନେଲ୍‌ସନଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ଚରନିଆ କାର୍ଯ୍ୟ କରିବା ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ବିକଶିତ କରିଛି। ଚରନିଆଙ୍କ ନିଯୁକ୍ତିରେ ଭବ୍ୟ ଲାଲ୍ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ନାସାର ପ୍ରତ୍ୟେକଟି ମିଶନ୍‌ରେ ପ୍ରଯୁକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଅଭିନବତ୍ୱ କ୍ଷେତ୍ରରେ ନାସା ଆହୁରି ଅନେକ ପରୀକ୍ଷଣ କରି ବିଶ୍ୱ ସମ୍ମୁଖରେ ନେତୃତ୍ୱ ନେବାରେ ଲାଗିଛି। ଆଉ ଏହି କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଚରନିଆଙ୍କ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ବେଶ୍ ସହାୟକ ହେବ ବୋଲି ଲାଲ୍ କହିଛନ୍ତି। ଚରନିଆ ନାସାର ଏଭଳି ଗୁରୁଦାୟିତ୍ୱ ବହନ କରିବା ଅବସରରେ କହିଛନ୍ତି, ସେ ସର୍ବଦା ପ୍ରଯୁକ୍ତି କ୍ଷେତ୍ରରେ ଥିବା ଆହ୍ୱାନକୁ ସମ୍ମୁଖୀନ କରିବାକୁ ଚାହିଁଥାଆନ୍ତି। ଯେତେବେଳେ କୌଣସି ମିଶନ୍‌ରେ ଅଧିକ ଅସୁବିଧା ଭୋଗିବାକୁ ପଡ଼ିଥାଏ, ସେତେବେଳେ ସେ ତାହା ଉପରେ ଅହର୍ନିଶ ପରୀକ୍ଷଣ କରିଥାଆନ୍ତି; ଆଉ ତାହା ହିଁ ତାଙ୍କୁ ପରବର୍ତ୍ତୀ ସମୟରେ ସଫଳତା ଦେଇଥାଏ ବୋଲି ସେ କହିଛନ୍ତି। ବାସ୍ତବରେ ଚରନିଆଙ୍କ ପ୍ରଯୁକ୍ତି ଯାତ୍ରା ଯୁବ ପ୍ରଯୁକ୍ତିବିତ୍‌ଙ୍କୁ ଆଗକୁ ଯିବା ଲାଗି ଉତ୍ସାହିତ କରିବା ସ୍ୱାଭାବିକ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ, ୨୫ ବର୍ଷ ହେଲା ଗଛ ଲଗାଇ ନିଜ ଅଞ୍ଚଳକୁ ସବୁଜ କରିବାକୁ ଚେଷ୍ଟା କରି ଆସିଛନ୍ତି କେରଳ ଏର୍ନାକୁଲମ୍ ନିବାସୀ ସି.ସି. କନ୍ନନ। ସେ ଜଣେ ଶ୍ରମିକ। ରାସ୍ତାକଡ଼, ଅଙ୍ଗନୱାଡ଼ି, ସ୍କୁଲ ଓ ଚାଷ ନ ହୋଇ ପଡ଼ିଆ ପଡ଼ିଥିବା ଜାଗାରେ ଗଛ ଲଗାଉଛନ୍ତି ୫୪ ବର୍ଷୀୟ କନ୍ନନ। ଏବେ ସେ ୧୩ଟି ଅଙ୍ଗନୱାଡ଼ି କେନ୍ଦ୍ର ପାର୍ଶ୍ୱରେ ଶହ ଶହ ଗଛ ଉତାରି ସାରିଲେଣି। କନ୍ନନ ଯେତେ ଗଛ ଲଗାଉଛନ୍ତି ତାହାକୁ କିଣୁନାହାନ୍ତି, ବରଂ ତାଙ୍କ ସାଙ୍ଗ ଓ ପଡ଼ୋଶୀମାନଙ୍କଠାରୁ ସଂଗ୍ରହ କରୁଛନ୍ତି। ଆରମ୍ଭରୁ ସେ ରାସ୍ତାକଡ଼ରେ ଯେଉଁ ଗଛ ଲଗାଇଥିଲେ, ରାସ୍ତା ସମ୍ପ୍ରସାରଣ ପରେ ତାହାକୁ କାଟି ଦିଆଯାଇଥିଲା। ହେଲେ ସେ ପୁନର୍ବାର ସେହି ରାସ୍ତାକଡ଼ରେ ଗଛ ଲଗାଇ ବଡ଼ କରିସାରିଲେଣି। ତାଙ୍କର ଏହି କାର୍ଯ୍ୟ ପାଇଁ ନଭେମ୍ବର ୨୦୨୨ରେ ତାଙ୍କୁ ପିଭି ଥାମ୍ପି ମେମୋରିଆଲ ଏଣ୍ଡାମେଣ୍ଟ ଆୱାର୍ଡ଼ ପ୍ରଦାନ କରାଯାଇଛି। ବୃକ୍ଷରୋପଣ କାର୍ଯ୍ୟରେ ସେ ସ୍କୁଲ, କଲେଜ ପିଲାଙ୍କୁ ସାମିଲ କରିଛନ୍ତି। ପିଲାବେଳୁ ଗଛ ଲଗାଇବାକୁ ସେ ଭଲ ପାଉଥିଲେ, ଯାହା ତାଙ୍କୁ ଏହି କାର୍ଯ୍ୟ କରିବାକୁ ବାଟ କଢ଼ାଇନେଇଛି। ଗଛ ଲଗାଇ ଖୁସି ଅନୁଭବ କରୁଛନ୍ତି ବୋଲି କହନ୍ତି କନ୍ନନ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜାନୁୟାରୀ ୧୯୯୮

- ଆଫଗାନିସ୍ତାନର ତାଲିବାନ ବିଦ୍ରୋହୀଙ୍କୁ ନେଇ ଯାଉଥିବା ଏକ ପଣ୍ୟବାହୀ ବିମାନ ପାକିସ୍ତାନ ସୀମା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୯୦ ଯାତ୍ରୀଙ୍କ ମୃତ୍ୟୁ।
- ଆସାମରେ ବୋଡ଼ୋ ଉଗ୍ରପନ୍ଥୀମାନେ କାମରୂପ ଜିଲାର କୋକୋରାକୁଚି ଓ ମେଟାଙ୍ଗାପାରା ଗ୍ରାମରେ ପଶି ଗୋଟିଏ ପରିବାରର ୧୭ ଜଣ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରିଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ମନ୍ଦିରରେ ଦାନ ଆଟିକା ବାଧ୍ୟତାମୂଳକ କି

ମହାଶୟ,

ସାକ୍ଷୀଗୋପାଳ ଏକ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନସ୍ଥଳ ଶୁଣି ପରିବାର ସହ ଦର୍ଶନକୁ ଯାଇଥିଲୁ। ସେଠି ପହଞ୍ଚୁ ପହଞ୍ଚୁ ପଣ୍ଡାମାନେ ଚାରିପାଖେ ବେଢ଼ିଯାଇ ମନ୍ଦିର ସାମ୍ନା ଦ୍ୱାରବାଟେ ନ ଛାଡ଼ି ସରକାରୀ ଟିକେଟ କରିବାକୁ ମନ୍ଦିର ଭିତର ଏକ ସ୍ଥାନକୁ ନେଇଗଲେ ଏବଂ ଟିକେଟ, ଦାନ ଆଟିକା ପୂରଣ ପ୍ରଭୃତି ଲେଖାଥିବା ଏକ ରସିଦ କରି ତିନିଶହ ଟଙ୍କା ନେଇଗଲେ। ଏ ପ୍ରକାର ଜୋରଜବରଦସ୍ତ କରି ଅର୍ଥ ଶୋଷଣ କରିବା ଏବଂ ପରିବାରର ସମସ୍ତଙ୍କଠାରୁ ମୁଣ୍ଡପିଛା ଟଙ୍କା ଆଦାୟ କରିବା ମନ୍ଦିର ପ୍ରଶାସନ ଜାଣନ୍ତରେ ହେଉ ଅଛି କି? ଏପରିକି ଟିକେଟ ଦେଇ ସାରିବା ପରେ ମଧ୍ୟ ବିଭିନ୍ନ ସ୍ଥାନରେ ପଛେ ପଛେ ଧାଇଁ ଅର୍ଥ ଦାବି କରିବା ଏହାର ପରିଚାଳନା କମିଟି ସ୍ଥିର କରିଛି କି? ମନ୍ଦିରରୁ ବହୁ ଅସନ୍ତୋଷରେ ଦର୍ଶନ କରି ଫେରିଲୁ। ଅନ୍ୟମାନେ ମଧ୍ୟ ଏ ପ୍ରକାର ଅସୁବିଧା ଭୋଗ କରୁଛନ୍ତି। ହେଲେ କାହାକୁ କହିବେ ?

**– ଧନେଶ୍ୱର ପରମାଣିକ, ଜଳେଶ୍ୱର**

## ଶ୍ରମିକଙ୍କ ପ୍ରାପ୍ୟ ମିଳୁ

ରାଜ୍ୟରେ ଥିବା ନିର୍ମାଣ ଶ୍ରମିକଙ୍କ କଲ୍ୟାଣାର୍ଥେ ସାଇକେଲ, କିଟ୍, କନ୍ୟା ବିବାହ, ସନ୍ତାନଙ୍କ ପାଠପଢ଼ା ଖର୍ଚ୍ଚ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପେନ୍‌ସନ ଦିଆଯାଉ। ସେହିପରି ଗୃହ ନିର୍ମାଣ ପାଇଁ ଅର୍ଥ ଆକାଉଣ୍ଟକୁ ପଠାଯାଉ। ନିୟମରେ ସରଳ କରି ମୃତ୍ୟୁ ହୋଇଥିବା ପରିବାରକୁ ଏବଂ ଅକର୍ମଣ୍ୟଙ୍କୁ ଆର୍ଥିକ ସହାୟତା ଦିଆଯାଉ। ଏହାସହ ଶ୍ରମିକଙ୍କ ପିଲାଙ୍କୁ ଉଚ୍ଚ ଶିକ୍ଷା, ଇଞ୍ଜିନିୟରିଂ କିମ୍ବା ଡାକ୍ତରୀ ପଢ଼ିବା ଖର୍ଚ୍ଚ ରାଶି ଯୋଗାଇ ଦେବା ଉଚିତ। ନିର୍ମାଣ ଶ୍ରମିକ ବୋର୍ଡର ଅଧକ୍ଷା ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ଶ୍ରମିକ ପରିବାର ଉପକୃତ ହେବେ।

**– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ହୁଡ଼ା କରେ ଗାଁଆର ମଶାଣି
ଧୁକୁ ଧୁକୁ ଜଳେ କା'ର ଜୁଇ
କାନ୍ଧରେ ଧାନହଳା ଥୋଇ
ଝୁଲି ଝୁଲି ଆସେ ରାଧୁ ଭୋଇ
ପାଶେ ଯାଇ ପଚାରିଲି ମୁହିଁ
''ମଶାଣିରେ ଜଳେ କା'ର ଜୁଇ?''
(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରିବେ ମମତା

## ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ ମତ

ନୂଆଦିଲ୍ଲୀ,୧୪।୧

ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଲାଗି ସମର୍ଥ ବୋଲି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭଜାପାକୁ ପରାଜିତ କରିବାକୁ ହେଲେ ଆଞ୍ଚଳିକ ଦଳଗୁଡ଼ିକ ପ୍ରମୁଖ ଭୂମିକା ନେବା ଆବଶ୍ୟକ ବୋଲି ସେନ୍ ମତ ଦେଇଛନ୍ତି। ମମତାଙ୍କର ସାମର୍ଥ୍ୟ ନାହିଁ ବୋଲି କୁହାଯାଇପାରିବ ନାହିଁ। ସେ ପ୍ରଧାନମନ୍ତ୍ରୀ ହେବା ଲାଗି ସମର୍ଥ। ତେବେ ଭାରତରେ ବିଭାଜନତନ୍ତ୍ରର ଅନ୍ତ ଘଟାଇବାକୁ ନେତୃତ୍ୱ ନେବାକୁ ହେଲେ ଭାଜପା ବିରୋଧରେ ଜନଅସନ୍ତୋଷକୁ ଏକାଠି କରିବାକୁ ହେବ। ତାହା ଟିଏମ୍‌ସି ଅଧକ୍ଷା କରିପାରିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସେନ୍ ଭାଜପାକୁ ସମାଲୋଚନା କରିଛନ୍ତି। ଏହି ଦଳ ଭାରତର ସ୍ୱପ୍ନକୁ ଯଥେଷ୍ଟ ହ୍ରାସ କରିଥିବା ସେ ଅଭିଯୋଗ କରିଛନ୍ତି। ସେମାନେ ଭାରତର ଅର୍ଥକୁ କେବଳ ହିନ୍ଦୁ ଭାରତ ଏବଂ ହିନ୍ଦୀ ଭାଷାଭାଷୀ ଭାରତରେ ଏଭଳି ସୀମିତ କରିଦେଲେଣି। ଏଭଳି ସ୍ଥିତିରେ ଦେଶରେ ଭାଜପାର ବିକଳ୍ପ ସୃଷ୍ଟି ନ ହେବା ଦୁଃଖଦାୟକ ବୋଲି ୮୯ ବର୍ଷୀୟ ଅର୍ଥନୀତିଜ୍ଞ କହିଛନ୍ତି। ଆଗାମୀ ଦିନରେ ଆଞ୍ଚଳିକ ଦଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ହେବ ବୋଲି ସେ ମତ ଦେଇଛନ୍ତି।


ମମତା ବାନାର୍ଜୀ

# ୯ରୁ ୯୦ ମିଶନ ସଫଳ ହେବ: ଶରତ

ବଡ଼ଗାଁ, ୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ବ୍ଲକ କଂଗ୍ରେସ ପକ୍ଷରୁ ଭାରତ ଯୋଡ଼ୋ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ବଡ଼ଗାଁ କଣ୍ଟିଆମୁରା ଗାଁ ନିକଟ ରାଜ୍ୟ ରାଜପଥରେ ପହଞ୍ଚିଲା ପରେ ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁ, ସୁଧୀର ବିଶି, ଅଶୋକ ବେହେରା, ପୂର୍ଣ୍ଣଚନ୍ଦ୍ର ସା, ଫିଲୋଶଫର ତିର୍କୀ ପ୍ରମୁଖ ଫୁଲମାଳ ଦେଇ ସ୍ୱାଗତ ଜଣାଇଥିଲେ। କଂଗ୍ରେସ ସେବାଦଳ ଦ୍ୱାରା ଜାତୀୟ ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତ ଗାନ ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ପିସିସି ସଭାପତି ପଟ୍ଟନାୟକଙ୍କ ସହିତ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀ, ସେବାଦଳର ରାଜ୍ୟ ସାଧାରଣ ସମ୍ପାଦକ ମୁନୁ ସରାଫ, ଯୁବ କଂଗ୍ରେସ ଜିଲା ସଭାପତି ଆଲବର୍ଟ କିଣ୍ଡୋ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ୍. ରାଜନ ଏକା, ଗୋବିନ୍ଦ ଭୋଇ, ଅନ୍ଥୋନ କୁଲ୍ଲୁ, ଅମିତା ବିଶାଳ, ସାବିର ହୁସେନ, ନିଜିର ହୁସେନ, ପର୍ଶୁରାମ ସରାଫ ପ୍ରମୁଖ ଦଳୀୟ ନେତାମାନେ ଶୋଭାଯାତ୍ରାରେ ବଡ଼ଗାଁ ଡାକବଙ୍ଗଳାକୁ ଆସିଥିଲେ। ସେଠାରେ ନେତାମାନେ କର୍ମୀମାନଙ୍କୁ ଆଗାମୀ ବିଧାନସଭା ନିର୍ବାଚନ ଉପରେ ଆଲୋଚନା କରିଥିଲେ। ତଲସରା ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକରେ ଦୁର୍ନୀତି ବଢ଼ିଚାଲିଥିବାରୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ କର୍ମୀମାନେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନା ସଭାରେ ପିସିସି ସଭାପତି ପ୍ରତ୍ୟେକ ବ୍ଲକରେ ଆନ୍ଦୋଳନ କରାଯିବ ଓ ହାତ୍ ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ। ଅପରାହ୍ନରେ ପଦଯାତ୍ରା ବଡ଼ଗାଁ ବସ୍‌ଷ୍ଟାଣ୍ଡକୁ ଆସିଥିଲା। ସେଠାରେ ସଭାପତି ପଟ୍ଟନାୟକ, ଜିଲା ସଭାପତି ତ୍ରିପାଠୀ, ବିଧାୟକ ସାଲୁଜା, ଅମିତା ବିଶାଳ ପ୍ରମୁଖ ନବୀନ ସରକାରଙ୍କ ଶାସନ କାଳରେ ଚାଷୀ ମାରଣ ଓ ଅଫିସର ରାଜ ଚାଲିଥିବା କହିଥିଲେ। କଂଗ୍ରେସ ସରକାର ଅମଳରେ ହୋଇଥିବା ବିକାଶର ତାଲିକା ଶୁଣାଇଥିଲେ। ଆମେ ବର୍ତ୍ତମାନ ୯ ଅଛୁ, ଆଗାମୀ ବିଧାନସଭା ନିର୍ବାଚନରେ ୯ରୁ ୯୦ ମିଶନ ସଫଳ ହେବ କହି ଶରତ ଓ ଅନ୍ୟ ନେତାମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।


ବଡ଼ଗାଁରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

# ବାଣପୁର ଘଟଣା ପାଇଁ ଅନୁତପ୍ତ ନୁହେଁ: ଜଗଦ୍ଦେବ

- ମୋ ଦେହରୁ ୨ଲିଟର ରକ୍ତ ଯାଇଛି, ଜବାବ ଦେବି
- ନିଲମ୍ବନ ହଟିବ, ଯେଉଁଠି ଟିକେଟ ମିଳିବ ଲଢ଼ିବି
- ରଘୁନାଥଙ୍କ ବିରୋଧରେ ବର୍ଷିଲେ ପ୍ରଶାନ୍ତ

ଖୋର୍ଦ୍ଧା ଅଫିସ,୧୪।୧

ଚିଲିକା ବିକାଶରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବାଧକ ସାଜିବା ସହ ଦୁର୍ନୀତିରେ ବୁଡିଛନ୍ତି ବୋଲି କିଛିଦିନ ପୂର୍ବେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଅଭିଯୋଗ ଆଣିଥିଲେ। ଏପରି କି ଦଳୀୟ ନେତାଙ୍କ ବିରୋଧରେ ମଧ୍ୟ ଗଣମାଧ୍ୟମରେ କହିଥିଲେ। ଶନିବାର ଜଗଦ୍ଦେବ ଅଟ୍ରି ହଟକେଶ୍ୱରଙ୍କ ଦର୍ଶନ କରିବାକୁ ଆସିଥିବା ଅବସରରେ ପୂର୍ବତନ ବିଧାୟକ ସାହୁଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଏବେ ବି ସାହୁ ବିଧାୟକ ହେବା ଲାଗି ସ୍ୱପ୍ନ ଦେଖୁଛନ୍ତି। ତାଙ୍କ ଲୋଭ ଆସକ୍ତି ଯାଇନି। ସେ ମୋ ବିରୋଧରେ ଷଡ଼ଯନ୍ତ୍ର କରିଚାଲିଛନ୍ତି। ବାଣପୁର ଏନ୍‌ଏସିରେ ଭଡ଼ା ବଣ୍ଟନକୁ କେନ୍ଦ୍ରକରି ସେ ଭାଜପା ସଭାପତିଙ୍କୁ ପ୍ରବର୍ତ୍ତାଇ ମୋ ବିରୋଧରେ ଷଡ଼ଯନ୍ତ୍ର ରଚିଥିଲେ। ଫଳରେ ମୁଁ ବଦନାମ ହେଲି। ପଞ୍ଚାୟତ ନିର୍ବାଚନ ସମୟରେ ସେ ଭାଜପା ସହ ହାତମିଳାଇ ୨ଜଣ ଭାଜପା ଜିଲା ପରିଷଦଙ୍କୁ ଜିତାଇବାରେ ସହଯୋଗ କରିଥିଲେ ବୋଲି କହିଛନ୍ତି ବିଧାୟକ ଜଗଦ୍ଦେବ।

ଜଗଦ୍ଦେବ ଆହୁରି କହିଛନ୍ତି, ବାଣପୁର ବ୍ଲକ ଚେୟାରମ୍ୟାନ ନିର୍ବାଚନ ବେଳେ ଯାହା କିଛି ଘଟିଥିଲା, ସେଥିରେ ତାଙ୍କର କୌଣସି ଭୁଲ୍ ନ ଥିଲା। ଏଥିଲାଗି ସେ ଅନୁତପ୍ତ ନୁହନ୍ତି। ଆକ୍ରମଣ ବେଳେ ଗାଡି ଗଡିଯିବାରୁ ଏଭଳି ଘଟଣା ଘଟିଥିଲା। ମୁଁ ପାଇକ ପୁଅ। ମୋ ଦେହରୁ ୨ଲିଟର ରକ୍ତ ଯାଇଛି। ମୋ ଗାଡିକୁ ଭାଙ୍ଗି ଚୂରମାର କରିଦିଆଯାଇଛି। ସମୟ ଆସିଲେ ଏହାର ଜବାବ ଦେବି। ଏହି ଘଟଣାର ପ୍ରଚ୍ଛଦରେ ପୂର୍ବତନ ବିଧାୟକ ସାହୁଙ୍କ ହାତ ରହିଛି। ଭାଜପା କର୍ମୀଙ୍କ ସହ ମିଶି ସେ ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି। ଏପରି କି ସେ ଜଣେ କାଠ ଓ ମଦ ମାଫିଆ ବୋଲି ସିଧାସଳଖ ଭାବେ ପୂର୍ବତନ ବିଧାୟକ ସାହୁଙ୍କ ରାଜନୈତିକ କ୍ୟାରିୟର, ଚରିତ୍ର ଉପରକୁ ଅଙ୍ଗୁଳି ଉଠାଇଥିଲେ। ଦଳ ଉପରେ ମୋର ବିଶ୍ୱାସ ରହିଛି। ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ। ମୋ ଉପରୁ ନିଲମ୍ବନ ଆଦେଶ ଖୁବ୍‌ଶୀଘ୍ର ହଟିବ ବୋଲି ଆଶାବାଦୀ ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଚିଲିକା ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତ ରହିଲେ ବି ବିକାଶ କାର୍ଯ୍ୟ ଜାରି ରହିଛି। ୨୦୨୪ ବେଳକୁ ଚିଲିକା ନିର୍ବାଚନମଣ୍ଡଳୀର ବ୍ୟାପକ ପରିବର୍ତ୍ତନ ଆସିଥିବ। ମୁଖ୍ୟମନ୍ତ୍ରୀ ଯେଉଁଠି ଟିକେଟ ଦେବେ ସେଠାରେ ଲଢ଼ିବି। ଏବେ ସୁପ୍ରିମକୋର୍ଟଙ୍କ ଆଦେଶର ୬ମାସ ବିତିସାରିଲାଣି। ଆଉ ୬ମାସ ପରେ ନିଜ ନିର୍ବାଚନମଣ୍ଡଳୀରେ ସମୟ ଦେବି। ଭାଜପାରେ ଯୋଗଦାନ ନେଇ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା ସମ୍ପୂର୍ଣ୍ଣ ମିଥ୍ୟା। ମୋର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଁ ଦଳରୁ ନିଲମ୍ବିତ ହେଲେ ମଧ୍ୟ କର୍ମୀ ଭାବେ କାମ କରୁଛି। ଦଳରେ ଅଛି, ଆଗକୁ ମଧ୍ୟ ରହିବି। ନିକଟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗସ୍ତ ବେଳେ ଚିଲିକା ବିଧାୟକଙ୍କ ସମ୍ପର୍କରେ କୌଣସି ମୁହଁ ଖୋଲି ନ ଥିଲେ ବୋଲି ଚର୍ଚ୍ଚା ହେଉଛି। ସେଥିରେ ମୋର କୌଣସି ହାତ ନାହିଁ। ନିକଟରେ ଦଳର ପ୍ରତିଷ୍ଠା ଦିବସରେ ଚିଲିକାଠାରେ ଆୟୋଜିତ ସମାବେଶରେ ଜିଲା ସଭାପତି ଚିଲିକା ନିର୍ବାଚନମଣ୍ଡଳୀରେ ଦୁର୍ଯ୍ୟୋଧନ କଥା ଉଠାଇଥିଲେ। ଖୋର୍ଦ୍ଧାରେ ମହାମେଣ୍ଟର ଜଗଦ୍ଦେବ କୁଆଡ଼େ ନେତୃତ୍ୱ ନେଉଥିବା ପ୍ରଶ୍ନରେ ସେ କହିଥିଲେ, କୌଣସି ମେଣ୍ଟ ସହ ସଂଶ୍ଳିଷ୍ଟ ନାହିଁ। ମୁଁ ଆଗରୁ ରେକର୍ଡ ସଂଖ୍ୟକ ଭୋଟରେ ବିଜୟ ଲାଭ କରିଛି। ଆଗକୁ ମଧ୍ୟ କରିବି। ଖୋର୍ଦ୍ଧା ମୋ ମାଟି। ଏଠାରୁ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଛି। ଖୋର୍ଦ୍ଧାରୁ ଟିକେଟ ମିଳିଲେ ଲଢ଼ିବେ ବୋଲି କହିଛନ୍ତି ଜଗଦ୍ଦେବ। ୨୦୨୨ ମାର୍ଚ୍ଚ ୧୨ତାରିଖରେ ବାଣପୁର ବ୍ଲକ ଆଗରେ ପୋଲିସ ଓ ଲୋକଙ୍କ ଉପରକୁ ଗାଡି ମଡାଇଦେବା ଘଟଣାରେ ଗିରଫ ହୋଇଥିଲେ ଜଗଦ୍ଦେବ। ଅନ୍ୟପକ୍ଷରେ ବିଧାୟକ ଜଗଦ୍ଦେବ ଆଣିଥିବା ସମସ୍ତ ଅଭିଯୋଗକୁ ପୂର୍ବତନ ବିଧାୟକ ସାହୁ ଖଣ୍ଡନ କରିଛନ୍ତି।


ବିଧାୟକ ପ୍ରଶାନ୍ତ ଜଗଦ୍ଦେବ

# ପକ୍କାଘର ଆବଣ୍ଟନକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

- ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିଲେ ବ୍ଲକ୍ ଅଫିସରେ ତାଲାପଡ଼ିବ: ଭାଜପା
- ଚାଉଳ ଭଳି ପକ୍କାଘରକୁ ନେଇ କେନ୍ଦ୍ର ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ରାଜ୍ୟରେ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ପ୍ରାୟ ତିନି ବର୍ଷ କାଳ ରାଜ୍ୟ ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବିକରି ଆସୁଥିଲେ। ଶେଷରେ କେନ୍ଦ୍ର ସରକାର ରାଜ୍ୟର ଦାବିକୁ ମାନି ନେଇଛନ୍ତି। ରାଜ୍ୟର ପ୍ରାୟ ସାଢ଼େ ୯ ଲକ୍ଷରୁ ଅଧିକ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇବେ। ଏହି ଯୋଜନାରେ ପ୍ରାୟ ୮ ଲକ୍ଷ ହିତାଧିକାରୀ ଏବଂ ଫନି ପାଇଁ ସ୍ୱତନ୍ତ୍ର ଭାବେ ୧ ଲକ୍ଷ ୧୭ ହଜାର ହିତାଧିକାରୀଙ୍କୁ ଘର ଦେବାକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ସୂଚନା ମିଳିଛି। ତେବେ କେଉଁ ଆଧାରରେ ହିତାଧିକାରୀ ଚୟନ ହେବେ ସେ ନେଇ ବିଜେଡି- ଭାଜପା ମୁହାଁମୁହିଁ ହୋଇଛନ୍ତି।

ଆସନ୍ତା ୧୬ରୁ ୨୪ ତାରିଖ ଭିତରେ ପ୍ରତି ଗ୍ରାମପଞ୍ଚାୟତ, ସ୍କୁଲ୍, ଅଙ୍ଗନୱାଡି ସେଣ୍ଟର ଓ ପ୍ରମୁଖ ସ୍ଥାନଗୁଡ଼ିକରେ ଚିଠା ତାଲିକା ଲଗାଯିବ। କାହାର କିଛି ଆପତ୍ତି ଥିଲେ ସେମାନେ ଏ ସମ୍ପର୍କରେ ଅଭିଯୋଗ ବାକ୍ସରେ ପକାଇ ପାରିବେ। ପ୍ରତି ପଞ୍ଚାୟତ ପାଇଁ ୩ ଜଣିଆ କମିଟି ଏସବୁ କାର୍ଯ୍ୟକୁ ତଦାରଖ କରିବ। ତେବେ ଆପତ୍ତି ଅଭିଯୋଗ ଉପରେ ସ୍ୱତନ୍ତ୍ର ଭାବେ ଗ୍ରାମସଭା ବସି ହିତାଧିକାରୀଙ୍କ ତାଲିକା ଚୂଡ଼ାନ୍ତ ହେବା ପରେ କାର୍ଯ୍ୟାଦେଶ ଦିଆଯିବ। ଅନ୍ୟପଟେ ଭାଜପା ଚେତାବନୀ ଦେଇଛି ଯେ ଯଦି ଏଥର ଜଣେ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳେ ତେବେ ବ୍ଲକ୍ ଅଫିସକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦିଆଯିବ।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନଭେମ୍ବର ୨୦ ତାରିଖରୁ ପକ୍କାଘର ଦେବା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ମରାଯିବା କଥା । ରାଜ୍ୟ ସରକାର ଏହି ପ୍ରକ୍ରିୟାକୁ ବିଳମ୍ବ କରିଛନ୍ତି। ସୋମବାରଠାରୁ ଏହି ତାଲିକା ମାରିବାକୁ ଏବେ ପଦକ୍ଷେପ ନେଇଛନ୍ତି। ଏହି ତାଲିକାରେ ଯଦି କୌଣସି ଅଯୋଗ୍ୟ ହିତାଧିକାରୀ ପକ୍କାଘର ପାଉଛନ୍ତି ଓ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଛନ୍ତି ତେବେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ। ସବୁ ବ୍ଲକ୍ ଅଫିସକୁ ତାଲା ପକାଇ ଦିଆଯିବ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ପକ୍କାଘର କାର୍ଯ୍ୟାଦେଶ ବଣ୍ଟନରେ ସରକାର ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ଗାଇଡ୍‌ଲାଇନ୍ କରିଛନ୍ତି। ମାତ୍ର ଦୁର୍ଭାଗ୍ୟର କଥା କେନ୍ଦ୍ର ସରକାର ପକ୍କାଘର କାର୍ଯ୍ୟାଦେଶ ଦେବା ନିମନ୍ତେ ବିଭାଗୀୟ ୱେବ୍‌ସାଇଟ ଖୋଲୁନାହାନ୍ତି। କିନ୍ତୁ ଆମେ ଦେଇଦେଲୁ କହୁଛନ୍ତି। ଯେମିତି ଚାଉଳକୁ ନେଇ ରାଜନୀତି କରାଯାଉଛି, ଠିକ୍ ସେମିତି ପକ୍କାଘର ପ୍ରଦାନକୁ ନେଇ କେନ୍ଦ୍ର ସରକାର ଅଯଥା ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି।

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, Pin- 756089
No. FMU-DEV-CONV-414/2023/ 488 Date: 14.01.23

**NOTIFICATION**

It is notified for information of all concerned that as per the order of the Hon'ble Chancellor, the 11th Convocation of Fakir Mohan University, Balasore is scheduled to be held on **21st January 2023** in New Campus of the University at Nuapadhi Campus.

For details please visit the University website **www.fmuniversity.nic.in**.

By order of the Vice-Chancellor
**Sd./- Registrar**




ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ପରିଷଦ
ସାମଗ୍ରୀ ଓ ସେବା ଟିକସ ମହାନିର୍ଦ୍ଦେଶାଳୟ,
୫ମ ମହଲା, ଏମ୍‌ଟିଏନ୍‌ଏଲ୍ ବିଲ୍ଡିଂ,
ଭିକାଜୀ କାମା ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୬୬

**ଖାଉଟି କଲ୍ୟାଣ ପାଣ୍ଠି - ପ୍ରସ୍ତାବ ଆହ୍ୱାନ**

ସିଜିଏସ୍‌ଟି ନିୟମାବଳୀ, ୨୦୧୭ର ନିୟମ ୯୭(୭ଏ) ଅନୁଯାୟୀ ଖାଉଟି କଲ୍ୟାଣ ପାଣ୍ଠିର ସ୍ଥାପନ କରାଯାଇଛି । କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ପରିଷଦ (ସିବିଆଇସି) ଏତଦ୍ୱାରା ସିଡବ୍ଲ୍ୟୁଏଫ୍ ଯୋଜନା ଅଧୀନରେ ଯୋଗ୍ୟ ସଂଗଠନଗୁଡ଼ିକଠାରୁ ପ୍ରସ୍ତାବ ଆହ୍ୱାନ କରୁଛି ।

**ଉଦ୍ଦେଶ୍ୟ:**
ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଉପରେ ଖାଉଟି ସଚେତନତା ସୃଷ୍ଟି କରିବା । ଏହା ମଧ୍ୟରେ ଖାଉଟିଙ୍କ କଲ୍ୟାଣର ପ୍ରଚାର ପ୍ରସାର କରିବା ତଥା ସୁରକ୍ଷା ଦେବା ନିମନ୍ତେ ଆର୍ଥିକ ସହାୟତା ଯୋଗାଇବା ଓ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ଅନ୍ତର୍ଭୁକ୍ତ ।

**ଯୋଗ୍ୟତା:**
ଖାଉଟି କଲ୍ୟାଣ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ଏବଂ ସିବିଆଇସି ୱେବ୍‌ସାଇଟ୍: https://www.cbic.gov.in/resources/htdocs-cbec/home_links/consumerwelfarefund/3%20Eligibility.pdf ରେ ଉପଲବ୍ଧ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସଂଗଠନ/ ଏଜେନ୍ସି/ ଯେକୌଣସି ସରକାରୀ ବିଭାଗ/ ମନ୍ତ୍ରଣାଳୟ/ ଭାରତ ସରକାରଙ୍କ ପ୍ରାଧିକରଣ/ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ/ ବେସରକାରୀ ସଂଗଠନ/ ଏନ୍‌ଜିଓ ।

**ଗୁରୁତ୍ୱପୂର୍ଣ୍ଣ ତାରିଖ:**
ଆବେଦନ ୯ ଜାନୁୟାରୀ, ୨୦୨୩ରୁ ୯ ଫେବୃୟାରୀ, ୨୦୨୩ ରାତ୍ରି ୧୧.୫୯ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଆବେଦନଗୁଡ଼ିକୁ କେବଳ ଇମେଲ୍ ମାଧ୍ୟମରେ ଦାଖଲ କରାଯାଇପାରିବ । ଆବେଦନଗୁଡ଼ିକୁ dggst-cbic@gov.inରେ ପଠାଯିବ ।

**ମାର୍ଗଦର୍ଶନ ଏବଂ ଆବେଦନ ଫର୍ମ:**
ଖାଉଟି କଲ୍ୟାଣ ପାଣ୍ଠି ଉପରେ ମାର୍ଗଦର୍ଶନ ସିବିଆଇସି ୱେବ୍‌ସାଇଟ୍: https://www.cbic.gov.in/htdocs-cbec/home_links/Consumer%20Welfare%20Fund%20-%20Calling%20proposals%20under%20the%20scheme ରେ ଉପଲବ୍ଧ
ଆବେଦନ ଫର୍ମ ୱେବ୍‌ସାଇଟ୍: https://www.cbic.gov.in/resources//htdocs-cbec/home_links/consumerwelfarefund/7%20A%20application%20form%20-%20English.pdf ରେ ଉପଲବ୍ଧ

*କୌଣସି ସ୍ପଷ୍ଟୀକରଣ ପାଇଁ, todggst-cbic@gov.inରେ ଇମେଲ୍ କରନ୍ତୁ କିମ୍ବା ୦୧୧-୬୭୦୨୮୦୦ରେ ଯୋଗାଯୋଗ କରନ୍ତୁ ।
*ଦାବିତ୍ୟାଗ: ପ୍ରସ୍ତାବ ପାଇଁ ଆହ୍ୱାନ କେବଳ ଏକ ଆମନ୍ତ୍ରଣ ମାତ୍ର । ଏହା କୌଣସି ସ୍ଥାୟୀ ଅନୁଦାନ କିମ୍ବା ପାଣ୍ଠି ମଞ୍ଜୁରୀ ଲାଗି ଅଧିକାର / ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ ।

ସ୍ୱା./-
ମହାନିର୍ଦ୍ଦେଶକ

CBC 15502/11/0020/2223

**PANCHAYAT SAMITI, KHAIRPUT, DIST.: MALKANGIRI**
**TENDER CALL NOTICE NO.-03/2022-23, Dt. 13.01.2023**

The Block Development Officer, Khairput invites sealed percentage rate tenders vide letter No. 110 dated 13.01.2022 on behalf of Governor of Odisha from registered & eligible registered contractors of Odisha State PWD / CPWD having experience in construction of road, bridges and building works in conformity with detailed tender call notice for execution of 02 Nos. of work under BKBK & NHM scheme on drawal of agreement in PS contract forms of Govt. of Odisha. Tender papers will be sold from 16.01.2023 to 24.01.2023 in office hour (working days only from 10.30 A.M. to 5.30 P.M.) from Block Office, Khairput and received on 25.01.2023 in office hour (working days only from 10.30 A.M. to 5.30 P.M.) in the office of the BDO, Khairput through Registered Post / Speed Post only. The tender shall be opened on 27.01.2023 at 3.00 P.M. in the Office of the BDO, Khairput. Term & condition and other details will be available in the office notice board and district website i.e. https://malkangiri.nic.in. Purchasing & depositing of tender paper is the sole responsibility of the tender applicant within the due time.

Sd./- 13.01.2023
Block Development Officer, Khairput

See Career Appointment on every Wednesday & Saturday

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେଶୀ), ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି ।

| କ୍ର. ନଂ. | ଶାଖା /ଋଣଗ୍ରହୀତା / ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ୧. | ରାଣୀହାଟ ଶାଖା, ଫୋନ୍: ୦୬୭୧-୨୪୧୯୫୨୮/ ଋଣଗ୍ରହୀତା: ମେସର୍ସ ମାନ୍ୟତା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମିନତୀ ସିଂହ, ସା: ମାଲଗୋଦାମ, କଲେଜ ସ୍କୋୟାର, କଟକ-୭୫୩୦୦୩ / ଗ୍ୟାରେଣ୍ଟିଦାତା: ମେସର୍ସ ରୁଚି କନ୍‌ଷ୍ଟ୍ରକସନ୍ସ ଆଣ୍ଡ୍ ପ୍ରମୋଟର୍ସ, ସା: ଅରୁଣୋଦୟ ନଗର, ବିମଳା ନିବାସ, କଟକ-୭୫୩୦୧୨ / ମୋଟ ବକେୟା ରାଶି: ତା.୧୧.୦୩.୨୦୧୮ରିଖ ସୁଦ୍ଧା ଟ.୧,୩୮,୬୧,୦୨୮.୭୩ + ତା.୧୨.୦୩.୨୦୧୮ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ମେସର୍ସ ରୁଚି କନ୍‌ଷ୍ଟ୍ରକସନ୍ସ ଆଣ୍ଡ୍ ପ୍ରମୋଟର୍ସ, ଅଂଶୀଦାର : ଶ୍ରୀ ସୁଶାନ୍ତ କୁମାର ଦାଶଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୪୩୬, ପ୍ଲଟ୍ ନଂ.: ୫୧୦, କ୍ଷେତ୍ର: ଏକର୦.୨୭୦ଡିସିମିଲି (୧୧,୭୬୧.୨୦ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଅଡାଳିଆ, ତହସିଲ: କଟକ, ତହସିଲ ନଂ.: ୨୭୫, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ-୭୫୪୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭାଗବତ ଗୋସ୍ୱାମୀଙ୍କ ଜମି, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ମୁନା ଶ, ପଶ୍ଚିମ: କଡନାଳି | ଟ. ୯୫,୨୬,୦୦୦/- / ଟ. ୯,୫୨,୬୦୦/- / ଟ.୫୦,୦୦୦/- | ୩୦.୦୧.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |
| ୨. | ପୋଖରୀପୁଟ ଶାଖା, ଫୋନ୍: ୦୬୭୪-୨୩୫୦୨୬୫/ ଋଣଗ୍ରହୀତା: ଶ୍ରୀମତୀ ବବିତା ଜେନା, ସ୍ୱାମୀ: ଶ୍ରୀ ଅଶୋକ କୁମାର ଜେନା, ସହ-ଋଣଗ୍ରହୀତା: ଶ୍ରୀ ଅଶୋକ କୁମାର ଜେନା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୪୯୦/୧୨-୧୩, ଲେନ୍-୧, ଗଣ୍ଡମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୩୦ / ମୋଟ ବକେୟା ରାଶି: ତା.୧୮.୧୧.୨୦୨୧ରିଖ ସୁଦ୍ଧା ଟ.୨୦,୩୦,୪୧୯.୮୦ + ତା.୧୯.୧୧.୨୦୨୧ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ଶ୍ରୀମତୀ ବବିତା ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୩୩/୨୨୬୭, ପ୍ଲଟ୍ ନଂ.: ୧୧୨୨/୫୫୦୫, କ୍ଷେତ୍ର: ଏକର ୦.୧୭୫ ଡିସିମିଲି(୭୬୨୩ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର ୟୁନିଟ୍-୨୦ ଜାଗମରା, ଥାନା: ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨୩, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୧୨୨, ପଶ୍ଚିମ: ରାସ୍ତା ଏବଂ ଏସ୍‌ସି ମହାନ୍ତି (ପ୍ଲଟ୍ ନଂ.: ୧୧୨୧ ଏବଂ ୧୦୭୫) | ଟ.୩,୧୬,୪୧,୦୦୦/- / ଟ. ୩୧,୬୪,୧୦୦/- / ଟ.୫୦,୦୦୦/- | ୩୦.୦୧.୨୦୨୩ ପୂର୍ବାହ୍ନ ୧୧.୩୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |

ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ୨୭.୦୧.୨୦୨୩ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୨୭.୦୧.୨୦୨୩ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତି ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ ୧୫ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପର ଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ (1) https://www.ibapi.in (2) https://www.mstcecommerce.com (3) www.bankofindia.co.inରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୫.୦୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

MM-410
ଓଡ଼ିଶା ସରକାର
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୨-୨୩**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ / ଶିକ୍ଷାନୁଷ୍ଠାନ / ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା ୫ ଜୁନ୍, ୨୦୨୩ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ.୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) "ପ୍ରକୃତି ମିତ୍ର" ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ.୧୦,୦୦୦/- (ଦଶ ହଜାର ଟଙ୍କା) "ପ୍ରକୃତି ବନ୍ଧୁ" ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES)ର Website www.cesorissa.orgରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତା୦୧/୦୨/୨୦୨୩ରିଖରୁ ତା୨୮/୦୨/୨୦୨୩ରିଖ ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ ତା୨୮/୦୨/୨୦୨୩ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

OIPR-08003/11/0002/2223

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲର ୫୦ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ସକାଳ ୮ଟା।
- କସ୍ତୁରୀର ସଡ଼କ ସୁରକ୍ଷା ଅଭିଯାନ, ସୂଚନା ଭବନ, ସକାଳ ୮ଟା ୩୦।
- ଲେଖାଲେଖି ପକ୍ଷରୁ ପୁସ୍ତକ ଲୋକାର୍ପଣ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ୟୁନିଟ୍-୬, ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଫ୍ଲାୱାର ଶୋ, ଏକାମ୍ର ପାର୍କ, ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ସାଧାରଣ ଅଧିବେଶନ ଓ ନିର୍ବାଚନ, ବୀରସୁରେନ୍ଦ୍ରସାଏ ନଗର ଦୁର୍ଗାପୂଜା ମଣ୍ଡପ, ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା।
- ଡାକ୍ତର ସରସ୍ୱତୀ ସ୍ୱାଇଁଙ୍କ ସ୍ମୃତି ଦିବସ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ଶାଳନ୍ଦୀ ବୁକ୍ସ ପକ୍ଷରୁ ପୁସ୍ତକ ଲୋକାର୍ପଣ ଓ ଆଲୋଚନା, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।
- ଏସ୍ଏକ୍ସଇସିଟି ଆଣ୍ଡ କେଇସିଟି ଗ୍ରୁପ୍ର ପ୍ରତିଷ୍ଠା ଦିବସ, ଇଷ୍ଟକୋଷ୍ଟ ରେଲ୍‌ୱେ ଅଡିଟୋରିୟମ୍, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ନୃତ୍ୟ ସମାରୋହ, ମୁକ୍ତେଶ୍ୱର ମନ୍ଦିର ପରିସର, ସନ୍ଧ୍ୟା ୬ଟା।
- ଡଟ୍ ଫେଷ୍ଟ: ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ, ସନ୍ଧ୍ୟା ୭ଟା।, ଭୁଫେଷ୍ଟୋ, ଆଇଜି ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଏପିଜେ ଅବଦୁଲ କଲାମ ପାର୍କ, କଳା ଭୂମି, ଅପରାହ୍ନ ୨ଟା ୩୦। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ, ପୂର୍ବାହ୍ନ ୧୦ଟା।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

**କଟକ**

- ପତଞ୍ଜଳି ଯୋଗ ପୀଠ ପରିବାର ପକ୍ଷରୁ ୧୦୮ କୁଣ୍ଡୀୟ ଯଜ୍ଞ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସେକ୍ଟର-୬, ସିଡିଏ, ସକାଳ ୮ଟା ୧୫।
- ଦି ରିସର୍ଚ୍ଚର୍ସ ଆସୋସିଏଶନ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ହୋଟେଲ ଆକବରୀ, ଦୋଳମୁଣ୍ଡାଇ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳଭାରତୀ କୁନ୍ତଳା କୁମାରୀଙ୍କ ସ୍ମୃତି ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ସାରଳା ଭବନ, ଅପରାହ୍ନ ୫ଟା ୩୦।

**ପୁରୀ**

- ଯୋଗମାୟା ୟୁଥ୍ କ୍ଲବ ପକ୍ଷରୁ ଭଲିବଲ୍ ପ୍ରତିଯୋଗିତା, ମାଟିତୋଟା, ସକାଳ ୯ଟା।
- ଟାଏକୋଣ୍ଡୋ ଚାମ୍ପିୟନ ଟ୍ରଫି ପ୍ରଦାନ ଉତ୍ସବ, ରାଣୀସତୀ ଭବନ ନିକଟ, ପୂର୍ବାହ୍ନ ୧୧ଟା।




ଭୁବନେଶ୍ୱର ଏକାମ୍ର କାନନରେ ଶନିବାର ଆରମ୍ଭ ହୋଇଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ।

# ଦେଶୀ, ବିଦେଶୀ ଫୁଲରେ ଝଲସୁଛି ଏକାମ୍ର କାନନ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ଦେଶୀ, ବିଦେଶୀ ରଙ୍ଗ ବେରଙ୍ଗ ଫୁଲରେ ଝଲସୁଛି ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ପରିସରରେ ଥିବା ଏକାମ୍ର କାନନ। ଲାଲ୍ ଗୋଲାପରୁ ଆରମ୍ଭ କରି କମଳା, ନୀଳ ଓ ହଳଦିଆ ଗୋଲାପର ଆସର ଜମିଛି। ଏହାକୁ ଆହୁରି ରଙ୍ଗିନ କରିଦେଇଛି ଫ୍ଲୋରିବୁଣ୍ଡା ଓ ପଲିଆନ୍ଥା ଭଳି ବିଦେଶୀ କିସମର ଗୋଲାପ। ସେହିଭଳି ଗ୍ଲାଡିଓଲି, କ୍ରୋଟନ, କ୍ୟାକ୍‌ଟସ, କାନୁନ୍‌ଷ୍ଟୋଲା, କାରିଆଫିସ୍, ଡାଇନାଥସ୍, ଆଷ୍ଟର, ଲିଲିୟମ୍, ସାଲ୍‌ଭିଆ, ଜିନିଆ ଏବଂ ଆନ୍ଥୁରିୟମ୍ ଭଳି ବିଭିନ୍ନ ପ୍ରଜାତିର ଫୁଲରେ ସଜ୍ଜିତ ହୋଇଛି ପୂରା ଅଞ୍ଚଳ। ଏପରି ଭଳିକି ଭଳି ଫୁଲର ପସରା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଲୋକଙ୍କ ମଧ୍ୟରେ ଫୁଲ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ରାଜଧାନୀକୁ ଆହୁରି ସୌନ୍ଦର୍ଯ୍ୟମୟ କରିବା ଉଦ୍ଦେଶ୍ୟରେ ଶନିବାରଠାରୁ ଏକାମ୍ର କାନନରେ ଆରମ୍ଭ ହୋଇଛି 'ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ'। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ପ୍ରଦର୍ଶନୀକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଥିଲେ। ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଓ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ପୁଷ୍ପାଖୁଲେ ମେକ୍ରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ ପତ୍ରିକା 'ସବୁଜିମା-୨୦୨୩'କୁ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବଗିଚା ପ୍ରତିଯୋଗିତାର ୭୦ଜଣ ବ୍ୟକ୍ତି ଓ ଅନୁଷ୍ଠାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ୩୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପ୍ରଦର୍ଶନୀର ନୂତନ ଆକର୍ଷଣ ରହିଛି ବୋନ୍‌ସାଇ, ଅର୍କିଡ୍ ଓ ସକୁଲେଣ୍ଟ ଶ୍ରେଣୀର ସ୍ୱତନ୍ତ୍ର ପ୍ରଦର୍ଶନୀ। ଅନ୍ୟତମ ଆକର୍ଷଣ ହେଉଛି ପ୍ଲାଣ୍ଟ ବଜାର। ୩୦ଟି ଷ୍ଟଲ ମାଧ୍ୟମରେ ନର୍ସରି ଓ ବଗିଚା ଉପକରଣ ଇତ୍ୟାଦି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ଚାରା, ମଞ୍ଜି, କଲମୀ ସହ ବିଭିନ୍ନ ଉପକରଣ ବିକ୍ରିବଟା କରୁଛନ୍ତି। ପ୍ରଥମ ଦିନ ୨୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିବାବେଳେ ରବିବାର ଉଦ୍‌ଯାପନୀ ଦିବସରେ ଆହୁରି ଅଧିକ ସମାଗମ ହେବ ବୋଲି ଆସୋସିଏଶନ ପକ୍ଷରୁ ଆଶା କରାଯାଇଛି।



ଅତିଥିମାନେ ପତ୍ରିକା 'ସବୁଜିମା-୨୦୨୩'କୁ ଉନ୍ମୋଚନ କରୁଛନ୍ତି।

### 'ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ' ଉଦ୍‌ଘାଟିତ

# ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ

ଖୋର୍ଦ୍ଧା ଅଫିସ, ୧୪।୧

ମକର ସଂକ୍ରାନ୍ତି ଅବସରରେ ଖୋର୍ଦ୍ଧା ବାଘମାରୀ ଅତ୍ରିସ୍ଥିତ ଶ୍ରୀହଟ୍ଟକେଶ୍ୱରଙ୍କ ପୀଠରେ ଆରମ୍ଭ ହୋଇଛି ମକରମେଳା। ଏଥିସହ ଉଷ୍ମ ପ୍ରସ୍ରବଣଠାରେ ମକର ମହୋତ୍ସବ ୫ଦିନ ବ୍ୟାପୀ ଚାଲିବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଉଷ୍ମ ପ୍ରସ୍ରବଣରେ ବୁଡ଼ ପକାଇବା ପରେ ହଟ୍ଟକେଶ୍ୱରଙ୍କ ଦର୍ଶନ କରିଥିଲେ। ମାନସିକ ପୂରଣ ପରେ ବହୁ ମାନସିକଧାରୀ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରିଛନ୍ତି। ୨ହଜାରରୁ ଉର୍ଦ୍ଧ୍ୱ ଅପୁତ୍ରକନାରୀ ଉଷ୍ମ ପ୍ରସ୍ରବଣ ଦହଲ (ମାନସିକ କୁଣ୍ଡ)ରୁ ମାନସିକ ଗୁଆ ଖୋଜିଥିଲେ। ଗୁଆ ଖୋଜି ପାଇବା ପରେ ହଟ୍ଟକେଶ୍ୱରଙ୍କୁ ସ୍ମରଣ କରି ଗୁଆ ଭକ୍ଷଣ କରିଥିଲେ।

ଶନିବାର ଭୋର ୩ଟାରେ ଦ୍ୱାରଫିଟା ନୀତି ପରେ ଅତ୍ରି ଦଳବେହେରାଙ୍କ ଘରୁ ଆସିଥିବା ପହିଲି ଭୋଗ, ମାଜଣା ସାମଗ୍ରୀରେ ଠାକୁରଙ୍କ ନୀତିକାନ୍ତି ପରେ ଚନ୍ଦନଲାଗି କରାଯାଇ ବେଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବଦିନରୁ ଠାକୁରଙ୍କ ନିକଟରେ ସଙ୍କଳ୍ପ କରିଥିବା ଅପୁତ୍ରକ ନାରୀମାନେ ଠାକୁରଙ୍କ ଲେଉଟା ସ୍ନାନ ଜଳ ପାଇ ଏକମୁହାଁ ହୋଇ ଉଷ୍ମ ପ୍ରସ୍ରବଣରେ ପହଞ୍ଚି ଦହଲରୁ ଗୁଆ ଖୋଜିଥିଲେ। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଉଷ୍ମ ପ୍ରସ୍ରବଣ କୁଣ୍ଡରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୂବ, ତୁଳସୀ, ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏହି ପାଦୁକା ସେବନ କଲେ ପେଟରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ମଧ୍ୟାହ୍ନ ଆଳତି ପରେ ସଙ୍ଖୁଡି ଭୋଗ ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଠାକୁର ବିମାନକୁ ବିଜେ କରି ଉଷ୍ମ ପ୍ରସ୍ରବଣ ଅଭିମୁଖେ ବାହାରିଥିଲେ। ଉଷ୍ମ ପ୍ରସ୍ରବଣରେ ପହଞ୍ଚି କୁଆ କୁଣ୍ଡର ୩ଥର ପରିକ୍ରମା କରି ବିଜେ ମଣ୍ଡପରେ ବିଜେ କରିଥିଲେ। ଭକ୍ତଙ୍କୁ ଦର୍ଶନ ଦେବା ସହ ପଙ୍କ୍ତି ଭୋଗ ଖାଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସନ୍ଧ୍ୟାରେ ଗଜପତିଙ୍କ ଦ୍ୱାରା ଖଞ୍ଜା କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ପହଞ୍ଚିଥିଲା। ସନ୍ଧ୍ୟା ଆଳତି ପରେ ମକର ଚାଉଳ ଲାଗି କରାଯାଇଥିଲା। ରାତି ୮ଟାରେ ବେଶ ଲାଗି, ଧୂପ ନୀତି ସମ୍ପନ୍ନ ହେବା ପରେ ୯ଟାରେ ବଡ଼ସିଂହାର ବେଶ ହୋଇ ସିହାର ଖଜା ଅର୍ପଣ ପରେ ୧୦ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ସେବାୟତମାନେ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।



### ଅତ୍ରିରେ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

# ଶ୍ରୀଲିଙ୍ଗରାଜଙ୍କୁ ଲାଗି ହେଲା ମକର ଚାଉଳ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ମକର ବେଢ଼ା ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରୁ ଆଳତି, ଅବକାଶ, ରୋଷହୋମ ପରେ ଛାମୁ ପରିଷ୍କାର କରାଯାଇଥିଲା। ୮ଟାରେ ମହାସ୍ନାନ ଓ ବେଶ ଅନ୍ୟାନ୍ୟ ନୀତି ହୋଇଥିଲା। ଭୋଗ ମଣ୍ଡପ ସରିବା ପରେ ମକର ଯାତ୍ରା ନୀତି ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା ପରେ ମକର ଚାଉଳରେ ବ୍ୟବହୃତ ସାମଗ୍ରୀକୁ ବେହରଣ ମଣ୍ଡପରେ ରଖାଯାଇଥିଲା। ଦାମୋଦର ମୁଖା ଓ ବେଶ ପାଇଁ ନୂତନ ବସ୍ତ୍ର, ତ୍ରିପଣ୍ଡ ଫୁଲମାଳ ମଧ୍ୟ ବେହରଣ ମଣ୍ଡପରେ ରଖାଯାଇଥିଲା। ଏହା ପରେ ପତ୍ରୀ ସେବକ ଠା' କରିଥିଲେ। ପୂଜାପଣ୍ଡା ସେବକ ସେଠାରେ ଅଧିବାସ ପୂଜା କରିଥିଲେ। ମକର ଚାଉଳ ସାମଗ୍ରୀ ସହ ଦାମୋଦର ମୁଖାକୁ ବେଢ଼ା ପରିକ୍ରମା କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ପାଳିଆ ବଡୁ ସେବକ ବେଶ କରିଥିଲେ। ଘୃତ କମ୍ବଳକୁ ପ୍ରଥମେ ପୂଜାପଣ୍ଡା ସେବକ ଓ ପରେ ବଡୁ ସେବକ ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଯାତ୍ରା ପୂଜାରେ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ଅନ୍ୟାନ୍ୟ ନୀତି ହୋଇ ମନ୍ଦିର ପହୁଡ଼ ପଡ଼ିଥିଲା।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବର୍ଷାରାଣୀ



@ ରାଜେଶ



@ ଶିବାନୀ



@ ରଶ୍ମି



@ ସିଦ୍ଧାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ ମକର ଚୌରାଶୀ ବେଶ

ପୁରୀ ଅଫିସ, ୧୪।୧

ଶ୍ରୀମନ୍ଦିରରେ ଶନିବାର ପାଳିତ ହୋଇଛି ମକର ସଂକ୍ରାନ୍ତି ପର୍ବ। ଏହି ଅବସରରେ ମହାପ୍ରଭୁ ମକର ଚୌରାଶୀ ବେଶରେ ସୁସଜ୍ଜିତ ହୋଇଥିଲେ। ଏହି ବେଶରେ ଗେଣ୍ଡୁ ଫୁଲର ମାଳ, ତୁଳସୀ, ଗେଣ୍ଡୁଫୁଲର ଚୂଳ ଲାଗି ହେଉଥିବାରୁ ବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ମକର ସଂକ୍ରାନ୍ତି ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀବିଗ୍ରହମାନଙ୍କୁ ପଟା ପହରଣ ବା ପତଳାସୂତାର ଜାଲି କନା ଲାଗି କରାଯାଇଥିଲା। ପରେ ତ୍ରିମୁଣ୍ଡିରେ ମକରଚୂଳ, କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କର ବେଶ ସମ୍ପନ୍ନ କରାଯାଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି ବଢ଼ିବା ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକର ବେଶ ସମ୍ପନ୍ନ ହୋଇଥିଲା। ପରେ ଘଣ୍ଟ, ଛତା, କାହାଳୀ ପଟୁଆର ସହିତ ତଲ୍ଲୁଛୁ ଓ ପ୍ରଧାନୀଙ୍କ ହାତପୈଠ ହୋଇ ରୋଷଘରଠାରୁ ଶ୍ରୀଛାମୁକୁ ଭୋଗ ଆଣିଥିଲେ। ଟେରା ବନ୍ଧା ହେଲା ପରେ ଦିଗପାଳ ବଳି ଅନୁଷ୍ଠିତ ହୋଇଥିଲା। ଭୋଗ ବଢ଼ିବା ପରେ ଭୋଗ ବଢାଯାଇଥିବା ସ୍ଥାନ ପରିଷ୍କାର କରାଯାଇ ଧୋ-ପଖାଳ ହୋଇ ପୁଣି ଟେରା ବନ୍ଧା ଯାଇଥିଲା।

ଇତି ମଧ୍ୟରେ ମକର ଚାଉଳ ପ୍ରସ୍ତୁତି ନିମନ୍ତେ ରୋଷଘରକୁ ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସରମାନ ଅଣାଯାଇଥିଲା। ହାଣ୍ଡି କୁଡ଼ୁଆ ଇତ୍ୟାଦିରେ ଏହି ଦ୍ରବ୍ୟଗୁଡ଼ିକରେ ମକରଚାଉଳ ପ୍ରସ୍ତୁତ କରି ସୁଦ୍ଧ ସୁଆର ରଖିଥିଲେ। ଏହାପରେ ପୂର୍ବଦିନରୁ ଭୋଗମଣ୍ଡପ ଘରେ ଶୁଦ୍ଧପୂତ ଭାବେ ଅଧିବାସ ହୋଇ ରଖାଯାଇଥିବା ମକରଚାଉଳକୁ ପତ୍ରିବଡୁ ସେବକମାନେ ମୁହଁରେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଲ୍ଲୁଛୁଙ୍କ ସହ ମୁଖ୍ୟ ମନ୍ଦିରକୁ ତିନିଥର ପରିକ୍ରମା କରି ଶ୍ରୀଛାମୁରେ ପନ୍ତି ବଢାଯାଇଥିଲା। ଦୁଧ, ଗୁଡ଼ିଆ ସାକର ସବୁକୁ ଥରେ ବଡ଼ଦେଉଳ ପରିକ୍ରମା କରି ଜୟବିଜୟ ଦ୍ୱାରରେ ମହାସୁଆରଙ୍କୁ ପ୍ରଦାନ କରାଯାଇଥିଲା। ପରେ ହଡ଼ପ ନାୟକ ସେବକ ଘଣ୍ଟ, ଛତା, କାହାଳୀ ପଟୁଆରରେ ମୁଖ୍ୟ ମନ୍ଦିର ଭିତର ବେଢ଼ାକୁ ଏକଥର ବୁଲି ଭୋଗ ବାଢ଼ିବା ନିମନ୍ତେ ମହାସୁଆରକୁ ଦେଇଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିଥିଲେ। ଭୋଗ ସରିବା ପରେ ଶ୍ରୀବିଗ୍ରହମାନଙ୍କୁ ବନ୍ଦାପନା କରାଯାଇଥିଲା।



ପୁରୀ ଉତ୍ତରପାର୍ଶ୍ୱ ମଠ ପରିସରରେ ମହାପ୍ରଭୁଙ୍କ ଲାଗି ମକର ଚାଉଳ ପ୍ରସ୍ତୁତ କରାଯାଉଛି।

- ଲାଗିହେଲା ମକର ଚାଉଳ ଭୋଗ
- ମହାଲକ୍ଷ୍ମୀଙ୍କ ହାତରନ୍ଧା ଖାଇଲେ ମହାପ୍ରଭୁ

# ଅସ୍ଥାୟୀ ରାସ୍ତାରେ ଯାଇ ଧବଳେଶ୍ୱରଙ୍କୁ ଦର୍ଶନ

ଖୁଣ୍ଟୁଣୀ, ୧୪।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ଅବସରରେ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଶନିବାର ଚଳଚଞ୍ଚଳ ହୋଇଥିଲା। ପ୍ରତ୍ୟୁଷରୁ ଠାକୁରଙ୍କ ମଙ୍ଗଳ ଆଳତି ସହ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ମହାନଦୀରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବାଲି ରାସ୍ତାରେ ଭକ୍ତମାନେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଠାକୁରଙ୍କ ପାଖରେ ମକର ଭୋଗ ଲାଗିଥିଲା। ଅପରାହ୍ନ ସାଢେ ୨ଟାରେ ଦ୍ୱିତୀୟ ପାହାଡ଼ ମକର ଭୋଗ ପରେ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ଚଳନ୍ତି ପ୍ରତିମାକୁ ୩ ଥର ବେଢ଼ା ପରିକ୍ରମା କରାଯାଇଥିଲା। ସକାଳେ ଆଠଗଡ଼ ଦେବୋତ୍ତର ମୁଖ୍ୟ ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ପୀଠରେ ଉପସ୍ଥିତ ରହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବରିଷ୍ଠ ନାଗରିକ, ପିଲାଙ୍କ ପାଇଁ ଅଟୋ ଓ ବାଇକ ବ୍ୟବସ୍ଥା କରାଯିବ ବୋଲି ଏହି ରାସ୍ତା ଉଦ୍‌ଘାଟନବେଳେ ଉପ ଜିଲାପାଳ ହେମନ୍ତ ସ୍ୱାଇଁ କହିଥିଲେ। ହେଲେ ରାସ୍ତା ଆରମ୍ଭରୁ ପୋଲିସ ବାଇକ କିମ୍ବା ଅଟୋ ଛାଡି ନ ଥିବାରୁ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତଥାପି ଅସ୍ଥାୟୀ ରାସ୍ତାରେ ଯାଇ ବହୁ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି।



**ଆଜି ପୁରୁଣା ଭୁବନେଶ୍ୱରରେ 'ପଥଉତ୍ସବ'**

ଭୁବନେଶ୍ୱର, (ବ୍ୟୁରୋ) - ପ୍ରତି ରବିବାର ରାଜଧାନୀରେ ଅନୁଷ୍ଠିତ ହେଉଛି 'ପଥ ଉତ୍ସବ'। ୧୫ ତାରିଖ ରବିବାର ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ ସକାଳ ୬ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ଏହା ଆୟୋଜିତ ହେବ। ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହେଉଛି ପଥଉତ୍ସବ। ପୂର୍ବରୁ ଏହା ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ପର୍ଯ୍ୟନ୍ତ ଜନପଥ ଅଞ୍ଚଳରେ ଅନୁଷ୍ଠିତ ହେଉଥିଲା। ଚଳିତଥର ପଥଉତ୍ସବକୁ ସହରର ୩ଟି ଯାକ ଜୋନ୍‌ରେ ଆୟୋଜନ କରାଯାଉଛି। ଡିସେମ୍ବର ୨୫ରେ ଜନପଥରେ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୮ରେ ଶିଖରଚଣ୍ଡୀ-ଇନ୍‌ଫୋସିଟି ରାସ୍ତାରେ ଦ୍ୱିତୀୟ ପଥ ଉତ୍ସବ ଆୟୋଜିତ ହୋଇଥିଲା।







ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କରେ ଶନିବାର ଆରମ୍ଭ ହୋଇଥିବା 'ଭୂ-ଫେଷ୍ଟୋ'ରେ ବକୁଳ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି। ପାର୍କରେ ସ୍ଥାନ ପାଇଥିବା କଳାକୃତି।

# ରାଜଧାନୀକୁ ଉତ୍ସବମୟ କଲା 'ଭୂ-ଫେଷ୍ଟୋ'

■୪ ସ୍ଥାନରେ କାହାଣୀ ଶୁଣାଇଲେ ଦେଶବିଦେଶର ୧୬ ଷ୍ଟୋରି ଟେଲର

■ନିଲେଶ ମିଶ୍ରଙ୍କ କାହାଣୀ ଶ୍ରୋତାଙ୍କୁ ଭାବୁକ କଲା

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ଉତ୍ସବମୟ ହୋଇଉଠିଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ବକୁଳ ଫାଉଣ୍ଡେସନ ଆନୁକୂଲ୍ୟରେ ଶନିବାରଠାରୁ ନିଆରା ଉତ୍ସବ 'ଭୂ-ଫେଷ୍ଟୋ' ଆରମ୍ଭ ହୋଇଛି। ସହରର ୪ ସ୍ଥାନରେ ୧୬ଜଣ ଷ୍ଟୋରି ଟେଲର୍ କାହାଣୀ ଶୁଣାଇଛନ୍ତି। ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଦେଶବିଦେଶର ଷ୍ଟୋରୀ ଟେଲର୍ ନିଜ ନିଜ ଶୈଳୀରେ କାହାଣୀ ପରିବେଷଣ କରି ମନୋରଞ୍ଜନ କରିଛନ୍ତି। ମୋବାଇଲ୍ ବା ଟେଲିଭିଜନ ପରଦାରେ ଦେଖୁଥିବା ଲୋକେ ନିଜ ପ୍ରିୟ ଷ୍ଟୋରି ଟେଲରଙ୍କୁ ନିକଟରେ ପାଇଥିବାରୁ ଆନନ୍ଦର ଲହରି ଖେଳିଯାଇଛି। ୟୁନିଟ୍-୨ସ୍ଥିତ ଇନ୍ଦିରା ଗାନ୍ଧୀ(ଆଇଜି) ପାର୍କରେ ଅନ୍ୟ ୩ସ୍ଥାନ ଅପେକ୍ଷା ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ବିଶିଷ୍ଟ ଷ୍ଟୋରି ଟେଲର ନିଲେଶ ମିଶ୍ରଙ୍କ ଗମ୍ଭୀର କଣ୍ଠରେ କାହାଣୀ ପରିବେଷଣ ଦର୍ଶକଙ୍କୁ ଭାବୁକ କରିଥିଲା। 'ଦିୱାଲି କି ରାତ୍' ରୁ ଆରମ୍ଭ କରି ଏକାଧିକ କାହାଣୀ ଶୁଣାଇଥିଲେ ସେ। ନିଲେଶଙ୍କ ମୁହଁରୁ କାହାଣୀ ଶୁଣିବା ପାଇଁ ଦୁରଦୂରାନ୍ତରୁ ତାଙ୍କ ପ୍ରଶଂସକ ଆସି ଏକାଠି ହୋଇଥିଲେ। ଅପରାହ୍ନ ୨ଟା ୩୦ରେ ଆଇଜି ପାର୍କରେ ଷ୍ଟୋରି ଟେଲର୍ ନୂପୁର ଅଗ୍ରୱାଲଙ୍କ କାହାଣୀ ଆରମ୍ଭ ହୋଇଥିଲା। ନୂପୁରଙ୍କ ମ୍ୟାଜିକ କାହାଣୀ ବେଶ୍ ରୋମାଞ୍ଚକର ଥିଲା। ପରେ ୟୁଏସ୍‌ଏର ବିଶିଷ୍ଟ ଷ୍ଟୋରି ଟେଲର୍ ଆଣ୍ଟୋନିଓ ରୋଚା ସ୍ୱତନ୍ତ୍ର ଅଙ୍ଗଭଙ୍ଗୀ ତଥା ପଶୁପକ୍ଷୀଙ୍କ ସ୍ୱର ଶୁଣାଇ କାହାଣୀ ପରିବେଷଣ କରିଥିଲେ। ଆଣ୍ଟୋନିଓ ଇଂଲିଶରେ କାହାଣୀ ଶୁଣାଇଥିଲେ ମଧ୍ୟ ତାଙ୍କ କାହାଣୀ କହିବାର ଶୈଳୀ କୁନିକୁନି ପିଲାଙ୍କୁ ବେଶ୍ ମନୋରଞ୍ଜନ କରିପାରିଥିଲା। ଓଡ଼ିଆରେ କାହାଣୀ ଶୁଣାଇବା ପାଇଁ ଷ୍ଟୋରି ଟେଲର୍ ତଥା ଅଭିନେତା କୁନା ତ୍ରିପାଠୀ ଯୋଗ ଦେଇଥିଲେ। କଲୁରୀ ବେଣ୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ମଜାଳିଆ କାହାଣୀକୁ ଛାତ୍ରଛାତ୍ରୀ ବେଶ୍ ଉପଭୋଗ କରିଥିଲେ। ମଝିରେ ମଝିରେ ଓଡ଼ିଆ ଗୀତର ଛନ୍ଦ ସବୁ ବର୍ଗର ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା। ବକୁଳ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସହରବାସୀ ନିଜ ପସନ୍ଦର ଷ୍ଟୋରୀ ଟେଲରଙ୍କଠାରୁ କାହାଣୀ ଶୁଣିବା ପାଇଁ ଆମନ୍ତ୍ରଣ କରିଥିଲେ। ଏଥିସହ ନିୟମିତ କାହାଣୀ ଶୁଣିବା ଦ୍ୱାରା ମଣିଷ ଜୀବନରେ କେଉଁସବୁ ପରିବର୍ତ୍ତନ ଆସେ ସେ ସମ୍ପର୍କରେ ମତ ରଖିଥିଲେ।

ସେହିପରି ସମ୍ ହସ୍ପିଟାଲ ନିକଟ ଏପିଜେ ଅବଦୁଲ କଲାମ ପାର୍କରେ ଅନୁଭା ଦଶପାଲଙ୍କ କାହାଣୀରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାଉଥ୍ ଆଫ୍ରିକାର ବୋଙ୍ଗିସ୍ୱା ଇଂଲିଶରେ ଓ ଲୋପାମୁଦ୍ରା ମହାନ୍ତି ଓଡ଼ିଆରେ କାହାଣୀ ଶୁଣାଇଥିଲେ। ଦି ପପେଟାରିଆନ୍ସଙ୍କ କାହାଣୀ ମାଳାକୁ ସ୍ଥାନୀୟ ଅଞ୍ଚଳ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦେଇଥିବା ପିଲାମାନେ ବେଶ୍ ଉପଭୋଗ କରିଥିଲେ। ଅନ୍ୟପଟେ କଳାଭୂମିରେ ସିଙ୍ଗାପୁରର ଷ୍ଟୋରି ଟେଲର୍ ରୋଗର୍ ଜେନକିନ୍ସ, ଦି ପପେଟାରିଆନ୍ସ, ଅକ୍ଷୟ ଗାନ୍ଧୀ ଓ ପ୍ରାଚୀ ତାରାଙ୍କ କାହାଣୀ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ସେହିପରି ବୁଦ୍ଧ ଜୟନ୍ତୀ ପାର୍କରେ ଆୟୋଜିତ ସମାନ କାର୍ଯ୍ୟକ୍ରମରେ ଇଣ୍ଡୋନେସିଆର ଷ୍ଟୋରି ଟେଲର୍ ଆରିୟୋ, ସ୍କଟ୍‌ଲ୍ୟାଣ୍ଡର ମ୍ୟାରିଅନ୍ କେନି, କପିଲ ପାଣ୍ଡେ ଓ ହୃଦୟ ରଞ୍ଜନଙ୍କ କାହାଣୀ ଶୁଣିବା ସହ ଫୁଡ୍ କୋର୍ଟରେ ଖାଦ୍ୟର ମଜା ନେଇଥିଲେ ଦର୍ଶକ।

ଆଇଜି ପାର୍କରେ ଲାଗିଥିବା ମିଶନଶକ୍ତି ମିଲେଟ୍ ଷ୍ଟଲରେ ଚଟାପଟା ତଥା ପୁଷ୍ଟିକର ଖାଦ୍ୟର ମଜାନେଇଥିଲେ ଆଗନ୍ତୁକ। ସେଲଫି କର୍ନରରେ ସେଲଫି ନେବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରିଥିଲେ।

**ପିଲାଙ୍କ ମନକୁ ଛୁଇଁଲା ଆଣ୍ଟୋନିଓଙ୍କ ଅଙ୍ଗଭଙ୍ଗୀ**



**କାହାଣୀ ଶୁଣାଇଲେ ନୂପୁର ଅଗ୍ରୱାଲ**



# ଆଜିଠାରୁ ମନୋରଞ୍ଜନ ମହାକୁମ୍ଭ 'ଡଟ୍‌ଫେଷ୍ଟ'

**ଷ୍ଟାର୍‌ଙ୍କ ଜଲୱାରେ ଝୁମିବ ସହର**

**ଇଣ୍ଟରନ୍ୟାଶନାଲ ଫୁଡ୍ ଫେଷ୍ଟିଭାଲ୍, ନାଇଟ୍ ବଜାର' ଓ ସହରର ଇତିହାସକୁ ନେଇ ଫଟୋ ପ୍ରଦର୍ଶନୀ ଆରମ୍ଭ ହେବ**

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ବିଶ୍ୱକପ୍ ହକି ପାଇଁ ରବିବାରଠାରୁ ମନୋରଞ୍ଜନର ମହାକୁମ୍ଭ 'ଡଟ୍ ଫେଷ୍ଟ' ଆରମ୍ଭ ହେବାକୁ ଯାଉଛି। ପ୍ରଦର୍ଶନୀ ପଡିଆରେ ହେବାକୁ ଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ 'ଭୁବନେଶ୍ୱର ଲାଇଭ୍' ଫେଷ୍ଟର ମୁଖ୍ୟ ଆକର୍ଷଣ ସାଜିବ। ବିଶେଷକରି ପ୍ରଥମଥର ପାଇଁ ଏଥିରେ ବିଦେଶୀ କଳାକାର ଯୋଗଦେଉଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିବ। କୋରିଆନ୍ ଡ୍ୟାନ୍ସ ଗ୍ରୁପ୍ ବ୍ଲାକ୍‌ସ୍ୱାନ୍‌ଙ୍କ ନୃତ୍ୟ ସାଙ୍ଗକୁ ଦିଶା ପଟାନୀଙ୍କ ଜଲୱା ଦେଖିବାକୁ ମିଳିବ। ଏହା ସାଙ୍ଗକୁ ଗୁରୁ ରନ୍ଧାୱାଙ୍କ କଣ୍ଠର ଯାଦୁରେ ଝୁମିବେ ସହରବାସୀ। ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନାଚ, ଗୀତର ମାହୋଲରେ ହଜିବେ ସହରବାସୀ, ପର୍ଯ୍ୟଟକ ଓ ଅତିଥି। ୨୪ ତାରିଖ ପର୍ଯ୍ୟନ୍ତ 'ଭୁବନେଶ୍ୱର ଲାଇଭ୍' ଅନୁଷ୍ଠିତ ହେବାକୁ ଥିବାବେଳେ ୨୯ ତାରିଖ ପର୍ଯ୍ୟନ୍ତ ପଡ଼ିଆରେ ଲୋକଙ୍କ ସମାଗମ ରହିବ। ଏଥିସହ ସୁଆଦିଆ ଖାଦ୍ୟର ମଜାନେବେ ଲୋକେ। ଡଟ୍‌ଫେଷ୍ଟର ଅଂଶ ଭାବେ 'ଇଣ୍ଟରନ୍ୟାଶନାଲ ଫୁଡ୍ ଫେଷ୍ଟିଭାଲ୍', 'ନାଇଟ୍ ବଜାର', ଏବଂ ସହରର ଇତିହାସକୁ ନେଇ ଫଟୋ ପ୍ରଦର୍ଶନୀ 'ସେବେ ଓ ଏବେ'ର ଉଦ୍‌ଘାଟନ କରାଯିବ। ଫୁଡ୍ ଫେଷ୍ଟିଭାଲରେ ୧୬ଟି ଦେଶର ବଛା ବଛା ଲୋକପ୍ରିୟ ଖାଦ୍ୟ ୩୪ଟି ଷ୍ଟଲ୍‌ରେ ଉପଲବ୍ଧ ହେବ।




# ତାରକାଙ୍କ ପାଖକୁ ପବ୍ଲିକ୍ ମନା



**୧୫ ପ୍ଲାଟୁନ୍ ଫୋର୍ସ ମୁତୟନ**

■ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିସିପି ପ୍ରତୀକ ସିଂ

■ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବ

■ଚୋରି, ପକେଟମାର୍ ଉପରେ ନଜର ରଖିବ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଗୋଟିଏ ପଟେ ହକି ବିଶ୍ୱକପ୍ ଚାଲିଥିବାବେଳେ ଏପଟେ ୧୫ ତାରିଖ ରବିବାରଠାରୁ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହେଉଛି ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ'। ଆସନ୍ତା ୨୪ ଚାରିଖ ଯାଏ ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ପ୍ରଦର୍ଶନୀ ପଡିଆ ଓ ସଂଲଗ୍ନ ରାସ୍ତାରେ ପ୍ରବଳ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ଶନିବାର କମିଶନରେଟ ପୋଲିସ ପକ୍ଷରୁ ଏକ ପ୍ରାକ୍ ପ୍ରସ୍ତୁତି ସମୀକ୍ଷା ବୈଠକ ଡିସିପି ପ୍ରତୀକ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପଡିଆ ସମ୍ମୁଖ ମୁଖ୍ୟ ରାସ୍ତାରେ ଉଭୟ ପାର୍ଶ୍ୱରୁ ଯାନବାହନ ଚଳଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଅତିଥି ତଥା ସାଧାରଣ ଜନତାଙ୍କୁ ପୋଲିସ ପକ୍ଷରୁ କିପରି ଉତ୍ତମ ମାନର ସେବା ଓ ସୁରକ୍ଷା ଯୋଗାଇ ଦିଆଯିବ ସେନେଇ ବୈଠକରେ ଆଲୋଚନା ହୋଇଥିବାବେଳେ ତାରକାଙ୍କ ପାଖକୁ ପବ୍ଲିକ୍ ଯିବାକୁ ବାରଣ କରାଯାଇଛି। ସେହିପରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଲାଗି ନିର୍ଦ୍ଦେଶ ଦିଆଯାଇଥିବାବେଳେ ଚୋରି, ପକେଟମାର୍, ଛିନ୍‌ତାଇ ଆଦି ଉପରେ ସ୍ୱତନ୍ତ୍ର ଟିମ୍ ନଜର ରଖିବେ। ସୁରକ୍ଷା ଦାୟିତ୍ୱରେ ମୋଟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୨ ଜଣ ଅତିରିକ୍ତ ଡିସିପି ପାହ୍ୟାର ଅଧିକାରୀଙ୍କ ସମେତ ୬ ଜଣ ଏସିପି , ୧୯ଜଣ ଇନ୍ସପେକ୍ଟର, ୫୨ଜଣ ଏସଆଇ/ଏଏସ୍‌ଆଇ ସମେତ ୧୦ପ୍ଲାଟୁନ ଫୋର୍ସ ଏବଂ ୫ପ୍ଲାଟୁନ ଟ୍ରାଫିକ କର୍ମଚାରୀ 'ଡଟ୍ ଫେଷ୍ଟ' ଲାଗି ନିୟୋଜିତ ହୋଇଛନ୍ତି।

**କେଉଁଠି ପାର୍କିଂ କରିବେ**

ଟ୍ରାଫିକ୍ ଜାମ୍ ସ୍ଥିତି ଏଡ଼ାଇବା ସହ ଡଟ୍‌ଫେଷ୍ଟ୍‌କୁ ଯାତାୟାତ ସୁଗମ ପାଇଁ ପାର୍କିଂ କଟକଣା ଲାଗୁ କରାଯାଇଛି। ଦୁଇଚକିଆ ବା ଚାରି ଚକିଆ ଯାନ ରଖିବା ପାଇଁ ୪ଟି ପାର୍କିଂ ସ୍ଥାନ ରଖାଯାଇଛି। କ୍ୟାପିଟାଲ ହାଇସ୍କୁଲ ପଡିଆ, ହିନ୍ଦୀ ହାଇସ୍କୁଲ ପଡିଆ ଓ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆରେ ଚାରିଚକିଆ ଯାନ ପାର୍କିଂ କରିବା ଲାଗି ବନ୍ଦୋବସ୍ତ କରାଯାଇଥିବାବେଳେ କ୍ୟାପିଟାଲ ହାଇସ୍କୁଲ ମଧ୍ୟରେ ଥିବା ଫୁଟବଲ ଆରେନାରେ ଦୁଇଚକିଆ ଯାନର ପାର୍କିଂ ବ୍ୟବସ୍ଥା କରାଯାଇଛି।

# ଡଟ୍‌ଫେଷ୍ଟ ସୁପରିଚାଳନାରେ ସହଯୋଗ କରିବେ ୧୫୦ ପୋଲିସ ମିତ୍ର

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ଡଟ୍‌ଫେଷ୍ଟର ମନୋରଞ୍ଜନ ମାହୋଲରେ ୧୫ଦିନ ଧରି ସାରା ସହର ଝୁମିବ। ରାଜଧାନୀବାସୀଙ୍କ ପାଇଁ ଏହା ଏକ ନିଆରା ଅନୁଭୂତି ପ୍ରଦାନ କରିବ। ତେଣୁ ଏହାକୁ ଲୋକମାନେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ଏହି ଉତ୍ସବକୁ ଯେପରି ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରାଯିବ ଏବଂ ଲୋକଙ୍କ ଧନ ଜୀବନ ସୁରକ୍ଷିତ ରହି ପାରିବ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ୧୫୦ଜଣ ନୂତନ ଭଲ୍ୟୁଣ୍ଟରଙ୍କୁ 'ପୋଲିସ ମିତ୍ର' ଭାବେ ସମ୍ବୋଧିତ କରାଯାଇଛି। ଏନେଇ ଇଡ୍‌କଲ ଅଡିଟୋରିୟମ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସ୍ୱେଚ୍ଛାସେବୀମାନେ ଦୁଇ ସପ୍ତାହବ୍ୟାପୀ ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ପୋଲିସଙ୍କୁ ସହାୟତା କରିବେ। ନିରାପତ୍ତା, ପରିଦର୍ଶକ, ଟ୍ରାଫିକ ଏବଂ ପାର୍କିଂ ପରିଚାଳନା ପ୍ରକ୍ରିୟାକୁ ଅଧିକ ସହଜ ଏବଂ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏଥିପାଇଁ ସହରର ବିଭିନ୍ନ ଛକ ସ୍ଥାନ ଯଥା ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ୍, ରାମ ମନ୍ଦିର, ଖାଓଗଳି, କ୍ୟାପିଟାଲ ହାଇସ୍କୁଲ ଏବଂ କେଶରୀ ଟକିଜ୍ ଭଳି ପ୍ରମୁଖ ସ୍ଥାନଗୁଡିକରେ ନିୟୋଜିତ ହେବେ। ନିଜ ଦାୟିତ୍ୱକୁ କିଭଳି ସୁଚାରୁରୂପେ ସମ୍ପାଦନ କରିବେ ସେ ନେଇ ସେମାନଙ୍କୁ ଟ୍ରେନିଂ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ କହିଛନ୍ତି, ପୋଲିସ ମିତ୍ରମାନେ ନିଜକୁ ଜନସାଧାରଣଙ୍କ ବନ୍ଧୁ ବୋଲି ଭାବିବା ଉଚିତ୍। କୌଣସି ବ୍ୟକ୍ତି ଅସୁବିଧାରେ ପଡିଥିଲେ ବା କୌଣସି ସହାୟତା ଲୋଡୁଥିଲେ ସେମାନଙ୍କୁ ସାହାଯ୍ୟ କରିବା ଏମାନଙ୍କର ପ୍ରଥମ ଦାୟିତ୍ୱ। ଏଥିସହ ସମ୍ପୃକ୍ତ ସ୍ଥାନରେ ଥିବା ପୋଲିସ ଅଧିକାରୀଙ୍କୁ ଏ ନେଇ ଅବଗତ କରାଇବା ମଧ୍ୟ ଆବଶ୍ୟକ। ବିଡିଏ ଅଧ୍ୟକ୍ଷ ବଲୱନ୍ତ ସିଂ କହିଲେ, ବସ୍ତିକୁ ଚାଲ ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'ଆମ ସହର ଆମ ଦାୟିତ୍ୱ'। ଏହି ପଦକ୍ଷେପ ଯୋଗୁ ପୋଲିସ ମିତ୍ରମାନେ ଏକ ଉଦାହରଣ ସାଜି କାମ କରିଥିଲେ। ଡଟ୍ ଫେଷ୍ଟ ଭଳି ଏକ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ପାଇଁ ପୋଲିସ ମିତ୍ରମାନେ ପୋଲିସ ବିଭାଗ ପରି ଆଗ ଧାଡିକୁ ଆସି ସୁରୁଖୁରୁରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଉପସ୍ଥିତ ରହି ପୋଲିସ ମିତ୍ରମାନଙ୍କୁ ଉତ୍ସାହ କରିଥିଲେ।




ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ଡିସିପି ପ୍ରତୀକ ସିଂ ଓ ବିଡିଏ ଅଧ୍ୟକ୍ଷ ବଲୱନ୍ତ ସିଂ ନବନିଯୁକ୍ତ ପୋଲିସ ମିତ୍ରଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।



ଡଟ୍‌ଫେଷ୍ଟ ପାଇଁ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାକୁ ଆଲୋକମାଳାରେ ସଜ୍ଜା ଯାଇଛି।

# ପ୍ରାକୃତିକ ଶୋଭା ଉପଭୋଗ କଲେ ପର୍ଯ୍ୟଟକ

**ଆରମ୍ଭ ହେଲା 'ଏକାମ୍ର ୱାକ୍'**

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ରାଜଧାନୀ ଭୁବନେଶ୍ୱରକୁ ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟକ, ଖେଳପ୍ରେମୀ ଓ ସାଧାରଣ ଲୋକଙ୍କ ଆଗମନ ଲାଗି ରହିଛି। ଏମାନଙ୍କୁ ମନୋରଞ୍ଜନ ଯୋଗାଇବା ପାଇଁ ଭୁବନେଶ୍ୱର ସିଟି ମହୋତ୍ସବ 'ଡଟ୍ ଫେଷ୍ଟ' ରବିବାରଠାରୁ ଆରମ୍ଭ ହେଉଥିବାବେଳେ ଏହାର ଅଂଶ ଭାବେ ଶନିବାରଠାରୁ ଆରମ୍ଭ ହୋଇଛି 'ଏକାମ୍ର ୱାକ୍'। ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ସ୍ଥାନ ପରିଦର୍ଶନ କରାଇବା ସହ ଏଠାକାର ଖାଦ୍ୟ, କଳା ଓ ସଂସ୍କୃତିକୁ ସେମାନଙ୍କ ପାଖରେ ପହଞ୍ଚାଇବା ହେଉଛି ଏହା ଅନ୍ୟତମ ଉଦ୍ଦେଶ୍ୟ। ତେବେ ଏକାମ୍ର ୱାକ୍‌ରେ ସିଟି ଟ୍ରେଲ୍ (ସହରୀ ଚଲାପଥ)କୁ ଯୋଡ଼ାଯାଇଥିବାବେଳେ ଏହାର ଅନ୍ୟତମ ଅଂଶସ୍ୱରୂପ 'ନେଚର୍ ଟ୍ରେଲ୍'ର ଆୟୋଜନ କରାଯାଉଛି। ପ୍ରଥମ ଦିନରେ ପର୍ଯ୍ୟଟକମାନେ ନନ୍ଦନକାନନରେ ବାର୍ଡ ୱାଚିଂ, ଭରତପୁରର ଜଙ୍ଗଲ ସଫାରୀ, ଡେରାସରେ ପ୍ରାକୃତିକ ପରିବେଶ ମଧ୍ୟରେ ବୁଲାବୁଲି କରିବା ସହ ଏକାମ୍ର ବନ ଔଷଧୀୟ ପାର୍କରେ ଭ୍ରମଣର ନୂତନ ଅନୁଭୂତି ଲାଭ କରିଥିଲେ। ପର୍ଯ୍ୟଟକମାନେ ନିର୍ଦ୍ଧାରିତ ସମୟରେ ଏକାମ୍ର ହାଟରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗନ୍ତବ୍ୟସ୍ଥଳକୁ ନିଆଯାଇଥିଲା। ଗାଡ଼ି ମଧ୍ୟରେ ଏକାମ୍ର ୱାକ୍ ପାଇଁ ନିୟୋଜିତ ହୋଇଥିବା ଗାଇଡ୍ ବା ସଦସ୍ୟମାନେ ସମ୍ପୃକ୍ତ ସ୍ଥାନ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଗନ୍ତବ୍ୟସ୍ଥଳରେ ପହଞ୍ଚି ବୁଲାବୁଲି କରିବା ପରେ ପୁଣିଥରେ ସେମାନଙ୍କୁ ଆଣି ଏକାମ୍ର ହାଟରେ ଛଡା ଯାଇଥିଲା। ଯାତ୍ରା ମଝିରେ ପର୍ଯ୍ୟଟକଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଇଥିଲା। ପ୍ରତିଟି ଟ୍ରେଲ୍ ଏହିଭଳି ଏକାମ୍ର ହାଟରୁ ଆରମ୍ଭ ହୋଇ ଗନ୍ତବ୍ୟସ୍ଥଳକୁ ଯିବ ଏବଂ ପୁନର୍ବାର ସେଠାକୁ ଫେରିବ।






ଡେରାସରେ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ପର୍ଯ୍ୟଟକ ଓ ଅତିଥିମାନେ ଏକାମ୍ର ହାଟରୁ 'ଏକାମ୍ର ୱାକ୍'ରେ ବାହାରୁଛନ୍ତି।

**୩ ବର୍ଗରେ ୧୦୬ ଟ୍ରେଲ୍**

ସିଟି ଟ୍ରେଲ୍‌କୁ ମୁଖ୍ୟତଃ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ସେଗୁଡିକ ହେଲା ଫୁଡ ଟ୍ରେଲ, ନେଚର୍ ଟ୍ରେଲ ଓ ମ୍ୟୁଜିୟମ ଟ୍ରେଲ। ଟ୍ରେଲ୍ ମାଧମରେ ପର୍ଯ୍ୟଟକ ଓ ଅତିଥିଙ୍କୁ ଭୁବନେଶ୍ୱରର ସଂସ୍କୃତି ଓ ଐତିହ୍ୟର ସାମଗ୍ରିକ ଅନୁଭୂତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ମାଧମରେ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ବୃଦ୍ଧି ହେବ। ଫୁଡ୍ ଟ୍ରେଲ୍ ସେମାନଙ୍କୁ ଓଡ଼ିଆ ଖାଦ୍ୟର ସୁଆଦ ଦେବ। ସେମାନେ ଦହିବରା, ଓଡ଼ିଆ ଥାଳି, ବିଭିନ୍ନ ମନ୍ଦିରର ପ୍ରସାଦ, ପିଠା, ଛେନା ଝିଲ୍ଲୀ ଓ ଓଡ଼ିଶାର ଟିଫିନ ସହିତ ଅନ୍ୟାନ୍ୟ ଲୋକପ୍ରିୟ ତଥା ପାରମ୍ପରିକ ଓଡିଆ ଖାଦ୍ୟର ସ୍ୱାଦ ଜାଣିବେ। ସେହିପରି ମ୍ୟୁଜିୟମ ଟ୍ରେଲ୍‌ରେ ପର୍ଯ୍ୟଟକମାନେ ଟ୍ରାଇବାଲ ମ୍ୟୁଜିୟମ ଓ ଷ୍ଟେଟ୍ ମ୍ୟୁଜିୟମ ଅଫ୍ ଭୁବନେଶ୍ୱରକୁ ପରିଦର୍ଶନ କରି ପାରିବେ। ଅପରପକ୍ଷେ ନେଚର୍ ଟ୍ରେଲ ସେମାନଙ୍କୁ ସହରର ଆଖପାଖ ଅଞ୍ଚଳରେ ଥିବା ପ୍ରକୃତିର ଶାନ୍ତ, ମନୋରମ ଦୃଶ୍ୟକୁ ଉପଭୋଗ କରିବାକୁ ସକ୍ଷମ ହେବ। ତେବେ ସମସ୍ତ ୩ଟି ବର୍ଗରେ ମୋଟ ୧୦୬ଟି ଏଭଳି ଟ୍ରେଲ ରହିଛି। ଏହା ଫେବୃୟାରୀ ୧୨ ପର୍ଯ୍ୟନ୍ତ ଖୋଲା ରହିବ। ଏହି ଟ୍ରେଲଗୁଡିକ ପାଇଁ ଟିକେଟ ମୂଲ୍ୟ ଖୁବ୍ କମ୍ ରହିଛି। ଆଗ୍ରହୀ ଅତିଥି, ପର୍ଯ୍ୟଟକ ଓ ସାଧାରଣ ଲୋକେ ଏକାମ୍ର ବନ୍ଧ ୱେବ୍‌ସାଇଟ୍‌ରୁ ବିଭିନ୍ନ ଟ୍ରେଲ୍ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିପାରିବେ ଓ ନିଜ ପସନ୍ଦର ଟ୍ରେଲ ପାଇଁ ନିଜକୁ ପଞ୍ଜୀକୃତ କରାଇପାରିବେ ବୋଲି ସୂଚନା ଦିଆଯାଇଛି।

## ସାରା ବିଶ୍ୱରେ ଛଟେଇ କରିବ ଭିଆଇ

ନୂଆଦିଲ୍ଲୀ,୧୪।୧: ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭୋଡାଫୋନ୍-ଆଇଡିଏ (ଭିଆଇ)ର ବ୍ରିଟେନ ମୁଖ୍ୟାଳୟ ସମେତ ସାରା ବିଶ୍ୱରେ ଥିବା ନିଜର କେତେକ କର୍ମଚାରୀଙ୍କୁ ଛଟେଇ କରିବା ସମ୍ପର୍କରେ ଘୋଷଣା କରିଛି। ଏପରିକି ସାରା ବିଶ୍ୱରେ ଭୋଡାଫୋନ୍‌ର ପ୍ରାୟ ୧ଲକ୍ଷ ୪ ହଜାର କର୍ମଚାରୀ ଅଛନ୍ତି। ତେବେ କେତେ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିବ ସେ ସମ୍ପର୍କରେ କୌଣସି ଠିକ୍ ସୂଚନା କମ୍ପାନୀ ପକ୍ଷରୁ ଦିଆଯାଇନାହିଁ। ଅପରପକ୍ଷରେ କମ୍ପାନୀ ଭାରତରେ ମଧ୍ୟ ତା'ର କେତେ କର୍ମଚାରୀଙ୍କୁ ଛଟେଇ କରିବ ସେ ସମ୍ପର୍କରେ ମଧ୍ୟ କିଛି ସୂଚନା ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

# 'ମହିଳାଙ୍କୁ ନୂଆ ପରିଚୟ ଦେଇଛି ମିଶନ ଶକ୍ତି'

■ମେଳା ମିଳନର ଏକ ମହାପର୍ବ
■୨୯ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ ଭୁବନେଶ୍ୱର ଶିଶିର ସରସ


ଜାତୀୟସ୍ତରୀୟ ହସ୍ତଶିଳ୍ପ ମେଳା ଶିଶିର ସରସ ୨୦୨୩କୁ ଶନିବାର ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଭୁବନେଶ୍ୱର ଏମ୍‌ପି, ମେୟର, ବିଧାୟକ ଏବଂ ଅଧିକାରୀ ବୃନ୍ଦ।

ଭୁବନେଶ୍ୱର,୧୪।୧

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗର ସହଯୋଗୀ ପ୍ରତିଷ୍ଠାନ ଓର୍‌ମାସ ପକ୍ଷରୁ ଜାତୀୟସ୍ତରୀୟ ପ୍ରଦର୍ଶନୀ 'ଶିଶିର ସରସ-୨୦୨୩'ର ଆୟୋଜନ କରାଯାଇଛି। ଚଳିତ ବର୍ଷ ସ୍ଥାନୀୟ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଶନିବାର ଏହାର ଆନୁଷ୍ଠାନିକ ଉଦ୍‌ଘାଟନୀ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷ କରି ମହିଳାମାନେ ଆଜି ସଶକ୍ତ ଓ ଉଦ୍ୟୋଗୀ ଭାବେ ଯେଉଁ ପରିଚୟ ପାଇଛନ୍ତି, ସେମାନଙ୍କ ପ୍ରଚେଷ୍ଟା ଓ ଇଚ୍ଛା ଶକ୍ତି ଯୋଗୁ ତାହା ସମ୍ଭବ ହୋଇପାରିଛି। ଏପରିକି ମିଶନ ଶକ୍ତି ରାଜ୍ୟର ମହିଳାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରାଇବାରେ ବେଶ୍ ସହାୟକ ହୋଇଛି। ମହିଳାମାନେ ପ୍ରଗତି କଲେ ସବୁସ୍ତରରେ ବିକାଶ ସମ୍ଭବ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ। ସେହିଭଳି ଚଳିତ ମାସରେ ଶିଶିର ସରସ ସାଙ୍ଗକୁ ହକି ବିଶ୍ୱକପ୍, ଉଟ୍ ଫେଷ୍ଟର ନିଆରା ପରିବେଶ ଉଭୟ ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଏକ ମହାମିଳନର ଉତ୍ସବ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ କହିଥିଲେ, ରାଜ୍ୟର ମହିଳାମାନେ ଆଜି ଘର ଚଳାଇବାଠାରୁ ଆରମ୍ଭକରି ଦେଶ ଚଳାଇବାରେ ମଧ୍ୟ ସାମିଲ ହୋଇଛନ୍ତି। ବିଶେଷକରି ମିଶନ ଶକ୍ତି ଓ ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ ଯୋଗୁ ମହିଳାମାନେ ଆଜି ଗୃହିଣୀରୁ ଉଦ୍ୟୋଗୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ଓଡ଼ିଶା ବିଶ୍ୱର ଏକ ସ୍ୱତନ୍ତ୍ର ସ୍ଥାନର ପରିଚୟ ସୃଷ୍ଟି କରିପାରିଛି। କାରଣ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ମିଶନ ଶକ୍ତିର ମଶାଲ ସାରା ରାଜ୍ୟରେ ଏକପ୍ରକାର ଆନ୍ଦୋଳନ ସୃଷ୍ଟି କରିଛି। ଅପରପକ୍ଷରେ ଭୁବନେଶ୍ୱରଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ୍ୟ ମହିଳା ସଶକ୍ତୀକରଣ ଓ ବିକାଶକୁ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଆଗକୁ ଆସିବାର ସମୟ ଆସିଛି। ଦେଶର ବିକାଶ ଓ ରାଜ୍ୟର ପ୍ରଗତି ପାଇଁ ମହିଳାମାନେ ସବୁସ୍ତରରେ ସାମିଲ ହୋଇ ସେମାନଙ୍କର ଭୂମିକାକୁ ଆଗକୁ ଆଣିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ମନ୍ତ୍ରୀ ଅଶୋକ ପଣ୍ଡା ଓଡ଼ିଶାର ଇତିହାସ ସାଙ୍ଗକୁ କଳା, ସଂସ୍କୃତି ଓ ମେଳା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉନ୍ନୟନ କମିଶନର ପ୍ରଦୀପ ଜେନା ପ୍ରମୁଖ ମେଳା ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ ଲୋହାନି ସ୍ୱାଗତ ଅଭିଭାଷଣ ସାଙ୍ଗକୁ ମେଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଜାତୀୟସ୍ତରୀୟ ଶିଶିର ସରସ ମେଳାରେ ୨୪ଟି ରାଜ୍ୟର ସବୁ ବର୍ଗର ବ୍ୟବସାୟୀ ସାଙ୍ଗକୁ ଓଡ଼ିଶାର ୩୦ ଜିଲାର ପ୍ରାୟ ୩୫୬ ଷ୍ଟଲ ଏବଂ ମିଶନ ଶକ୍ତି, ଏସ୍‌ଏଚ୍‌ଜି ଓ ଓଡ଼ିଶା ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକର ଷ୍ଟଲ୍ ମଧ୍ୟ ପଡ଼ିଥିବା ସୂଚନା ମିଳିଛି। ଏପରିକି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦର୍ଶକଙ୍କ ପାଇଁ ଅନ୍ୟାନ୍ୟ ସେବା ଓ ସୁବିଧା ଉପଲବ୍ଧ ରହିଛି। ସୂଚନାଯୋଗ୍ୟ, ଆଜି ରାଉରକେଲାଠାରେ ମଧ୍ୟ ଆଞ୍ଚଳିକ ଶିଶିର ସରସ-୨୦୨୩ର ଶୁଭାରମ୍ଭ ହେଉଛି। ସେହିଭଳି ଜାନୁୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଶିଶିର ସରସ ମେଳା ଆୟୋଜିତ ହେବ ବୋଲି ଓରମାସ ପକ୍ଷରୁ ସୂଚନା ଦିଆଯାଇଛି। ପରିଶେଷରେ ବିଭାଗ ପକ୍ଷରୁ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବିଭାଗୀୟ ଅତିରିକ୍ତ ସଚିବ ତଥା ସିଇଓ ଓର୍‌ମାସ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ବିକ୍ରମ ବିଓଆଇ ଏନ୍‌ବିଜି ଓଡ଼ିଶାର ପ୍ରଥମ ମହାପ୍ରବନ୍ଧକ

ନୂଆଦିଲ୍ଲୀ,୧୪।୧


ବିକ୍ରମ କେଶରୀ ମିଶ୍ର

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ (ଏନ୍‌ବିଜି) ଓଡ଼ିଶାର ପ୍ରଥମ ମହାପ୍ରବନ୍ଧକ ଭାବେ ବିଓବିର ବରିଷ୍ଠ ବ୍ୟାଙ୍କର୍ସ ତଥା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଏନ୍‌ବିଜି-ଝାଡ଼ଖଣ୍ଡର ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୯୯୦ରେ ମିଶ୍ର ଡାଇରେକ୍ଟ ରିକ୍ରୁଟ ଅଫିସର ଭାବେ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାଙ୍କର ୩୩ ବର୍ଷରୁ ଉର୍ଦ୍ଧ୍ୱ ସଫଳ ଯାତ୍ରା ମଧ୍ୟରେ ସେ ମଧ୍ୟପ୍ରଦେଶ, ବିହାର, ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ଆଦି ବିଭିନ୍ନ ସ୍ଥାନରେ ବହୁ ପଦପଦବୀରେ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ମଧ୍ୟ ୧୨ବର୍ଷ ଧରି ବିଭିନ୍ନ ସମୟରେ ଋଣ ବିଭାଗରେ ଏବଂ ଭୁବନେଶ୍ୱରର ଶାଖାଗୁଡ଼ିକରେ ବିଶେଷକରି କର୍ପୋରେଟ କ୍ରେଡିଟ୍ ବିଭାଗରେ କାର୍ଯ୍ୟ କରିଛନ୍ତି। ରାଜ୍ୟର ୩୦ଟି ଜିଲାରେ ଏହି ଏନ୍‌ବିଜି ଅଧୀନରେ ବ୍ୟାଙ୍କର ଭୁବନେଶ୍ୱର, ବାରିପଦା, କେନ୍ଦୁଝର ଏବଂ ସମ୍ବଲପୁର ଜୋନ୍ ସମେତ ୨୫୯ଟି ଶାଖା କାର୍ଯ୍ୟ କରୁଅଛି। ରାଜ୍ୟରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ପ୍ରାୟ ୩୮ ହଜାର କୋଟି ଟଙ୍କା ରହିଛି। ରାଜ୍ୟରେ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ମିଶ୍ରଙ୍କର ଅଭିଜ୍ଞତା ନିଶ୍ଚିତ ରୂପେ ସାହାଯ୍ୟ କରିବା ସହ ତାଙ୍କ ନେତୃତ୍ୱରେ ବ୍ୟାଙ୍କ ନିକଟ ଭବିଷ୍ୟତରେ ସଫଳତାର ଶିଖର ଛୁଇଁପାରିବ ବୋଲି ଆଶା କରାଯାଉଛି।

## ଆଜିଠାରୁ ୨ଦିନିଆ ଷ୍ଟାର୍ଟଅପ୍ ମେଳା

ନୂଆଦିଲ୍ଲୀ,୧୪।୧

ରାଜ୍ୟରେ ଯୁବବର୍ଗଙ୍କୁ ଷ୍ଟାର୍ଟଅପ୍ ପ୍ରତି ଆକୃଷ୍ଟ କରାଇବା ସହ ଉଦ୍ୟୋଗର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ପାଇଁ ଓଡ଼ିଶା ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଏକ ୨ଦିନିଆ ଷ୍ଟାର୍ଟଅପ୍ ମେଳାର ଆୟୋଜନ କରାଯାଇଛି। ଏପରିକି ଚଳିତ ବର୍ଷ ଜାନୁୟାରୀ ୧୫ ଓ ୧୬ ରେ ଓଡ଼ିଶାର ଷ୍ଟାର୍ଟଅପ୍ ପରିବ୍ୟବସ୍ଥାର ସାମର୍ଥ୍ୟ ପ୍ରଦର୍ଶନ ସହ ଯୁବବର୍ଗଙ୍କୁ ଷ୍ଟାର୍ଟଅପ୍,ନବସୃଜନ ଏବଂ ଔଦ୍ୟୋଗିକତା ପ୍ରତି ଆକୃଷ୍ଟ କରିବାକୁ ଷ୍ଟାର୍ଟଅପ୍ ଓଡ଼ିଶା ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ରବିବାରଠାରୁ ୨ଦିନିଆ ଷ୍ଟାର୍ଟଅପ୍ ମେଳାର ଆୟୋଜନ କରୁଛି। ସେହିପରି ଏହା ଜରିଆରେ ମଧ୍ୟ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ,ମହାବିଦ୍ୟାଳୟ, ବି-ସ୍କୁଲ ଏବଂ ସମଗ୍ର ରାଜ୍ୟରେ ପରିବ୍ୟାପ୍ତ ସ୍କୁଲଗୁଡିକର ଛାତ୍ରୀଛାତ୍ରଙ୍କ ପାଇଁ ଏହା ସମ୍ପ୍ରସାରିତ କରିବା ଲକ୍ଷ୍ୟ ରଖିଛି। ଏହାଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ ଷ୍ଟାର୍ଟଅପ୍ ପ୍ରତି ଆଗ୍ରହ ସୃଷ୍ଟି ଏବଂ ସେମାନେ ଏ କ୍ଷେତ୍ରରେ ଥିବା ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରିବେ। ଛାତ୍ରୀଛାତ୍ରୀ ଏବଂ ଉଦୀୟମାନ ଉଦ୍ୟୋଗୀଙ୍କ ବ୍ୟତୀତ ଶିଳ୍ପ ନେତୃତ୍ୱ, ଇନ୍‌କ୍ୟୁବେଟର, ଶିକ୍ଷାବିତ୍, ନୀତି ନିର୍ଦ୍ଧାରଣକାରୀ, ନିବେଶକ ଆଦି ଷ୍ଟାର୍ଟଅପ୍ ପରିବ୍ୟବସ୍ଥାର ଅନ୍ୟ ସହଭାଗୀମାନଙ୍କୁ ମଧ୍ୟ ମେଳାକୁ ଆମନ୍ତ୍ରଣ କରାଯାଇଛି। ସେହିପରି ଅମନ୍ତ୍ରିତ ଅତିଥି ଓ ଉଦ୍ୟୋଗୀମାନେ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିବା ସହ ସେମାନଙ୍କୁ ମୂଲ୍ୟବାନ୍ ଅନ୍ତର୍ଦୃଷ୍ଟି ପ୍ରଦାନ କରିବେ।

## ସାମ୍‌ସଙ୍ଗ୍‌ର ନୂଆ ରେଫ୍ରିଜରେଟର ରେଞ୍ଜ

ନୂଆଦିଲ୍ଲୀ,୧୩।୧

ଦେଶର ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ୍ ସାମ୍‌ସଙ୍ଗ୍‌ର ପ୍ରିମିୟମ ସାଇଡ୍-ବାଏ-ସାଇଡ୍ ରେଫ୍ରିଜରେଟ ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ନୂଆ ରେଞ୍ଜର ସମସ୍ତ ମଡେଲ ୱାଇଫାଇ ସକ୍ଷମ ଏବଂ ସାମ୍‌ସଙ୍ଗ୍‌ର 'ପାୱାରିଂ ଡିଜିଟାଲ ଇଣ୍ଡିଆ' ଲକ୍ଷ୍ୟକୁ ପୂରା କରିବା ପାଇଁ ସ୍ମାର୍ଟ ଥିଙ୍ଗ୍‌ସ ଆପ୍ ଫଙ୍କ୍‌ସନାଲିଟି ସହିତ ବ୍ୟବସ୍ଥିତ ହୋଇଛି। ବିଶେଷକରି ଏହା କଷ୍ଟମାଇଜ ହୋଇପାରୁଥିବା ଷ୍ଟୋରେଜ ସ୍ପେସ୍ ପାଇଁ କନ୍‌ଭର୍ଟିବଲ ୫-ଇନ୍-୧ ମୋଡ୍ ଠିକ୍ କୁଲିଂ ପାଇଁ ସାମ୍‌ସଙ୍ଗ୍‌ର ଟୁଇନ କୁଲିଂ ପ୍ଲସ୍ ଟେକ୍ନୋଲୋଜି ଏବଂ ଉପଭୋକ୍ତାଙ୍କୁ ଘରେ ଏକ ସୁସ୍ଥକର ଏବଂ ସ୍ୱଚ୍ଛ ଉପାୟରେ ଦହି ପ୍ରସ୍ତୁତ କରିବାକୁ ଦେଉଥିବା କର୍ଡ ମାଏଷ୍ଟ୍ରୋ ସହ ବ୍ୟବସ୍ଥିତ ହୋଇଆସୁଛି। ସେହିଭଳି ୧,୧୩,୦୦୦ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଏହି ନୂଆ ରେଫ୍ରିଜରେଟରଗୁଡ଼ିକ ଚାରୋଟି ବେସ୍ପୋକ ଗ୍ଲାସ୍ ଫିନିସ ରଙ୍ଗ ବିକଳ୍ପ ଯଥା ଗ୍ଲାମ୍ ଡିପ୍ ଚର୍କୋଲ, କ୍ଲିନ୍ ହ୍ୱାଇଟ, କ୍ଲିନ୍ ନେଭି ଏବଂ କ୍ଲିନ୍ ପିଙ୍କ୍‌ରେ ୬୫୩ ଲିଟରର ଦକ୍ଷତା ସହିତ ଆଜିଠାରୁ ସମସ୍ତ ପ୍ରମୁଖ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ରିଟେଲରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ (ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବିଜ୍‌ନେସ) ମୋହନଦୀପ ସିଂ କହିଛନ୍ତି, ଆମର ନୂତନ ସାଇଡ୍-ବାଏ-ସାଇଡ୍ ରେଫ୍ରିଜରେଟର ଶୃଙ୍ଖଳକୁ ତିନୋଟି ପ୍ରମୁଖ ଭାରତୀୟ ଉପଭୋକ୍ତା ଆବଶ୍ୟକତା ଯଥା ଋତୁ କିମ୍ବା ଅବସର ଅନୁଯାୟୀ ଭିନ୍ନ ଭିନ୍ନ ରେଫ୍ରିଜରେଶନ ଆବଶ୍ୟକତା ପାଇଁ କଷ୍ଟମାଇଜେବଲ ଷ୍ଟୋରେଜ, ରୋଷେଇ ଘରର ସୌନ୍ଦର୍ଯ୍ୟକୁ ବଢ଼ାଉଥିବା ମନଲୋଭା ସୌନ୍ଦର୍ଯ୍ୟ ଏବଂ କନେକ୍ଟେଡ୍ ଲିଭିଂ ଜରିଆରେ ସୁବିଧାକୁ ପୂରା କରିବା ଲାଗି ଡିଜାଇନ କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ନିଆରା ଅଭିଯାନ

ଭୁବନେଶ୍ୱର,୧୪।୧




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏକ ନିଆରା ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ହକି ପୁରୁଷ ବିଶ୍ୱକପ୍-୨୩ ଉପଲକ୍ଷେ ଭାରତୀୟ ହକି ଦଳ ପାଇଁ ସମର୍ଥନ ଯୋଗାଡ଼ କରିବା ଏବଂ ଖେଳାଳିମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ଉକ୍ତ ନିଆରା ପ୍ରୟାସ 'ଚକ୍ ଦେ ଇଣ୍ଡିଆ, ଖେଲୋ ଇଣ୍ଡିଆ-ଜିତୋ ଇଣ୍ଡିଆ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଉକ୍ତ ଅଭିଯାନ ମାଧ୍ୟମରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ହକି ବିଶ୍ୱକପ୍ ସ୍ୱତନ୍ତ୍ର ରୌପ୍ୟମୁଦ୍ରାକୁ ମଧ୍ୟ ଆଇଏନ୍‌ଡବ୍ଲ୍ୟୁଇସି ଫ୍ୟାଶନ ଓ ଲାଇଫ୍‌ଷ୍ଟାଇଲ୍ ମେଳା ପରିସରରେ ଏହାର ଉନ୍ମୋଚନ କରାଯାଇଥିଲା। ସେହିଭଳି ଉକ୍ତ ସ୍ୱତନ୍ତ୍ର ରୌପ୍ୟମୁଦ୍ରାକୁ ସର୍ବପ୍ରଥମ ଓଡ଼ିଶା ହକିର ଗୌରବ ଦିଲୀପ ତିର୍କୀଙ୍କୁ ପ୍ରଦାନ କରାଯାଇଛି। ଏପରିକି ଏହି ସ୍ୱତନ୍ତ୍ର ବିଶ୍ୱକପ୍ ଏଡିସନ୍ ମାଗଣା ରୌପ୍ୟମୁଦ୍ରା ଅଭିଯାନରେ ଭାଗନେଇ ଭାରତୀୟ ଦଳକୁ ଉତ୍ସାହିତ କରିଥିବା ୨୦୦ଜଣ ବିଜେତାଙ୍କୁ ମାଗଣା ପ୍ରଦାନ କରିବା ସହ ୫୦ଜଣ ବିଜେତାଙ୍କୁ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ଟିକେଟ ମାଗଣା ଏବଂ ୧୦୦ଜଣ ବିଜେତାଙ୍କୁ ମାଗଣା ଇଣ୍ଡିଆନ୍ ହକି ଟି-ଶାର୍ଟ ପ୍ରଦାନର ବ୍ୟବସ୍ଥା କରାଯାଇଛି। ସେହିପରି ଉକ୍ତ ପ୍ରତିଯୋଗିତାରେ ଭାଗନେବା ପାଇଁ ଅରୁନ୍ଧତୀ ଜୁଏଲର୍ସର ଅଫିସିଆଲ୍ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ଟୁଇଟର ପେଜ୍‌କୁ ଯାଇ ଖେଲୋ ଇଣ୍ଡିଆ-ଜିତୋ ଇଣ୍ଡିଆ ସ୍ଲୋଗାନ୍ ମାଧ୍ୟମରେ ଇଣ୍ଡିଆନ୍ ଟିମ୍‌ର ମନୋବଳ ବଢ଼ାଇବା ସହ ପୁରସ୍କାର ଜିତିବା ପାଇଁ ସମସ୍ତଙ୍କୁ ଅରୁନ୍ଧତୀ ପରିବାର ପକ୍ଷରୁ ସାଦର ନିମନ୍ତ୍ରଣ କରାଯାଇଛି।

## ରାଉରକେଲା,ବ୍ରହ୍ମପୁରରେ ଜିଓ ଟ୍ରୁ-୫ଜି

ନୂଆଦିଲ୍ଲୀ,୧୪।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ଓଡ଼ିଶାର ଆଉ ଦୁଇଟି ସହରରେ ଜିଓ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ଇସ୍ପାତ ନଗରୀ ରାଉରକେଲା ଓ ରେଶମ ସହର ବ୍ରହ୍ମପୁର ଠାରେ ଜିଓ ଟ୍ରୁ-୫ଜି ସେବାର ଆରମ୍ଭ ହୋଇଛି। ଜାନୁୟାରୀ ୧୪ରୁ ଏହି ଦୁଇ ସହରର ଜିଓ ଗ୍ରାହକମାନଙ୍କୁ ଜିଓ ୱେଲ୍‌କମ୍ ଅଫର ପ୍ରଦାନ କରାଯିବ, ଯାହା ଦ୍ୱାରା ସେମାନେ ବିନା ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍‌ର ଅସୀମିତ ୫ଜି ଡାଟା ହାସଲ କରିପାରିବେ। ଅପରପକ୍ଷରେ ଜିଓ ପକ୍ଷରୁ ଶନିବାର ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡରେ ଜିଓ ଟ୍ରୁ-୫ଜି ସେବା ଶୁଭାରମ୍ଭ କରାଯିବା ସହ ଦେଶର ୮ଟି ରାଜ୍ୟର ୧୬ଟି ନୂଆ ସହରରେ ଜିଓ ଟ୍ରୁ-୫ଜି ସେବା ଉପଲବ୍ଧ ହୋଇଛି।

**ରାଜ୍ୟ ଖବର**

## 'ଟି-ବ୍ରିଜ୍‌ରେ ଦଳାଚକଟା ଦୁର୍ଭାଗ୍ୟଜନକ'

ବଡ଼ମ୍ବା, (ଡି.ଏନ୍.ଏ.)୧୪।୧

ଦୁଇ ବର୍ଷ ପରେ ପୁଣି ଶନିବାର ମକର ସଂକ୍ରାନ୍ତିରେ ଉତ୍ସବମୁଖର ହୋଇଉଠିଥିଲା କଟକ ଜିଲା ବାଙ୍କୀ ବୈଦେଶ୍ୱର ଓ ବଡ଼ମ୍ବା ମଝିରେ ମହାନଦୀ ଗର୍ଭରେ ଥିବା ସିଂହନାଥ ପୀଠ। ପୂର୍ବରୁ ନଦୀ ଭିତରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରି ଆସୁଥିବାବେଳେ ଚଳିତ ଥର ଟି-ବ୍ରିଜ୍ ଥିବାରୁ ଏଠାକୁ ବହୁ ଶ୍ରଦ୍ଧାଳୁ ଚାଲି ଆସିଥିଲେ। ହେଲେ କିଏ ଜାଣିଛି, ଦଳାଚକଟା ଭଳି ସ୍ଥିତି ସୃଷ୍ଟି ହେବ ଏବଂ ଏଥିରେ ଜଣେ ମହିଳାଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହେବେ। ପୋଲିସ ପ୍ରଶାସନର ଅବହେଳାକୁ ଅଞ୍ଚଳବାସୀ ଦାୟୀ କରିଥିବା ବେଳେ ଆଶାତୀତଠାରୁ ଅଧିକ ଲୋକ ହେବାରୁ ଏଭଳି ଅଘଟଣ ଘଟିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ଶନିବାର ସକାଳେ ସିଂହନାଥ ପୀଠକୁ ଲୋକଙ୍କ ଗହଳି ଲାଗିଥିଲା। ପୀଠ ନିକଟ ବାଲି ପଡ଼ିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ମିଶ୍ର, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ଚନ୍ଦ୍ର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଜେଡି ନେତା ସୁବାସ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ ନେତୃମଣ୍ଡଳୀ ଅତିଥିଭାବେ ମକର ମେଳାର ଉଦ୍‌ଘାଟନ କରିଥିଲେ। ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ପ୍ରଭୁ ସିଂହନାଥଙ୍କ ଦର୍ଶନ କରିବା ସହ ମେଳାକୁ ଉପଭୋଗ କରିଥିଲେ। ଅପରାହ୍ନରେ ଗହଳି ଏତେ ବଢ଼ିଯାଇଥିଲା ଯେ, ମନ୍ଦିରକୁ ସଂଯୋଗ କରୁଥିବା ବ୍ରିଜ୍ ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ଲୋକମାନେ ମନ୍ଦିର ପରିସରରୁ ବାହାରକୁ କିମ୍ବା ବ୍ରିଜ୍ ଉପରୁ ମନ୍ଦିର ପରିସରକୁ ଯିବାଆସିବା କରିପାରି ନ ଥିଲେ। ଦୀର୍ଘ ସମୟ ଧରି ସେତୁ ଉପରେ ଠିଆ ହୋଇ ରହିବା ପରେ ଅପରାହ୍ନ ପ୍ରାୟ ୪ଟା ସମୟରେ ଲୋକମାନଙ୍କ ମଧ୍ୟରେ ଠେଲାପେଲା ହୋଇ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ହୋଇ ନ ଥିବାରୁ ଲୋକମାନଙ୍କୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡ଼ିଥିଲା। ଫଳରେ ମୃତାହତ ସ୍ଥିତି ସୃଷ୍ଟି ହୋଇଥିଲା।

ଆହତଙ୍କୁ ପ୍ରଥମେ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଜଣେ ମାତ୍ର ଡାକ୍ତର ଥିବାରୁ ଆହତଙ୍କୁ ତତ୍‌କ୍ଷଣାତ ଉପଯୁକ୍ତ ଚିକିତ୍ସା ମିଳିପାରି ନ ଥିଲା। ପରେ ମାଣିଆବନ୍ଧରୁ ଡାକ୍ତର ଆସି ଚିକିତ୍ସା କରିଥିଲେ। ଏହାକୁ ନେଇ ସେଠାରେ ଆହତଙ୍କ ସମ୍ପର୍କୀୟଙ୍କ ମଧ୍ୟରେ କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ସିଂହନାଥ ପୀଠରେ ଏବେ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯିବା ସହ ମେଳାକୁ ବନ୍ଦ କରାଯାଇଛି।


ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି।



ମକରମେଳା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।


ଲୋକାରଣ୍ୟ ମେଳା ପଡ଼ିଆ।

**ବ୍ରାଉନସୁଗାର ଜବତ: ୨ ବେପାରୀ ଗିରଫ**

ବାଲିପାଟଣା (ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ମୁକୁନ୍ଦାସପୁର ନିକଟରେ ପୋଲିସ ଚଢ଼ାଉ କରି ଦୁଇ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲଣ କରିଛି। ସେମାନେ ହେଲେ ରେହେମତ ଖାନ୍ ଓ ରିଆଜ ଶା। ଏମାନଙ୍କ ନିକଟରୁ ୧୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୯/୨୩) ରୁଜୁ ହୋଇଛି। ମୁକୁନ୍ଦାସପୁର ନିକଟରେ ଶୁକ୍ରବାର ବ୍ରାଉନସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ଓ ସହକାରୀ ଅଧିକାରୀ ରାକେଶ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ବେପାରୀଦ୍ୱୟଙ୍କ ପିଛା କରି ସେମାନଙ୍କୁ ଧରିଥିଲା।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧୪।୧(ଡି.ଏନ୍.ଏ.)- ଚନ୍ଦକା ଥାନା ଅଧୀନ କଣ୍ଟାବାଡ଼ ପଞ୍ଚାୟତର ନୋଧରା ଆଦିବାସୀ ସାହିରୁ ଶନିବାର ଚନ୍ଦକା ଥାନା ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ସୀତା ତିୟୁ(୪୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସକାଳ ସାଢେ ୭ଟାବେଳେ ସୀତା ବେକରେ ଗାମୁଛା ବାନ୍ଧି ଘର ଭିତର ପାଖ ସ୍କାଏଲାଇଟରେ ଝୁଲୁଥିବାର ଦେଖି ତାଙ୍କ ପୁଅ କୃଷ୍ଣ ତିୟୁ (୨୨) ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୀତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୀତାଙ୍କ ସ୍ୱାମୀ କୁଶ ତିୟୁ ଦ୍ୱିତୀୟ ବିବାହ କରିଥିବାବେଳେ ସମସ୍ତେ ଏକାଠି ରହୁଥିଲେ। ଅଧିକାଂଶ ସମୟରେ ସଉତୁଣୀଙ୍କୁ କେନ୍ଦ୍ର କରି ସ୍ୱାମୀଙ୍କ ସହ ସୀତାଙ୍କ ଝଗଡ଼ା ହେଉଥିଲା। ଏପରିକି ସ୍ୱାମୀ ସୀତାଙ୍କୁ ବହୁବାର ମାରଧର କରୁଥିବାର ସ୍ଥାନୀୟ ଲୋକେ କହିଛନ୍ତି। ତେବେ ସ୍ୱାମୀ ସୀତାଙ୍କୁ ମାରି ଫେରାର ହୋଇଯାଇଥିବା ପୋଲିସ ଅନୁମାନ କରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୋଲିସ କହିଛି।

### ୱାଇସିଡିଏର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୪।୧(ବ୍ୟୁରୋ)- 'ୟୁଥ୍ କାଉନ୍‌ସିଲ ଫର୍ ଡେଭଲପ୍‌ମେଣ୍ଟ ଅଲ୍‌ଟରନେଟିଭ୍ସ'(ୱାଇସିଡିଏ)ର ୩୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରରେ 'ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଓ ସିଭିଲ ସୋସାଇଟିର ଭୂମିକା' ସମ୍ପର୍କିତ ବିକାଶ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଅରବିନ୍ଦ ବେହେରା ଯୋଗଦେଇ କହିଥିଲେ, ସ୍ଥାୟୀ ବିକାଶର ୨୦୩୦ କାର୍ଯ୍ୟସୂଚୀ ହେଉଛି ପୃଥିବୀ ଏବଂ ଏଠି ମଣିଷଙ୍କ ପାଇଁ ମର୍ଯ୍ୟାଦା, ଶାନ୍ତି ଓ ପ୍ରଗତିର ରୂପରେଖ ନକ୍ସା। ଏହି କାର୍ଯ୍ୟସୂଚୀର ଲକ୍ଷ୍ୟ ଆମେ ବଞ୍ଚୁଥିବା ସମୟ ଓ ଆଗାମୀ ପିଢ଼ି ପାଇଁ ଏକ ଉନ୍ନତ ମାନବୀୟ ଜୀବନର ମାଇଲଖୁଣ୍ଟ। ଏହାର ପ୍ରଭାବ ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ହିଁ ବିକଳ୍ପ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର, 'ମୋ କଲେଜ' ଅଭିଯାନର ମୁଖ୍ୟ ଆକାଶ ଦାସ ନାୟକ, ୱାଇସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର ପ୍ରମୁଖ ନିଜର ମତ ରଖିଥିଲେ। ଆଲୋଚନାଚକ୍ରକୁ ସରିତା ବଡ଼ପଣ୍ଡା ସଞ୍ଚାଳନ କରିଥିଲେ। ସ୍ଥାୟୀ ବିକାଶର ସ୍ଥାନୀୟକରଣ ସମ୍ବନ୍ଧୀୟ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସମାଜ ବିଜ୍ଞାନୀ ଡ. ମିତାଲି ମହାନ୍ତି ପ୍ରାକ୍ ସୂଚନା ଓ ୱାଇସିଡିଏର ପରିଚାଳନା ସମିତି ସଦସ୍ୟ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଇଡି ଚାର୍ଜଶିଟ୍‌ରେ ଅର୍ଚ୍ଚନାଙ୍କ ୩୩ ଲକ୍ଷର ଡିଲ୍

**ବେଆଇନ ଅର୍ଥ କାରବାର ମାମଲା**

- ସିନେ ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ବ୍ଲାକ୍‌ମେଲ କରୁଥିଲେ
- ଟଙ୍କା ପାଇବା ପରେ ମାମଲା ଉଠାଇଥିଲେ
- ୧୦ଲକ୍ଷ ଭାଗ ପାଇଛନ୍ତି ଖଗେଶ୍ୱର



ଭୁବନେଶ୍ୱର,୧୪।୧(ବ୍ୟୁରୋ)

ବେଆଇନ ଅର୍ଥ କାରବାର ମାମଲାରେ ଇଡି ପକ୍ଷରୁ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ, ସହଯୋଗୀ ଖଗେଶ୍ୱର ପାତ୍ର ଓ ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳୀ ବେହେରାଙ୍କ ବିରୋଧରେ କୋର୍ଟରେ ପ୍ରାଥମିକ ଚାର୍ଜଶିଟ ସୋମବାର ଦାଖଲ କରାଯାଇଥିଲା। ୨,୨୪୧ ପୃଷ୍ଠା ସମ୍ବଳିତ ଏହି ଚାର୍ଜଶିଟ୍‌ରେ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଅନେକ ଗୁମର ରହିଛି। ସିନେ ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଅର୍ଚ୍ଚନା କେମିତି ଯୌନ ନିର୍ଯାତନା ନାଁରେ ବ୍ଲାକ୍‌ମେଲ କରି ଟଙ୍କା ଆଦାୟ କରୁଥିଲେ ତାହାର ଗୁମର ଖୋଲିଛି ଇଡି। ବ୍ଲାକମେଲିଂ ଓ ଟଙ୍କା ବଦଳରେ ମାମଲା ରଫାଦଫା କରାଯାଇଥିବା ସତ। ଏଥିପାଇଁ ୩୩ ଲକ୍ଷ ଟଙ୍କାର ଡିଲ୍ କରାଯାଇ ଟଙ୍କା ଆଦାୟ ହୋଇଥିଲା। ୩ଟି ପର୍ଯ୍ୟାୟରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ୩୩ ଲକ୍ଷ ଦେଇଥିଲେ ପ୍ରମୋଦ ସ୍ୱାଇଁ। ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ, ଦ୍ୱିତୀୟରେ ୨୦ ଲକ୍ଷ ଏବଂ ତୃତୀୟ ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କା ଦେଇଥିଲେ ବୋଲି ଇଡି ଚାର୍ଜଶିଟ୍ ଉଲ୍ଲେଖ କରିଛି। ୨୦୧୭ ନଭେମ୍ବର ୧୬ରେ ଭୁବନେଶ୍ୱର ମହିଳା ଥାନାରେ ଅର୍ଚ୍ଚନା ପ୍ରମୋଦଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ ୧୭ ନଭେମ୍ବରରେ ଅର୍ଚ୍ଚନା ଆକାଉଣ୍ଟରେ ୨ ଲକ୍ଷ ଓ ଜଗବନ୍ଧୁଙ୍କ ଆକାଉଣ୍ଟରେ ୮ ଲକ୍ଷ ଟଙ୍କା ଜମା ହୋଇଥିଲା। ଟଙ୍କା ଜମା ହେବାର ୨୪ ଘଣ୍ଟା ଭିତରେ ହଠାତ ପ୍ରମୋଦ ସ୍ୱାଇଁଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିନେଇଥିଲେ ଅର୍ଚ୍ଚନା। ପରବର୍ତ୍ତୀ ସମୟରେ ଡିସେମ୍ବର ୫, ୮ ଓ ୨୨ ତାରିଖରେ ୨୧ ଲକ୍ଷ ୭୦ ହଜାର ଟଙ୍କା ଏହି ଦମ୍ପତିଙ୍କ ଆକାଉଣ୍ଟରେ ଜମା ହୋଇଛି। ସେହିପରି ଡିସେମ୍ବର ୮ରେ ଅର୍ଚ୍ଚନାଙ୍କ ଆକାଉଣ୍ଟରୁ ଖଗେଶ୍ୱର ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ଯାଇଛି। ଜେରାବେଳେ ଇଡି ଅଧିକାରୀଙ୍କ ଆଗରେ ପ୍ରମୋଦ ସ୍ୱାଇଁ ୩୩ ଲକ୍ଷ ଟଙ୍କା କାରବାର ସମ୍ପର୍କରେ ବୟାନ ଦେଇଥିବାବେଳେ ତଦନ୍ତ ବେଳେ ଇଡିକୁ ମିଳିଥିବା ଟଙ୍କାର ହିସାବ ପ୍ରାୟ ସମାନ ରହିଛି। ତେଣୁ ୩୩ ଲକ୍ଷ ଟଙ୍କାରେ ମାମଲା ରଫାଦଫା ହୋଇଥିବା ସ୍ପଷ୍ଟ ହେବା ପରେ ଇଡି ତାହାକୁ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି।



୧୨୦ ବାଟାଲିୟନରେ ଶନିବାର ଅନୁଷ୍ଠିତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପଦଯାତ୍ରା।

## ଓଡ଼ିଆ ମହୋତ୍ସବରେ ବଣ୍ଟାହେଲା ମକର ଚାଉଳ




ମହୋତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ମକର ସଂକ୍ରାନ୍ତି ଉପଲକ୍ଷେ 'ସମ୍ଭାବନା' ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ପାରମ୍ପରିକ ଓଡ଼ିଆ ମହୋତ୍ସବ ଆରମ୍ଭ ହୋଇଛି। ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ଓଡ଼ିଆ ମହୋତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। 'ସମ୍ଭାବନା' ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଛନ୍ଦା ମିଶ୍ର ବ୍ୟାସକବିଙ୍କ ଜୟନ୍ତୀ ଅବସରରେ ଶୁଣାଇଥିଲେ 'ପେଟେଣ୍ଟ ମେଡିସିନ୍' ଗଳ୍ପ। ସେହିଭଳି ବନ୍ଧୁତ୍ୱ ଆଧାରିତ ସଂଗୀତ ଓ ପଲ୍ଲିଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ଅର୍ଣ୍ଣବ ପଣ୍ଡା ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। କବିତା ପାଠୋତ୍ସବରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ପାରମ୍ପରିକ ମକର ଚାଉଳ ବାଣ୍ଟି ଦର୍ଶକଙ୍କୁ ଆମୋଦିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟି ସ୍ମୃତି ମହାନ୍ତି, ସଭ୍ୟା ରାଜଶ୍ରୀ ଶତପଥି, ଗୁରୁ ପ୍ରସାଦ ଦାସ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## କୁଆଖାଇ ନଦୀରୁ ଅଚିହ୍ନା ମୃତଦେହ ଜବତ

ବାରଙ୍ଗ, ୧୪।୧(ଡି.ଏନ.ଏ.)

ରାଜଧାନୀ ଉପକଣ୍ଠ ବରିମୁଣ୍ଡ ଗ୍ରାମ ନିକଟସ୍ଥ କୁଆଖାଇ ନଦୀରୁ ଶନିବାର ସକାଳୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ କରିଛି ମଞ୍ଚେଶ୍ୱର ଥାନା ପୋଲିସ। ଏ ନେଇ ପୋଲିସ ଏକ ମାମଲା(ନଂ.୫/୨୩ ) ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ସକାଳେ ୮ଟାରେ ବରିମୁଣ୍ଡ ଭୂୟାଁସାହି ନିକଟସ୍ଥ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଯୁବକଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ। ଯୁବକ ଜଣକ ଏକ ହାପ ପ୍ୟାଣ୍ଟ ଓ ଏକ ଟି ଶାର୍ଟ ପିନ୍ଧିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ହୋଇଥିବା ବେଳେ ସେ ସପ୍ତାହ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲା। ୩ ଦିନ ପୂର୍ବେ ସେ ନଦୀରେ ଗାଧୋଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ।

# ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୧୪।୧ (ଡି.ଏନ୍.ଏ.)



ଉତ୍ସବମୁଖର ହୋଇ ଉଠିଛି ଐତିହ୍ୟ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ। ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡ଼ିଶୀ ନୃତ୍ୟର ଗୋଟିଏ ପରେ ଗୋଟିଏ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଛି। ମନ୍ଦିରର ଶାନ୍ତଶୀତଳ ପରିବେଶ ସାଙ୍ଗକୁ ସୁଲୁସୁଲିଆ ପବନରେ ବସି ନୃତ୍ୟାଙ୍ଗନାଙ୍କ ଭାବ, ଢଙ୍ଗ ଓ ଭଙ୍ଗୀକୁ ବେଶ୍ ଉପଭୋଗ କରିଛନ୍ତି। ସତେଯେମିତି ମନ୍ଦିର କଳାକୃତିରେ ସ୍ଥାନ ପାଇଥିବା ନୃତ୍ୟାଙ୍ଗନାମାନେ ଜୀବନ୍ତ ହୋଇଉଠିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ତିନିଦିନିଆ ମୁକ୍ତେଶ୍ୱର ନୃତ୍ୟ ଉତ୍ସବରେ ଏଭଳି ନିଆରା ଅନୁଭବ ପାଇଛନ୍ତି ଦର୍ଶକ।

ସନ୍ଧ୍ୟାର ପ୍ରଥମ ପରିବେଷଣ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓ ସାଥୀଙ୍କ ଶିବ ଆରାଧନାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପରିବେଷଣ ଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସରିତା ମିଶ୍ରଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ। ଶିବଙ୍କୁ ନେଇ ସେ ତାଙ୍କର ପ୍ରଥମ ଅର୍ଘ୍ୟ ଉପସ୍ଥାପିତ କରିଥିଲେ। ଏହା ପରେ ସେ ଭାଗିରଥୀଙ୍କ ରଚିତ କାବ୍ୟ ଉପରେ ନିବଦ୍ଧ ଅଭିନୟ ଗଙ୍ଗାକୁ ଦର୍ଶକଙ୍କ ନିକଟରେ ପହଞ୍ଚାଇଥିଲେ। ଯୁଗ୍ମ ନୃତ୍ୟରେ ଗାୟତ୍ରୀ ରଣବୀର ଓ ସୌରଭ ମହାନ୍ତିଙ୍କ ଦ୍ୱାରା ପ୍ରଥମେ ଶୁଦ୍ଧଦେଶୀ ପଲ୍ଲବୀ ପରେ ପାଶାଣୀ ଅହଲ୍ୟା ପରିବେଷିତ ହୋଇଥିଲା। ନୃତ୍ୟ ସଂରଚନା ଗୁରୁ ଦୁର୍ଗାଚରଣ ରଣବୀର ଓ ସଙ୍ଗୀତ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଶିଳ୍ପୀଙ୍କ ଦଳଗତ ନୃତ୍ୟରେ ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଯାପିତ ହୋଇଥିଲା। ସେମାନେ ମଙ୍ଗଳାଚରଣରେ ପଞ୍ଚପରମେଶ୍ୱର ଓ ପରେ ଗାୱତୀ ପଲ୍ଲବୀ ଏବଂ ଶେଷରେ ଅଭିନୟ ବ୍ରୀଜେବସନ୍ତମ୍ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଡ଼. ମନୋରଞ୍ଜନ କରିଥିଲେ।

ଅତିଥି ଭାବେ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ଗୁରୁ ଅରୁଣା ମହାନ୍ତି ଓ ସଚିବ ପ୍ରବୋଧ କୁମାର ରଥ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼. ଶ୍ରୀନିବାସ ଘଟୁଆରୀ ଓ ସଂହତି ପାଣି ସଞ୍ଚାଳନ କରିଥିଲେ। ଡିଡି ଭାରତୀ ଓ ବିଭାଗର ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ନୃତ୍ୟ ଉତ୍ସବର ସିଧା ପ୍ରସାରଣ କରାଯାଉଛି।

### ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ
## ମଞ୍ଚେଶ୍ୱରକୁ ହରାଇ ବ୍ଲୁ ରକ୍‌ଷ୍ଟାର୍ ଚାମ୍ପିୟନ

ବାଲିଅନ୍ତା,୧୪।୧(ଡି.ଏନ୍.ଏ.)

ମଞ୍ଚେଶ୍ୱର ଗ୍ରାମର ବିଜୁ ପଟ୍ଟନାୟକ କ୍ଲବ ଆନୁକୂଲ୍ୟରେ କୁଆଖାଇ ନଦୀକୂଳ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଶନିବାର ୨୪ତମ ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଞ୍ଚେଶ୍ୱର କ୍ରିକେଟ୍ ଟିମ୍‌କୁ ପରାସ୍ତ କରି ଯାଆଁଳା ବ୍ଲୁ ରକ୍ ଷ୍ଟାର୍ ଚାମ୍ପିୟନ ହୋଇଛି। ଏଥିରେ ମୋଟ ୮ଟି ଦଳ ଯୋଗଦେଇଥିଲେ। ଟୁର୍ନାମେଣ୍ଟକୁ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ମିନ୍ନଶ୍ରୀ ଖୁଣ୍ଟିଆ, ସାମାଜିକ କର୍ମୀ ଦିଲୀପ ସ୍ୱାଇଁ, ଚୈତନ୍ୟ ଦାସ ଓ ଯୁବନେତା ଅନୁପ ଖୁଣ୍ଟିଆ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଆଦିକନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ପୁରସ୍କାର ବିତରଣ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ନେତା ସୁବାସ ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ରନର୍ସ ଅପ୍ ମଞ୍ଚେଶ୍ୱର ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଭିଷେକ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ କ୍ଷମା ସାଗର ବଳଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ରୂପେ ପୁରସ୍କୃତ କରାଯାଇଥିଲା।

## ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହିରେ ରହୁଥିବା ପୁରୀ ଜିଲା ନିମାପଡ଼ା ଅଞ୍ଚଳର ବାବୁ ସେଠୀ। ଅଭିଯୁକ୍ତଙ୍କୁ ୫ ମାସ ପରେ ପୁରୀ ବାଲିସାହି ଅଞ୍ଚଳରୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରିଛି। ସୂଚନାନୁସାରେ ବାବୁ ସାଲିଆସାହିରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ସେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେବା ସହ ଅଗଷ୍ଟରୁ କେଉଁ ଆଡେ ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲା। ଶୁକ୍ରବାର ବାବୁ ନାବାଳିକାଙ୍କୁ ସାଙ୍ଗରେ ଧରି ପୁରୀ ଆସିଥିବା ଖବର ପାଇ ନୟାପଲ୍ଲୀ ପୋଲିସ ଟିମ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀମାଇନା କରାଯିବା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଓଡ଼ିଆ ଭାଷା ଆନ୍ଦୋଳନରେ ବ୍ୟାସକବିଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଫକୀରମୋହନ ସ୍ମୃତି ସଂସଦ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳରେ ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ତଥା ଓଡ଼ିଆ ଜାତୀୟତା ଆନ୍ଦୋଳନରେ ଫକୀରମୋହନଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଏମ୍‌ପି ସୁଲତା ଦେଓ, ବିଧାୟକ ପ୍ରଫୁଲ୍ଲ ସାମଲ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସରକାରୀ ନାଳ ଜବରଦଖଲ ଅଭିଯୋଗ

**ଜିଲାପାଳଙ୍କୁ ପତ୍ର ଲେଖିଲେ ଅଞ୍ଚଳବାସୀ**

ଭୁବନେଶ୍ୱର,୧୪।୧ (ବ୍ୟୁରୋ)

ଦାରୁଠେଙ୍ଗ ନିକଟ ମହିମାନଗର ଅଞ୍ଚଳର ଅଳସୁଆ ଗାଁରେ ଏକ ସରକାରୀ ଜମିରେ ଥିବା ଜଳାଶୟକୁ ଘରୋଇ ନିର୍ମାଣକାରୀ ସଂସ୍ଥା ଜବରଦଖଲ କରୁଥିବା ଅଭିଯୋଗ ହୋଇଛି। ସଂପୃକ୍ତ ସଂସ୍ଥା ଦ୍ୱାରା ନିର୍ମିତ ଏଥିକ୍ସ ଆପାର୍ଟମେଣ୍ଟରୁ ବାହାରୁଥିବା ସ୍ୱେରେଜ୍ ପାଣି ସହ ଅନ୍ୟାନ୍ୟ ଆବର୍ଜନାଯୁକ୍ତ ପାଣି ଏହି ନାଳକୁ ଛଡ଼ାଯାଉଛି। ଫଳରେ ନାଳ ପାଣି ଦୂଷିତ ହେବା ସହ କ୍ରମେ ପୋତିହେବାରେ ଲାଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଉରୀ ଗାଧୁଆ ବା ପାଣିନାଳ ଭାବେ ପରିଚିତ ଏହି ଜଳାଶୟକୁ ଅଞ୍ଚଳବାସୀ ଗାଧୋଇବା ପାଇଁ ଆସୁଥିବାବେଳେ ଗୋରୁ ଓ ବିଭିନ୍ନ ପ୍ରାଣୀ ଏଠାରୁ ପାଣି ପିଅନ୍ତି। ସେହିପରି ବର୍ଷାଦିନରେ ଏହି ନାଳ ମାଧ୍ୟମରେ ଅତିରିକ୍ତ ଜଳ ବାହାରକୁ ନିଷ୍କାସିତ ହୋଇଥାଏ। ସେହିପରି ଉକ୍ତ ନାଳରୁ ମାଛ ଧରି ଅନେକେ ଜୀବିକା ନିର୍ବାହ କରୁଥିବାବେଳେ ନିଜ ନିଜ ଚାଷ ଜମିକୁ ମଧ୍ୟ ଏହାର ପାଣି ବ୍ୟବହାର କରନ୍ତି। ବର୍ତ୍ତମାନ ସେସବୁ ସମ୍ଭବ ହେଉ ନ ଥିବା କହି ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ନାଳ ପୋତିହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ଉକ୍ତନାଳରୁ ଅଳ୍ପଦୂରରେ ଥିବା ସାଇ ପାରାଡାଇଜ କଲୋନୀର ବାସିନ୍ଦା ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏହି ନାଳକୁ ଜବରଦଖଲ କରିବା ପାଇଁ ସଂପୃକ୍ତ ଆପାର୍ଟମେଣ୍ଟ ନିର୍ମାଣକାରୀଙ୍କୁ ବିଡିଏ କିପରି ଅନୁମତି ଦେଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏନେଇ ସେମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିବା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଉତ୍ତର ମିଳିଛି। ଏହି ଘଟଣାର ତଦନ୍ତ କରି ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ସରକାରୀ ନାଳକୁ ପୋତାଯାଇ ରାସ୍ତା କରାଯାଉଛି।

# ଓଡ଼ିଆ ସ୍ୱାଭିମାନର ଜାଗ୍ରତ ପ୍ରହରୀ ଫକୀରମୋହନ

ଭୁବନେଶ୍ୱର,୧୪।୧(ବ୍ୟୁରୋ)




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟ ଅତିଥିମାନେ।

ଭାଷା ଆନ୍ଦୋଳନ, ସମ୍ବାଦପତ୍ର ପ୍ରକାଶ, ସଂଗଠନ, ଛାପାଖାନା ପ୍ରତିଷ୍ଠା, ଅନୁବାଦ ଏବଂ ସାମ୍ବାଦିକତା ମଧ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ସୀମାବଦ୍ଧ କରାଯାଇପାରିବ ନାହିଁ। ସେ ବାସ୍ତବ ଓ ପ୍ରାଣବନ୍ତ ଗଳ୍ପ-ସାହିତ୍ୟ ମାଧ୍ୟମରେ ଇତିହାସର ମୋଡ଼ ବଦଳାଇବା ପାଇଁ ସକ୍ଷମ ଥିଲେ। ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ଜାଗ୍ରତ ପ୍ରହରୀ ଭାବେ ତାଙ୍କୁ ହିଁ ବୁଝାଯାଏ। ସରଳ, ସୁଖପାଠ୍ୟ ଓ ଅନ୍ୟକୁ ଆକର୍ଷିତ କରିବା ଭଳି ଭାଷାରେ ଲେଖୁଥିଲେ। ସେଥିପାଇଁ ତାଙ୍କୁ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ, କଥାସମ୍ରାଟ, ବ୍ୟାସକବି ଭାବରେ ସମ୍ମାନ ଦିଆଯାଉଛି ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଏବଂ ଅନୁବାଦକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଛନ୍ତି, ଯେତେବେଳେ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବିରୋଧର ସ୍ୱର ଉଠିଥିଲା, ସେତେବେଳେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଆବିର୍ଭାବ ଯଥାର୍ଥରେ ଏକ ମହତ୍ତ୍ୱପୂର୍ଣ୍ଣ ସମୟ ଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡ. ବିରାଜ ମୋହନ ଦାସ ଓଡ଼ିଆ ଭାଷାର ବିପତ୍ତି ସମୟରେ ବ୍ୟାସକବି ଫକୀର ମୋହନ ସେନାପତି ଏହି ଭାଷାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅନେକ କାର୍ଯ୍ୟ କରିଥିଲେ, ତେଣୁ ତାଙ୍କୁ କ୍ରାନ୍ତିପୁରୁଷ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ମୃତି ସଂସଦର ସଭାପତି ଜୀବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ ସଂଯୋଜନା କରିଥିବାବେଳେ ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ରଜତ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କ ଯୋଗ ଶିକ୍ଷା

ଜଟଣୀ,(ଡି.ଏନ୍.ଏ.): ଜଟଣୀ ବ୍ଲକ ଜାମୁକୋଲିସ୍ଥ ଲବଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଶିକ୍ଷା ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ହରିଦ୍ୱାରର ଦେବସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ର ଦୀପକ କୁମାର ମୋର୍ଯ୍ୟ, ନିଖିଲ ଏବଂ ଦରମିୟାନ ନେଗୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଯୋଗ ଶିକ୍ଷା ସହିତ ବିଦ୍ୟା ଅଭ୍ୟାସ କୌଶଳ, ଏକାଗ୍ରତା ବଢ଼ାଇବାର ବିଭିନ୍ନ ଦିଗ ବିଷୟରେ ଅଂଶଗ୍ରହଣକାରୀଙ୍କୁ ଶିକ୍ଷା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

ବାଲୁଗାଁ,୧୪।୧(ଡି.ଏନ୍.ଏ.): ବାଲୁଗାଁ ରେଳ ଷ୍ଟେଶନର ଉତ୍ତର କ୍ୟାବିନ ଅନତି ଦୂର ରେଳଧାରଣାରୁ ଶନିବାର ରେଲ୍ୱେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ଆନୁମାନିକ ୭୦ବର୍ଷ ହେବ। ଶୁକ୍ରବାର ବିଳମ୍ବିତ ରାତ୍ରିରେ କୌଣସି ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ନିରାକାରପୁର ରେଲ୍ୱେ ଫାଣ୍ଡି ଅଧିକାରୀ ଇନ୍ଦୁମତି ଶୁକ୍ଲା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୨୩)ରୁଜୁ ହୋଇଛି।

### ସାମ୍ପ୍ରଦାୟିକତାବାଦ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

ବୋଲଗଡ଼,୧୪।୧(ଡି.ଏନ୍.ଏ.): ବୋଲଗଡ-ବେଗୁନିଆ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପିଚୁକୁଲିସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ସୁମନ୍ତ ଛୋଟରାୟଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଡ.ପ୍ରଶାନ୍ତ ମିଶ୍ର, ଅନ୍ୟତମ ସମ୍ପାଦକ କ୍ଷୀରୋଦ ପ୍ରସାଦ ସିଂ, ବରିଷ୍ଠ ନେତା ବସନ୍ତ ପାଇକରାୟ, ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ, ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା, ପ୍ରଫୁଲ୍ଲ ମହାପାତ୍ର, ଅଇଁଠୁ ରାଣସିଂ, ଗଙ୍ଗାଧର ଜେନା ପ୍ରମୁଖ ଯୋଗଦେଇ ଦେଶରେ ବଢୁଥିବା ସାମ୍ପ୍ରଦାୟିକତା ବାଦ ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନାରାୟଣ ପ୍ରସାଦ ନାୟକ ସମର୍ଥକଙ୍କ ସହ ପାର୍ଟିରେ ଯୋଗଦେଇଥିଲେ। ପାଣୁ ନାୟକ ବିପ୍ଳବୀ କବିତା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂ, ସନାତନ ମାଝୀ, ବସନ୍ତ ସେଠୀ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।

### ବିଦ୍ୟୁତ୍ କର୍ମଚାରୀ ସଂଘ ନେତା ଧୋବେଇ ସାହୁଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୪।୧: ବିଦ୍ୟୁତ୍ କର୍ମଚାରୀ ସଂଘର ନେତା ଧୋବେଇ ସାହୁଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବକ୍ସି ଜଗବନ୍ଧୁ ନଗରସ୍ଥିତ ବାସଭବନରେ ପ୍ରମୋଦ କୁମାର ପୃଷ୍ଟି, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଓ ଅନ୍ୟମାନେ ପହଞ୍ଚି ଶେଷଦର୍ଶନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଭାବେ ସେ କାମ କରି ବିଦ୍ୟୁତ୍ କର୍ମଚାରୀଙ୍କ ବହୁ ସମସ୍ୟାର ସମାଧାନ କରିଥିଲେ। ସ୍ଥାନୀୟ ଗାୟତ୍ରୀ ମନ୍ଦିରର ଟ୍ରଷ୍ଟି ଭାବେ ବହୁ ଆଧାତ୍ମିକ ଓ ସାମାଜିକ କାର୍ଯ୍ୟରେ ସେ ବ୍ରତୀ ଥିଲେ। ବାଙ୍କୀ ନିକଟ କେନ୍ଦୁପଲ୍ଲୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଗମ୍ଭାରୀମୁଣ୍ଡାରେ ମକରମେଳା

ଗମ୍ଭାରମୁଣ୍ଡା,୧୪।୧(ଡି.ଏନ୍.ଏ.): ଗମ୍ଭାରୀମୁଣ୍ଡାସ୍ଥିତ ବାବା ଆଖଣ୍ଡଳମଣିଙ୍କ ବାର୍ଷିକ ମକରମେଳା ଅନୁଷ୍ଠିତ ହୋଇଯାଇଛି। ଭାଟପଡା ଅଞ୍ଚଳବାସୀ ଏବଂ ଖଜୁରିଆ ଗ୍ରାମବାସୀଙ୍କ ସହଯୋଗରେ ପ୍ରତ୍ୟକବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଦୁଇଦିନ ଅନୁଷ୍ଠିତ ହୋଇଥାଏ। ମକରମେଳାରେ ନାଟକ 'ଏତେ ଦୁଃଖ ଦେଲ କାହିଁ ଦଇବ' ମଞ୍ଚସ୍ଥ ହୋଇଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦାସରଥି ସେଠି ଏବଂ ଡା.ସୁରେନ୍ଦ୍ର ନାଥ ଦାସ । ସୁଶୀଲ କୁମାର ବିଶୋଇ, ରମେଶ ଚନ୍ଦ୍ର ସାମନ୍ତସିଂହାର, ଭାସ୍କର ପରିଡା, ଲୋକନାଥ ସେଠି, ସୁରେଶ ପଲାଇ, ରଞ୍ଜିତ ସାମନ୍ତ ସିଂହାର, ଚିନ୍ମୟ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ସତ୍ୟ ନାରାୟଣ ମାନସିଂହ, ବାଳକୃଷ୍ଣ ପରିଡା, ରବି ପାଟଶାଣୀ, ମେଘାସନ ପରିଡା, ବିନାୟକ ଜେନାଙ୍କ ସମେତ କମିଟିର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

# ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

## କାଳିଜାଈ ପୀଠରେ ମକରମେଳା

ବାଲୁଗାଁ/କୃଷ୍ଣପ୍ରସାଦ,୧୪।୧(ଡି.ଏନ୍.ଏ.)

ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ଶନିବାର ମକରମେଳା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ମେଳାକୁ ଦେଖିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ପରମ୍ପରାକ୍ରମେ ଢୋଲ, ଭେରୀ, ତୁରୀ, ମହୁରୀ, କାହାଳି ଆଦି ଧ୍ୱନିରେ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ମା'ଙ୍କ ପୀଠରେ ଯୁବରାଜ ଷୋଡ଼ଶୋପଚାରରେ ପୂଜାର୍ଚ୍ଚନା କରିଥିଲେ । ଏଥିସହ ମକର ଭୋଗ ଲାଗି ହୋଇଥିଲା। ଏହି ଅବସରରେ ଉପସ୍ଥିତ ଶତାଧିକ ମସ୍ୟଜୀବୀ କାଳିଜାଇଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ। ଦିନତମାମ ମା'ଙ୍କ ପୀଠରେ ଭଜନ ସମାରୋହ ଏବଂ ମା'କାଳିଜାଇଙ୍କ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ଯାତ୍ରୀ ପରିବହନ ନିମନ୍ତେ ସରକାରୀ ଓ ଘରୋଇ ଡଙ୍ଗା ମାଲିକ ସଂଘ ପକ୍ଷରୁ ବହୁ ସଂଖ୍ୟାରେ ଡଙ୍ଗା ବ୍ୟବସ୍ଥା କରାଯାଇଥିଲା। ପୁରୀ ଜିଲା ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଏବଂ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ନିୟୋଜିତ ୨ପ୍ଲାଟୁନ୍ ଫୋର୍ସ ମା'ଙ୍କ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ମା' ମେଘାମ୍ବେରୀ ପୀଠ, ନାରାୟଣୀ, ବାଣପୁର ମାଳ ଅଞ୍ଚଳସ୍ଥିତ ଅଧିଷ୍ଠାତ୍ରୀ ବିରଜାଇ, ତାରିଣୀ, ତୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ପଳତଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟସ୍ଥ ବାଙ୍କନିଧି ଦେବଙ୍କ ପୀଠରେ ମକରମେଳା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା।



କାଳିଜାଈ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।


ଯାଁଳା: ମକର ସଂକ୍ରାନ୍ତି ଅବସରରେ ଶନିବାର ମଦନପୁର ପଞ୍ଚାୟତର ନରକୋଟି କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଗୁଡ଼ିଉଡା ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

# କର୍କଟ ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ବାଧକ

## ସରକାରୀ ସହାୟତା ପାଇଁ ପରିବାରର ନିବେଦନ

ବାଲୁଗାଁ,୧୪।୧(ଡି.ଏନ୍.ଏ.)

ବାଲୁଗାଁ ନିକଟ ଅଲାଇଡ଼ିହ ଗ୍ରାମର ବରଦା ପ୍ରସାଦ ପଣ୍ଡା(୨୭) ମୁଖ କର୍କଟ ରୋଗରେ ପୀଡ଼ିତ ଥିବା ବେଳେ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପୀଡ଼ିତଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଅଲାଇଡ଼ିହ ଗ୍ରାମର ଜୀବନ ପଣ୍ଡାଙ୍କ ପୁଅ ବରଦା କିଛି ମାସ ପୂର୍ବେ ହରିୟାଣାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ଜୀବନ ବାଲୁଗାଁ ସ୍ଥିତ ଉମାମହେଶ୍ୱର ଦେବଙ୍କ ଟ୍ରଷ୍ଟିର ଅସ୍ଥାୟୀ କର୍ମଚାରୀଭାବେ କାର୍ଯ୍ୟ କରୁଥିବା ବେଳେ ସ୍ୱଳ୍ପ ବେତନରେ ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ କରୋନା ସମୟରେ ରୋଜଗାର ହରାଇବା ଯୋଗୁ ଗ୍ରାମ ଛକରେ ଏକ ଛୋଟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗତ ସେପ୍ଟେମ୍ବରରେ ହରିୟାଣାରେ କାର୍ଯ୍ୟରତ ବରଦା ହଠାତ ଅସୁସ୍ଥ ଅନୁଭବ କରିବା ସହ ମୁଖ ଯନ୍ତ୍ରଣା ନେଇ ନିଜ ମା'ବାପାଙ୍କୁ ଜଣାଇଥିଲେ। ତେବେ ସେଠାରେ କିଛି ଦିନ ଚିକିତ୍ସିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ବରଦା ଗ୍ରାମକୁ ଫେରିଆସିଥିଲେ। ଏଠାରେ ପରୀକ୍ଷା ପରେ ସେ ମୁଖ ଗହ୍ୱର କର୍କଟ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ପୁଅର ଚିକିତ୍ସା ପାଇଁ ବାପା ଜୀବନ ଋଣ ପରେ ଋଣଗ୍ରସ୍ତ ହୋଇପଡ଼ିଥିବା ବେଳେ ଠିକ୍ ଭାବେ ଚିକିତ୍ସା ହୋଇପାରୁନାହିଁ। ସରକାରୀ ସହାୟତା ପାଇଁ ଅନାଇ ବସିଛନ୍ତି ପରିବାରବର୍ଗ। କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବା ପାଇଁ ଚାହିଁଲେ ଫୋନ (୯୦୯୦୨୩୩୨୮୪) ନଂ ରେ ଯୋଗାଯୋଗ ପାଇଁ ନିବେଦନ କରାଯାଇଛି। ତେବେ ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବରଦାଙ୍କ ଚିକିତ୍ସା ଖର୍ଚ୍ଚ ବହନ ନିମନ୍ତେ ସ୍ଥାନୀୟ ଅଞ୍ଚଳ ଓ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।


ବରଦା ପ୍ରସାଦ ପଣ୍ଡା

# ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ



ସଚେତନତା ରଥକୁ ଜିଲାପାଳ ଏବଂ ଏସ୍‌ପି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୪।୧

ଆଞ୍ଚଳିକ ପରିବହନ ଅଧିକାରୀ ଭୁବନେଶ୍ୱର-୧, ଭୁବନେଶ୍ୱର-୨ ଏବଂ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ-୨୦୨୩ ପାଳନ ଅବସରରେ ଦୁଇଟି ସଚେତନତା ରଥ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ବ୍ଲକକୁ ଗଡ଼ିଛି। ଏହି ରଥ ସଡ଼କ ସୁରକ୍ଷା ନେଇ ସମସ୍ତ ବ୍ଲକରେ ଜନସାଧାରଣଙ୍କୁ ବିଭିନ୍ନ ଉପାୟରେ ସଚେତନତା କରିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଭୁବନେଶ୍ୱର-୧ ବିକାଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୂଜାର୍ଚ୍ଚନା ପରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତେବେ ୨ଟି ରଥ ମଧ୍ୟରୁ ଗୋଟିଏ ଭୁବନେଶ୍ୱର ଉପଖଣ୍ଡ ଏବଂ ଅନ୍ୟଟି ଖୋର୍ଦ୍ଧା ଉପଖଣ୍ଡର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବୁଲି ସଚେତନତା କରିବ। ସଚେତନତା ସମୟରେ ସଡକ ସୁରକ୍ଷା ଜୀବନ ରକ୍ଷା, ଗାଡି ଚଳାଇବା ସମୟରେ ମଦ ପାନ ନ କରିବା, ଗାଡି ଚାଳନା ବେଳେ ସିଟ୍ ବେଲ୍ଟ ପିନ୍ଧିବା, ହେଲ୍‌ମେଟ ପିନ୍ଧି ଗାଡି ଚାଳନା କରିବା ଉପରେ ସଚେତନତା କରିବ ବୋଲି ଆର୍‌ଟିଓ ଭୁବନେଶ୍ୱର-୧ ଚୌଧୁରୀ କହିଛନ୍ତ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଆରଟିଓ ଭୁବନେଶ୍ୱର-୧ ଚୌଧୁରୀ, ଭୁବନେଶ୍ୱର-୧ ଏମ୍‌ଭିଆଇ ଚିତ୍ତରଞ୍ଜନ ସାହୁ, ଆର୍‌ଟିଓ ଭୁବନେଶ୍ୱର-୨ ସନତ କୁମାର ଜେନା, ଭୁବନେଶ୍ୱର-୨ ଏମ୍‌ଭିଆଇ ସୁସ୍ମିତା ବେହେରା, ଏଆର୍‌ଟିଓ ଖୋର୍ଦ୍ଧା ଅରବିନ୍ଦ ନାୟକ, ଏମ୍‌ଭିଆଇ ଖୋର୍ଦ୍ଧା ଦେବଦାସ ପାଇକରାୟ, ଏସ୍‌ଡିପିଓ (ସଦର) ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୬୫୦ ପ୍ରକଳ୍ପ

ନିରାକାରପୁର,୧୪।୧(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୋଟ ୬୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ଥାନୀୟ କଲେଜର ଅଧ୍ୟାପିକା ପ୍ରତିଭାମୟୀ ମିତ୍ର ଅତିଥିଭାବେ ଯୋଗଦେଇଥିଲେ। ବିଚାରକଭାବେ ଶିକ୍ଷାବିତ୍ ରଶ୍ମିକାନ୍ତ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, ଦେବାଶିଷ ରଥ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ୧୨ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ ପରିଚାଳନା କରିଥିବା ବେଳେ ଅକ୍ଷୟ ମହାପାତ୍ର, ପବିତ୍ର ରାଉତରାୟ, ନୀହାର ରଞ୍ଜନ ସାମନ୍ତସିଂହାର, ସନ୍ଧ୍ୟାରାଣୀ ବାହିନୀପତି, ବିଦ୍ୟୁତ୍‌ପ୍ରଭା ପୁରୋହିତ, ରାଜଲକ୍ଷ୍ମୀ ବଳିୟାରସିଂହ ସହଯୋଗ କରିଥିଲେ। ପ୍ରଧାନ ଅଚାର୍ଯ୍ୟା ନଳିନୀ ରଥ ଧନ୍ୟବାଦ ଦେଇଥିଲେ।

# ନନ୍ଦିଘୋଷର ବାର୍ଷିକ ସାରସ୍ୱତ ସମାରୋହ

ବୋଲଗଡ଼,୧୪।୧(ଡି.ଏନ୍.ଏ.)

ବୋଲଗଡର କଳା, ସାହିତ୍ୟ, ସଂସ୍କୃତି ବିକାଶ ପ୍ରତିଷ୍ଠାନ ନନ୍ଦିଘୋଷର ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ ଅତିଥିଭାବେ ଅଧ୍ୟାପକ ଆଶୁତୋଷ ମିଶ୍ର ଓ ସମୀକ୍ଷକ ଭାବେ 'ଶ୍ରୀ ସୃଜନ'ର ସମ୍ପାଦିକା ଅଧ୍ୟାପିକା ଜୟଶ୍ରୀ ଦେବୀ ଯୋଗଦେଇଥିବା ବେଳେ ୧୦୮ ଜଣ କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ସଂଯୋଜନା କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଅସିତ କୁମାର ମହାନ୍ତି, ସାହିତ୍ୟିକ ଚନ୍ଦ୍ରବିଜୟୀ ମିଶ୍ର, ନନ୍ଦିଘୋଷର ଉପସଭାପତି ଶିକ୍ଷାବିତ ହରିବନ୍ଧୁ ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ସ୍ୱର୍ଗତ ବୈଦ୍ୟନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଐତିହାସିକ ରବିନ୍ଦ୍ର ପରିଡା, ଅନୁଷ୍ଠାନର ସମ୍ପାଦକ ଗୁଣନିଧି ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ କବିତା ସଙ୍କଳନ 'ମକର ମିଳନ' ପ୍ରକାଶିତ ହୋଇଥିବା ବେଳେ କବୟିତ୍ରୀ ହରପ୍ରିୟା ଦ୍ୱିବେଦୀଙ୍କ ରଚିତ କବିତା ସଙ୍କଳନ 'ପୁଣ୍ୟ ଅଭିସାର' ଉନ୍ମୋଚିତ ହୋଇଥିଲା। ନାରାୟଣ ମାର୍ଥା, ସନାତନ ପାଟଶାଣୀ, ସଞ୍ଜୟ ସୁବୁଦ୍ଧି, ଧିରେଶ ମହାପାତ୍ର, ବିନୋଦ ରାମ, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶ୍ରଦ୍ଧାଞ୍ଜଳି ସଭା

ଖୋର୍ଦ୍ଧା ଅଫିସ,୧୪।୧

ଚାଷୀ ମୂଲିଆ ନେତା ଦୁର୍ଯ୍ୟୋଧନ ପ୍ରଧାନଙ୍କ ଏକଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଦରଦୀ ମଣିଷ, କର୍ମଯୋଗୀ, ସଂଗ୍ରାମୀ, ନିର୍ଭୀକ ବୋଲି ମତପ୍ରକାଶ ପାଇଥିଲା। ଅନନ୍ତ ମଙ୍ଗରାଜ, ପଦ୍ମଚରଣ ରାୟ, ବିପ୍ଳବ କେଶରୀ ବଳିୟାରସିଂହ, ଅର୍ଜୁନ ଚରଣ ସାମନ୍ତରାୟ, ସତ୍ୟାନନ୍ଦ ବେହେରା, ବିକ୍ରମ ନାୟକ, ଦିଲୀପ ସାମନ୍ତରାୟ, ଗୌରାଙ୍ଗ ପଟ୍ଟନାୟକ, ରାଧାଶ୍ୟାମ ଜେନା, ଲକ୍ଷ୍ମଣ ପରିଡା, ସେକ୍ ହୁସେନ୍ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମାଜିକ କର୍ମୀ ରାମଶଙ୍କର ଅଧ୍ୟକ୍ଷତା କରିଥିଲେ। ଶ୍ରୀନିବାସ ଓ ରମେଶ ସଭା ପରିଚାଳନା କରିଥିଲେ ।

# ମା'ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଘାଟିକିଆ ଫାଇନାଲରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

ନିରାକାରପୁର,୧୪।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ଖେଳପଡିଆରେ ମା'ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଭଗବତୀ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ୍ ଘାଟିକିଆ ଓ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ ଇଟାମାଟି ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ ଶେଷ ସୁଦ୍ଧା ଉଭୟ ଟିମ୍ ୧-୧ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଘାଟିକିଆ ସ୍ପୋର୍ଟ୍ସ କ୍ଲବ୍ ୩-୧ରେ ଇଟାମାଟିକୁ ପରାସ୍ତ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ପ୍ରମୋଦ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଖୋର୍ଦ୍ଧା ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ରାଜ କିଶୋର ପାତ୍ର, ବୈଦ୍ୟନାରାୟଣ ଭୁଜବଳ, ସୁନୀଲ ନରେନ୍ଦ୍ର, ରମାକାନ୍ତ ମହାପାତ୍ର, ତୋଫାନ ବରିଶଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଶରଧାପୁର ଓ ଘାଟିକିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଅନୁଷ୍ଠାନର ସଭାପତି ମାନସ ଦାସ ସୂଚନା ଦେଇଛନ୍ତି।

# ଇଣ୍ଡ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଖୋର୍ଦ୍ଧା ଅଫିସ,୧୪।୧

ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳ ପଡିଆରେ ଶନିବାର ଠାରୁ ଖୋର୍ଦ୍ଧା ଜିଲା ଇଣ୍ଡ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୪ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ଇଗଲ କ୍ରିକେଟ କ୍ଲବକୁ ୯ ଉଇକେଟରେ ପରାସ୍ତ କରିଛି। ରବିବାର ଗୁରୁଜଙ୍ଗର ବିବିସିସି ଏବଂ ରାଇଜିଂଷ୍ଟାର କୁମାରବସ୍ତ ମଧ୍ୟରେ ମ୍ୟାଚ ଆୟୋଜିତ ହେବ। ଏଥିରେ ସଫଳତା ହାସଲ କରିଥିବା ଖେଳାଳି ଆସନ୍ତା କଳାହାଣ୍ଡି କପ୍ କ୍ରିକେଟ ପାଇଁ ଖୋର୍ଦ୍ଧା ଜିଲା ଦଳର ପ୍ରତିନିଧିତ୍ୱ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।



ଖୋର୍ଦ୍ଧା: ବିଜେବି ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

# 'ଓଡ଼ିଆ ସାହିତ୍ୟର କର୍ଣ୍ଣଧାର ଫକୀରମୋହନ'

ଖୋର୍ଦ୍ଧା ଅଫିସ,୧୪।୧

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନାଚକ୍ର ଶ୍ରୀରାମନଗର ସ୍ଥିତ କାର୍ଯ୍ୟାଳୟରେ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାଷା ସାହିତ୍ୟର କର୍ଣ୍ଣଧାର ଫକୀର ମୋହନ ୧୮୪୩ ମସିହା ମକର ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିବା ବେଳେ ରଜ ସଂକ୍ରାନ୍ତିରେ ପରଲୋକ ଘଟିଥିଲା। ଜନ୍ମ ଓ ମୃତ୍ୟୁ ଉଭୟ ସଂକ୍ରାନ୍ତି ଦିବସରେ ହୋଇଥିବାରୁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ। ସେ ସମୟରେ ଫକୀର ମୋହନ ବାଲେଶ୍ୱର ଜିଲାପାଳ ଜନ୍ ବିମ୍‌ସଙ୍କୁ ଓଡ଼ିଆ ଭାଷାର ପ୍ରାଚୀନତା ତଥା ଶାସ୍ତ୍ରୀୟତା ଉପରେ ବୁଝାଇ ପ୍ରଭାବିତ କରିଥିଲେ। ତାଙ୍କ ରଚିତ 'ଛ ମାଣ ଆଠ ଗୁଣ୍ଠ', ମାମୁ, ଲଛମା, ରେବତୀ, ରାଣ୍ଡିପୁଅ ଅନନ୍ତା, ପେଟେଣ୍ଟ ମେଡିସିନ୍, ଉତ୍କଳ ଭ୍ରମଣ, ପୁଷ୍ପମାଳା, ଉପଦାର, ପୂଜ୍ୟପୂଜା, ପ୍ରାର୍ଥନା ଆଦି ଓଡ଼ିଆ ଭାଷାର ଯୁଗାନ୍ତକାରୀ ସର୍ଜନା। ଓଡ଼ିଆ ଭାଷାରେ ଉଭୟ ଗଦ୍ୟ ଓ ପଦ୍ୟ ରଚନା କରି ଭାଷା ଆନ୍ଦୋଳନ ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ପରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଏହି ଆଲୋଚନାଚକ୍ରରେ ସମ୍ପାଦିକା ଇତିଶ୍ରୀ ସାହୁ ଓ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର, କବି ଗୟା ପ୍ରସାଦ ମିଶ୍ର, ଦୟାନିଧି ସାହୁ, ଦିଲୀପ କୁମାର କର, ପଣ୍ଡିତ ବାସୁଦେବ ସାହୁ, ବିରଞ୍ଚି ନାରାୟଣ ଚହଟରାୟ, ବ୍ରଜ କିଶୋର ସାହୁ, ଗିରଧାରୀ ଡାକୁଆ, ସ୍ମୃତି ରଞ୍ଜନ ସାହୁ, ଦିଲୀପ କୁମାର ପରିଡ଼ା ପ୍ରମୁଖ ଫକୀର ମୋହନଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ। ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସଦ ପକ୍ଷରୁ ମକର ମେଳା ଓ ଫକୀର ମୋହନଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା ଚକ୍ର କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ଡ. ପତିତପାବନ ଦଳେଇ, ସସ୍ମିତା ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ରାମଶଙ୍କର, ଯୋଗେଶ ଚନ୍ଦ୍ର ରଥ, ନଟବର ସାହୁ, ବୈକୁଣ୍ଠନାଥ ରାଜଗୁରୁ, ସତ୍ୟବାଦୀ ବଳିୟାରସିଂ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବ୍ୟାସକବିଙ୍କୁ ଓଡ଼ିଆ ସାହିତ୍ୟର ଜଣେ ଶ୍ରେଷ୍ଠ ରୂପକାର ଭାବେ ବର୍ଣ୍ଣନା କରିଥିଲେ। ତାଙ୍କର ପ୍ରତିଟି ଲେଖାରେ ଓଡ଼ିଆ ସଂସ୍କୃତି, ପାରମ୍ପରିକ ଚଳଣି ଦେଖିବାକୁ ମିଳେ। ତାଙ୍କ ସାହିତ୍ୟକୃତି ଅମଳିନ ଓ ସବୁ ପିଢିଙ୍କ ଦ୍ୱାରା ଆଦୃତ। ଏହି ଅବସରରେ ଜ୍ୟୋତିପ୍ରଭା ପଟ୍ଟନାୟକ, ଡ.ବୃନ୍ଦାବନ ପଣ୍ଡା, ପ୍ରଫୁଲ୍ଲ ସାମନ୍ତରାୟ, ଆରତି ମଞ୍ଜରୀ ଦାଶ, ବାସୁଦେବ ସାହୁ ପ୍ରମୁଖ ବ୍ୟାସକବିଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଭାରସାମ୍ୟ ହରାଇ ଟ୍ରକ୍ ଓଲଟିଲା

ମଙ୍ଗୁଳି-ଜଗତପୁର,(ଡି.ଏନ.ଏ.): ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି ରେଲୱେ କ୍ରସିଂ ନିକଟରେ ଶନିବାର ଏକ ଟ୍ରକ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଚଣ୍ଡିଖୋଲରୁ ଉକ୍ତ ଟ୍ରକ୍ (ନଂ.ଓଡ଼ି୧୫ୟୁ-୮୧୨୩) ପାଣି ପାଇପ ନେଇ ଅନୁଗୋଳ ଯାଉଥିଲା। ଚାଳକଙ୍କ ଅସାବଧାନତା ଯୋଗୁ ଟ୍ରକ୍ ରାସ୍ତାପାର୍ଶ୍ୱ ଡିଭାଇଡରରେ ପିଟି ହୋଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାସ୍ତାରେ ପାଇପଗୁଡ଼ିକ ବିଛାଇ ହୋଇ ପଡିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ହାଇୱେ ପୋଲିସ ପହଞ୍ଚି କ୍ରେନ୍ ସହାୟତାରେ ଟ୍ରକକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### 'ଫକୀରମୋହନ ଓଡ଼ିଆ ଗଳ୍ପ ସାହିତ୍ୟର ଜନକ'

କଟକ ଅଫିସ, ୧୪।୧: ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲେଖକ ଡ. ପ୍ରମୋଦ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଫକୀରମୋହନ ହେଉଛନ୍ତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ। ସେହିପରି ମୁଖ୍ୟବକ୍ତା ଅଧାପକ ତରୁଣ କୁମାର ସାହୁ କହିଥିଲେ, ଫକୀରମୋହନ ତାଙ୍କ ଅନବଦ୍ୟ ସୃଷ୍ଟି ମାଧମରେ ନିଜ ମାତୃଭାଷାକୁ ଉନ୍ନତ କରିଛନ୍ତି। ଏଥିରେ ସମ୍ମାନିତ ବକ୍ତା ଭାବେ କଥାଶିଳ୍ପୀ ଶର୍ମିଷ୍ଠା ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଶାସକ ବଂଶୀଧର ରାଉତ, କୈଳାସ ଚନ୍ଦ୍ର ଦଳାଇ ଏବଂ ଜୟଲକ୍ଷ୍ମୀ ସେଠୀ ଯୋଗ ଦେଇଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଣତୀ ବଳ ଧନ୍ୟବାଦ ଦେଇଥିଲେ। ଇଂ. ସୁଶାନ୍ତ ସେଠୀ, ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସମରେନ୍ଦ୍ର ମେମୋରିଆଲ୍ କ୍ରିକେଟ, ସାଇଲେଣ୍ଟ ଟାଇଗର ବିଜୟୀ

ସାଲେପୁର,୧୪।୧(ଡି.ଏନ୍.ଏ.): ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସାଲେପୁର ବ୍ଲକ୍ ଭୀମଦାସପୁର ପଞ୍ଚାୟତ ପଟୁଆହାଟ ପଡ଼ିଆଠାରେ ଓରିଏଣ୍ଟ କ୍ଲବ୍ ଆନୁକୂଲ୍ୟରେ ସମରେନ୍ଦ୍ର ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ମହାନ୍ତି, ଭୀମଦାସପୁର ସରପଞ୍ଚ ପ୍ରତିନିଧି ପ୍ରଭାତ କୁମାର ନାୟକ, ସମିତି ସଭ୍ୟା ପ୍ରତିନିଧି ନାରାୟଣ ସେଠୀ, କାମିନୀବଲ୍ଲଭ ସ୍ୱାଇଁ, ହୃଷୀକେଶ ବିଶ୍ୱାଳ, ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ତ୍ରିକାଳଦର୍ଶୀ ଅଘୋରୀ କ୍ରିକେଟ କ୍ଲବ ପାଗା ଏବଂ ସାଇଲେଣ୍ଟ ଟାଇଗର କ୍ରିକେଟ ଟିମ ଭୀମଦାସପୁର ମଧରେ ଅନୁଷ୍ଠିତ ହୋଇଥିଲା। ଅଘୋରୀ ଟିମ ଟସ ଜିତି ୧୯ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରିଥିଲା। ଜବାବରେ ସାଇଲେଣ୍ଟ ଟାଇଗର ୧୬ ଓଭର ୪ଟି ବଲ୍ ଖେଳି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହି ଖେଳରେ ଚିରଞ୍ଜନ ସାହୁ 'ମ୍ୟାନ୍ ଅଫ୍ ଦି ମାଚ' ଓ ବିଶ୍ୱଜିତ୍ ବେହେରା 'ମ୍ୟାନ୍ ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ନଳୀନ ବେହୁରା ଓ ଅରୁଣ କୁମାର ପରିଡ଼ା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଏଥିରେ ସଂଗ୍ରାମ କିଶୋର ନାୟକ, ସନ୍ତୋଷ କୁମାର ସାହୁ, ବିଶ୍ୱରଞ୍ଜନ ନାୟକ, ନିରଞ୍ଜନ ମହାରଣା, ଜୀବନଜ୍ୟୋତି ବିଶ୍ୱାଳ, ଜାନକୀବଲ୍ଲବ ସାହୁ, ଅଭୟ କୁମାର ନାୟକ, ବିକି ନାୟକ, ଅସିତ୍ କୁମାର ବାରିକ, ଶରତ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ସାଇକେଲରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ରବିନ



ନିଶ୍ଚିନ୍ତକୋଇଲି,୧୪।୧(ସ୍ୱ.ପ୍ର.): ପରିବେଶର ସୁରକ୍ଷା ନେଇ ସଚେତନତାର ବାର୍ତ୍ତା ବାଣ୍ଟି ସାଇକେଲରେ କନ୍ୟାକୁମାରୀରୁ ବାହାରିଛନ୍ତି ଉତ୍ତରପ୍ରଦେଶର ରବିନ ସିଂ। ଇଟାୱା ଅଞ୍ଚଳର ରବିନ ସମଗ୍ର ଭାରତ ପରିଭ୍ରମଣ ନିମନ୍ତେ ଅକ୍ଟୋବର ୬, ୨୦୨୨ରୁ ସାଇକେଲ ଯୋଗେ କନ୍ୟାକୁମାରୀରୁ ଯାତ୍ରା ଆରମ୍ଭ କରି ତାମିଲନାଡୁ, କେରଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଦେଇ ୧୦୧ ଦିନ ଯାତ୍ରା କରି ଶନିବାର କଟକ ଜିଲା ନିଶ୍ଚିନ୍ତକୋଇଲିରେ ପହଞ୍ଚିଛନ୍ତି। ସେ ଓଡିଶାକୁ ଭୂୟସୀ ପ୍ରଶଂସା କରିବା ସହ ସମଗ୍ର ରାଷ୍ଟ୍ର ତାଙ୍କ ପାଇଁ ଅତିସୁନ୍ଦର ବୋଲି ପ୍ରକାଶ କରିଥିଲେ। କଟିକଟାରେ ତାଙ୍କୁ ଶଶିକାନ୍ତ ପଣ୍ଡା ଓ ନିଶ୍ଚିନ୍ତକୋଇଲିଠାରେ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

# ପ୍ରଶାସନର କଟକଣା ମାନିଲେନି

କଟକ ଅଫିସ,୧୪।୧

ଗୁଡ଼ି ଉଡ଼ା ପାଇଁ ସିନ୍ଥେଟିକ୍ ସୂତା, ମାଞ୍ଜା ସୂତାର ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ଉପରେ ଜାରି କଟକଣାକୁ ଉଲ୍ଲଂଘନ କରିବା ଅଭିଯୋଗରେ ଜଣେ ବ୍ୟବସାୟୀଙ୍କୁ ଶନିବାର ଗିରଫ କରାଯାଇଛି। ଏଥିସହ ତାଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୁଡି ଉଡ଼ାଇବା ପାଇଁ ମାଞ୍ଜାସୂତା ବ୍ୟବହାର କରିବା ଦ୍ୱାରା ଅନେକ ଦୁର୍ଘଟଣା ଘଟିଛି। ପୂର୍ବରୁ ମାଞ୍ଜାସୂତା ଲାଗି କେତେଜଣ ମୃତାହତ ହୋଇଛନ୍ତି। ମକର ସଂକ୍ରାନ୍ତିରେ ବହୁଳ ଭାବେ ଗୁଡି ଉଡ଼ାଇବାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର କଟକଣା ଜାରି କରାଯାଇଥିଲା।



ଗୁଡ଼ି ଦୋକାନରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଉଛି।

ଏଥିରେ ମାଞ୍ଜା ଓ ସିନ୍ଥେଟିକ୍ ସୂତାର ବିକ୍ରି ଓ ବ୍ୟବହାର ବନ୍ଦ କରିବାକୁ କୁହାଯାଇଥିଲା। କୌଣସି ବ୍ୟବସାୟୀ କିମ୍ବା ବ୍ୟକ୍ତି କଟକଣା ଉଲ୍ଲଂଘନ କଲେ

**ଗୁଡ଼ି ଦୋକାନରେ ଚଢ଼ାଉ, ବ୍ୟବସାୟୀ ଗିରଫ**

ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଓ କମିଶନରେଟ ପୋଲିସ୍ ପକ୍ଷରୁ ଶନିବାର ପୂର୍ବାହ୍ନରେ ଝୋଲାସାହିସ୍ଥିତ କେତେକ ଗୁଡ଼ି ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ବିପୁଳ ପରିମାଣର ନଟେଇ, ସୂତା ଜବତ ହୋଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି ଓ ପୁରୀଘାଟ ଥାନା ଆଇଆଇସି ଯତୀନ୍ଦ୍ରନାଥ ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ଉମଡ଼ମଣୀ ପୀଠରେ ମକରମେଳା



ଉମଡ଼ମଣୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଚୌଦ୍ୱାର/ ସାଲେପୁର,୧୪।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣା ଗ୍ରାମ ନିକଟ ପାହାଡ଼ ପାଦଦେଶରେ ଥିବା ମା' ଉମଡମଣୀ ପୀଠରେ ଶନିବାର ମକରମେଳା ଅନୁଷ୍ଠିତ ହୋଇଯାଇଛି। ୨ବର୍ଷ ପରେ ଏହି ମେଳା ହେଉଥିବାରୁ ମା'ଙ୍କୁ ଦର୍ଶନ କରିବା ପାଇଁ ପୀଠରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପ୍ରାତଃରୁ ମା' ଉମଡ଼ମଣୀ ଓ ବନଦେବୀ ମା' ବନଦୁର୍ଗାଙ୍କର ବିଭିନ୍ନ ପୂଜା ନୀତି ସମ୍ପନ୍ନ ହୋଇଥିଲା। ଏଥିସହ ପୀଠରେ ସାରାଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା। ଚାରବାଟିଆ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ସେବାକାର୍ଯ୍ୟ ଓ ଯଜ୍ଞ ପରିଚାଳନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ମେଳାରେ ବିଭିନ୍ନ ଷ୍ଟଲ ଖୋଲା ଯାଇଥିଲା। ଉମଡ଼ମଣୀ ପରିଚାଳନା କମିଟି ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯିବା ସହ ଶ୍ରଦ୍ଧାଳୁମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଏଥିସହ ଦରଦୀ ବନ୍ଧୁ ସେବା ସଙ୍ଗଠନ ତରଫରୁ ଜଳଦାନ ବ୍ୟବସ୍ଥା କରାଯାଇଥିଲା। ପୀଠରେ ଭିଡ଼ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ପାହାଡ଼ ଜଙ୍ଗଲ ଘେରା ଏହି ପୀଠ ହାତୀଙ୍କ ଚଳପ୍ରଚଳ ସ୍ଥାନ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ରେଞ୍ଜର ଅଭିରାମ ଜେନାଙ୍କ ତତ୍ତ୍ୱାବଧାନରେ ବନ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ପୀଠ ଚତୁଃପାର୍ଶ୍ୱ ଓ ରାସ୍ତାପାର୍ଶ୍ୱରେ ଉପସ୍ଥିତ ଥିଲେ। ହାତୀ ବାହାରୁ ଥିବାରୁ ସନ୍ଧ୍ୟା ପୂର୍ବରୁ ପୀଠ ଛାଡ଼ି ଚାଲିଯିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଯୋଗେ ଯାତ୍ରୀଙ୍କୁ ସଜାଗ କରାଯାଇଥିଲା। ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା ମେଳା ପରିଚାଳନା କରିଥିଲେ।

ସେହିପରି ସାଲେପୁର ବ୍ଲକ ଅନ୍ତର୍ଗତ ବଟେଶ୍ୱର ଗ୍ରାମସ୍ଥିତ ମା'ଭଗବତୀଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏନେଇ ପୀଠରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ଚିତ୍ରୋତ୍ପଳା ଗୁପ୍ତଗଙ୍ଗାଠାରେ ବୁଡ଼ ପକାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# 'ସହରରେ ନେତାଜୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ହେଉ'




କାର୍ଯ୍ୟକ୍ରମରେ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ବକ୍ତବ୍ୟ ଦେଉଛନ୍ତି।

କଟକ ଅଫିସ, ୧୪।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଅବହେଳିତ ଅବସ୍ଥାରେ ରହିଛି। ଏହା ସବୁଠାରୁ ଲଜ୍ଜାକର ଘଟଣା। ନେତାଜୀଙ୍କୁ ଯେଉଁଭଳି ସମ୍ମାନ ମିଳିବା କଥା ତାହା ଏଯାବତ୍ ମିଳିପାରିନାହିଁ। ନେତାଜୀ କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଭାରତୀୟ ମହାନ ଯୋଦ୍ଧା ଭାବରେ ପରିଚିତ। ଏଣୁ ମହାନ ଯୋଦ୍ଧା ନେତାଜୀଙ୍କୁ ଭାରତ ରତ୍ନ ପ୍ରଦାନ, କଟକ ରେଳଷ୍ଟେଶନକୁ ନେତାଜୀଙ୍କ ନାମରେ ନାମକରଣ କରିବା, ସହରରେ ନେତାଜୀଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ସହ ତାଙ୍କ ଜୀବନୀ ସମ୍ପର୍କରେ

**ନେତାଜୀ ସୁଭାଷ ସ୍ମୃତି ବ୍ୟାଖ୍ୟାନମାଳା**

ପାଠ୍ୟପୁସ୍ତକରେ ସ୍ଥାନ ଦିଆଯାଉ ବୋଲି ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାବି କରିଛନ୍ତି।

ନେତାଜୀ ସୁଭାଷ ସ୍ମୃତି ସଂସଦ ଆନୁକୂଲ୍ୟରେ ନେତାଜୀ ସୁଭାଷ ସ୍ମୃତି ବ୍ୟାଖ୍ୟାନ ମାଳା କଟକ ଶହୀଦ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ଉପାଧ୍ୟାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ନେତାଜୀ ସୁଭାଷ ଏବଂ ସ୍ୱାଧୀନତା ସଂଗ୍ରାମ' ବିଷୟବସ୍ତୁ ଉପରେ କହିଛନ୍ତି, ଦେଶର ଆଇନ ବ୍ୟବସ୍ଥାରେ ତ୍ରୁଟିବିଚ୍ୟୁତି ରହିଯାଇଛି। ଏଥିରେ ସୁଧାର ଆଣିବା ଆବଶ୍ୟକ। ନେତାଜୀଙ୍କ ଜନ୍ମସ୍ଥାନ କିପରି ଅବହେଳିତ ଅବସ୍ଥାରେ ଅଛି ତାହାକୁ ଏମ୍‌ପି ଏବଂ ବିଧାୟକମାନେ ଆସି ଅନୁଧ୍ୟାନ କରନ୍ତୁ ବୋଲି ଉପାଧ୍ୟାୟ ମତବ୍ୟକ୍ତ କରିଛନ୍ତି। ସ୍ମୃତି ସଂସଦ ସଭାପତି ସଜ୍ଜନ କୁମାର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ କିଶନଲାଲ ଭରତିଆ, ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଶମ୍ଭୁନାଥ ଗୋୟଙ୍କା ଉପସ୍ଥିତ ଥିଲେ। ଜ୍ୟୋତ୍ସ୍ନାରାଣୀ ସିଂ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ ଓ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରାଚୀନଦୀ ସଙ୍କୁଚିତ କରା ନ ଯାଉ

କଣ୍ଟାପଡା,୧୪।୧(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା ପ୍ରତିଷ୍ଠାନ ଏସ୍‌ଭି ନିର୍‌ତାରକୁ ଯାତାୟାତ ପାଇଁ ୬୦ ନଂ. ରାଜ୍ୟ ରାଜପଥର ବାଇରୋଇ ନିକଟରୁ ଓଲଟପୁରକୁ ପ୍ରାୟ ୧କିମି ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରାଚୀନଦୀର ଧାରାକୁ ସଙ୍କୁଚିତ ନ କରିବାକୁ ସାମାଜିକ ସଙ୍ଗଠନ ପ୍ରାଚୀପ୍ରଜ୍ଞା ପକ୍ଷରୁ ଦାବି ହୋଇଛି। ଶନିବାର ସ୍ଥାନୀୟ ବାଇରୋଇଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ସଭାପତି ହଂସନାଥ ସାହୁ, ଉପ ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ଅନୁପ କୁମାର ସାସମଲ ଓ ଟ୍ରଷ୍ଟି ଅଶ୍ୱିନୀ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ସଙ୍ଗଠନ ବିରୋଧ କରୁନାହିଁ। ହେଲେ ଏଥିପାଇଁ ପ୍ରାଚୀନଦୀ ଧାରାକୁ ସଙ୍କୁଚିତ କରାଗଲେ ବର୍ଷାଦିନେ ଉପର ମୁଣ୍ଡରେ ଥିବା ୧୨ଟି ପଞ୍ଚାୟତ ଜଳବନ୍ଦୀ ହେବାର ସମ୍ଭାବନା ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି ଜାତୀୟ ଅନୁଷ୍ଠାନ ଏସ୍‌ଭି ନିର୍‌ତାରକୁ ଭଲ ରାସ୍ତା ନ ଥିବାରୁ ଦିବ୍ୟାଙ୍ଗମାନେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନୁଷ୍ଠାନକୁ ସଂଯୋଗ କରୁଥିବା ରାସ୍ତାଟି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଗତବର୍ଷ ଜୁନ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ବିଭାଗୀୟ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏସ୍‌ଭି ନିର୍‌ତାର ଗସ୍ତ କରିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇ କାମ ଆରମ୍ଭ ହୋଇଛି। ତେବେ ରାସ୍ତା ନିର୍ମାଣ ଯୋଗୁ ପ୍ରାଚୀନଦୀ ଧାରାର କୌଣସି କ୍ଷତି ହେବ ନାହିଁ ବୋଲି ଡ୍ରେନେଜ୍ ବିଭାଗର କନିଷ୍ଠଯନ୍ତ୍ରୀ ଗୀତାଞ୍ଜଳି ବେହେରା କହିଛନ୍ତି।

# କବାଡ଼ି: ନିଶ୍ଚିନ୍ତକୋଇଲି ଜିଲା ଚାମ୍ପିୟନ

ନିଶ୍ଚିନ୍ତକୋଇଲି,୧୪।୧(ସ୍ୱ.ପ୍ର)

କଟକ ଜିଲାସ୍ତରୀୟ କବାଡ଼ି ଖେଳରେ ନିଶ୍ଚିନ୍ତକୋଇଲି ବ୍ଲକ ଚାମ୍ପିୟନ ହୋଇଥିବା ନେଇ ଜିପିଓ ଜନ୍ମେଜୟ ରାଉତ ସୂଚନା ଦେଇଛନ୍ତି। ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି କବାଡି ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ନିଶ୍ଚିନ୍ତକୋଇଲିର ସଫଳତା ପାଇଁ ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବ୍ଲକ ଉପାଧକ୍ଷ ଅଶୋକ ଓଝା, ଅଧକ୍ଷା ରୋଜି ସେଠୀ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୩୦ବର୍ଷ ପରେ ଦିବ୍ୟାଙ୍ଗଙ୍କୁ ମିଳିଲା ନ୍ୟାୟ

ଚୌଦ୍ୱାର,୧୪।୧(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ ଦିବ୍ୟାଙ୍ଗ ପାଲଟିଥିବା ଜନୈକ ଯୁବକଙ୍କୁ ଦୀର୍ଘ ୩୦ ବର୍ଷ ପରେ ମିଳିଛି ନ୍ୟାୟ । ଚୌଦ୍ୱାର ପୌରପାଳିକା ୫ନଂ ୱାର୍ଡ ବ୍ରାହ୍ମଣସାହିର କମଲ ମୁସ୍ତାଫାଙ୍କ ପୁଅ ଇକ୍‌ବାଲ ଜାଭେଦ୍ (୩୦) ଯେତେବେଳେ ୫ମାସର ହୋଇଥିଲେ ସେତେବେଳେ ସ୍ୱାସ୍ଥ୍ୟ ବିଭାଗର ଏଲ୍‌ଏଚ୍‌ଭିଙ୍କ ପରାମର୍ଶ କ୍ରମେ ୧୯୯୩ ମେ' ୪ରେ ଜଗତପୁର ଥାନା ପଦ୍ମପୁର ଡିସ୍‌ପେନସାରୀରେ ପୋଲିଓ ଓ ଡିପିଟି ଟିକା ନେଇଥିଲେ। ସେତେବେଳେ ସେ ଭଲ ଥିଲେ । ଟିକା ନେବା ପରେ ତାଙ୍କୁ ଜ୍ୱର ହେବା ସହିତ ଅଣ୍ଟା ତଳୁ ପକ୍ଷାଘାତ ହୋଇଥିଲା। ଏନେଇ ପରିବାର ଲୋକେ ଡିସପେନସାରୀରେ ଥିବା ଡାକ୍ତରଙ୍କୁ ପରାମର୍ଶ କରିବାରୁ



ଇକ୍‌ବାଲ ଜାଭେଦ୍।

ତାଙ୍କୁ ଏକ୍ସପାଏରୀ ଟିକା ଦିଆଯାଇଥିବା କହିଥିଲେ। ତେଣୁ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରିବାକୁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ତେବେ କୌଣସି ସୁଫଳ ମିଳି ନ ଥିଲା। ବଦଳରେ ତାଙ୍କୁ ସିଡିଏମଓ ଅଫିସରୁ ଶତକଡ଼ା ୮୦ ପ୍ରତିଶତ ପୋଲିଓ ଆକ୍ରାନ୍ତ ପ୍ରମାଣପତ୍ର ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ ଇକବାଲ ଦିବ୍ୟାଙ୍ଗ ହୋଇଯାଇଥିଲେ। ତେବେ କମଲ କ୍ଷତିପୂରଣ ଓ ମେଡିକାଲ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଜିଲାପାଳ, ମାନବାଧିକାର କମିଶନ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଆବେଦନ କରି ନିରାଶ ହୋଇଥିଲେ। ଶେଷରେ ୨୦୧୩ରେ ସେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଗତ ୧୨ତାରିଖ ଏହି ମାମଲାର ବିଚାର କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥି ଦିବ୍ୟାଙ୍ଗ ଇକବାଲଙ୍କୁ କ୍ଷତିପୂରଣ ବାବଦ ୧୦ଲକ୍ଷ ଟଙ୍କା ୧ମାସ ଭିତରେ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ତେବେ ଦିବ୍ୟାଙ୍ଗ ଇକ୍‌ବାଲର ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ତାଙ୍କୁ କୌଣସି ସରକାରୀ ଚାକିରିରେ ନିଯୁକ୍ତି ଦେବା ପାଇଁ ଇକ୍‌ବାଲଙ୍କ ବାପା ନିବେଦନ କରିଛନ୍ତି।

# ବାଇକ ଚୋରି ରାକେଟ ଠାବ, ୨ ଗିରଫ



ଜବତ୍ ବାଇକ ଓ ଗିରଫ ଅଭିଯୁକ୍ତ।

ଆଠଗଡ,୧୪।୧(ସ୍ୱ.ପ୍ର.)

ଆଠଗଡ଼ ପୋଲିସ ପକ୍ଷରୁ ଶନିବାର ଏକ ବାଇକ୍ ଚୋରି ରାକେଟ ଠାବ କରାଯାଇଛି। ଏହି କାର୍ଯ୍ୟରେ ୪ ନାବାଳକଙ୍କ ସମେତ ୬ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ୪ ଜଣ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମର ରମାକାନ୍ତ ସାହୁ ଓ ଆଠଗଡ଼ ଥାନା ଅନ୍ତର୍ଗତ ବାଇଝରୀପାଟଣା ଗ୍ରାମର ରତ୍ନାକର ବ୍ରହ୍ମ । ଅଭିଯୁକ୍ତମାନଙ୍କଠାରୁ ୭ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୯୭/୨୨)

**୭ବାଇକ ଜବତ, ୪ ନାବାଳକ ଧରାପଡ଼ିଲେ**

ରୁଜୁ ହୋଇଥିବାବେଳେ ନାବାଳକ ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ. ୧୦/୨୪) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବାମଦେବ ସ୍ୱାଇଁ ପ୍ରକାଶ କରିଛନ୍ତି। ଏଥିରେ ଆନ୍ତଃଜିଲ୍ଲା ରାକେଟ ସଂଶ୍ଳିଷ୍ଟ ଥିବା ପୋଲିସ ସନ୍ଦେହ କରୁଛି। ଆଠଗଡ଼ ସହରରେ କିଛି ଦିନ ହେଲା ବାଇକ ଚୋରି ଘଟଣା ବଢ଼ି ଚାଲିଥିଲା। ତିନି ଦିନ ତଳେ ଆଠଗଡ ସହର ଅଶୋକ ନଗର ଅଞ୍ଚଳର ଜଣଙ୍କ ଘର ସମ୍ମୁଖରୁ ୨ଟି ବାଇକ ଚୋରି ହୋଇଯାଇଥିଲା।

# 'ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ'

ନିଆଳି,୧୪।୧(ଡି.ଏନ୍.ଏ.)

ନିଆଳି ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ଅବସରରେ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଶନିବାର ସନ୍ଧ୍ୟାରେ ପୂର୍ବତନ ଛାତ୍ର ସଂସଦ ସଭାପତି ଡା. ଅଧିରାଜ କୁମାର ପରିଡାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ବଟକୃଷ୍ଣ ତ୍ରିପାଠୀ, ଅଧାପକ ଶରତ ଚନ୍ଦ୍ର ବାରିକ, ପୂର୍ବତନ ଶିକ୍ଷକ ନଟବର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଡା. ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ମହାପାତ୍ର ଧରଣୀଧର ପଣ୍ଡା, ବଦ୍ରିନାଥ ମହାପାତ୍ର, ମହେନ୍ଦ୍ରନାଥ ନାୟକ, ବୈରାଗୀ ଦାସ, ବୁଢା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଭାରତୀକୃଷ୍ଣଙ୍କୁ ଗୁରୁ ରାଖାଲ ମହାନ୍ତି ସ୍ମୃତି ସମ୍ମାନ

କଟକ ଅଫିସ, ୧୪।୧

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ବାର୍ଷିକ ଅଖଣ୍ଡ ଭଜନ ସମାରୋହ ଓ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ କଟକ ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ଦାଶ ଶ୍ରୀଜଗନ୍ନାଥାଷ୍ଟକମ୍ ଗାନ କରିଥିଲେ। ସେହିପରି ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଭକ୍ତିସଙ୍ଗୀତ ଗାନ କରିଥିଲେ। ଏହାପରେ ସନ୍ଧ୍ୟାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଚୌଧୁରୀ ଭାରତୀ କୃଷ୍ଣ ଦାଶଙ୍କୁ ଗୁରୁ ରାଖାଲ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଗୀତିକାର ମନୋଜ ମହାନ୍ତିଙ୍କୁ ଶ୍ରୀଜଗନ୍ନାଥ



ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ଚୌଧୁରୀ ଭାରତୀକୃଷ୍ଣ ଦାଶଙ୍କୁ ଗୁରୁ ରାଖାଲ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ଭଜନ ସମାରୋହ**

ସମ୍ମାନ, କଣ୍ଠଶିଳ୍ପୀ ବନ୍ଦିତା ରାୟଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ, ମର୍ଦ୍ଦଳବାଦ୍ୟ ଶିଳ୍ପୀ ପ୍ରଫେସର ଡ. ଜଗନ୍ନାଥ କୁଅଁରଙ୍କୁ ଗୁରୁ ରାଧାକାନ୍ତ ନନ୍ଦ ସ୍ମୃତି ବାଦ୍ୟଶିଳ୍ପୀ ସମ୍ମାନ ଓ ମଞ୍ଚ ଉଦ୍‌ଘୋଷକ ଚିତ୍ତରଞ୍ଜନ ପଣ୍ଡା ଏବଂ ପଣ୍ଡିତ ନୀରଦ ଚନ୍ଦ୍ର ଆର୍ଯ୍ୟଙ୍କୁ ଶ୍ରୀଜଗନ୍ନାଥ ଉଦ୍‌ଘୋଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସପ୍ତକ' ଲୋକାର୍ପିତ ହୋଇଥିଲା। ଏଥିରେ ପ୍ରଫେସର ଡା. ସୁରେନ୍ଦ୍ର ନାଥ ସେନାପତି, ଡିସିପି ପିନାକ ମିଶ୍ର, ବିଜେଡ଼ି ନେତା ରଞ୍ଜନ କୁମାର ବିଶ୍ୱାଳ, ହରିପୁର ସାହି ଅଧିକାରୀ ହରେକୃଷ୍ଣ ପ୍ରଧାନ, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୀତିକାର ଗୌର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୫ ଜାନୁୟାରୀ, ୨୦୨୩

## ଚନ୍ଦ୍ରଭାଗା କବିତା ଉତ୍ସବ ଉଦଘାଟିତ

କୋଣାର୍କ,(ଡି.ଏନ୍.ଏ.) ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଶନିବାର ଚନ୍ଦ୍ରଭାଗା କବିତା ଉତ୍ସବ ଉଦ୍‌ଘାଟିତ ହୋଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ,ଇନିଷ୍ଟିଚ୍ୟୁଟ ଅଫ୍ ନଲେଜ ସୋସାଇଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ବିଶିଷ୍ଟ କବି ଓ କବୟିତ୍ରୀମାନେ ଯୋଗଦେଇଥିଲେ। ଅତିଥି ଭାବେ ଲେଖକ ଜୟନ୍ତ ମହାପାତ୍ର, ଦେବୀ ପ୍ରସନ୍ନ ପଟ୍ଟନାୟକ, ଫରାସୀ କବି ଲାରା ଦୋଫ, ପ୍ରଭାସୀନ ମହାକୁଡ଼, ଅପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଇଂଲିଶ, ଓଡ଼ିଆ କବିତା, ଭାରତୀୟ, ଆଦିବାସୀ, ସମସାମୟିକ ଓଡ଼ିଆ କବିତା ସ୍ଥାନ ପାଇଥିଲା। ପରେ ମୃତ୍ୟୁଞ୍ଜୟ ସିଂଙ୍କ ଦ୍ରୌପଦୀ, ନବୀନ ଦାସଙ୍କ ଅନିତା, ଅଶ୍ୱିନୀ କୁମାରଙ୍କ ରିଭର୍ସ ଗୋଇଙ୍ଗ ହୋମ, ଗୋପାଳ ଲାହରୀଙ୍କ କ୍ରସିଙ୍ଗ ଦ ସୋରଲାଇନ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ, ସବିତା ସିଂ ସଞ୍ଚାଳନ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧।୨୦୨୩

| | |
|---|---|
| ୫,୯୨, ୦୧୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୪.୪୦୦ ଗ୍ରାମ |

# ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ବିରୋଧ

ପୁରୀ ଅଫିସ,୧୪।୧

ମହାପ୍ରଭୁଙ୍କ ଚକାନୟନରେ ଆଖି ମିଶାଇବା ପାଇଁ ବିଦେଶୀ ଭକ୍ତଙ୍କୁ ଅନୁମତି ମିଳୁ ବୋଲି ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ମନ୍ତବ୍ୟ ଦେଇଛନ୍ତି। ଯାହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଥିବାବେଳେ ପୁରୀର ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଲାଲ ଯୋଗଦେଇ କହିଥିଲେ ଯେତେବେଳେ ବିଦେଶୀ ଭକ୍ତଟିଏ ମହାପ୍ରଭୁଙ୍କ ପ୍ରମୁଖ ସେବକ ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ ଓ ସେବାୟତଙ୍କୁ ଭେଟି ଦର୍ଶନ କରିପାରୁଛି, ସେତେବେଳେ ବିଦେଶୀ ଭକ୍ତଟିଏ କାହିଁକି ମହାପ୍ରଭୁଙ୍କ ନିକଟକୁ ଯାଇ ଦର୍ଶନ କରିପାରିବ ନାହିଁ। ବିଦେଶୀ ଭକ୍ତଙ୍କୁ ମଧ୍ୟ ମହାପ୍ରଭୁଙ୍କ




ରାଜ୍ୟପାଳଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ପୁରୀରେ ବିକ୍ଷୋଭ ପ୍ରଦର୍ଶନ।

ଚକାନୟନରେ ଆଖି ମିଶାଇବାକୁ ଅନୁମତି ମିଳିବା ଉଚିତ। ତେବେ ରାଜ୍ୟପାଳଙ୍କ ଏପରି ମନ୍ତବ୍ୟକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶନିବାର ବିରୋଧ ପ୍ରଦର୍ଶନ କରାଯାଇଛି। ଚକ୍ରତୀର୍ଥ ରୋଡ୍‌ଠାରେ ଥିବା ମା' ମହାଲକ୍ଷ୍ମୀଙ୍କ ବାପଘର ନିକଟରେ ଲୋକମାନେ ଏକାଠି ହୋଇ ରାଜ୍ୟପାଳ ଦେଇଥିବା ମନ୍ତବ୍ୟକୁ ବିରୋଧ କରିଥିଲେ। ଏହି ଅବସରରେ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜ୍ୟପାଳ ନା ଧର୍ମଗୁରୁ। ଧର୍ମ ଉପରେ ହସ୍ତକ୍ଷେପ କରିବାର ଅଧିକାର କାହାର ନାହିଁ। ସେ ରାଷ୍ଟ୍ରପତି ହୁଅନ୍ତୁ ଅବା ରାଜ୍ୟପାଳ। ମକା ମଦିନା କିମ୍ବା ଭାଟିକାନ ସିଟିକୁ ହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ରହିଛି। ରାଜ୍ୟପାଳ କହିଦେଲେ କ'ଣ ସେଠାରେ ହିନ୍ଦୁମାନଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ କି। ସେହିପରି ଅତୀତରେ ମହାପ୍ରଭୁଙ୍କ ଅନ୍ୟ ଧର୍ମ ତଥା ଅଣ ହିନ୍ଦୁମାନଙ୍କ ପାଇଁ ମହାପ୍ରଭୁ ୫୬ଥର ପାତାଳି ହୋଇଛନ୍ତି। ମହାପ୍ରଭୁ ଅଣ ହିନ୍ଦୁମାନଙ୍କୁ ଦର୍ଶନ ଦେବା ପାଇଁ ବର୍ଷକୁ ଥରେ ଶ୍ରୀମନ୍ଦିର ଛାଡି ରଥକୁ ଆସୁଛନ୍ତି। ତେଣୁ ଅଣହିନ୍ଦୁମାନଙ୍କ ପ୍ରବେଶ ଶ୍ରୀମନ୍ଦିରରେ କୌଣସି ଆବଶ୍ୟକ ନାହିଁ। ରାଜ୍ୟପାଳ କାହିଁକି ଏପରି ମନ୍ତବ୍ୟ ଦେଇଛନ୍ତି ତାହାର ରହସ୍ୟ କ'ଣ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

## ସାକ୍ଷୀଗୋପାଳଙ୍କୁ ଲାଗିହେଲା ମକର ଭୋଗ

ସାକ୍ଷୀଗୋପାଳ,୧୪।୧ (ଡି.ଏନ୍.ଏ./ସ୍ୱ.ପ୍ର.) :



ଶନିବାର ମକର ସଂକ୍ରାନ୍ତି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ପରମ୍ପରାକ୍ରମେ ମକର ଚାଉଳ ଭୋଗ ଲାଗି କରାଯାଇଛି। ଶୁକ୍ରବାର ମହାଲକ୍ଷ୍ମୀଙ୍କ ବାପଘରୁ ଆସିଥିବା ମକର ଭାରରେ ମନ୍ଦିର ମାଳି ସେବାୟତମାନେ ମକର ଚାଉଳ ପ୍ରସ୍ତୁତ କରିଥିଲେ। ମକରଭାର ସହିତ ଆସିଥିବା ନୂତନ ବସ୍ତ୍ର ସାକ୍ଷୀଗୋପାଳ ଓ ରାଧାରାଣୀ ପରିଧାନ କରିଥିଲେ। ମନ୍ଦିର ଚୂଡାରେ ନେତ ବନ୍ଧା ଯାଇଥିଲା। ଚୂନପାଣି ପକାଯାଇ ବେଢ଼ା ଶୋଧ କରାଯିବା ପରେ ରୁପା ପିଙ୍ଗଳରେ ମକର, ସାକର, ଦଧି ଓ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତିତ୍ରାସ, ବାଜା, ମହୁରୀ, କହାଳୀ, ଘଣ୍ଟ ବଜାଇ ଠାକୁରଙ୍କୁ ଆଳତି ଓ ଉପଚାର କରି ପୂଜାପଣ୍ଡା ବନ୍ଦପନା କରିଥିଲେ। ମକର ଭାରରେ ପ୍ରସ୍ତୁତ ମକର ଚାଉଳ ପ୍ରଥମେ ଠାକୁର ଓ ଠାକୁରାଣୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇ ବଳି ଆଟିକାରେ ନବାଙ୍କ ଚଣ୍ଡ ପ୍ରଦାନ କରାଯାଇଥିଲା। ମନ୍ଦିର ବେଢା ମଧ୍ୟରେ ଶ୍ରଦ୍ଧାଳୁମାନେ ମକର ଚାଉଳ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନୋବେଲ ବିଜେତା ହାରଲଡ଼ ଭରମସଙ୍କ ସୂର୍ଯ୍ୟମନ୍ଦିର ଦର୍ଶନ



କୋଣାର୍କ,୧୪।୧(ଡି.ଏନ୍.ଏ.): ୧୯୮୯ରେ ନୋବେଲ ପୁରସ୍କାର ବିଜୟୀ (ମେଡିସିନ) ଆମେରିକାର ହାରଲଡ୍ ଇ.ଭରମସ ଶନିବାର କୋଣାର୍କ ପରିଦର୍ଶନରେ ଆସିଛନ୍ତି। ସେ କୋଣାର୍କରେ ପହଞ୍ଚି ପ୍ରଥମେ ଆଇଓସିଏଲ୍ ବ୍ୟାଖ୍ୟାନ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କୁ ବ୍ୟାଖ୍ୟାନ କେନ୍ଦ୍ରର ଅଧିକାରୀ ରାଜକିଶୋର ଦଳାଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗାଇଡ୍ ବିଶ୍ୱେଶ୍ୱର ଦାଶ ବ୍ୟାଖ୍ୟାନ କେନ୍ଦ୍ର ବିଷୟରେ ବୁଝାଇଥିଲେ। ପରେ ଭରମସ୍ ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। ଏହି ସମୟରେ ଆଇଓସିଏଲ କର୍ମଚାରୀ, ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀଲୋକନାଥଙ୍କ ମନ୍ଦିରକୁ ଗଲା ମକର ଚୂଳ, ମୁଆଁ

ପୁରୀ ଅଫିସ ୧୪।୧ : ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି ସହିତ ସହିତ ଶ୍ରୀକ୍ଷେତ୍ର ପଞ୍ଚପାଣ୍ଡବ ଭାବେ ବିବେଚିତ ଶ୍ରୀଲୋକନାଥ ମହାଦେବଙ୍କ ନୀତି ପ୍ରାୟତଃ ଜଡ଼ିତ ରହିଛି। ମକର ସଂକ୍ରାନ୍ତି ଅବସରରେ ଶ୍ରୀଲୋକନାଥ ଦେବଙ୍କ ଶୈବପୀଠରେ ଶନିବାର ମକର ପର୍ବ ପାଳିତ ହୋଇଛି। ମାନ୍ୟତା ଅନୁଯାୟୀ, ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପାର୍ବତୀ ତାଙ୍କ ବାପଘରକୁ ଯାଇଥାନ୍ତି। ତେବେ ମକର ସଂକ୍ରାନ୍ତିରେ ମା' ପାର୍ବତୀ ବାପ ଘରୁ ମନ୍ଦିରକୁ ଫେରିଛନ୍ତି। ଫେରିବା ସମୟରେ ମହାଦେବଙ୍କ ପାଇଁ ମା ପାର୍ବତୀ ଆଭୂଷଣ ଏବଂ ବ୍ୟଞ୍ଜନ ଧରି ଫେରିଥିଲେ। ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ମା' ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ ଏବଂ କାହଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

### ବନ୍ୟଜନ୍ତୁ ବେଶରେ ଶିଶୁ କଳାକାରଙ୍କ ସଚେତନତା

ପୁରୀ ଅଫିସ,୧୪।୧: ପୁରୀ ଜିଲାର ବାଲୁଖଣ୍ଡ ଅଭୟାରଣ୍ୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଜଙ୍ଗଲ ମଧ୍ୟରେ ଯାଇଛି ପୁରୀ କୋଣାର୍କ ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥ। ଏହି ପଥ ଦେଇ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକ କୋଣାର୍କରୁ ପୁରୀ ଯିବାଆସିବା କରନ୍ତି। କିନ୍ତୁ ଦୁଃଖର ବିଷୟ ଅଭୟାରଣ୍ୟରେ ଥିବା ଜୀବଜନ୍ତୁ ରାସ୍ତା ପାରି ହେବାବେଳେ ଗାଡ଼ି ଧକ୍କାରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହାଦ୍ୱାରା କେବଳ ଜୀବଜନ୍ତୁ ନୁହେଁ ଗାଡ଼ି ଚଳାଉଥିବା ମଣିଷ ବି ମୃତ୍ୟୁ ହେଉଛି। ଏହି ସବୁ ସଚେତନତା ବାର୍ତ୍ତା ନେଇ ସଡ଼କ ସପ୍ତାହ ଅବସରରେ କେତେଜଣ ଶିଶୁ କଳାକାର ଜୀବଜନ୍ତୁ ବେଶରେ ରାମଚଣ୍ଡୀ ଛକ ଓ ବେଲେଶ୍ୱର ପାଟଣା ଛକରେ ଗ୍ରାମବାସୀ, ପଥଚାରୀଙ୍କୁ ନିଜର ଦୁଃଖ କାହାଣୀ କହିବା ସହ ସୁରକ୍ଷିତ ଗାଡ଼ି ଚାଳନା କରି ନିଜେ ସୁରକ୍ଷିତ ରହିବା ସହ ବନ୍ୟଜନ୍ତୁଙ୍କୁ ସୁରକ୍ଷିତରେ ବଞ୍ଚିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକଙ୍କ ସମେତ ରାମଚଣ୍ଡୀ ଥାନାଧିକାରୀ ଏବଂ ପରିବହନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବ୍ୟାସକବିଙ୍କ ଲେଖାରେ ଆଧୁନିକ ରଚନାବଳୀ ପ୍ରଭାବିତ

ପୁରୀ ଅଫିସ,୧୪।୧

ଶ୍ରୀପର୍ଣ୍ଣା ପ୍ରକାଶନୀ ଆନୁକୂଲ୍ୟରେ ମକର ସଂକ୍ରାନ୍ତି ଅବସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପୁଣ୍ୟ ଜୟନ୍ତୀ ସ୍ଥାନୀୟ ଗାନ୍ଧିହାଟରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ.କୈଳାସ ଚନ୍ଦ୍ର ଟିକାୟତ ରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ଅମେୟ ବିକ୍ରମାନନ୍ଦ ଭୂୟାଁଙ୍କର ଆଧ୍ୟାତ୍ମିକ ଦର୍ଶନକୁ ଉଜ୍ଜୀବିତ କରି ରଚିତ ହୋଇଥିବା ପୁସ୍ତକ ବ୍ରହ୍ମବୋଧ, କବି ଚିତ୍ତରଞ୍ଜନ ବିଶ୍ୱାଳଙ୍କ କବିତା ପୁସ୍ତକ 'ବର୍ଷା ଅସରନ୍ତି' ଶୀପର୍ଣ୍ଣା ପ୍ରକାଶନୀ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର କ୍ଷୀରୋଦ ରାଏ ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା କବି ଦିଲୀପ ସ୍ୱାଇଁ, ସମ୍ମାନିତ ଅତିଥି କବି ଭୂୟାଁ, କବି ଦେବାଶିଷ ମହାପାତ୍ର, ଗିରିଜା ଶଙ୍କର ପାଢ଼ୀ ଏବଂ ଅଧିବକ୍ତା ଶିବ ପ୍ରସାଦ ମିଶ୍ର ଯୋଗଦେଇ ପ୍ରକାଶିତ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବି ଦିଲୀପ ସ୍ୱାଇଁ କହିଥିଲେ, ସମାଜର ସବୁଠାରୁ ନିକୃଷ୍ଟତମ ଚରିତ୍ର କିପରି ବ୍ୟାସକବିଙ୍କ କଲମରେ ଗରୁତ୍ୱ ବହନ କରି ଆଧୁନିକ ରଚନାବଳିକୁ ପ୍ରଭାବିତ କରିପାରିଛି, ତା'ର ଉଦାହରଣ ପ୍ରଦାନ କରିଥିଲେ। ପ୍ରଫେସର କ୍ଷୀରୋଦ ରାଏ ମହାପାତ୍ର ଆଧୁନିକ ଓଡିଆ କବିତା ଯୁଗରୁ ବାହାରିଯାଇ ପାଠକଙ୍କଠାରୁ କିପରି ଦୂରେଇ ଯାଉଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ଶ୍ରୀପୂର୍ଣ୍ଣାର ପରିଚାଳନା ସମ୍ପାଦିକା କବି ସୁଜାତା ସିହ୍ନା, କବି ହେମାଙ୍ଗିନୀ ମହାନ୍ତି ଏବଂ ଲତିକା ମହାପାତ୍ର। କବି ପ୍ରାବନ୍ଧିକ ସୁନୀଲ ରଥ ପୌରୋହିତ୍ୟ କରିଥିଲେ। କବି ରୁନୁ ମହାନ୍ତି, ମମତା ଦାସ, ପ୍ରଭାତ ଚନ୍ଦ୍ର ରଥ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଦେବରାଜ ପ୍ରଧାନ, ପ୍ରତିଭା ତ୍ରିପାଠୀ, ମଞ୍ଜୁଶ୍ରୀ ମିଶ୍ର, ପ୍ରମୋଦ ଦଳାଇ, ଯୋଗେଶ୍ୱର ପ୍ରହରାଜ, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ମହାପାତ୍ର ସ୍ୱାଗତ ଦେଇଥିଲେ। ସେହିପରି ସୁଶ୍ରୀ ରଶ୍ମିଶ୍ରୀ ଚୌଧୁରୀ ଭଜନ ପରିବେଷଣ କରିଥିଲେ।

## ଶ୍ରୀମନ୍ଦିର ନୀଳଚକ୍ର ମାଜଣା ନୀତି

ପୁରୀ ଅଫିସ,୧୪।୧

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ମକରସଂକ୍ରାନ୍ତି ପୂର୍ବଦିନ ନବାଙ୍କ ଅବସରରେ ନୀଳଚକ୍ର ଅଁଳାବେଢାକୁ ଶ୍ରୀମନ୍ଦିରର ଚୂନରା ସେବାକମାନେ ଚୂନରେ ରଙ୍ଗ ଦେଇଥିଲେ। ସେହିଭଳି ମକର ସଂକ୍ରାନ୍ତି ଅବସରରେ ପରମ୍ପରା ଅନୁଯାୟୀ ଚୂନରା ସେବକମାନେ କଳସରରେ ଗେରୁ ଲେପ କରିଛନ୍ତି। ସୁନା ଗୋସେଇଁଙ୍କ ମଠରୁ ଗେରୁ ଆଣି ଚୂନରା ସେବାୟତମାନେ କଳସକୁ ଗେରୁ ଲେପ କରିଥିଲେ। ସେହିପରି ଚୂନରା ସେବାୟତମାନେ ଅଁଳା ବେଢା ଉପରି ଭାଗରେ ଥିବା ରାମାନନ୍ଦୀ ଚିତାକୁ ଲେପନ କରିବା ସହ ନୀଳଚକ୍ର ମାଜଣା ନୀତି ସମ୍ପାଦନ କରିଥିଲେ।

## ମକର ସଂକ୍ରାନ୍ତି ଉପଲକ୍ଷେ ସବୁଠି ଭିଡ଼

ଅସ୍ତରଙ୍ଗ,୧୪।୧(ଡି.ଏନ୍.ଏ.)



କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପାଖରେ ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ନୀତି ହୋଇଛି। ପ୍ରତ୍ୟୁଷରୁ ଠାକୁରାଣୀଙ୍କୁ ସ୍ନାନ ମାର୍ଜଣା ପରେ ସର୍ବ ସାଧାରଣ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ଭକ୍ତମାନେ ଧାଡ଼ିରେ ମା' ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ବିଭିନ୍ନ ଶୈବପୀଠରେ ଦର୍ଶନ ନିମନ୍ତେ ଭିଡ଼ ଲାଗି ରହିଥିଲା। ସୋମେଶ୍ୱର ପୀଠ, ନାରାୟଣୀ ପୀଠ ଓ ମାଧବାନନ୍ଦ ପୀଠରେ ଭୋରୁ ଶ୍ରଦ୍ଧାଳୁ ମାନେ ଲମ୍ବା ଲାଇନରେ ଯାଇ ଦର୍ଶନ କରିଥିଲେ। ଯୁବଗୋଷ୍ଠୀଙ୍କ ଦ୍ୱାରା ପୂର୍ବ ଅପେକ୍ଷା ମାଧବାନନ୍ଦଙ୍କର ନୂତନ ମନ୍ଦିର ନିର୍ମାଣ ସାଙ୍ଗକୁ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥବାରୁ ଭକ୍ତମାନେ ଯିବା ଆସିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କନ୍ଦଳପୁର ଗ୍ରାମର ମା' ନାରାୟଣୀ ମନ୍ଦିରରେମଧ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମା' ମଙ୍ଗଳା ମନ୍ଦିର ଓ ନାରାୟଣୀ ମନ୍ଦିରରେ ପୂଜକଙ୍କ ଦ୍ୱାରା ସୁସଜ୍ଜିତ ଅଷ୍ଟଧାତୁ ନିର୍ମିତ ଥାଳିରେ ପ୍ରତିମୂର୍ତ୍ତି ରଖାଯାଇ ହରିବୋଲ ହୁଳହୁଳି, ଛତା, ଛତ୍ରୀ, ଶଙ୍ଖ ଧ୍ୱନିରେ ଏକ ଅଧାମିକ ପରିବେଶ ଦ୍ୱାରା ୩ ଘେରା ମନ୍ଦିର ଚାରିପଟ ବୁଲି ପୁନର୍ବାର ନୀତି ଆରମ୍ଭ ହୋଇଥିଲା। ମକର ସଂକ୍ରାନ୍ତି ପାଇଁ ବଜାର ଘାଟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

## ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ କରାଯାଉ

ପୁରୀ ଅଫିସ,୧୪।୧

ଶ୍ରୀମନ୍ଦିର ପରିଚାଳନା କମିଟି ଠିକ୍ ଭାବେ କାର୍ଯ୍ୟକାରୀ ହେଉନି। ମୁଖ୍ୟ ପ୍ରଶାସକଙ୍କ ଘୋଷଣା ପାଣିର ଗାର ସଦୃଶ। ଯାହାଫଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ହେଉ ନାହିଁ, ତେବେ କାହିଁକି ହୁଣ୍ଡିରେ ଟଙ୍କା ଆଦାୟ କରାଯାଉଛି। ଏଭଳି ଅଭିଯୋଗ ନେଇ ଓଡ଼ିଶା ଯୁବ ଚେତନା ସଂଗଠନ ଓ ଓଡ଼ିଶା ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ରାଜ୍ୟ ସଭାପତି ବଦ୍ରି ମିଶ୍ର ଆଇନ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ମିଶ୍ର ମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମିଶ୍ର ଦାବିପତ୍ରରେ ଦର୍ଶାଇଛନ୍ତି କି, ୨୦୧୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାନିଯାତ୍ରା, ରୀତି –ନୀତି, ନୃତ୍ୟ–ସଙ୍ଗୀତର ପ୍ରସାର ପ୍ରଚାର ପାଇଁ ଏକ ରେଡିଓ ଷ୍ଟେଶନ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ତତ୍କାଳୀନ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଏହି ରେଡିଓ ପାଇଁ କମିଟି ଗଠନ କରିଥିଲେ। ଯାହା ୧୦ବର୍ଷ ମଧ୍ୟରେ ଥରେ ବି ବସିପାରିଲା ନାହିଁ। ଏଣୁ ଯଦି ହୁଣ୍ଡି ଟଙ୍କା ଏସବୁରେ ବ୍ୟବହାର ନ ହୋଇ ବ୍ୟାଙ୍କରେ ରଖାଯାଏ, ତେବେ ହୁଣ୍ଡି ମାଧ୍ୟମରେ ଭକ୍ତଠାରୁ ଦାନ ଗ୍ରହଣ ବନ୍ଦ କରାଯାଉ ବୋଲି ମନ୍ତ୍ରୀଙ୍କୁ ଜଣାଇଛନ୍ତି।

## ପିପିଲି ଗସ୍ତରେ ସଂସଦୀୟ ଅନୁସୂଚିତ ଜାତି ଓ ଜନଜାତି କମିଟି

ପିପିଲି,୧୪।୧(ଡି.ଏନ.ଏ.)

ଏମ୍‌ପି ଡ. କିରିଟ ପ୍ରେମଜିଭାଇ ସୋଲାଙ୍କିଙ୍କ ଅଧ୍ୟକ୍ଷତାରେ ୧୬ଜଣିଆ ସଂସଦୀୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ ପିପିଲି ପୂବାଶାସନ ଅନୁସୂଚିତ ଜାତି ଓ ଜନଜାତି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଓଡ଼ିଶାକୁ ଆସିଥିବା ୩୦ଜଣିଆ କମିଟି ମଧ୍ୟରୁ ୧୬ଜଣିଆ ଟିମ ଶନିବାର ପୂବାଶାସନ ଗ୍ରାମରେ ପହଞ୍ଚି ଏକ ସଭା କାର୍ଯ୍ୟରେ ଯୋଗଦେଇଥିଲେ। ଗ୍ରାମରେ ଆବଶ୍ୟକ କରୁଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର କମିଟି ଅଧ୍ୟକ୍ଷଙ୍କ ସ୍ଥାନୀୟ ସରପଞ୍ଚ ପ୍ରଦାନ କରିଥିଲେ। ୨୦୧୬ ଠାରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ପରିଚୟ ପାଇଥିଲେ ସୁଦ୍ଧା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳକୁ ଗୁରୁତ୍ୱ ଦିଆଯାଇ ନାହିଁ। ଏହାର ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ସମସ୍ତ ସହଯୋଗ ଦିଆଯିବ ବୋଲି କମିଟି ଅଧ୍ୟକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କମିଟିର ଏହି ଗସ୍ତ ସମୟରେ ଜିଲାପାଳ, ଏସ୍‌ପି, ତହସିଲଦାରଙ୍କ ସହିତ ସମସ୍ତ ଅଧିକାରୀ ଉପସ୍ଥିତ ଥିବାବେଳେ ବିଡିଓ ରଶ୍ମିତାନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମକର ସଂକ୍ରାନ୍ତି ଅବସରରେ ଶନିବାର ମହାପ୍ରଭୁଙ୍କ ଦର୍ଶନ ଲାଗି ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

## ଏଏନ୍‌ଏମ୍ ୱାର୍କର୍ସ ୟୁନିୟନର ଜିଲାସ୍ତରୀୟ ବୈଠକ



ବୈଠକରେ ଯୋଗଦେଇଥିବା ଅତିଥିମାନେ।

କୋଣାର୍କ,୧୪।୧(ଡି.ଏନ.ଏ.)

ଏଏନ୍‌ଏମ୍ ୱାର୍କର୍ସ ୟୁନିୟନର ପୁରୀ ଜିଲାସ୍ତରୀୟ ସାଧାରଣ ବୈଠକ କୋଣାର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୦ରେ କୋଭିଡ– ୧୯ ବିଶ୍ୱକୁ ଗ୍ରାସ କରିଥିବା ସମୟରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଏଏନ୍‌ଏମ୍ ୱାର୍କର୍ସମାନେ ଯୋଗଦେଇଥିଲେ। ଏଥିସହ କୋଭିଡ୍ ୱାରିୟର ଭାବେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ଅଦ୍ୟାବଧି ୧୪ ବର୍ଷ ଧରି ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସରକାରୀ ସ୍ତରରେ ନିଯୁକ୍ତି ପ୍ରକ୍ରିୟା ସନ୍ତୋଷଜନକ ହୋଇ ନ ଥିବାରୁ ବୈଠକରେ ଉପସ୍ଥିତ ଏଏନ୍‌ଏମ୍ ୱାର୍କର୍ସମାନେ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ। ବୈଠକରେ ସଂଘର ରାଜ୍ୟ ସଭାପତି ମଧୁସୂଦନ ପ୍ରଧାନ ସଭାପତିତ୍ୱ କରି ଏଏନ୍‌ଏମ୍‌ମାନଙ୍କର ଏହି ନ୍ୟାୟ ଦାବିକୁ ସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି। ମହେଶ୍ୱର ମହାରଣା, ସ୍ମୃତିରଞ୍ଜନ ଦାସ, ସଦାଶିବ ତ୍ରିପାଠୀ, ବିକାଶ ବେହେରା, ମଧୁସ୍ମିତା ବେହେରା, ଅମ୍ରିତା ରାୟ, ଶୈଳବାଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀକୁ ହରାଇ ନିମାପଡ଼ା ବିଜୟୀ

### ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା,୧୪।୧(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍‌ର ଶନିବାର ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପୁରୀ ମହାବୀର କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୪୭ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ନିମାପଡ଼ା ୪ ବଲ୍ ଥାଇ ୭ ଉଇକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ତ୍ରିଭୁବନନାଥ ଦାଶ ଓ ସୁଶାନ୍ତ ରାଉତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ନିମାପଡ଼ା ଦଳର ଖେଳାଳି ଅନୀଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ଅଭିନନ୍ଦନ ପାତ୍ର, ସୁବାଶିଷ୍ ରାଉତରାୟ, କ୍ରୀଡ଼ା ସଂଗଠକ ଅକ୍ଷୟ ବେହେରା, ଯୁବନେତା ସତ୍ୟଜିତ୍ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।



ନିମାପଡ଼ା କ୍ରିକେଟ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ୪୬ ବର୍ଷର 'ଚିଲିକା ତୀରେ'କୁ ପୁଣି ଦେଖିଲେ ଦର୍ଶକ

ପୁରୀ ଅଫିସ,୧୪।୧

ଚିଲିକାରେ ଆଉ ପାପ ହେବନି... ସ୍ୱର୍ଗତ ବିଜୟ ମହାନ୍ତିଙ୍କ ଏଇ ଅଭୁଲା ସଂଳାପ, ପ୍ରଣବ ପଟ୍ଟନାୟକଙ୍କ ଅମୃତ ସ୍ୱର, ଶାନ୍ତନୁ ମହାପାତ୍ରଙ୍କ ସଙ୍ଗୀତ, ତନ୍ଦ୍ରା ରାୟ, ମଞ୍ଜୁ, ସୁଜାତା ଓ ନେତ୍ରାନନ୍ଦଙ୍କ ଜୀବନ୍ତ ଅଭିନୟକୁ ପୁରୀ ପୌରସଦନରେ ଶନିବାର ପୁଣିଥରେ ଦେଖିଛନ୍ତି ଶହଶହ ଦର୍ଶକ। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ଉଦ୍ୟମ ଓ ବିଶିଷ୍ଟ ଚଳଚ୍ଚିତ୍ର ଗବେଷକ ସୂର୍ଯ୍ୟ ଦେଓଙ୍କ ଆପ୍ରାଣ ଉଦ୍ୟମରେ ୪୬ବର୍ଷ ତଳେ ନିର୍ମିତ ଏହି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ପୁନରୁଦ୍ଧାର ହୋଇ ସଫଳତାର ସହ ପ୍ରଦର୍ଶିତ ହୋଇଛି। ୧୯୭୭ ମସିହା ମକର ସଂକ୍ରାନ୍ତିରେ ପୁରୀରୁ ପ୍ରାୟୋଜିତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଚିଲିକା ତୀରେର ମହୁରତ କାଳିଜାଇରେ ହୋଇଥିଲା। ଦୀର୍ଘ ୪୬ ବର୍ଷ ପରେ ପୁରୀରେ ଏହାର ପୁନଃ ପ୍ରଦର୍ଶନ ହେବା ଆମ ପାଇଁ ଗର୍ବ ଓ ସ୍ମୃତିର ସନ୍ତକ ବହନ କରୁଛି ବୋଲି ଦାସବର୍ମା କହିଛନ୍ତି। ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର ଓ ଫିଲ୍ମ ଜର୍ନାଲିଷ୍ଟ ଫୋରମ୍ ପକ୍ଷରୁ ପୁରୀ ପୌର ସଦନରେ ଆୟୋଜିତ ଚିଲିକା ତୀରେ ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନ ଉତ୍ସବରେ ଯୋଗଦେଇ ଦାସବର୍ମା କହିଥିଲେ, ଯେ ସଂସ୍କୃତି, ବିଦ୍ରୋହ ଓ ବିପ୍ଳବର ଭୂମି ବ୍ରହ୍ମଗିରି ଓ ପୁରୀରୁ ଚିଲିକା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କର ଜୀବନ ଜୀବିକା ଓ ସଂଘର୍ଷର ପ୍ରତିଛବି ଚିଲିକା ତୀରେ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ତେବେ ଦୀର୍ଘ ବର୍ଷ ଧରି ଏହାର ପ୍ରିଣ୍ଟ ମିଳୁ ନ ଥିବାରୁ ଏହି ଚଳଚ୍ଚିତ୍ରକୁ ଦେଖିବା ପାଇଁ ସୁଯୋଗ ନଥିଲା। ଏହି ଅବସରରେ ଚିଲିକା ତୀରେ ଚଳଚ୍ଚିତ୍ର ସମ୍ବନ୍ଧିତ ଏକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଅଭିନେତା ସୁଧାଂଶୁ ଭୂଷଣ ମହାପାତ୍ର, ଲକ୍ଷ୍ମୀଧର ତ୍ରିପାଠୀ, ନୃତ୍ୟ ଅଭିନେତା ଚିତ୍ତରଞ୍ଜନ ମିଶ୍ର, ଅଭିନେତ୍ରୀ ମଞ୍ଜୁ ପ୍ରଧାନ ଓ ତନ୍ଦ୍ରା ରାୟ, ସ୍ୱତ୍ୱାଧିକାରୀ ଲୋକନାଥ ରାଉତରାୟ ଏବଂ ସହଯୋଗୀ ନିର୍ଦ୍ଦେଶକ ସଂଳାପକାର ହରିହର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଳାପକାର ହରିହର ଏବଂ ଅଭିନେତ୍ରୀ ତନ୍ଦ୍ରା ନିଜ ଅନୁଭୂତି ବର୍ଣ୍ଣନା କରିଥିବା ବେଳେ ଗାୟକ ଦେବାଶିଷ ମହାପାତ୍ର ଚଳଚ୍ଚିତ୍ରର ଗୀତ 'ଜଗତ ପତି ହେ ଆଉ ଛଳନା କର ନାହିଁ' ଗାଇଥିଲେ। ବିଶିଷ୍ଟ କବି ରକ୍ଷକ ନାୟକଙ୍କ ସଂଯୋଜନାରେ ଉତ୍ସବରେ ଶ୍ରୀକାନ୍ତ ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି, ବଦ୍ରି ମିଶ୍ର, ରବି ସାମନ୍ତରାୟ, ସୂର୍ଯ୍ୟ ଦେଓ, ସୂର୍ଯ୍ୟ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଦିବାକର ପାତ୍ର ଏବଂ ରତ୍ନବାଳା ବେହେରା, ରବି ସାମନ୍ତରାୟ, ବିଦ୍ୟାଧର ସ୍ୱାଇଁ, ସୁଶୀଳ ନାୟକ, ଲକ୍ଷ୍ମୀଧର ସାହୁ, ରତ୍ନମାଳା ବେହେରା, ଦେବୀପ୍ରସନ୍ନ ନନ୍ଦ, ବିକ୍ରମ ସାହୁ, ମାନସ ମହାପାତ୍ର, ଲକ୍ଷ୍ମୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ପୌରସଦନରେ ଆୟୋଜିତ ଚଳଚ୍ଚିତ୍ର 'ଚିଲିକା ତୀରେ' ପ୍ରଦର୍ଶନୀ ଅବସରରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶର ସୁରକ୍ଷା ସେନା ହାତରେ



## ସେନା ଦିବସ

ପ୍ରତି ବର୍ଷ ଜାନୁୟାରୀ ୧୫ରେ ଭାରତରେ ସେନାଦିବସ ପାଳନ କରାଯାଏ। ଫିଲ୍ଡ ମାର୍ଶଲ କୋଡାଣ୍ଡେରା ଏମ୍ କାରିଆପ୍ପା ଜଣେ ଲ୍ୟୁଟନାଣ୍ଟ ଜେନେରାଲ ଭାବେ ଶେଷ ବ୍ରିଟିଶ ଜେନେରାଲ ଫ୍ରାନ୍‌ସିସ ରଏ ବୁଚରଙ୍କଠାରୁ ଭାରତୀୟ ସେନାର ପ୍ରଥମ ସେନାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ୧୫ ଜାନୁୟାରୀ ୧୯୪୯ରେ ସେ ଭାରତର ସେନାଧ୍ୟକ୍ଷ ହୋଇଥିଲେ। ଏହାକୁ ସ୍ମରଣ କରି ପ୍ରତିବର୍ଷ ଏହି ଦିନ ସେନାଦିବସ ପାଳନ କରାଯାଇଥାଏ। ଜାତୀୟ ରାଜଧାନୀ ନୂଆଦିଲ୍ଲୀ ତଥା ସମସ୍ତ ମୁଖ୍ୟାଳୟରେ ପରେଡ ଏବଂ ଅନ୍ୟାନ୍ୟ ସାମରିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିନଟି ପାଳନ କରାଯାଇଥାଏ। ଦେଶ ତଥା ଏହାର ନାଗରିକଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ଯବାନମାନଙ୍କୁ ଅଭିବାଦନ ଜଣାଇବା ପାଇଁ ସେନାଦିବସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଉଥିବା ବେଳେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟର କାରିଆପ୍ପା ପରେଡ ଗ୍ରାଉଣ୍ଡରେ ମୁଖ୍ୟ ସେନାଦିବସ ପରେଡ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଗାଲାଣ୍ଟ୍ରି ପୁରସ୍କାର ଏବଂ ସେନା ପଦକ ମଧ୍ୟ ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସେନାଦିବସ ପରେଡରେ ପରମ ବୀର ଚକ୍ର ଏବଂ ଅଶୋକ ଚକ୍ର ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ଅଂଶଗ୍ରହଣ କରନ୍ତି।

# ଜିଭରେ ନାକକୁ ଛୁଇଁ ରେକର୍ଡ

**ବେଙ୍ଗାଲୁରୁ:** ବଡ଼ମାନେ ପିଲାମାନଙ୍କ କୌତୁହଳ ପାଇଁ ଅନେକ ଅଜବଗଜବ କାମ କରିବାକୁ କୁହନ୍ତି, ଯାହା ସମସ୍ତଙ୍କ ପକ୍ଷେ ସମ୍ଭବ ପର ହୋଇ ନ ଥାଏ। ଯେମିତି କିଛି ଲୋକ କୁହନ୍ତି ଜିଭକୁ ନାକ ଅଗରେ ଲଗାଇବା ବହୁ କଷ୍ଟ। କିନ୍ତୁ ବେଙ୍ଗାଲୁରୁର ୧୪ ବର୍ଷୀୟା ଦେବଶ୍ରୀ ଅମର ଥୋକାଲେ ଜିଭରେ ନାକ ଅଗକୁ ଛୁଇଁ ଏସିଆନ୍ ରେକର୍ଡ କରିଛନ୍ତି। ୨୨ ମିନିଟ ପର୍ଯ୍ୟନ୍ତ ଦେବଶ୍ରୀ ଜିଭକୁ ନାକରେ ଲଗାଇ ରଖିଥିଲେ। ଏ ନେଇ ଏସିଆ ବୁକ୍ ଅଫ୍ ରେକର୍ଡସ୍ ତାଙ୍କୁ ଗ୍ରାଣ୍ଡ ମାଷ୍ଟର ସାର୍ଟିଫିକେଟ୍ ପ୍ରଦାନ କରିଛି। ଆଗାମୀ ଦିନରେ ସେ ୟୁନିକ୍ ୱାର୍ଲ୍ଡ ରେକର୍ଡ ଓ ଗ୍ଲୋବାଲି ୟୁନିକ୍ ୱାର୍ଲ୍ଡ ରେକର୍ଡରେ ଅଂଶଗ୍ରହଣ କରିବେ। ପିଲାବେଳୁ ଦେବଶ୍ରୀ ଜିଭରେ ନିଜ ନାକ ଅଗକୁ ସ୍ପର୍ଶ କରିପାରୁଥିଲେ। ୨୦୨୧ରେ ଦେଶ୍ରୀଙ୍କ ମା' ନେଦରଲାଣ୍ଡର ଜଣେ ବ୍ୟକ୍ତି ୧୪ ମିନିଟ ୧ ସେକେଣ୍ଡ ପର୍ଯ୍ୟନ୍ତ ଜିଭରେ ନାକ ଅଗକୁ ସ୍ପର୍ଶ କରି ଗିନିଜ ୱାର୍ଲ୍ଡ ରେକର୍ଡ କରିଥିବା ଏକ ପୁସ୍ତକରେ ପଢ଼ିଥିଲେ। ଏହାପରେ ଦେବଶ୍ରୀଙ୍କୁ ତାଙ୍କ ମା' ଏହାର ପ୍ରାକ୍ଟିସ୍ କରିବାକୁ କହିଥିଲେ। ଘରଲୋକଙ୍କ କଥାମାନି ଦେବଶ୍ରୀ ନିୟମିତ କିଛି କିଛି ସମୟ ଧରି ଜିଭକୁ ନାକ ଅଗରେ ଲଗାଇ ରଖିବାର ଅଭ୍ୟାସ କଲେ। ୨୦୨୨ରେ ସେ ଏସିଆନ୍ ରେକର୍ଡରେ ଭାଗ ନେଇଥିଲେ।





# ୪୦୦୦ ବର୍ଷରୁ ଜଳୁଛି ପାହାଡ଼



**ବାକୁ:** ଆଜରବୈଜାନର ରାଜଧାନୀ ବାକୁ ନିକଟରେ ଆବଶେରୋନ ଉପଦ୍ୱୀପରେ ଅବସ୍ଥିତ 'ୟାନାର୍ ଡଗ ଫାୟାର'। ସ୍ଥାନୀୟ ଭାଷାରେ ଏହାର ଅର୍ଥ ଏକ ଜଳୁଥିବା ପାହାଡ଼। ଏହା ଏକ ଛୋଟ ପାହାଡ଼। ଯେଉଁଠାରେ ୪ ହଜାର ବର୍ଷ ଧରି ନିଆଁ ଜଳୁଛି। ଡିସେମ୍ବର ୨୦୨୨ର ଏକ ରିପୋର୍ଟରେ, ସିଏନଏନ ଏଲିଭା ରାହିଲା ନାମକ ଜଣେ ଟୁରିଷ୍ଟ ଗାର୍ଡ କହିଛନ୍ତି, ୪୦୦୦ ବର୍ଷ ଧରି ଏହି ନିଆଁ ଜଳୁଛି। @aure-liestory ନାମକ ଏକ ଟ୍ରାଭେଲ ବ୍ଲଗର୍ ଏହି ସ୍ଥାନର ଏକ ଭିଡିଓ ପୋଷ୍ଟ ହୋଇଛି। ଏହି ଭିଡିଓରେ ସେ ହଜାର ହଜାର ବର୍ଷ ଧରି ନିଆଁ ଜଳିବା ବିଷୟରେ ଉଲ୍ଲେଖ କରିଛନ୍ତି, ଯାହାକୁ ଲୋକମାନେ ମନ୍ତବ୍ୟରେ ଭୁଲ କହୁଛନ୍ତି, ଆମେ ତାଙ୍କ ଦାବିର ସତ୍ୟତାକୁ ନିଶ୍ଚିତ କରୁନାହୁଁ। ଉକ୍ତ ଭିଡିଓରେ, ପାହାଡ଼ର ୧୦ ମିଟର ସ୍ଥାନରେ ନିଆଁ ଜଳୁଥିବାର ଦେଖାଯାଉଛି। ତ୍ରୟଦଶ ଶତାବ୍ଦୀର ଅନୁସନ୍ଧାନକାରୀ ନିଆଁ ବିଷୟରେ ଉଲ୍ଲେଖ କରିଥିଲେ। ଆଜରବୈଜାନରେ ପ୍ରାକୃତିକ ଗ୍ୟାସର ବଡ଼ ଭଣ୍ଡାର ଅଛି। ଷ୍ଟୋରେଜ ସହିତ, ଭୂମିରୁ ଗ୍ୟାସ ଲିକ ହେବା ଆରମ୍ଭ କରେ ଯାହା ବାୟୁ ସଂସ୍ପର୍ଶରେ ଆସେ ଏବଂ ଜଳିଯାଏ। ବର୍ତ୍ତମାନ 'ୟାନାର୍ ଡଗ' ଅଳ୍ପ କିଛି କ୍ଷେତ୍ର ମଧ୍ୟରୁ ଗୋଟିଏ ଯେଉଁଠାରେ ପ୍ରାକୃତିକ ଗ୍ୟାସ ଲିକ ହୋଇଛି। ଫଳରେ ନିଆଁ ଲାଗିଛି।

# 'ବିଗ୍‌ବସ୍' ହୋଷ୍ଟ କରିବେନି ସଲ୍‌ମାନ



**ମୁମ୍ବାଇ:** ରିଆଲିଟି ଶୋ' 'ବିଗ୍‌ବସ୍' କହିଲେ ସମସ୍ତେ ବଲିଉଡ୍ ଅଭିନେତା ସଲ୍‌ମାନଙ୍କ କଥା ହିଁ ବୁଝିଥାନ୍ତି। ଦୀର୍ଘ ୮ ବର୍ଷ ଧରି ସେ ହିଁ ଏହି ଶୋ'କୁ ହୋଷ୍ଟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ହେଲେ ସେ ଏବେ ଶୋ'କୁ ହୋଷ୍ଟ କରିବେନି। ବିଗ୍‌ବସ୍ ୧୬ ଶୋ'ର ଶେଷ ପର୍ଯ୍ୟନ୍ତ ତାଙ୍କୁ ଆଉ ଦେଖିବାକୁ ମିଳିବନି। ଖବରୀ ରିପୋର୍ଟ ମୁତାବକ ତାଙ୍କ ବଦଳରେ କରଣ ଜୋହର ଶୋ'କୁ ହୋଷ୍ଟ କରିବେ। ଏହା ପୂର୍ବରୁ ଶୋ'ର ପ୍ରଥମରୁ ସଲ୍‌ମାନ ଅସୁସ୍ଥ ହୋଇପଡ଼ିଥିଲେ। ସେତେବେଳେ କରଣ ଜୋହର ଶୋ'କୁ ହୋଷ୍ଟ କରିଥିଲେ। ଦର୍ଶକ କରଣଙ୍କ ହୋଷ୍ଟକୁ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ସଲ୍‌ମାନ ଫାଇନାଲ ବେଳକୁ ଶୋ'କୁ ଫେରି ଆସିବେ। ତେବେ ଜଣାପଡ଼ିଛି ଯେ ସଲ୍‌ମାନଙ୍କ କଣ୍ଟ୍ରାକ୍ଟ ଶେଷ ହୋଇଯାଇଛି, ଯାହା ଏ ପର୍ଯ୍ୟନ୍ତ ରିନ୍ୟୁ ହୋଇନାହିଁ।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

ନବବର୍ଷ ଧମାକା
ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ଛାଡ଼)
ଏଜେଣ୍ଟ ଆମନ୍ତ୍ରିତ -
9485529274

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ହାଜତରେ ୭ କୁକୁର



**ଲଣ୍ଡନ:** ସବୁବେଳେ ଅପରାଧୀଙ୍କୁ ପୋଲିସ ଗିରଫ କରି ଜେଲ୍‌ରେ ଭର୍ତ୍ତି କରିଥାନ୍ତି। କିନ୍ତୁ ସେଠାରେ ଅଭିଯୁକ୍ତ ଜଣେ ମହିଳା କିମ୍ବା ପୁରୁଷ ହୋଇଥାଏ। ତେବେ ଇଂଲଣ୍ଡରେ ୭ କୁକୁରକୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଗୁରୁବାର ଇଂଲଣ୍ଡର ସୁରେରେ କିଛି କୁକୁର ଲୋକଙ୍କ ଆକ୍ରମଣ କରୁଥିବା ଖବର ମିଳିଥିଲା। ସେଥିରେ ଜଣେ ୨୦ ବର୍ଷିୟା ଯୁବତୀଙ୍କୁ କୁକୁର କାମୁଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ମହିଳା କୁକୁରର ଆକ୍ରମଣର ଶିକାର ହୋଇ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି। ନ୍ୟାଶନାଲ ପୋଲିସ ଏୟାର ସର୍ଭିସ ସେଠାରେ ପହଞ୍ଚି ପରିସ୍ଥିତିକୁ କାବୁ କରିଥିଲେ। ଏଥିରେ ସୁରେ ପୋଲିସ ୭ କୁକୁରକୁ କାବୁ କରି ହାଜତକୁ ନେଇଛି। ତେବେ କୁକୁରକୁ ମଣିଷ ଅଧିକ ଭରସା କରଥାନ୍ତି। ହେଲେ ଏପରି ଘଟଣା ପରେ ସେଠାରେ କୁକୁର ପ୍ରତି ଲୋକଙ୍କ ଭୟ ବଢିଯାଇଛି। ସବୁ କୁକୁରଙ୍କୁ ଯାଞ୍ଚ କରାଯାଉଥିବାବେଳେ ଅଞ୍ଚଳର ସମସ୍ତଙ୍କୁ ଘରେ ତାଲା ପକାଇବାରୁ ନିର୍ଦ୍ଦେଶ ଦିଆଯାଇଛି।


# Classified Everyday

0674-2580101, 2549949


MATRIMONIAL

BRIDE WANTED

Wanted bride for 46 Brahmin highly qualified with good income Bhubaneswar groom 8917227438. D-2487

GROOM WANTED

45 ବର୍ଷର ମହିଳା Food & Safety Departmentରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-2451

୫୦ ବୟସ୍କା Staff- Nurse ଥିବା ବିଧବା ଖଣ୍ଡାୟତ ମହିଳାଙ୍କ ପାଇଁ ଯେ କୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। 7606067313. D-2485


REAL ESTATE

SALE

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

Gharabari plot with boundarywall & electrification at Tankapani road, Ratnakarbag, Bhubaneswar. Contact-9437932367. D-73364

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣ୍ଟପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

NH side plot (gharabari, boundarywall), Nakhara to Niali road, Cuttack. 8249851363. D-74628

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1750sqft. gharabari boundary plot sale 6 lakhs only near Railway Station. 7008833643. D-74183

2BHK Apartment flat near Garage Chhak, Bhubaneswar-2. Contact: 7873492433. D-70298


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186

PURCHASE

ଭୁବନେଶ୍ୱର ବା ପୁରୀରେ ପ୍ଲଟିଂ ବା କନ୍‌ଷ୍ଟ୍ରକ୍ସନ୍ ପାଇଁ Outright ବା ଶେୟାରିଙ୍ଗ୍ ହିସାବରେ ସ୍ଥିତିବାନ ଜମି ଆବଶ୍ୟକ। ପ୍ରକୃତ ଜମିମାଲିକ ବା ସଚ୍ଚୋଟ ମଧ୍ୟସ୍ଥି ଯୋଗାଯୋଗ କରନ୍ତୁ। 9438220432, 8144658008. D-2472




Revitalize your-self with our ayurvedic massage and refreshment. Contact: 8984068198. D-74509

Relax, Refresh your body, Mind at Saikrupa Spa with best therapies. 8984068077. D-2374

Full body massage by experience therapist @ 999 only. 9078484455 (Bhubaneswar). D-2453

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74627

AFFIDAVIT

By virtue of an affidavit before Executive Magistrate, Cuttack, I, Tikina Sahoo, W/o- Kishor Kumar Sahoo, At- Talasahi, Chauliaganj, P.O- Nayabazar, Dist.- Cuttack, do hereby state that before marriage my name is Kabita Sahoo, after marriage my name is Tikina Sahoo. Hence Kabita Sahoo and Tikina Sahoo is same and one person for all purpose. D-2483

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଲୋହରି ପାଳିଲେ କ୍ରିତି-କାର୍ତ୍ତିକ



**ମୁମ୍ବାଇ:** କ୍ରିତି ସାନନ ଓ କାର୍ତ୍ତିକ ଆର୍ଯ୍ୟନଙ୍କ ମୁଭି 'ଶେହଜାଦା'ର ଟ୍ରେଲର ରିଲିଜ ହୋଇଯାଇଛି। ଏହାର ପ୍ରମୋଶନ୍ ପାଇଁ ଏବେ ଫିଲ୍ମ ଟିମ୍ ପୁରା ବ୍ୟସ୍ତ। ଏହି ଅବସରରେ କ୍ରିତି ଓ କାର୍ତ୍ତିକ ଯାଇ ପହଞ୍ଚିଛନ୍ତି ପଞ୍ଜାବ ଜଳନ୍ଧରରେ। ସେଠାରେ ଫିଲ୍ମ ପ୍ରମୋଶନ୍ ସାଙ୍ଗକୁ ସ୍ଥାନୀୟ ଲୋକଙ୍କ ସହ ସେମାନେ ଲୋହରି ପାଳିଛନ୍ତି। କାର୍ତ୍ତିକ ଲୋହରୀର ଭିଡିଓ ଶେୟାର କରି ଲେଖିଛନ୍ତି, ଶେହଜାଦା ପକ୍ଷରୁ ଲୋହରିର ଅନେକ ଶୁଭେଚ୍ଛା, ଏହା ମୋର ପଞ୍ଜାବରେ ପ୍ରଥମ ଲୋହରି। ତେଲୁଗୁ ଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ମୁଭି 'ଅଲା ବୈକୁଣ୍ଠପୁରାମୁଲୁ'ର ରିମେକ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, କାର୍ତ୍ତିକ ଏହି ମୁଭିରେ ହିରୋ ସହ ପ୍ରଯୋଜକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବରୁ କାର୍ତ୍ତିକ ଓ କ୍ରିତିଙ୍କ ଯୋଡି ମୁଭି 'ଲୁକା ଛୁପି'ରେ ଦେଖିବାକୁ ମିଳିଥିଲା। ଉଭୟଙ୍କ ଭିତରେ କେମେଷ୍ଟ୍ରି ଖୁବ ଭଲ।

## ଏ ସପ୍ତାହର ପ୍ରଶ୍ନ

୧– ଆମେରିକାକୁ ............ ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାରରେ ଦେଇଥିଲା ?
୨– ................ ମହାଦେଶରେ ସବୁଠୁ ଅଧିକ ସଂଖ୍ୟକ ଦେଶ ରହିଛି ?
୩– ପୃଥିବୀର ସବୁଠୁ ବୃହତ୍ତମ ଆଇସ୍‌ଲାଣ୍ଡ.............. ?
୪– ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ହେଡ୍‌କ୍ୱାର୍ଟର ............. ଠାରେ ଅବସ୍ଥିତ।
୫– ଇରାକର ମୁଦ୍ରାକୁ ............ କୁହାଯାଏ ?

## ଗତ ଥରର ଉତ୍ତର

୧ ଉତ୍ତରାଖଣ୍ଡ
୨ ଭାରତ
୩ ନଭେମ୍ବର
୪ ବ୍ୟାଡ୍‌ମିଣ୍ଟନ୍
୫ ପ୍ରୀତି ସିନ୍‌ହା

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ପ୍ରେମସାଗର ବଳବନ୍ତରାୟ, ଖୋର୍ଦ୍ଧା

## ଟପ୍ ୧୦

### ପୃଥିବୀର ବଡ଼ ଚିଡ଼ିଆଖାନା

୧– ଟିର୍ଗାର୍ଟେନ ସ୍କୋନବ୍ରୁନ୍ ................................ ଭିନା, ଅଷ୍ଟ୍ରିଆ
୨– ବ୍ରୋଙ୍କ୍ସ ଜୁ................................................ ନ୍ୟୁୟର୍କ, ଆମେରିକା
୩– ସ୍ୟାନ୍ ଡିଏଗୋ ଜୁ................................ ସ୍ୟାନ୍ ଡିଏଗୋ, ଆମେରିକା
୪– ସିଙ୍ଗାପୋର୍ ଜୁ................................................ ସିଙ୍ଗାପୋର୍
୫– ବେଜିଂ ଜୁ................................................ ବେଜିଂ, ଚାଇନା
୬– ନ୍ୟାଶନାଲ୍ ଜୁଲୋଜିକାଲ୍ ଗାର୍ଡେନ.......... ପ୍ରୋଟୋରିଆ, ସାଉଥ୍ ଆଫ୍ରିକା
୭– ଜୁଲୋଜିଶ୍ଚର ଗାର୍ଡେନ୍.......................................... ବର୍ଲିନ୍, ଜର୍ମାନୀ
୮– ଟାରୋଙ୍ଗା ଜୁ........................................ ସିଡ୍‌ନୀ, ଅଷ୍ଟ୍ରେଲିଆ
୯– ଚେଷ୍ଟର ଜୁ...................................................... ଇଂଲଣ୍ଡ
୧୦– ୱେଲିଂଟନ୍ ଜୁ................................ ୱେଲିଂଟନ୍, ନ୍ୟୁଜିଲାଣ୍ଡ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ଯୁବ ପ୍ରତିଭା

# ଓଡ଼ିଶୀ ନୃତ୍ୟ ଦେଇଛି ପରିଚୟ

**ସେ** ପିଲାଦିନୁ କଳାପ୍ରେମୀ। କେଉଁଠି ବାଦ୍ୟ ବାଜିଲେ ଆପେ ଆପେ ନାଚି ଉଠେ ତାଙ୍କ କୁନି କୁନି ପାଦ। ଆଉ ପିଲାଦିନର ସେହି ରୁଚି ଆଜି ତାଙ୍କୁ ଦେଇଛି ଜଣେ ସଫଳ ଓଡ଼ିଶୀ ନୃତ୍ୟାଙ୍ଗନାର ପରିଚୟ। ସେ ହେଉଛନ୍ତି ଭୁବନେଶ୍ୱର ନାଲ୍‌କୋ ନଗରରେ ରହୁଥିବା ମାଆ ବିଷ୍ଣୁପ୍ରିୟା ମିଶ୍ର ଏବଂ ବାପା ବିଜୟ କୁମାର ମହାପାତ୍ରଙ୍କ ଝିଅ ଶୁଭଶ୍ରୀ। ସେ ମାତ୍ର ୫ ବର୍ଷ ବୟସରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ନିକଟରେ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ। ଧୀରେ ଧୀରେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ତାଙ୍କୁ ଆମ କଳା ଓ ସଂସ୍କୃତି ଆଡ଼କୁ ଆକୃଷ୍ଟ କରିଚାଲିଲା। ସେ ନିଜ ବିଦ୍ୟାଳୟ ବ୍ୟତୀତ ରାଜ୍ୟର ବିଭିନ୍ନ ମଞ୍ଚରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କଠାରୁ ସାଉଁଟିଛନ୍ତି ପ୍ରଶଂସା। ବର୍ତ୍ତମାନ ସୁଦ୍ଧା ସେ ଇଣ୍ଟରନ୍ୟାଶନାଲ୍ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ୍– ୨୦୨୨, ଉତ୍କଳଶ୍ରୀ ଅଲ୍ ଇଣ୍ଡିଆ ଡ୍ୟାନ୍ସ କ୍ଲାସିକାଲ୍ ଆଣ୍ଡ ଫୋକ୍ ଫେଷ୍ଟିଭାଲ୍– ୨୦୨୨, ନୃତ୍ୟାଞ୍ଜଳି ଫେଷ୍ଟିଭାଲ୍ ଭଳି ଅନେକ ଉତ୍ସବରେ ଏକକ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ସେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହିତ ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡିଗଡ଼ରୁ ଓଡ଼ିଶୀରେ ନୃତ୍ୟ ବିଶାରଦ ମଧ୍ୟ ସମାପ୍ତ କରିସାରିଛନ୍ତି। ସତ୍ୟ ଉପରେ ଆଧାରିତ ଫିଲ୍ମ ବା ଡକ୍ୟୁମେଣ୍ଟାରୀ ଫିଲ୍ମରେ ରୁଚି ଥିବାରୁ ସେ କଲେଜପଢ଼ା ସହିତ ଅନେକ ଓଡ଼ିଆ ଡକ୍ୟୁମେଣ୍ଟାରୀ ଫିଲ୍ମ ମେକରଙ୍କ ସହ ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ସିନେମାଟୋଗ୍ରାଫର୍ ଭାବେ କାର୍ଯ୍ୟ କରିସାରିଛନ୍ତି। ସେହିପରି ସେ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ଇଣ୍ଡଷ୍ଟ୍ରୀରେ ମଧ୍ୟ ପ୍ରଡକ୍ସନ ଟିମ୍ ସହିତ କାମ କରିଛନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱରରେ ଏକ ଆଡ୍ ଏଜେନ୍ସିରେ କ୍ରିଏଟିଭ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ସେ ନିଜର ସମସ୍ତ ସଫଳତା ପଛରେ ଅଭିଭାବକଙ୍କ ଉତ୍ସାହ ଓ ଗୁରୁଙ୍କ ପ୍ରୋତ୍ସାହନ ରହିଛି ବୋଲି ପ୍ରକାଶ କରନ୍ତି। ଭବିଷ୍ୟତରେ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶୀ ନୃତ୍ୟ ଉପରେ ଅଧିକରୁ ଅଧିକ ରିସର୍ଚ୍ଚ କରି ବିଶ୍ୱଦରବାରରେ ଏହାର ପ୍ରଚାର ପ୍ରସାର କରିବାକୁ ଲକ୍ଷ୍ୟ ରଖିଥିବା କୁହନ୍ତି ଶୁଭଶ୍ରୀ।


ଶୁଭଶ୍ରୀ

### ଯୁବାବସ୍ଥାରେ

# ଗ୍ୟାଷ୍ଟ୍ରିକ୍ ସମସ୍ୟା



ବର୍ତ୍ତମାନ ପରିବର୍ତ୍ତିତ ଜୀବନଶୈଳୀ ସାଙ୍ଗକୁ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଜାତୀୟ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଧିକାଂଶଙ୍କଠାରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ସୃଷ୍ଟି କରୁଛି। ଏହାକୁ ଏକ ସାଧାରଣ ସମସ୍ୟା ଭାବି ଅଣଦେଖା କରିବା ଦ୍ୱାରା ତାହା ପରବର୍ତ୍ତୀ ସମୟରେ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ...

– ଡା. ଆଲୋକ କୁମାର ମନ୍ତ୍ରୀ



**ଦୈ**ନନ୍ଦିନ ଜୀବନରେ ଆମ ଶରୀର ପାଇଁ ସନ୍ତୁଳିତ ଆହାର ବେଶ୍ ଉପଯୋଗୀ। ହେଲେ ଏଥିପ୍ରତି ଅଧିକାଂଶ ଗୁରୁତ୍ୱ ନ ଦେଇ ତେଲମସଲାଯୁକ୍ତ ଖାଦ୍ୟ, ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍ ଆଦି ପ୍ରତି ଅଧିକ ଆଗ୍ରହୀ ହେଉଥିବାର ଦେଖିବାକୁ ମିଳୁଛି। ଏଥିପାଇଁ ଗ୍ୟାଷ୍ଟ୍ରିକ୍ ସମସ୍ୟା ବର୍ତ୍ତମାନ ସମୟରେ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁବର୍ଗର ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖାଯାଉଛି। ବିଶେଷକରି ବାହାରେ ଅଧିକାଂଶ ସମୟ ଖାଉଥିବା ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଅଧିକ ବଢୁଛି। ଏହାକୁ ଅଧିକାଂଶ ଏକ ସାଧାରଣ ସମସ୍ୟା ଭାବି ଅଣଦେଖା କରୁଛନ୍ତି, ଯାହାକି ଭବିଷ୍ୟତରେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି।

**ଲକ୍ଷଣ:** ପେଟର ଉପର ଭାଗରେ ପୀଡ଼ା ଓ ଜଳାପୋଡ଼ା ଅନୁଭବ ହେଲେ ତାହା ଗ୍ୟାସଜନିତ ସମସ୍ୟା ବୋଲି କୁହାଯାଏ। କେବଳ ଏତିକି ନୁହେଁ, ଛାତିରେ ଜଳାପୋଡ଼ା ହେବା, ପେଟ ଫମ୍ପାଇବା, ଆମ୍ବିଳା ହାକୁଟି ଦେବା, ଛାତି ବିନ୍ଧିବା ଆଦି ଅନେକ ଲକ୍ଷଣ ଏହି ଗ୍ୟାଷ୍ଟ୍ରିକ ସମସ୍ୟା ଯୋଗୁ ଦେଖାଦେଇଥାଏ।

**କାରଣ:** ଯୁବାବସ୍ଥାରେ ଗ୍ୟାଷ୍ଟ୍ରିକ୍ ସମସ୍ୟାର ଅନେକ କାରଣ ରହିଛି। ଖାଦ୍ୟପେୟରେ ଅନିୟମିତତା, ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଗ୍ରହଣ କରିବା ମୁଖ୍ୟତଃ ଏହାର ବଳିଷ୍ଠ କାରଣ। ଅନେକ ଯୁବତୀଯୁବକ ଗୋଟିଏ ସ୍ଥାନରେ ବସି କାମ କରିବା, ଅଧିକ ରାତିଯାଏ ନ ଶୋଇବା, ସକାଳୁ ବିଳମ୍ବରେ ଉଠିବା ଏବଂ ଜଳଖିଆ ନ ଖାଇବା, ଦୀର୍ଘ ସମୟ ପର୍ଯ୍ୟନ୍ତ ଉପବାସ ରହିବା ପରେ ଭୋକରେ ଏକାସଙ୍ଗେ ଆବଶ୍ୟକତାଠାରୁ ଅଧିକ ଖାଇବା ଯୋଗୁ ଗ୍ୟାଷ୍ଟ୍ରିକ ସମସ୍ୟାର ଶିକାର ହେଉଛନ୍ତି। ହେଲିକୋ ବ୍ୟାକ୍ଟର ପାଇଲୋରି ନାମକ ଜୀବାଣୁ, ଯାହାକି ଗ୍ୟାଷ୍ଟ୍ରିକ ସମସ୍ୟା ସୃଷ୍ଟି କରାଏ। ପାକସ୍ଥଳୀରେ ସାଧାରଣତଃ ଏହି ଜୀବାଣୁମାନେ ରହିଥା'ନ୍ତି। ସେହିପରି ଅତ୍ୟଧିକ ପେନ୍‌କିଲର ଖାଇବା ଦ୍ୱାରା ମଧ୍ୟ ଗ୍ୟାଷ୍ଟ୍ରିକ ସମସ୍ୟା ଉପୁଜିଥାଏ। ତେଣୁ ଏ କ୍ଷେତ୍ରରେ ଡାକ୍ତରମାନଙ୍କ ପରାମର୍ଶ ନିଆଯିବା ନିହାତି ଜରୁରୀ। ଆବଶ୍ୟକ ନ ହେଲେ ପେନ୍‌କିଲର ଖାଇବା ଆଦୌ ଠିକ୍ ନୁହେଁ। ଅପମିଶ୍ରିତ ଖାଦ୍ୟପଦାର୍ଥ ମଧ୍ୟ ଏହି ଗ୍ୟାଷ୍ଟ୍ରିକ ସମସ୍ୟାକୁ ନିମନ୍ତ୍ରଣ କରିଥାଏ। ବର୍ତ୍ତମାନ ସମୟରେ ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହି ସବୁବେଳେ ସନ୍ତୁଳିତ ଆହାର ଉପରେ ଗୁରୁତ୍ୱ ଦିଆଯିବା ଉଚିତ।

**ଚିକିତ୍ସା:** ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଏହାର ପରୀକ୍ଷାନିରୀକ୍ଷା କରାଇ ସମାଧାନର ସୂତ୍ର ବାହାର କରାଯିବା ଆବଶ୍ୟକ। ସମସ୍ୟା ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରଥମେ ଇଣ୍ଡୋସ୍କୋପି ଦ୍ୱାରା ଏହାର ପରୀକ୍ଷା କରାଇବା ଦରକାର। ଖାଦ୍ୟନଳୀ ଓ ପାକସ୍ଥଳୀ ଭିତରେ କେଉଁଠି ଓ କାହିଁକି ଗ୍ୟାଷ୍ଟ୍ରିକ ସମସ୍ୟା ଉପୁଜୁଛି ତାହା ଏହି ଇଣ୍ଡୋସ୍କୋପି ମାଧ୍ୟମରେ ସ୍ପଷ୍ଟ ଜଣାପଡ଼ିଥାଏ। ସେହିପରି ର୍‍ୟାପିଡ୍ ୟୁରିୟେଜ ଟେଷ୍ଟ ମାଧ୍ୟମରେ ମଧ୍ୟ ଗ୍ୟାଷ୍ଟ୍ରିକ୍‌ର ପରୀକ୍ଷା କରାଯାଇଥାଏ। ଅନ୍ୟପକ୍ଷରେ ବ୍ରେଥ୍ ଟେଷ୍ଟ ଏହି ଗ୍ୟାଷ୍ଟ୍ରିକ୍ ସମସ୍ୟାର ଆଉ ଏକ ପରୀକ୍ଷା ପଦ୍ଧତି। ଏହି ଟେଷ୍ଟ ମାଧ୍ୟମରେ ନିଃଶ୍ୱାସପ୍ରଶ୍ୱାସରୁ ଶରୀରରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅଛି କି ନାହିଁ ତାହା ପରୀକ୍ଷା କରାଯାଇଥାଏ। ଅନ୍ୟପକ୍ଷରେ ମଳ ପରୀକ୍ଷାରୁ ମଧ୍ୟ ଗ୍ୟାଷ୍ଟ୍ରିକ୍ ସମସ୍ୟା ଜଣାପଡ଼େ। ଏତଦ୍‌ବ୍ୟତୀତ ରକ୍ତପରୀକ୍ଷା, ହର୍‌ମୋନାଲ ଡିଟେକ୍ଟ, କିଡ୍‌ନୀ ଓ ଲିଭର ଟେଷ୍ଟ ଫଙ୍କ୍‌ସନ ମଧ୍ୟ ହୋଇଥାଏ। ଏହି କିଡ୍‌ନୀ ଓ ଲିଭର ଟେଷ୍ଟ କରାଗଲେ ତାହା ମଧ୍ୟ ଗ୍ୟାଷ୍ଟ୍ରିକ୍ ସମସ୍ୟାର କିଛିଟା ସୂଚନା ଦେଇଥାଏ।

**ଜଟିଳତା:** ଯଦି ପେଟ କିମ୍ବା ଛାତିରେ ଯନ୍ତ୍ରଣା ଅନୁଭବ ହେଉଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଗ୍ୟାଷ୍ଟ୍ରିକ୍ ସମସ୍ୟାକୁ ଅଣଦେଖା କଲେ ଏହା କ୍ରମଶଃ କର୍କଟ ରୋଗ ଆଡ଼କୁ ଗତି କରିଥାଏ। ପ୍ରଥମେ ଅଲ୍‌ଶର ଓ ପରେ କ୍ୟାନ୍‌ସରର ରୂପ ନେଇ ଏହା ମଣିଷ ଜୀବନ ପ୍ରତି ଭୟଙ୍କର ବିପଦ ଆଣିଥାଏ। ଯଦି ଠିକ୍ ସମୟରେ ଭୋକ ନ ଲାଗିଲା କିମ୍ବା ଖାଦ୍ୟ ଖାଇବା ବେଳେ ତଣ୍ଟି ପାଖରେ ଜଳାପୋଡ଼ା ଅନୁଭବ ହେଲା, ତେବେ ଏହା ଭୟଙ୍କର ଗ୍ୟାଷ୍ଟ୍ରିକ୍ ସମସ୍ୟାର ସୂଚନା ଦେଇଥାଏ। ଏକ୍ଷେତ୍ରରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଆଯିବା ଉଚିତ।

ସର୍ବୋପରି କହିବାକୁ ଗଲେ ଗ୍ୟାଷ୍ଟ୍ରିକ୍ ସମସ୍ୟାକୁ ସାଧାରଣ ରୋଗ ନ ଭାବି ଯଥା ସମୟରେ ଚିକିତ୍ସା କରିବା ଦରକାର। ଏହା ସହ ସୁସ୍ଥ ଜୀବନଶୈଳୀ ଏବଂ ସନ୍ତୁଳିତ ଖାଦ୍ୟାଭ୍ୟାସ ରଖିଲେ ଏହି ସମସ୍ୟାଠୁ ଦୂରେଇ ରହିପାରିବେ ସେଥିରେ ସନ୍ଦେହ ନାହିଁ।

*– ପେଟ ଓ ଯକୃତ ରୋଗ ବିଶେଷଜ୍ଞ, ଭୁବନେଶ୍ୱର*

## ପ୍ରତିକାର

**ଯ**ଦି ଆରମ୍ଭରୁ ଏହାର ପ୍ରତିକାର କରାନଯାଏ, ତେବେ ପରବର୍ତ୍ତୀ ସମୟରେ ତାହା ମଣିଷ ଶରୀରରେ କିଛି ନା କିଛି ଜଟିଳ ସ୍ଥିତି ଉପୁଜାଇଥାଏ। ବର୍ତ୍ତମାନର ଯୁବପିଢ଼ି ଯେଉଁଭଳି ମାଦକ ଦ୍ରବ୍ୟ ସେବନ କରୁଛନ୍ତି କିମ୍ବା ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି, ତାହା ଆଦୌ ଠିକ୍ ନୁହେଁ। ତେଣୁ ଧୂମପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା ଦରକାର। ସନ୍ତୁଳିତ ଖାଦ୍ୟପେୟ ଉପରେ ଯଥେଷ୍ଟ ଧ୍ୟାନ ଦେବା ସହ ସଠିକ୍ ପରିମାଣର ଶାରୀରିକ ପରିଶ୍ରମ କରିବେ, ତେବେ ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ନିଶ୍ଚିତ ଭାବେ ନିଜକୁ ରକ୍ଷା କରିପାରିବେ।





# କେଶଝଡ଼ା କମାଇବ ଯୋଗ

### ୟୁଥ୍ ଆଲର୍ଟ

କେଶ ଝଡ଼ିବା ବର୍ତ୍ତମାନ ଅନେକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଯାଇଛି। ଅସନ୍ତୁଳିତ ଖାଦ୍ୟାଭ୍ୟାସ, କେଶରେ ବ୍ୟବହାର ହେଉଥିବା ବିଭିନ୍ନ ରାସାୟନିକଯୁକ୍ତ ଶ୍ୟାମ୍ପୁ, କଣ୍ଡିଶନର୍, ରଙ୍ଗ ଏବଂ ବ୍ୟୁଟି ପ୍ରଡକ୍ଟ ଆଦି ସହିତ ଅନେକ କାରଣ ଏଥିପାଇଁ ମୁଖ୍ୟତଃ ଦାୟୀ। ତେଣୁ ଏହିସବୁ ଅଭ୍ୟାସ ପରିବର୍ତ୍ତନ କରିବା ସହ କେତୋଟି ଯୋଗାସନ କଲେ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଇପାରିବେ...

**ବଜ୍ରାସନ:** ବର୍ତ୍ତମାନ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଜାତୀୟ ଖାଦ୍ୟ ସାଙ୍ଗକୁ ଅନ୍ୟାନ୍ୟ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଧିକାଂଶଙ୍କଠାରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ସୃଷ୍ଟି କରୁଛି। ଅପରପକ୍ଷେ ଏହା ମଧ୍ୟ କେଶ ଝଡ଼ିବାର କାରଣ ସାଜୁଛି। ଏଭଳି ସମସ୍ୟା ଥିଲେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଖାଇ ସାରିବା ପରେ ଅତି କମ୍‌ରେ ୧୦ ମିନିଟ ପର୍ଯ୍ୟନ୍ତ ବଜ୍ରାସନରେ ବସନ୍ତୁ। ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ୍ ଏବଂ ଅନ୍ୟାନ୍ୟ ପେଟଜନିତ ସମସ୍ୟା ଦୂର ହେବ। ଏଣୁ କେଶ ଝଡ଼ିବା କମ୍ ହେବ।

**ଅଧ ମୁଖା ସ୍ୱାନାସନ :** ଯେଉଁମାନଙ୍କ ଶରୀରରେ ବିଶେଷକରି ମୁଣ୍ଡକୁ କୌଣସି କାରଣରୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ସେମାନଙ୍କଠାରେ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏହାକୁ ଦୂର କରିବା ଲାଗି ସେମାନଙ୍କ ପାଇଁ ପ୍ରତିଦିନ କିଛି ସମୟ ଅଧ ମୁଖା ସ୍ୱାନାସନ କରିବା ବେଶ୍ ଲାଭଦାୟକ। ଏହି ଆସନ ସୂର୍ଯ୍ୟ ନମସ୍କାର ମଧ୍ୟରୁ ଗୋଟିଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ। ଫଳରେ କେଶ ମୂଳକୁ ରକ୍ତ ସହ ଅମ୍ଳଜାନ ପହଞ୍ଚିପାରେ।

**ଶୀର୍ଷାସନ:** ଏହି ଆସନ ମଧ୍ୟ ମୁଣ୍ଡକୁ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ସଞ୍ଚାଳନରେ ସାହାଯ୍ୟ କରିଥାଏ। ଫଳରେ କେଶ ଝଡ଼ିବା କମ୍ ହେବା ସହ ମଜଭୁତ ଏବଂ ଘନ ହୋଇଥାଏ। ହେଲେ ଏହି ଆସନ କରିବା ପୂର୍ବରୁ ପ୍ରଥମେ ଏକ୍ସପର୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ। ନଚେତ୍ ବେକରେ ରକା ହୋଇପାରେ।

**ମତ୍ସ୍ୟାସନ:** ଲମ୍ୱା, ମଜଭୁତ ଏବଂ ଘନ କଳା କେଶ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହି ଆସନ ଖୁବ୍ ଲାଭଦାୟକ ହୋଇପାରିବ। କେବଳ କେଶ ପାଇଁ ନୁହେଁ, ଏହା ଶରୀରରୁ ମେଦବହୁଳତା ଦୂର କରିବା ସହ ବିଷାକ୍ତ ଉପାଦାନ ନିର୍ଗତ କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇଥାଏ। ମେରୁଦଣ୍ଡ ଏବଂ ବେକଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।





# ନେଦରଲାଣ୍ଡ୍ସ ୪, ମାଲେସିଆ ୦



ପ୍ଲେୟର ଅଫ୍ ଦି ମ୍ୟାଚ୍ କ୍ରୁନ୍ ଜୋରିଟ।

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ, ୧୪।୧**

ତିନିଥର ଚାମ୍ପିୟନ ନେଦରଲାଣ୍ଡ୍ସ ଚଳିତ ହକି ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁଲ୍ 'ସି'ର ଦ୍ୱିତୀୟ ମ୍ୟାଚରେ ଏହି ଦଳ ୪-୦ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବିଶ୍ୱକପ୍‌ର ଅନ୍ୟତମ ଟାଇଟଲ ଫେଭରାଇଟ ନେଦରଲାଣ୍ଡ୍ସ ଖେଳର ସମସ୍ତ ବିଭାଗରେ ମାଲେସିଆକୁ ପଛରେ ପକାଇ ଦେଇଥିଲା। ଦଳ ପକ୍ଷରୁ ଭାନ୍ ଡାମ୍ ଥିଜସ ୧୯ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିବାବେଳେ ୨୨ତମ ମିନିଟରେ ମାଲେସିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ନେଦରଲାଣ୍ଡ୍ସକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଜିପ୍ ଜାନସେନ ୨୩ତମ ମିନିଟରେ ଏହାକୁ ଗୋଲରେ ପରିଣତ କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୬ତମ ମିନିଟରେ ଟିଉନ୍ ବେକ୍ସ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇଥିବାବେଳେ କ୍ରୁନ୍ ଜୋରିଟ ମ୍ୟାଚର ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ମାଲେସିଆ ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। କ୍ରୁନ୍ ଜୋରିଟ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ବିଜୟ ସହ ନେଦରଲାଣ୍ଡ୍ ପୁଲ୍ 'ସି'ରେ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ନ୍ୟୁଜିଲାଣ୍ଡ ୩ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ୨ୟ ସ୍ଥାନରେ ରହିଛି। ପ୍ରକାଶ ଯୋଗ୍ୟ ଯେ, ୪ଟି ଯାକ ପୁଲ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ନେଦରଲାଣ୍ଡ୍ସ ୧୯୭୩, ୧୯୯୦, ୧୯୯୮ରେ ଚାମ୍ପିୟନ ହୋଇଥିବାବେଳେ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଛି। ଏହା ବ୍ୟତୀତ ଦଳ ୨୦୦୨ ଓ ୨୦୧୦ରେ ତୃତୀୟ ଏବଂ ୧୯୮୨ରେ ଚତୁର୍ଥସ୍ଥାନ ହାସଲ କରି ଟୁର୍ନାମେଣ୍ଟ ଇତିହାସରେ ଅନ୍ୟତମ ସଫଳ ଦଳ ବିବେଚିତ ହେଉଛି। ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ ଏହି ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ।


ବଲ ପାଇଁ ସଂଘର୍ଷ କରୁଛନ୍ତି ନେଦରଲାଣ୍ଡ୍ସ ଓ ମାଲେସିଆ ଖେଳାଳି।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳ ଉପଭୋଗ କରୁଛନ୍ତି ଦର୍ଶକ।



ପୂର୍ବତନ ଖେଳାଳି ଲାଜରୁସ ବାର୍ଲାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ନ୍ୟୁଜିଲାଣ୍ଡ ଦଳର ଲାମ୍ ସେନ୍ ।

## ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ସର୍ବବୃହତ୍: ଏଫ୍‌ଆଇଏଚ୍

**ଭୁବନେଶ୍ୱର,୧୪।୧(ସ୍ପୋର୍ଟ୍ସ ବ୍ୟୁରୋ)**

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ଭାବରେ ସ୍ୱୀକୃତି ପ୍ରଦାନ କରିଛି ଅନ୍ତର୍ଜାତୀୟ ହକି ଫେଡେରେଶନ୍(ଆଇଏଚ୍‌ଏଫ୍)। ସ୍ୱୀକୃତି ମିଳିବା ପରେ ଷ୍ଟାଡିୟମଟି ସର୍ବବୃହତ୍ କି ନାହିଁ ତାହାକୁ ନେଇ ଲାଗି ରହିଥିବା ବିବାଦରେ ପଡିଛି ପୂର୍ଣ୍ଣଚ୍ଛେଦ। କେବଳ ହକି ପାଇଁ ସ୍ୱତନ୍ତ୍ର ଭାବରେ ଷ୍ଟାଡିୟମ ନିର୍ମାଣ କରାଯାଇଥିବା ବେଳେ ଶନିବାର ଏଫ୍‌ଆଇଏଚ୍ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯିବା ସହିତ ଏହାକୁ ଏକ କଳାକୃତି ଭାବରେ ବର୍ଣ୍ଣନା କରାଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଷ୍ଟାଡିୟମକୁ ସର୍ବବୃହତ୍ ବୋଲି ଦାବି କରାଯାଇଥିବା ବେଳେ ଏହାକୁ ଖଣ୍ଡନ କରିଥିଲେ ବିରୋଧୀ। ୨୧ ହଜାର କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମଟି କେବଳ ହକି ଖେଳ ପାଇଁ ଉଦ୍ଦିଷ୍ଟ। ଶୁକ୍ରବାର ଠାରୁ ଏହି ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିବା ବେଳେ ଏକ ଇମେଲ ଜରିଆରେ ହକି ଇଣ୍ଡିଆ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଥିଲା। ଲାହୋରର ନ୍ୟାଶନାଲ ହକି ଷ୍ଟାଡିୟମରେ ୪୫ ହଜାର ଦର୍ଶକ କ୍ଷମତା ରହିଥିବା ବେଳେ ଚଣ୍ଡୀଗଡ ହକି ଷ୍ଟାଡିୟମର ଦର୍ଶକ କ୍ଷମତା ୩୦ ହଜାର , ଲସଏଞ୍ଜେଲେସର ୱେନ୍‌ଗାର୍ଟ ଷ୍ଟାଡିୟମର ଦର୍ଶକ କ୍ଷମତା ୨୨୩୫୫ ରହିଛି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ କେବଳ ସ୍ୱତନ୍ତ୍ର ଭାବରେ ହକି ଖେଳ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମର ଦର୍ଶକ କ୍ଷମତା ୧୫ ହଜାର ରହିଛି। ୨୦୦ କୋଟି ଟଙ୍କା ବିନିଯୋଗରେ ଏହି ଷ୍ଟାଡିୟମ ମାତ୍ର ୧୫ ମାସର ସମୟରେ ନିର୍ମାଣ କରାଯାଇଥିଲା। ବିଶ୍ୱକପ୍‌ର ୪୪ ମ୍ୟାଚ୍ ମଧ୍ୟରୁ ଏହି ଷ୍ଟାଡିୟମରେ ୨୦ ମ୍ୟାଚ ଖେଳାଯିବ। ୧୨୦ ଏକରର ବିପିୟୁଟି କ୍ୟାମ୍ପସ ମଧ୍ୟରେ ୩୫ ଏକର ଅଞ୍ଚଳରେ ଏହି ଷ୍ଟାଡିୟମଟି ପରିବ୍ୟାପ୍ତ। ଏହି ଷ୍ଟାଡିୟମରେ ଭିନ୍ନ ଭାବରେ ଫିଟନେସ ସେଣ୍ଟର ଓ ସ୍ୱିମିଂ ପୁଲ୍ ରହିଥିବା ବେଳେ ପ୍ରାକ୍ଟିସ୍ ପିଚ୍ ଓ ଡ୍ରେସିଂ ରୁମ୍‌କୁ ସଂଯୋଗ କରୁଥିବା ଏକ ଟନେଲ ରହିଛି।

## ଦିବ୍ୟାଙ୍ଗ ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍‌ର ମଜା ନେଇଛନ୍ତି ଦିବ୍ୟାଙ୍ଗ ଦର୍ଶକ। ଦିବ୍ୟାଙ୍ଗଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଯେପରିକି ସେମାନେ ବିନା ବାଧାରେ ମ୍ୟାଚର ମଜା ନେଇପାରିବେ। ୧୫ ମାସ ମଧ୍ୟରେ ଷ୍ଟାଡିୟମ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୯ ମାସରେ ଗେମ୍ ଭିଲେଜ୍ ସମ୍ପୂର୍ଣ୍ଣ ହୋଇଥିଲା। ଦିବ୍ୟାଙ୍ଗ ଦର୍ଶକଙ୍କ ପାଇଁ ଏକ ସ୍ୱତନ୍ତ୍ର ରାମ୍ପର ବ୍ୟବସ୍ଥା କରାଯାଇଥିବା ବେଳେ ଏହା ଫାଷ୍ଟ ଟିୟରରେ ଥିବା ଷ୍ଟାଣ୍ଡରେ ପହଞ୍ଚାଇଥାଏ। ଦିବ୍ୟାଙ୍ଗ ଦର୍ଶକ ଯେ କୌଣସି ଗେଟ୍‌ରେ ପ୍ରବେଶ କରିପାରିବେ। ଏହା ସହିତ ଷ୍ଟାଡିୟମରେ ୧୦୦ଟି ସିଟ୍ କେବଳ ଦିବ୍ୟାଙ୍ଗ ଦର୍ଶକଙ୍କ ପାଇଁ ନିର୍ମାଣ କରାଯାଇଛି। କେବଳ ଦିବ୍ୟାଙ୍ଗ ନୁହନ୍ତି ସମସ୍ତ ଦର୍ଶକଙ୍କୁ ମ୍ୟାଚର ଶ୍ରେଷ୍ଠ ଅନୁଭବ ପ୍ରଦାନ କରିବା ପାଇଁ ଏହି ଷ୍ଟାଡିୟମ ନିର୍ମିତ।


ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମରେ ମ୍ୟାଚ୍ ଉପଭୋଗ କରୁଛନ୍ତି ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

ଷ୍ଟାଡିୟମକୁ ଲୋୟର ବାଉଲ ଓ ଅପର ବାଉଲରେ ବିଭକ୍ତ କରାଯାଇଥିବା ବେଳେ ଯାନବାହନ ରଖିବା ପାଇଁ ୬ଟି ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଛି।

## ବିଶ୍ୱକପ୍ ପଦାର୍ପଣରେ ଚିଲି ପରାସ୍ତ

**ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ, ୧୪।୧**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁଲ୍ 'ସି'ର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ୩-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ପଦାର୍ପଣ କରିଥିବା ଚିଲି ଶେଷ ଦୁଇ କ୍ୱାର୍ଟରରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ନ୍ୟୁଜିଲାଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ବିଶ୍ୱକପ୍ ପଦାର୍ପଣରେ ପରାଜୟରୁ ହିଁ ଦଳର ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ନ୍ୟୁଜିଲାଣ୍ଡର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରହିଛି।

ଅଭିଜ୍ଞ ନ୍ୟୁଜିଲାଣ୍ଡ ସ୍ୱତନ୍ତ୍ର ରଣନୀତି ସହ ପଡ଼ିଆକୁ ଓହ୍ଲାଇଥିଲା। ଆରମ୍ଭରୁ ଆକ୍ରମଣ କରି ଫାଇଦାରେ ରହିଥିଲା। ମ୍ୟାଚର ୯ମ ମିନିଟରେ ଲାମ୍ ସେନ୍ ଏକ ଫିଲ୍ଡ ଗୋଲ କରି ଦଳକୁ ଅଗ୍ରଣୀ କରିଥିଲେ। ୧୧ତମ ମିନିଟରେ ସାମ୍ ହିଆ ଏହାକୁ ଡବଲରେ ପରିଣତ କରିଥିଲେ। ପ୍ରଥମ କ୍ୱାର୍ଟରରେ ୨-୦ରେ ଅଗ୍ରଣୀ ରହିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ହିଆ ୧୮ତମ ମିନିଟରେ ତୃତୀୟ ଏବଂ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଚିଲିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ନ୍ୟୁଜିଲାଣ୍ଡର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ କୌଣସି ଗୋଲ ହୋଇ ନ ଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଚିଲି ଉଦ୍ୟମକୁ ଜୋରଦାର କରିଥିଲା। ୪୯ତମ ମିନିଟରେ ଇଗ୍ନାସିଓ କଣ୍ଟାର୍ଡୋ ଗୋଟିଏ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ମାତ୍ର ଅବଶିଷ୍ଟ ସମୟରେ ନ୍ୟୁଜିଲାଣ୍ଡ ରକ୍ଷଣଭାଗ ସତର୍କତାର ସହ ଖେଳି ଆଉ ଚିଲି ଖେଳାଳିଙ୍କୁ ଗୋଲ ପରିଶୋଧର ସୁଯୋଗ ଦେଇ ନ ଥିଲେ। ଲାମ୍ ସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଅତିଥି ଭାବେ ଯୋଗ ଦେଇଥିଲେ।


ନ୍ୟୁଜିଲାଣ୍ଡ ଓ ଚିଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

### ଚିଲି ସମର୍ଥକ ନିରାଶ

ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ ଦେଖିବା ଲାଗି ସୁଦୂର ଚିଲିରୁ କିଛି ଦର୍ଶକ ରାଉରକେଲାକୁ ଆସିଛନ୍ତି। ଶନିବାର ନ୍ୟୁଜିଲାଣ୍ଡ ୩-୧ ଗୋଲରେ ଚିଲିକୁ ହରାଇ ଦେବା ପରେ ସେମାନେ ନିରାଶ ହୋଇଥିଲେ। ଦଳ ହାରି ଯାଇଥିଲେ ମଧ୍ୟ ଦର୍ଶକମାନେ ଖେଳ ଶେଷ ପର୍ଯ୍ୟନ୍ତ ସେମାନଙ୍କ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚରେ ଚିଲି ଗୋଟିଏ ଗୋଲ୍ ଦେଇଥିଲା। ଏହା ସମର୍ଥକମାନଙ୍କୁ କିଛି ସମୟ ଆନନ୍ଦିତ କରିଥିଲା। ଆଗାମୀ ମ୍ୟାଚ୍‌ରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚିଲି ଦଳର ସମର୍ଥକ ନରୱେ ହିଲ୍ସ କହିଛନ୍ତି।

# ଚାମ୍ପିୟନ ବେଲ୍‌ଜିୟମର ଦମ୍‌ଦାର ଆରମ୍ଭ



ବେଲଜିୟମ୍ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଭିକ୍ଟର ୱେଗ୍‌ନେଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ଦେଉଛନ୍ତି ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ମଧୁର ସ୍ମୃତି ବହନ କରୁଥିବା ଗତଥରର ଚାମ୍ପିୟନ ବେଲ୍‌ଜିୟମ ଏଥର ମଧ୍ୟ ଦମ୍‌ଦାର ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଏହି ଦଳ ୫–୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ପୁଲ୍ 'ବି'ରେ ଏହି ଦଳ ପୂରା ୩ ପଏଣ୍ଟ ସହିତ ଅଭିଯାନ ଆରମ୍ଭ କରିଛି। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ ପାଇଁ ଭିକ୍ଟର ୱେଗ୍‌ନେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଭିକ୍ଟରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରଥମ ଦୁଇ କ୍ୱାର୍ଟରରେ ବିଶ୍ୱର ୨ ନମ୍ବର ଦଳ ବେଲ୍‌ଜିୟମକୁ ଟକ୍କର ଦେଇଥିଲା ୧୦ମ ର୍‍ୟାଙ୍କ୍‌ପ୍ରାପ୍ତ କୋରିଆ। ଫଳରେ ଶକ୍ତିଶାଳୀ ବେଲ୍‌ଜିୟମ ଆକ୍ରମଣାତ୍ମକ ଖେଳିଥିଲେ ହେଁ କୋରିଆର ଡିଫେନ୍ସ ଲାଇନ୍ ଭେଦ କରିବା କଷ୍ଟକର ହୋଇଥିଲା। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାକୁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ। ମାତ୍ର ଫିନିଶିଂ ଅଭାବରୁ ତାହା ସମ୍ଭବ ହୋଇ ନ ଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ମାତ୍ର ଭାଗ୍ୟ ବେଲଜିୟମ ସାଥିରେ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରାଇଥିଲେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ। ୪୩ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଏହାକୁ ୨–୦ରେ ପରିଣତ କରିଥିଲେ ଟନ୍‌ଗାୟ କୋସିନ୍ସ। ଏହି କ୍ୱାର୍ଟରରେ କୋରିଆ ଖେଳାଳିମାନେ ୪ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ବେଲଜିୟମ ଡିଫେଣ୍ଡର ଓ ଗୋଲକିପର ଭିନସେଣ୍ଟ ଭାନାଶ୍‌ଙ୍କୁ ଅତିକ୍ରମ କରିପାରି ନ ଥିଲେ। ଫଳରେ ସ୍ୱାଭାବିକଭାବେ ଦଳ ମଧ୍ୟରେ ନିରାଶା ଖେଳି ଯାଇଥିଲା। ଏହାର ପ୍ରଭାବ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଦେଖିବାକୁ ମିଳିଥିଲା। ଏହି କ୍ୱାର୍ଟରରେ ଅସଲ ଖେଳ ଦେଖାଇଥିଲା ବେଲ୍‌ଜିୟମ। ଓଡ଼ିଶା ଦର୍ଶକଙ୍କ ସମ୍ମୁଖରେ ଖେଳିବାର ପୂର୍ବ ଅଭିଜ୍ଞତାକୁ ସେମାନେ ଦୋହରାଇଥିଲେ। ୫୦ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଶଟ୍‌କୁ କୋରିଆ ଗୋଲକିପର କିମ୍ ଝେୟୁନ ରୋକିଥିବାବେଳେ ଫେରିଆସୁଥିବା ବଲ୍‌କୁ ରିବାଉଣ୍ଡ ଶଟ୍ ଜରିଆରେ ଗୋଲରେ ପରିଣତ କରିଥିଲେ ଭାନ ଅଉବେଲ ଫ୍ଲୋରେଣ୍ଟ। ଶେଷ ପର୍ଯ୍ୟାୟରେ କୋରିଆ ଖେଳାଳିଙ୍କ ଶାରୀରିକ ଭାଷା ମାନ୍ଦା ପଡ଼ି ଯାଇଥିଲା। ଏହାର ପୂରା ଫାଇଦା ଉଠାଇଥିଲେ ବେଲ୍‌ଜିୟମ ଖେଳାଳି। କୋରିଆ ଡିଫେନ୍ସ ଲାଇନ୍‌ରେ ତ୍ରୁଟିରୁ ଫାଇଦା ନେଇ ସେବାଷ୍ଟିଆନ ଡୋକେର ୫୨ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଆଉ ଏକ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୫–୦ରେ ପହଞ୍ଚାଇ ଦେଇଥିଲେ ଆର୍ଥର ଡି ସ୍ଲୋଭେର। ବେଲଜିୟମ ୧୦ଟି ପେନାଲ୍ଟି କର୍ଣ୍ଣର ପାଇଥିବାବେଳେ ଏଥିରୁ ୨ଟିକୁ ଗୋଲରେ ପରିଣତ କରିପାରିଥିଲା। ଅନ୍ୟପକ୍ଷରେ କୋରିଆ ୬ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲା। ବେଲଜିୟମ ଏହାର ପରବର୍ତ୍ତୀ ମ୍ୟାଚ ୧୭ ତାରିଖରେ ଅନ୍ୟତମ ଟାଇଟଲ ଫେଭରାଇଟ ଜର୍ମାନୀକୁ ଭେଟିବ। ସେହିଦିନ କୋରିଆ ଓ ଜାପାନ ମଧ୍ୟରେ ମୁକାବିଲା ହେବ।

# ଭାରତ ସମ୍ମୁଖରେ ଇଂଲଣ୍ଡ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

ରବିବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ଭାରତ ଓ ଇଂଲଣ୍ଡ ବିପକ୍ଷ ଗ୍ରୁପ୍ ମ୍ୟାଚ୍। ସ୍ପେନ୍ ବିପକ୍ଷରେ ଚମତ୍କାର ବିଜୟ ସହିତ ହକି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ହକି ଦଳ ଆଗରେ ରହିବ ଅନ୍ୟତମ ଶକ୍ତିଶାଳୀ ଇଂଲଣ୍ଡ ଦଳ। ପୁଲ୍ ଡି'ରେ ସ୍ଥାନ ପାଇଥିବା ଉଭୟ ଦଳ ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇଛନ୍ତି। ଭାରତ ୨–୦ରେ ସ୍ପେନ୍‌କୁ ପରାସ୍ତ କରିଥିବା ବେଳେ ୱେଲ୍ସ ବିପକ୍ଷରେ ୫–୦ରେ ବିଜୟୀ ହୋଇଥିଲା ଇଂଲଣ୍ଡ। ଘରୋଇ ମାଟିରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଖେଳୁଥିବା ଭାରତ ପାଇଁ ଏହି ମ୍ୟାଚଟି ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ ବୋଲି ଆକଳନ କରାଯାଉଛି। ସ୍ପେନ୍ ବିପକ୍ଷ ମ୍ୟାଚରେ ୨୧ ହଜାର ଦର୍ଶକଙ୍କ ସମ୍ମୁଖରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ଉପ ଅଧିନାୟକ ଅମିତ ରୋହିଦାସ ଚମତ୍କାର ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିବା ବେଳେ ଅମିତ ଓ ହାର୍ଦ୍ଦିକ ସିଂ ଭାରତ ପାଇଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷରେ ମଧ୍ୟ ରକ୍ଷଣଭାଗ ନିକଟରୁ ସମାନ ପ୍ରଦର୍ଶନ ଆଶା କରିବ ଦଳ। ପ୍ରଥମ ମ୍ୟାଚରେ ଭାରତୀୟ ଦଳର ପ୍ରଦର୍ଶନକୁ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ବେଶ୍ ପ୍ରଶଂସା କରିଛନ୍ତି। ପ୍ରଥମ ମ୍ୟାଚରେ ଭାରତୀୟ ଦଳ ବିଜୟୀ ହୋଇଥିବା ବେଳେ ଇଂଲଣ୍ଡ ବିପକ୍ଷରେ ସମାନ ପ୍ରଦର୍ଶନ ଜାରି ରଖିବା ପାଇଁ ଦଳ ପ୍ରୟାସ କରିବ। ଡିଫେଣ୍ଡରମାନେ ଭଲ ପ୍ରଦର୍ଶନ କରିଥିବା ବେଳେ ସମସ୍ତ ଖେଳାଳିଙ୍କ ପ୍ରଦର୍ଶନ ପ୍ରାୟ ଭଲ ରହିଥିଲା। ଗୋଲ ପୋଷ୍ଟ ନିକଟରୁ ବଲ୍‌କୁ ଦୂରେଇ ରଖିବାରେ ଖେଳାଳିମାନେ ସଫଳ ହୋଇଥିଲେ। ଭାରତୀୟ ଖେଳାଳିଙ୍କ ସ୍ପିଡ୍ ଚମତ୍କାର ରହିଥିବା ବେଳେ ସମାନ ସଫଳତା ଦୋହରାଇବା ଉପରେ ରିଡ୍ ଗୁରୁତ୍ୱ ଦେଇଛନ୍ତି। ଭାରତୀୟ ଦଳର ଭେଟେରାନ ଗୋଲକିପର ପି. ଆର. ଶ୍ରୀଜେସ୍ ଓ କ୍ରିଷନ୍ ବାହାଦୁର ପାଠକ ବଢ଼ିଆ ଫର୍ମରେ ରହିଥିବା ବେଳେ ଇଂଲଣ୍ଡ ଗୋଲି ଓଲିଭର ପେନ୍ ମଧ୍ୟ ୱେଲ୍ସ ବିପକ୍ଷ ମ୍ୟାଚର ଅନ୍ତିମ କ୍ୱାର୍ଟରରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଭାରତୀୟ ଦଳ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିବା ବେଳେ ଇଂଲଣ୍ଡ ବିପକ୍ଷରେ ଏହି ଭୁଲ ସୁଧାରିବାକୁ ପ୍ରୟାସ କରିବ। ବିଗତ କିଛି ମାସ ମଧ୍ୟରେ ଭାରତର ଶ୍ରେଷ୍ଠ ଖେଳାଳି ରହିଥିବା ହରମନ୍‌ପ୍ରୀତ ସିଂଙ୍କ ସ୍ପେନ୍ ବିପକ୍ଷ ମ୍ୟାଚରେ ଏତେଟା ପ୍ରଭାବଶାଳୀ ରହି ନ ଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବିଜୟୀ ହେଲେ ଭାରତ କ୍ୱାର୍ଟର ଫାଇନାଲ ଯୋଗ୍ୟତାର ଏକ ପାଦ ନିକଟତର ହେବ। ଅନ୍ତିମ ମ୍ୟାଚରେ ୧୫ତମ ସ୍ଥାନରେ ଥିବା ୱେଲ୍ସକୁ ଭେଟିବ ଭାରତ। ବିଶ୍ୱ ର୍‍ୟାଙ୍କିଂରେ ଇଂଲଣ୍ଡ ଭାରତଠାରୁ ଗୋଟିଏ ସ୍ଥାନ ଉପରେ ରହିଛି। ଉଭୟ ଦଳ ପରସ୍ପର ସହିତ ୨୧ ଥର ଭେଟିଥିବା ବେଳେ ଭାରତ ୧୦ମ୍ୟାଚ୍ ଜିତିଛି। ୭ ମ୍ୟାଚ୍ ଇଂଲଣ୍ଡ ସପକ୍ଷରେ ରହିଥିବା ବେଳେ ୪ଟି ମ୍ୟାଚ୍ ଡ୍ର ରହିଛି।

## କଷ୍ଟସାଧ୍ୟ ରହିବ ମୁକାବିଲା: ରିଡ୍

ଇଂଲଣ୍ଡ ବିପକ୍ଷ ମୁକାବିଲା ବେଶ୍ କଷ୍ଟସାଧ୍ୟ ରହିବ ବୋଲି ମତ ଦେଇଛନ୍ତି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍। ଇଂଲଣ୍ଡ ଆମଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଦଳ। ରାଜ୍ୟଗୋଷ୍ଠୀ କ୍ରୀଡା ଓ ପ୍ରୋ ଲିଗ୍ ହକିରେ ଇଂଲଣ୍ଡ ସହିତ ମଧ୍ୟ ଆମେ ଖେଳିଛୁ ବୋଲି ରିଡ୍ କହିଛନ୍ତି। ସ୍ପେନ୍ ବିପକ୍ଷ ମ୍ୟାଚରେ ଆମର ଡିଫେନ୍ସ ବିଶ୍ୱସ୍ତରୀୟ ରହିଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ମଧ୍ୟ ସମାନ ରଣନୀତି ରହିବ ବୋଲି ରିଡ୍ ସୂଚନା ଦେଇଛନ୍ତି। ଘରୋଇ ଦର୍ଶକଙ୍କ ଆଗରେ ଖେଳିବାକୁ ନେଇ ଭାରତୀୟ ଖେଳାଳି ବେଶ୍ ଉତ୍ସାହିତ ଅଛନ୍ତି।

## ହକି ବିଶ୍ୱକପ୍

(ଆଜିର ମ୍ୟାଚ)

**ସ୍ପେନ୍ ବନାମ ୱେଲ୍ସ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ,
ସମୟ: ଅପରାହ୍ନ ୫ଟା

**ଭାରତ ବନାମ ଇଂଲଣ୍ଡ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୭ଟା

# ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳୁଛନ୍ତି ଦୁଇ ପୁଅ

## ଗର୍ବିତ ମା' ଇଲି ହେଓ୍ୱାର୍ଡ



କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ ଦେଖିବା ଅବସରରେ ଇଲି ହେଓ୍ୱାର୍ଡ।

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)

କୌଣସି ମାତାପିତାଙ୍କର ସନ୍ତାନ ଯଦି ଜାତୀୟ ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରନ୍ତି ତେବେ ଗର୍ବରେ ଛାତି ଫାଟିପଡ଼େ। ମାତ୍ର କୌଣସି ମାତାପିତାଙ୍କ ଦୁଇ ସନ୍ତାନ ଯଦି ଦୁଇଟି ଦେଶରୁ ପ୍ରତିନିଧିତ୍ୱ କରନ୍ତି ତେବେ ସେମାନେ କେତେ ପରିମାଣରେ ନିଜକୁ ଗୌରବାନ୍ୱିତ ମନେକରୁଥିବା ତାହା ଅନୁଭବର କଥା। ଏପରି ଜଣେ ଗର୍ବିତ ମା' ହେଲେ ଅଷ୍ଟ୍ରେଲିଆର ଇଲି ହେଓ୍ୱାର୍ଡ। ତାଙ୍କର ବଡ଼ ପୁଅ ଜେରେମି ହେଓ୍ୱାର୍ଡ ଅଷ୍ଟ୍ରେଲିଆ ପକ୍ଷରୁ ଏବଂ ସାନ ପୁଅ ଲିଅନ ହେଓ୍ୱାର୍ଡ ନ୍ୟୁଜିଲାଣ୍ଡ ପକ୍ଷରୁ ଚଳିତ ହକି ବିଶ୍ୱକପ୍‌ରେ ଖେଳୁଛନ୍ତି। ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳି ସାରିଛି। ଦଳ ନିଜର ପ୍ରଥମ ମ୍ୟାଚରେ ଫ୍ରାନ୍ସକୁ ୮–୦ ଗୋଲରେ ହରାଇଥିବାବେଳେ ଜେରେମି ହ୍ୟାଟ୍ରିକ ଅର୍ଜନ କରିଥିଲେ। ପୁଅର ଏହି କୀର୍ତ୍ତିମାନକୁ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରିଥିଲେ ଇଲି। ଲିଅନ ନ୍ୟୁଜିଲାଣ୍ଡ ଦଳର ଜଣେ ଜଣାଶୁଣା ଗୋଲକିପରଭାବେ ପରିଚିତ।

ଇଲିଙ୍କ ସ୍ୱାମୀଙ୍କ ନାମ ହେଉଛି ବ୍ରାଡ୍ ହେଓ୍ୱାର୍ଡ। ଦୁଇ ପୁଅଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱାମୀଙ୍କ ସହ ଅଷ୍ଟ୍ରେଲିଆରୁ ଓଡ଼ିଶା ଆସିଛନ୍ତି ଇଲି। ଦର୍ଶକ ଗ୍ୟାଲେରିର ୱେଷ୍ଟ ଷ୍ଟାଣ୍ଡରେ ଉପସ୍ଥିତ ରହି ଅଷ୍ଟ୍ରେଲିଆ–ଫ୍ରାନ୍ସ ମ୍ୟାଚ ଦେଖିବା ସମୟରେ ବେଶ୍ ଉତ୍ସାହିତ ଥିଲେ ଇଲି। ହେବା ମଧ୍ୟ ସ୍ୱାଭାବିକ। ''ଦୁଇ ଭାଇ ଅଷ୍ଟ୍ରେଲିଆରେ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଖେଳିଥିଲେ। ତେବେ ଲିଅନ ନ୍ୟୁଜିଲାଣ୍ଡ ଜାତୀୟ ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଏହା ତାଙ୍କୁ ବହୁତ ଖୁସି ଦେଇଥିଲା। କାରଣ ସେ ନିଜେ ନ୍ୟୁଜିଲାଣ୍ଡରେ ଜନ୍ମିତ'' ବୋଲି ଇଲି କଥା ହେବାବେଳେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ନିଜ ପରିଚୟ ମଧ୍ୟ ଦେଇଛନ୍ତି। ହକି ଆମ ରକ୍ତରେ ରହିଛି। କାରଣ ମୁଁ ନିଜେ ଜଣେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛି ଏବଂ ରାଜ୍ୟ ସ୍ତରର ଜଣେ ହକି ଖେଳାଳି ମଧ୍ୟ। ''ଦୁଇ ଭାଇ ମୋ ଦ୍ୱାରା ଅନୁପ୍ରାଣିତ ହୋଇ ପିଲା ବେଳରୁ ହକି ଖେଳିବା ଆରମ୍ଭ କରିଥିଲେ। ଦୁହେଁ ଏବେ ଅନ୍ତର୍ଜାତୀୟ ହକି ଖେଳୁଥିବାରୁ ମୁଁ ଅତ୍ୟନ୍ତ ଖୁସି ଏବଂ ଗର୍ବିତ ମଧ୍ୟ। ବିଶେଷ କରି ଦୁହେଁ ଦୁଇଟି ଦେଶରୁ ଖେଳୁଥିବାରୁ ଆମର ଖୁସି ଦ୍ୱିଗୁଣିତ ହୋଇଛି। ମୋ ସ୍ୱପ୍ନକୁ ଦୁଇ ପୁଅ ପୂରଣ କରିଛନ୍ତି'' ବୋଲି ଇଲି ପ୍ରକାଶ କରିଛନ୍ତି। କିନ୍ତୁ ଶନିବାର ରାଉରକେଲା ଯାଇ ନିଜ ସାନପୁଅର ମ୍ୟାଚ ଦେଖିପାରି ନାହାନ୍ତି ଇଲି। ଆମେ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଦେଖିବା ପାଇଁ ପ୍ରସ୍ତୁତ ହୋଇ ଆସିଛୁ। କିଛିଦିନ ରହି ଫେରିଯିବୁ। ଭୁବନେଶ୍ୱରରୁ ରାଉରକେଲା ବହୁତ ଦୂର ହୋଇଥିବାରୁ ଆମେ ସାନପୁଅର ଖେଳ ଦେଖିବା ପାଇଁ ଯାଇପାରି ନାହୁଁ। ତେବେ କଳିଙ୍ଗ ଷ୍ଟାଡିୟମରେ ଯେତେବେଳେ ନ୍ୟୁଜିଲାଣ୍ଡ ମ୍ୟାଚ ଖେଳିବ ଆମେ ସେତେବେଳେ ତା'ର ଆକ୍ସନ ଦେଖିବାନେଇ ଆଶାବାଦୀ ଅଛୁ ବୋଲି ଇଲି କହିଛନ୍ତି।

ଦୁଇ ଭାଇ ହକିକୁ କ୍ୟାରିୟର କରିବା ସହଜ ନ ଥିଲା। ଏଥିପାଇଁ ଛୋଟ ବେଳରୁ ଅନେକ କଷ୍ଟ ସ୍ୱୀକାର କରିଛନ୍ତି। କାରଣ ହକିକୁ ଅଧିକ ପ୍ରୋତ୍ସାହନ ମିଳି ନ ଥାଏ। ଏଥିରେ ବେଶି ଅର୍ଥ ମଧ୍ୟ ସମ୍ପୃକ୍ତ ନ ଥାଏ। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଉଭୟ ଜେରେମି ଓ ଲିଅନ ବହୁ ପରିଶ୍ରମ କରିଛନ୍ତି। ଲିଅନ ଜଣେ ସ୍କୁଲ ଶିକ୍ଷକଭାବେ କାର୍ଯ୍ୟ କରୁଛନ୍ତି। ଜେରେମି ଏକ କମ୍ପାନୀର ଜଣେ ଆକାଉଣ୍ଟାଣ୍ଟ। ବିଶ୍ୱକପ୍‌ରେ ଖେଳିବା ପାଇଁ ସେମାନେ କର୍ମସଂସ୍ଥାନରୁ ଅନୁମତି ପାଇବାରେ ମଧ୍ୟ ଅନେକ କଷ୍ଟ କରିଛନ୍ତି ବୋଲି ଇଲି କହିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦୁଇ ଭାଇ ଉଚ୍ଚସ୍ତରରେ ପରସ୍ପର ବିପକ୍ଷରେ ଖେଳନ୍ତୁ ବୋଲି ଇଲି ଚାହୁଁଛନ୍ତି। କାରଣ ଏହାଦ୍ୱାରା ସେମାନେ ଭିନ୍ନ ଅଭିଜ୍ଞତାର ଅଧିକାରୀ ହେବେ ବୋଲି ତାଙ୍କ ମତ। କଳିଙ୍ଗ ଷ୍ଟାଡିୟମର ପରିବେଶ ଏବଂ ସୁବିଧା ସୁଯୋଗକୁ ପ୍ରଶଂସା ନ କରି ରହିପାରିନାହାନ୍ତି ଇଲି। ତେବେ ଦିନବେଳା ଟାଣଖରା ହେଉଥିବାରୁ ତାଙ୍କ ପାଇଁ ମ୍ୟାଚ ଦେଖିବାରେ ଅସୁବିଧା ହେଉଥିବା କହିଛନ୍ତି। ପାଣି ବୋତଲ ଆଣିବାକୁ ମଧ୍ୟ ଅନୁମତି ନ ଥିବାରୁ ତାଙ୍କୁ ସମସ୍ୟା ମଧ୍ୟଦେଇ ମ୍ୟାଚ ଦେଖିବାକୁ ପଡୁଛି ବୋଲି ଇଲି ପ୍ରକାଶ କରିଛନ୍ତି।

# ଜାପାନକୁ ହରାଇଲା ଜର୍ମାନୀ

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)

ଦୁଇଥର ଚାମ୍ପିୟନ ଜର୍ମାନୀ ଚଳିତ ହକି ବିଶ୍ୱକପରେ ଏହାର ପ୍ରଥମ ମ୍ୟାଚରେ ଜାପାନକୁ ୩–୦ ଗୋଲରେ ପରାସ୍ତ କରିଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଜାପାନ ପାଇଁ ରକ୍ଷଣାତ୍ମକ ରଣନୀତ ମହଙ୍ଗା ପଡ଼ିଥିଲା। ଆରମ୍ଭରେ ଦଳ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ପରେ ଜର୍ମାନୀଠାରୁ ସବୁ ବିଭାଗରେ ପଛରେ ପଡ଼ି ଯାଇଥିଲା। ବିଜୟ ସହ ଜର୍ମାନୀ ୩ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି। ଜାପାନ ବିପକ୍ଷ ମ୍ୟାଚର ଅନ୍ୟତମ ଗୋଲ ସ୍କୋରର ଖ୍ରିଷ୍ଟୋଫର ରୁହର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଫଳରେ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ଏବଂ ୧୯୮୨ ଓ ୨୦୧୦ରେ ରନରଅପ୍ ଏହି ଦଳ ଏଥର ନିଜର ସମ୍ଭାବନାକୁ ଉଜ୍ଜୀବିତ ରଖିଛି।

ବେଲଜିୟମ–କୋରିଆ ପୁଲ୍ ''ବି'ର ପ୍ରଥମ ମ୍ୟାଚ ପରି ଜର୍ମାନୀ–ଜାପାନ ଦ୍ୱିତୀୟ ମ୍ୟାଚ ମଧ୍ୟ ଆରମ୍ଭରୁ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ୨ଟି କ୍ୱାର୍ଟର ପରେ ଏସୀୟ ଦଳ ବିପକ୍ଷରେ ୟୁରୋପୀୟ ଦଳ ଭାରି ପଡ଼ିଥିଲ। ଆରମ୍ଭରୁ ଆକ୍ରମଣ କରି ଫାଇଦା ନେବା ଲକ୍ଷ୍ୟରେ ରହିଥିଲା ୧୬ ନମ୍ବର ର୍‍ୟାଙ୍କ୍ ଦଳ ଜାପାନ। ମାତ୍ର ଜର୍ମାନୀ ଡିଫେଣ୍ଡରମାନେ ଦୃଢ଼ଭାବେ ଏହାର ପ୍ରତିରୋଧ କରିଥିଲେ। ମାତ୍ର ମ୍ୟାଚ ଆଗେଇବା ସହ ଜର୍ମାନୀ କ୍ରମେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ପ୍ରଥମ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୧୩ତମ ମିନିଟରେ ପ୍ରଥମ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା ବିଶ୍ୱର ୪ ନମ୍ବର ଦଳ ଜର୍ମାନୀ। ଦ୍ୱିତୀୟ କ୍ୱାର୍ଟରରେ ୨୪ ଓ ୨୫ତମ ମିନିଟରେ ମଧ୍ୟ ଦଳକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଜାପାନ ଡିଫେଣ୍ଡରମାନେ ତାହାର ସଫଳ ପ୍ରତିହତ କରିଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭର ୫ ମିନିଟ ପରେ ଜର୍ମାନୀ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ମ୍ୟାଟ୍ସ ଗ୍ରାମବୁଶ୍ଚ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଏହାର ୫ ମିନିଟ ପରେ ଏକ ଫିଲ୍ଡ ଗୋଲ ଦେଇ ରୁହର ଖ୍ରିଷ୍ଟୋଫର ଜର୍ମାନୀର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ବିପଜ୍ଜନକ ଫାଉଲ୍ ପାଇଁ ଜର୍ମାନୀ ଦଳର ଲୁକାସ ୱିଣ୍ଡଫେଡରଙ୍କୁ ରେଫରି ଗ୍ରୀନ୍ କାର୍ଡ ଦେଖାଇ ୨ ମିନିଟ ପାଇଁ ପଡ଼ିଆ ବାହାରକୁ ପଠାଇଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ୨–୦ରେ ଆଗୁଆ ରହିଥିବା ଜର୍ମାନୀ ୪ର୍ଥ କ୍ୱାର୍ଟର ଆରମ୍ଭରେ ଆଉ ଏକ ପେନାଲ୍ଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ତେବେ ୪୮ତମ ମିନିଟରେ ଥିଏସ ପ୍ରିଞ୍ଜ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀ ବିଜୟକୁ ଏକପ୍ରକାର ପକ୍କା କରି ଦେଇଥିଲେ।



ଜର୍ମାନୀ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କଳିଙ୍ଗ କର୍ଣ୍ଣର

# ଦଳକୁ ଉତ୍ସାହିତ କଲେ ବିଦେଶୀ ଦର୍ଶକ



ଶନିବାର କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଉପଭୋଗ ଅବସରରେ ଜାପାନ ପ୍ରଶଂସକ।

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର କ୍ରୀଡ଼ାପ୍ରେମୀ କ୍ରମାଗତ ଦ୍ୱିତୀୟ ଦିବସରେ ହକି ପ୍ରତି ସେମାନଙ୍କ ଭଲ ପାଇବାକୁ ପରିସ୍ଫୁଟ କରିଛନ୍ତି। ପ୍ରଥମ ଦିବସ ଭଳି ଶନିବାର ଦ୍ୱିତୀୟ ଦିବସରେ ମଧ୍ୟ କଳିଙ୍ଗ ଷ୍ଟାଡିୟମ ଦର୍ଶକରେ ଭରପୂର ଥିଲା। ଅନେକ ସ୍କୁଲ ପିଲା ମଧ୍ୟ ଖେଳ ଦେଖିବାର ସୁଯୋଗ ପାଇଥିଲେ। ତେବେ ଦ୍ୱିତୀୟ ଦିବସରେ ଏଠାରେ ଖେଳାଯାଇଥିବା ୪ଟି ଯାକ ବିଦେଶୀ ଦଳକୁ ସମର୍ଥନ ଦେବାକୁ ଅନେକ ବିଦେଶୀ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ସମୟରେ ବେଲଜିୟମ ଦର୍ଶକ ୱେଷ୍ଟ ଷ୍ଟାଣ୍ଡରୁ ନିଜ ଦଳକୁ ଉତ୍ସାହିତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଉଭୟ ଜର୍ମାନୀ ଓ ଜାପାନ ଦଳର ପ୍ରଶଂସକମାନେ ଉପସ୍ଥିତ ହୋଇଥିଲେ। ଜାପାନର ଏକ ପ୍ରଶଂସକ ଦଳ ଗୋଟିଏ ଗ୍ରୁପ୍‌ରେ ବସି ପତାକା ହଲାଇବା ସହ ବେଲୁନ ବାଡ଼େଇ ନିଜ ଦଳର ଖେଳାଳିଙ୍କ ମନୋବଳ ବୃଦ୍ଧି କରିଥିଲେ। ଜାପାନ ଖେଳାଳିଙ୍କ ପ୍ରତ୍ୟେକ ମୁଭ୍‌କୁ ସେମାନେ ମନୋଭରି ଉପଭୋଗ କରିଥିଲେ। ଉପସ୍ଥିତ ଥିବା ଜର୍ମାନୀ ଦଳର କିଛି ମହିଳା ପ୍ରଶଂସକ ମ୍ୟୁଜିକର ମଜା ନେଇଥିଲେ। ତେବେ ଜର୍ମାନୀ ଖେଳାଳି ଯେତେବେଳେ ସୁଯୋଗ ହାତଛଡ଼ା କରୁଥିଲେ ସେମାନେ ଗମ୍ଭୀର ଭାବ ପ୍ରକାଶ କରୁଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୫/୨୦୨୩ | Bhubaneswar, Sunday, January 15/ 2023

**ଆଜି ଅନ୍ତିମ ଦିନିକିଆ**

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ଥିରୁଭାନନ୍ଥପୁରମ୍, ୧୪।୧ (ପି.ଟି.)**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଦିନିକିଆ ସିରିଜର ଅନ୍ତିମ ମ୍ୟାଚ ରବିବାର ଥିରୁଭାନନ୍ଥପୁରମର ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ ଜିତିବା ସହିତ ସିରିଜ କ୍ଲିନ ସୁଇପ୍ ଲକ୍ଷ୍ୟରେ ରହିଛି ଭାରତ। ତେବେ ଏହି ମ୍ୟାଚରେ ଭାରତ ନିଜର ବୋଲିଂ ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିପାରେ। ଏହି ସିରିଜର ୩ ଦିନ ପରେ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ୍ ଆରମ୍ଭ ହେବ। ଏପରି ସ୍ଥିତିରେ ଭାରତ ନିଜ ବୋଲିଂ ଲାଇନ୍‌ଅପ୍‌କୁ ଅଧିକ ଶାଣିତ କରିବାକୁ ଏକ ପ୍ରୟାସ କରିପାରେ। ୱାର୍କଲୋଡ ମ୍ୟାନେଜମେଣ୍ଟ ବର୍ତ୍ତମାନ ଭାରତୀୟ ଦଳ ପାଇଁ ଏକ ବଡ ସମସ୍ୟା ରହିଥିବା ବେଳେ ଟପ୍ ଅର୍ଡର ବ୍ୟାଟିଂରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଲୋକେଶ ରାହୁଲ ଫର୍ମକୁ ଫେରିଥିବା ବେଳେ ଓପନିଂରେ ଗିଲ୍‌ଙ୍କୁ ଆଉ ଏକ ସୁଯୋଗ ଦେଇପାରେ ଭାରତ। ତେବେ ଶ୍ରେୟସ୍ ଆୟାରଙ୍କ ସ୍ଥାନରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କୁ ଏକ ସୁଯୋଗ ଦେଇପାରେ। ନିଜ ଅନ୍ତିମ ଟି୨୦ ମ୍ୟାଚରେ ଶତକ ହାସଲ କରିଥିଲେ ହେଁ ସୂର୍ଯ୍ୟକୁମାର ପ୍ରଥମ ଦୁଇ ଦିନିକିଆ ଟିମ୍‌ରୁ ବାହାରେ ରହିଥିଲେ। ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଆଉ ଏକ ସୁଯୋଗ ମିଳିବା ସ୍ପଷ୍ଟ ଥିବା ବେଳେ ଅକ୍ଷର ପଟେଲଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦରଙ୍କୁ ଏକ ସୁଯୋଗ ମିଳିପାରେ। ଭାରତୀୟ ଟେଷ୍ଟ ଦଳର ପ୍ରମୁଖ ପେସ୍ ବୋଲର ରହିଥିବା ମହମ୍ମଦ ଶାମିଙ୍କୁ ଏହି ମ୍ୟାଚରୁ ବିଶ୍ରାମ ମିଳିପାରେ। ଅଷ୍ଟ୍ରେଲିଆ ସିରିଜ ପୂର୍ବରୁ ଶାମିଙ୍କୁ ବିଶ୍ରାମ ଦେଇପାରେ ମ୍ୟାନେଜମେଣ୍ଟ। ଗତ ଦୁଇ ମ୍ୟାଚ ପାଇଁ ବାହାରେ ଥିବା ଅର୍ଶଦୀପ ସିଂ ଏହି ମ୍ୟାଚ୍ ଖେଳି ପାରନ୍ତି। ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ ବୋଲରଙ୍କୁ ସାମାନ୍ୟ ସହାୟତା ପ୍ରଦାନ କରିଥାଏ। ତେଣୁ ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ସିମର ଭୂମିକାରେ ରହିବେ। ଗତ ମ୍ୟାଚରେ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ରହିଥିବା କୁଲଦୀପ ଯାଦବ ନିଜ ସ୍ଥାନ ବଜାୟ ରଖିବେ। ସେହିପରି ପଦାର୍ପଣରେ ଅର୍ଦ୍ଧଶତକ ହାସଲ କରିଥିବା ଶ୍ରୀଲଙ୍କା ଓପନର ନୁୱାନିଡୁ ଫର୍ନାଣ୍ଡୋଙ୍କ ଉପରେ ସମସ୍ତଙ୍କ ନଜର ରହିବ।

**ମ୍ୟାଚ୍ ସ୍ଥାନ**
ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ
**ମ୍ୟାଚ୍ ସମୟ:** ଅପରାହ୍ନ ୧.୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ



ଅଭ୍ୟାସ ଅବସରରେ ଭାରତୀୟ କ୍ରିକେଟ ଦଳ।

## ବିଏଫ୍‌ସିଠାରୁ ହାରିଲା ଓଏଫ୍‌ସି

**ଭୁବନେଶ୍ୱର, ୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁର ଶ୍ରୀ କନ୍ଥୀରାବା ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ୍ ସୁପର ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)କୁ ୩-୧ରେ ପରାସ୍ତ କରିଛି ବେଙ୍ଗାଲୁରୁ ଏଫ୍‌ସି(ବିଏଫ୍‌ସି)। ଦୁଇ ପରାଜୟ ପରେ ବିଜୟଧାରାକୁ ଫେରିଥିବା ଓଏଫ୍‌ସି ଆଉ ଏକ ପରାଜୟ ବରଣ କରିଛି। ବିଏଫ୍‌ସି ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ପ୍ରଥମାର୍ଦ୍ଧରେ ରୋହିତ କୁମାର(୨୫) ଓ ରୟ କ୍ରିଷ୍ଣା(୨୮) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ୨-୦ରେ ପଛୁଆ ରହିବା ପରେ ମ୍ୟାଚର ୫୦ତମ ମିନିଟରେ ଓଏଫ୍‌ସି ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ ଡିଏଗୋ ମରିସିଓ। ଏହାପରେ ବିଏଫ୍‌ସି ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ଇଞ୍ଜୁରୀ ଟାଇମରେ ପାବଲୋ ପେରେଜ(୯୦+୨) ମିନିଟରେ ଏକ ଗୋଲ ସ୍କୋର କରିବାରୁ ବେଙ୍ଗାଲୁରୁ ୩-୧ରେ ମ୍ୟାଚ ଜିତି ନେଇଥିଲା। ଓଏଫ୍‌ସି ମ୍ୟାଚର ୬୨ % ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଏହି ପରାଜୟ ସହ ଓଏଫ୍‌ସି ପଏଣ୍ଟ ଟେବଲର ୫ମ ସ୍ଥାନରେ ରହିଥିବା ବେଳେ ୮ମ ସ୍ଥାନରେ ରହିଛି ବେଙ୍ଗାଲୁରୁ । ୨୮ ଜାନୁୟାରୀରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଏଟିକେ ମୋହନ ବାଗାନକୁ ଭେଟିବ।

## ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡସ ଟୁର୍‌ରେ ଯିବ ମହିଳା ହକି ଦଳ

**ବେଙ୍ଗାଲୁରୁ, ୧୪।୧ (ପି.ଟି.)**

ଭାରତୀୟ ମହିଳା ହକି ଦଳ ଏକ୍ସପୋଜର ଟୁର୍‌ରେ ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡସ ଟୁର୍‌ରେ ଯିବ। ଦକ୍ଷିଣ ଆଫ୍ରିକାରେ ଦଳ ୪ଟି ମ୍ୟାଚ ଜାନୁୟାରୀ ୨୩ରୁ ଏବଂ ନେଦରଲାଣ୍ଡସ ବିପକ୍ଷ ୩ଟି ମ୍ୟାଚ ଜାନୁୟାରୀ ୧୬ରୁ ଖେଳିବ। ସବିତା ପୁନିଆ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ସେ କହିଛନ୍ତି, ବେଙ୍ଗାଲୁରୁରେ ଦୁଇ ସପ୍ତାହ ଧରି କ୍ୟାମ୍ପ ଶେଷ ହେବା ପରେ ଏହି ଟୁର୍ ଆମ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଦକ୍ଷିଣ ଆଫ୍ରିକା ଏବଂ ବିଶ୍ୱର ନମ୍ବର ୱାନ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଆମ ଦୋଷ ଦୁର୍ବଳତା ଚିହ୍ନଟ କରାଯାଇପାରିବ। ଟୁର୍ ପାଇଁ ଆମେ କ୍ୟାମ୍ପରେ ଭଲରୂପେ ନିଜକୁ ପ୍ରସ୍ତୁତ କରିଛୁ। ୨୦୨୨ରେ ଭଲ ପ୍ରଦର୍ଶନ ରହିଥିବାରୁ ଆମ ମନୋବଳ ଦୃଢ ହୋଇଛି।

## ଆହନଙ୍କୁ ନ୍ୟାଶନାଲ ସିରିଜ ଟାଇଟଲ

**ଭୁବନେଶ୍ୱର, ୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହାଇଦ୍ରାବାଦସ୍ଥିତ ସାନିଆ ମିର୍ଜା ଟେନିସ ଏକାଡେମୀଠାରେ ଅନୁଷ୍ଠିତ ନ୍ୟାଶନାଲ ସିରିଜ ସିଙ୍ଗଲ୍ସ ପ୍ରତିଯୋଗିତାରେ ଆହନ (ଲାଡୋ) ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ମହାରାଷ୍ଟ୍ରର ପାର୍ଥସାରଥି ଅରୁଣ ମୁଣ୍ଡେଙ୍କୁ ୭-୬ (୩), ୬-୧ରେ ହରାଇ ଦେଇଛନ୍ତି। ଶୁକ୍ରବାର ଆହନ ଓ ତାଙ୍କ ପାର୍ଟନର ରୀତା ଆରୋରା (ଛତିଶଗଡ଼) ୬-୩, ୭-୫ରେ ସାଇଭି ଦଲାଲ ଓ ପିଆ ମିସ୍ତ୍ରୀ (ଗୁଜରାଟ)ଙ୍କୁ ପରାସ୍ତ କରିଥିଲେ।



ଟ୍ରଫି ସହ ଆହନ

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

## ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତର ଅଭିଯାନ

**ବେନୋନି, ୧୪।୧ (ପି.ଟି.):** ଓପନର ଶ୍ୱେତା ଶେରାୱତ୍‌ଙ୍କ ଅପରାଜିତ ୯୨ ରନ ଏବଂ ଅଧିନାୟିକା ଶେଫାଳି ବର୍ମାଙ୍କ ଦ୍ରୁତ ୪୫ରନ (୧୬ ବଲ୍) ସହାୟତାରେ ଭାରତ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଉଦ୍‌ଘାଟନୀ ୧୯ ବର୍ଷରୁ କମ୍ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ଶନିବାର ୱିଲୋମୁର୍ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୧୬୭ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଧାର୍ଯ୍ୟ କରିଥିଲା। ଜବାବରେ ଓପନିଂ ଯୋଡ଼ି ଶେଫାଳି ଓ ଶେରାୱତ୍ ମାତ୍ର ୭ ଓଭରରେ ୭୭ ରନ ଯୋଗ କରି ଦଳର ବ୍ୟାଟିଂ ମୂଳଦୁଆ ସୁଦୃଢ଼ କରିଥିଲେ। ସିନିୟର ଦଳ ତରଫରୁ ୫୧ ଅନ୍ତର୍ଜାତୀୟ ଟି୨୦, ୨୧ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚ ଖେଳିଥିବା ଶେଫାଳି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ବେଖାତିର କରି ରନ ସଂଗ୍ରହ କରି ଦଳକୁ ବଡ଼ ବିଜୟ ଦେଇଥିଲେ। ଅନ୍ୟପକ୍ଷରେ ଇନିଂସ ସାରା ଶେରାୱତ୍‌ଙ୍କ ଷ୍ଟ୍ରାଇକ୍ ରେଟ୍ ଭଲ ଥିଲା। ସେ ୫୭ ବଲ୍ ଖେଳି ୨୦ ଚୌକା ଲଗାଇଥିଲେ। ଅଫ୍ ସ୍ପିନର ମିଆନେ ସ୍ମିଟ୍‌ଙ୍କ ଦ୍ୱାରା ଆଉଟ ହେବା ପୂର୍ବରୁ ଶେଫାଳି ୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ ୨୮୧.୨୫ ରହିଥିଲା। ଭାରତୀୟ ଅଧିନାୟିକା ପରେ ବୋଲିଂ କରିବାକୁ ଯାଇ ୩୧ ରନ ବିନିମୟରେ ୨ ଉଇକେଟ ଅକ୍ତିଆର ମଧ୍ୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର: ଦକ୍ଷିଣ ଆଫ୍ରିକା:** ୨୦ ଓଭରରେ ୧୬୬/୫ (ସିମୋନ ଲରେନ୍ସ-୬୧, ମାଡିସନ ଲାଣ୍ଡ୍ସମାନ-୩୨ ; ଶେଫାଳି ବର୍ମା-୨/୩୧)।
**ଭାରତ:** ୧୬.୩ ଓଭରରେ ୧୭୦/୩ (ଶ୍ୱେତା ଶେରାୱତ-୯୨, ଶେଫାଳି ବର୍ମା-୪୫ ; ମିଆନେ ସ୍ମିଟ୍-୧/୧୫)।




## ଆନ୍ତଃସ୍କୁଲ ଜିମ୍ନାଷ୍ଟିକ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଦିତୀୟ ଆନ୍ତଃସ୍କୁଲ ଜିମ୍ନାଷ୍ଟିକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। କଟକ ଏବଂ ଭୁବନେଶ୍ୱରରେ ୨୨ଟି ସ୍କୁଲର ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଫ୍ଲୋର ଓ ଭଲଟିଙ୍ଗସ ଟେବୁଲ ଓ ବାଳିକା ବିଭାଗରେ ଫ୍ଲୋର ଓ ବାଲାନ୍ସ ବିମ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଓଡିଶା ଜିମ୍ନାଷ୍ଟିକ ଆସୋସିଏସନର ସମ୍ପାଦକ ଅଶୋକ ସାହୁ, ଅଭିନେତ୍ରୀ ମେଘନା ମିଶ୍ର, ସେଫ୍‌ଟି ଅଫିସର ସଞ୍ଜୀବ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ମିରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଏଥିରେ ଅନୁଷ୍ଠାନର ସମ୍ପାଦକ ଯଶୋବନ୍ତ ଦାସ ଓ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ସହଯୋଗ କରିଥିଲେ। ବାଳକ ଭଲ୍ଟିଙ୍ଗ ବର୍ଗରେ ଭବାନୀ ଶଙ୍କର ଓ ସାତ୍ତ୍ୱିକ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବାଳକ ଫ୍ଲୋର ଏକ୍ସରସାଇଜ୍ ବର୍ଗରେ ଜିଶାନ୍ ଅହମଦ୍ ଖାନ୍ ଓ ଦିବ୍ୟାଂଶ ପାଣିଗ୍ରାହୀ ସ୍ୱର୍ଣ୍ଣ ଜିତିଥିଲେ। ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜରେ ଶଗୁନ୍ ମିତେଶ ପଟେଲ, ବିଘ୍ନେଶା ଦାସ ସ୍ୱର୍ଣ୍ଣ ପାଇଥିବା ବେଳେ ବାଲାନ୍ସିଂ ବିମ୍ ବର୍ଗରେ ଆଚେଲେ ନିଧି ମହାନ୍ତି ସ୍ୱର୍ଣ୍ଣ ପଦକ ଜିତିଥିଲେ।




# ସ୍ୱାଧୀନ, ଜୁହିଙ୍କୁ ସିଙ୍ଗଲ୍ସ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

**ସର୍ବଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ**

ସ୍ଥାନୀୟ କିଟ କ୍ୟାମ୍ପସସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି ୩୬ ତମ ସର୍ବଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା। ପୁରୁଷ ସିଙ୍ଗଲ୍ସରେ ଓଡ଼ିଶାର ସ୍ୱାଧୀନ ଗୌଡ଼, ମହିଳା ସିଙ୍ଗଲ୍ସରେ ଛତିଶଗଡ଼ର ଜୁହି ଦିୱାଙ୍ଗନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ଡବଲ୍ସରେ ଦିବ୍ୟଜ୍ୟୋତି (ଆସାମ) ଓ ସୁବ୍ରମନିଅନ (ତାମିଲନାଡୁ), ମହିଳା ଡବଲ୍ସରେ ମୟୂରୀ ଯାଦବ (ଓଡ଼ିଶା) ଓ ମେଘା ବୋରା (ଆସାମ), ମିକ୍ସଡ ଡବଲ୍ସରେ ସ୍ୱାଧୀନ ଗୌଡ଼ ଓ ମୟୂରୀ ଯାଦବ (ଓଡ଼ିଶା), ଭେଟେରାନ ସିଙ୍ଗଲ୍ସରେ ମହାରାଷ୍ଟ୍ରର ପରାଗ ଏକଣ୍ଡେ ଏବଂ ଭେଟେରାନ ଡବଲ୍ସରେ ବିକାଶ ସୁଦ (ହିମାଚଳ ପ୍ରଦେଶ) ଓ ରବୀନ୍ଦ୍ର ନାୟକ (ଓଡ଼ିଶା) ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଡାକ ବିଭାଗର ସଚିବ ବିନିତ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସରୋଜ କୁମାର ସାବତ ଏବଂ କିଟ୍‌ର କ୍ରୀଡ଼ା ଅଧିକାରୀ ବିକାଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଓଡ଼ିଶା ପରିମଣ୍ଡଳ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଶେଷରେ ସମ୍ବଲପୁର ମହାଡାକପାଳ ରିଜୁ ଗାଙ୍ଗୁଲି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି କୃତୀ ପ୍ରତିଯୋଗୀ।

## ଅଷ୍ଟ୍ରେଲିଆନ ଓପନରୁ ଓହରିଲେ ବାଡୋସା

**ମେଲବୋର୍ନ, ୧୪।୧ (ଏପି)**

ଇଞ୍ଜୁରି ଯୋଗୁ ଅଜ୍‌ଲା ଟୋମଲଜାନୋଭିଚ୍ ଓ ପାଉଲା ବାଡୋସା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଟୋମଲଜାନୋଭିଚ୍ ଗତବର୍ଷ ୟୁଏସ୍ ଓପନରେ ସେରେନା ୱିଲିୟମ୍ସଙ୍କୁ ହରାଇ ଦେଇଥିଲେ। ବାଡୋସାଙ୍କୁ ଗତ ମେଲବୋର୍ନ ପାର୍କ ଟୁର୍ନାମେଣ୍ଟରେ ୧୧ତମ ସିଡ୍ ଖେଳାଳି ମାନ୍ୟତା ମିଳିଥିଲା। ଟୋମଜାନୋଭିଚ୍‌ଙ୍କ ଆଣ୍ଠୁରେ ସମସ୍ୟା ଦେଖାଦେବାରୁ ଚଳିତ ମାସରେ ସେ ୟୁନାଇଟେଡ୍ କପ୍‌ରୁ ଓହରିଯାଇଥିଲେ। ବାଡୋସାଙ୍କ ଜଙ୍ଘରେ ଆଘାତ ଲାଗିଛି। ଏହି ଦୁଇ ଖେଳାଳି ଓହରିଯିବା ଫଳରେ କ୍ୱାଲିଫାଇଂରେ ପରାଜିତ ହୋଇଥିବା ଲିଓଲିଆ ଜିନ୍‌ଜିନ୍ ଓ ଲାଉରା ପିଗୋସ୍‌ଙ୍କୁ ଚଳିତବର୍ଷରୁ ପ୍ରଥମ ଗ୍ରାଣ୍ଡସ୍ଲାମର ମୁଖ୍ୟ ଡ୍ର'ରେ ସ୍ଥାନ ମିଳିଛି। ଏହି ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହେବ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ